# ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ସେପ୍ଟେମ୍ବର ୨୮/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Dhenkanal, Saturday, September 28 / 2019 ★★★★★

୧୫ଶ ଭାଗ ୨୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଶୀର୍ଷରେ ଦୀପକ ପୁନିଆ**

ଭାରତୀୟ ତାରକା ରେସଲର ଦୀପକ ପୁନିଆ ୮୬ କେ.ଜି. ବର୍ଗ ବିଶ୍ୱ ର୍ୟାଙ୍କିଙ୍ଗରେ ୧ ନମ୍ବର ସ୍ଥାନ ହାସଲ କରିଛନ୍ତି।

୧୮

୧୬

**'ହାଉସ୍‌ଫୁଲ୍-୪'ର ଟ୍ରେଲର୍ ରିଲିଜ୍**

'ହାଉସ୍‌ଫୁଲ୍-୪'ର ଟ୍ରେଲର୍ ରିଲିଜ୍ ହୋଇଯାଇଛି। ଅଭିନେତା ଅକ୍ଷୟ କୁମାର ନିଜର ଏହି ଅପ୍‌କମିଂ ଫିଲ୍ମର ମଜାଦାର ଟ୍ରେଲର୍ ନିଜ ଟୁଇଟରରେ ଶେୟାର କରିଛନ୍ତି।








**ଭାରତୀୟ ବଜାର ପାଇଁ ବଦ୍ଧପରିକର ଫୋର୍ଡ**

(ରିପୋର୍ଟ: ବିଜ୍‌ନେସ୍ ପୃଷ୍ଠା)

**ଆଜିର ସମ୍ପାଦକୀୟ**

**ରହସ୍ୟଜନକ ଅଦଳବଦଳ**


NECC NATIONAL EGG CO-ORDINATION COMMITTEE 27.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 64 | 111 | 121 |
| BDK | 64 | 111 | 121 |
| BLS | 64 | 111 | 121 |
| ANG | 65 | 113 | 123 |
| BHM | 58 | 103 | 113 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


### ସରକାରୀ ହସ୍ପିଟାଲ, ଆର୍‌ଟିଓଙ୍କ କାର୍ଯ୍ୟାଳୟରେ ଚଢ଼ାଉ

# ଦିନକରେ ୭୫ ଦଲାଲ ଗିରଫ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ରୋଗୀଙ୍କୁ ଭୁଆଁ ବୁଲାଇ ବିଭିନ୍ନ ଘରୋଇ ହସ୍ପିଟାଲକୁ ପଠାଇ ମୋଟା ଅଙ୍କର ଟଙ୍କା ଲୁଟୁଥିଲେ ଦଲାଲ। ସେହିପରି ବିଭିନ୍ନ ପରିବହନ କାର୍ଯ୍ୟାଳୟରେ ଦଲାଲଙ୍କ ଦ୍ୱାରା ଅନେକ ବ୍ୟକ୍ତି ଠକେଇର ଶୀକାର ହେଉଥିଲେ। ଏ ନେଇ ଅଭିଯୋଗ ବଢ଼ିବା ପରେ ସରକାରୀ ହସ୍ପିଟାଲ ଓ ପରିବହନ କାର୍ଯ୍ୟାଳୟ ପରିସରକୁ ଦଲାଲମୁକ୍ତ କରିବା ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ ସରକାର। ସେହି ଅନୁଯାୟୀ ଡିଜିପି ବିଜୟ କୁମାର ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ ବିଭିନ୍ନ ସରକାରୀ ଡାକ୍ତରଖାନା, ମେଡିକାଲ କଲେଜ, ରକ୍ତଭଣ୍ଡାର ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଗତ ଦୁଇଦିନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୩୧ଜଣ ଦଲାଲଙ୍କୁ ଗିରଫ କରାଯାଇଥିଲା। ସେହିପରି ଶୁକ୍ରବାର ବିଭିନ୍ନ ହସ୍ପିଟାଲ ଓ ପରିବହନ କାର୍ଯ୍ୟାଳୟରୁ ୭୫ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଯାଜପୁରରେ ୩, କେନ୍ଦ୍ରାପଡ଼ାରେ ୪, ଜଗତସିଂହପୁରରେ ୧, ଗଞ୍ଜାମରେ ୨, ବ୍ରହ୍ମପୁରରେ ୭, କୋରାପୁଟରେ ୧, ରାୟଗଡ଼ାରେ ୮, ନବରଙ୍ଗପୁରରେ ୨,ସୋନପୁରରେ ୧, ଅନୁଗୁଳରେ ୭, ଢେଙ୍କାନାଳରେ ୧, ଦେବଗଡ଼ରେ ୧, କେଉଁଝରରେ ୬, ରାଉରକେଲାରେ ୮, ବାଲେଶ୍ୱରରେ ୮, ଭଦ୍ରକରେ୨, ମୟୂରଭଞ୍ଜରେ ୯ଜଣ ଦଲାଲ ରହିଛନ୍ତି। ଏମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହି ମାମଲାଗୁଡ଼ିକର ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଏହି ସ୍ପେଶାଲ ଡ୍ରାଇଭକୁ ଅଧିକ କଡ଼ାକଡ଼ି କରାଯିବ ବୋଲି ଡିଜିପି ଶର୍ମା କହିଛନ୍ତି।

**'ସ୍ପେଶାଲ ଡ୍ରାଇଭ' ଅଧିକ କଡ଼ାକଡ଼ି ହେବ:ଡିଜିପି**

### ନାସା ଜାରି କଲା ଅବତରଣ ସ୍ଥଳର ଫଟୋ

# ହାର୍ଡଲ୍ୟାଣ୍ଡିଂ କରିଥିଲା ବିକ୍ରମ

ୱାଶିଂଟନ,୨୭।୯(ପି.ଟି.)

ଭାରତର ଦ୍ୱିତୀୟ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମ ହାର୍ଡଲ୍ୟାଣ୍ଡିଂ କରିଥିଲା। ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଶୁକ୍ରବାର ଏନେଇ ରିପୋର୍ଟ ପ୍ରକାଶ ପାଇଛି। ଏହାସହ ନାସାର ଚନ୍ଦ୍ର ମିଶନରେ ଥିବା ଲୁନାର ରିକନିଏସେନ୍ସ ଅର୍ବିଟର କ୍ୟାମେରା (ଏଲ୍‌ଆର୍‌ଓସି) ଚନ୍ଦ୍ରପୃଷ୍ଠରେ ବିକ୍ରମ ଅବତରଣ କରିଥିବା ଦକ୍ଷିଣ ମେରୁର ଫଟୋ ପଠାଇଛି। ନାସା ଶୁକ୍ରବାର ଏହି ଫଟୋ ଜାରି କରିଛି। ସେପ୍ଟେମ୍ବର ୭ରେ ବିକ୍ରମ ଅବତରଣର ମାତ୍ର ୨.୧ କି.ମି. ଦୂରତା ବାକି ଥିବାବେଳେ ଏହାସହ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ବୈଜ୍ଞାନିକଙ୍କ ମତରେ ଜହ୍ନରେ ରାତି ହୋଇଯାଇଥିବାରୁ ଚନ୍ଦ୍ରପୃଷ୍ଠର ଅଧିକାଂଶ ଅଞ୍ଚଳରେ ଅନ୍ଧକାର ହୋଇଯାଇଛି। ଅକ୍ଟୋବରରେ ଦିନ ହେବା ପରେ ବିକ୍ରମକୁ ଠାବ କରିବା ପାଇଁ ନାସା ପୁଣି ଉଦ୍ୟମ କରିବ ବୋଲି କହିଛି। ଜୁଲାଇ ୨୨ରେ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୨ର ଉତ୍କ୍ଷେପଣ କରାଯାଇଥିଲା।








"ପାକିସ୍ତାନୀ ଆତଙ୍କବାଦୀମାନେ ସମୁଦ୍ରପଥ ଦେଇ ଆକ୍ରମଣ କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଉପକୂଳ ଓ ସାମୁଦ୍ରିକ ସୁରକ୍ଷା ପାଇଁ ଭାରତ ସବୁ ପ୍ରକାର ପଦକ୍ଷେପ ନେଉଛି।

-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

## ■ ଜାତିସଂଘ ସାଧାରଣ ସଭାରେ ମୋଦି

# ଆତଙ୍କବାଦ ସବୁଠୁ ବଡ଼ ବିପଦ

ଜାତିସଂଘ,୨୭।୯(ପି.ଟି.)

ଆତଙ୍କବାଦ କୌଣସି ଗୋଟିଏ ଦେଶ ପାଇଁ ନୁହେଁ, ବରଂ ସାରା ବିଶ୍ୱ ପାଇଁ ଆହ୍ୱାନ ଭାବେ ଉଭା ହୋଇଛି। ଆତଙ୍କବାଦକୁ ସବୁଠୁ ବଡ଼ ବିପଦ ଭାବେ ଅଭିହିତ କରି ଏହା ବିରୋଧରେ ଲଢ଼େଇ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଜାତିସଂଘରେ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ଭାରତୀୟ ସମୟ ରାତି ୭ଟା ୩୦ ମିନିଟରେ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)କୁ ସମ୍ବୋଧିତ କରିଛନ୍ତି। ୟୁଏନ୍‌ଜିଏର ୭୪ତମ ଅଧିବେଶନରେ ମୋଦି ବିକାଶ, ନିରାପତ୍ତା, ଆତଙ୍କବାଦ ନିରୋଧୀ ଲଢ଼େଇ ଓ ଜଳବାୟୁ ପରିବର୍ତ୍ତନ ଆଦି ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛନ୍ତି। ମୋଦି ହିନ୍ଦୀରେ ଅଭିଭାଷଣ ଦେଇ କହିଛନ୍ତି, ଆତଙ୍କବାଦ ପ୍ରସଙ୍ଗରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ନ ପାଇବା ଦୁର୍ଭାଗ୍ୟଜନକ। ଜାତିସଂଘ ଯେଉଁ ସିଦ୍ଧାନ୍ତଗୁଡ଼ିକୁ ନେଇ ପ୍ରତିଷ୍ଠା କରାଯାଇଥିଲା ଅସହମତି ତା'ର ପରିପନ୍ଥୀ। ଭାରତ ସେହି ଦେଶ, ଯାହା ବିଶ୍ୱକୁ ଯୁଦ୍ଧ ନୁହେଁ ବରଂ ବୁଦ୍ଧଙ୍କ ଶାନ୍ତିର ବାର୍ତ୍ତା। ଏଥିଯୋଗୁଁ ଆତଙ୍କବାଦ ବିରୋଧରେ ଆମର ସ୍ୱର ବିଶ୍ୱକୁ ସତର୍କ କରାଇଛି। ମାନବିକତା ପାଇଁ ଆତଙ୍କବାଦ ବିରୋଧରେ ବିଶ୍ୱ ଏକାଠି ହେବା ଜରୁରୀ ହୋଇପଡ଼ିଛି ବୋଲି ମୋଦି କହିଛନ୍ତି। ସେହିପରି ଜାତିସଂଘ ଶାନ୍ତିରକ୍ଷା ମିଶନ ପାଇଁ ସବୁଠୁ ଅଧିକ ତ୍ୟାଗ କରିବା ଦେଶ ହେଉଛି ଭାରତ, ଯାହାର ଅନ୍ୟୂନ ୧୭୦ ଯବାନ ପ୍ରାଣବଳି ଦେଇଥିଲେ। ଭାରତକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ନେଇ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ମୋଦି ନିଜ ବକ୍ତବ୍ୟ ରଖିଥିଲେ। ଥରୁଟିଏ ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍‌ରୁ ଜାତିସଂଘକୁ ମୁକ୍ତ କରିବା ପାଇଁ ଏହାର ପ୍ରବେଶପଥରେ ଆହ୍ୱାନ ଦିଆଯାଇଛି। ବିଶ୍ୱର ସମସ୍ତ ରାଷ୍ଟ୍ର ଏହି କ୍ଷେତ୍ରରେ ଅଭିଯାନ ଜାରି ରଖିବା ଉଚିତ। ବିଗତ ୫ ବର୍ଷରେ 'କ୍ଲିନ୍ ଇଣ୍ଡିଆ ମିଶନ'ରେ ଭାରତରେ ୧୧ କୋଟି ଶୌଚାଳୟ ତିଆରି କରାଯାଇଛି। ଏହା ବିଶ୍ୱ ପାଇଁ ଏକ ପ୍ରେରଣାଦାୟକ ସନ୍ଦେଶ। ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ହେଉଛି ସରକାରଙ୍କ ମନ୍ତ୍ର। ୨୦୨୫ ସୁଦ୍ଧା ଦେଶକୁ ଯକ୍ଷ୍ମାରୁ ମୁକ୍ତ କରାଯିବ। ଆୟୁଷ୍ମାନ ଭାରତ ଯୋଜନା ହେଉଛି ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ବୀମା ଯୋଜନା। ଏହି ଯୋଜନାରେ ୫୦୦ ନିୟୁତ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଅନୁରୂପ ଭାବେ ଆଧାର ଯୋଜନା ମଧ୍ୟ ବିଶ୍ୱର ସବୁଠୁ ବଡ଼ ଡିଜିଟାଲ ଆଇଡେଣ୍ଟିଫିକେଶନ ପ୍ରୋଗ୍ରାମ। ଏହି ବାୟୋମେଟ୍ରିକ୍ ଚିହ୍ନଟୀକରଣ ପ୍ରକ୍ରିୟା ଯୋଗୁ ୨୦ ବିଲିୟନ୍ କୋଟି ଟଙ୍କାର ଦୁର୍ନୀତିକୁ ରୋକାଯାଇ ପାରିଛି। ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଏଭଳି ଜନମଙ୍ଗଳକାରୀ ଯୋଜନାଗୁଡ଼ିକ ବିଶ୍ୱ ପାଇଁ ନୂଆ ଆଶା ଓ ବିଶ୍ୱାସ ସୃଷ୍ଟି କରିଛି। ବିକାଶଶୀଳ ଦେଶଗୁଡ଼ିକ ଏହାକୁ ଦୃଷ୍ଟାନ୍ତ ଭାବେ ଗ୍ରହଣ କରି ଯୋଜନା ଓ ପ୍ରକଳ୍ପଗୁଡ଼ିର ଅନୁଭୂତିକୁ ଗ୍ରହଣ କରିପାରିବେ। ଜଳବାୟୁ ପରିବର୍ତ୍ତନର ମୁକାବିଲା ଭାରତ ନେତୃତ୍ୱ ନେଉଛି। ବିଶ୍ୱତାପନର ସମାଧାନ କ୍ଷେତ୍ରରେ ପଦକ୍ଷେପ ନେବାରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର। ନବୀକରଣୀୟ ଶକ୍ତି କ୍ଷେତ୍ରରେ ଭାରତ କାର୍ଯ୍ୟରତ। ଏଥିଯୋଗୁ ପ୍ରାକୃତିକ ବିପର୍ଯ୍ୟୟର ଭୟାବହତାକୁ ରୋକାଯାଇ ପାରିବ ବୋଲି ମୋଦି କହିଛନ୍ତି।

ପ୍ରକାଶ ଯେ, ୨୦୧୪ରେ ମୋଦି ପ୍ରଥମଥର ପାଇଁ ୟୁଏନ୍‌ଜିଏକୁ ସମ୍ବୋଧିତ କରିଥିଲେ। ଏହାର ଠିକ୍ ୫ ବର୍ଷ ପରେ ସେ ସମାନ ଶୈଳୀରେ ଭାଷଣ ଦେଇଛନ୍ତି। ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସାର ବାର୍ତ୍ତା ଆଜି ମଧ୍ୟ ଶାନ୍ତି, ବିକାଶ ଏବଂ ପ୍ରଗତି ପାଇଁ ପ୍ରାସଙ୍ଗିକ। ତେଣୁ ସାରା ବିଶ୍ୱ ତାଙ୍କର ୧୫୦ତମ ଜୟନ୍ତୀ ପାଳନ କରୁଥିବାବେଳେ ଜାତିସଂଘ ସାଧାରଣ ସଭାକୁ ସମ୍ବୋଧନ ଏକ ସ୍ୱତନ୍ତ୍ର ଅବସର ବୋଲି ମୋଦି କହିଛନ୍ତି।



### ଅଭିଭାଷଣର ମୁଖ୍ୟାଂଶ

- ■ମାନବିକତା ପାଇଁ ଆତଙ୍କବାଦ ବିରୋଧରେ ଏକଜୁଟ ହେବା ଜରୁରୀ
- ■ବିଶ୍ୱକୁ ଯୁଦ୍ଧ ନୁହେଁ, ବୁଦ୍ଧ ଦେଇଛି ଭାରତ
- ■ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ବିଶ୍ୱ ପାଇଁ ନୂଆ ଆଶା ସୃଷ୍ଟି କରିଛି
- ■ଗାନ୍ଧିଜୀଙ୍କ ଅହିଂସାର ବାର୍ତ୍ତା ଆଜି ବି ପ୍ରାସଙ୍ଗିକ

## କଶ୍ମୀର ପ୍ରସଙ୍ଗ ଉଠାଇଲେ ଇମ୍ରାନ

**ଜାତିସଂଘ,୨୭।୯(ପି.ଟି.):** ଜମ୍ମୁ-କଶ୍ମୀରରୁ ଭାରତ 'ଅମାନବୀୟ କର୍ଫ୍ୟୁ' ହଟାଉ। ଏହାସହ ଗୃହବନ୍ଦୀ କରିଥିବା ସମସ୍ତ ଅଟକ ବ୍ୟକ୍ତିଙ୍କୁ ତୁରନ୍ତ ମୁକ୍ତ କରୁ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଶୁକ୍ରବାର ଜାତିସଂଘରେ ଦାବି କରିଛନ୍ତି। ଜାତିସଂଘ ସାଧାରଣ ସଭା(ୟୁଏନ୍‌ଜିଏ)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣର ପ୍ରାୟ ଘଣ୍ଟାଏ ପରେ ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ୍ ଉଦ୍‌ବୋଧନ ଦେଇଥିଲେ। ମୋଦି କଶ୍ମୀର ସମ୍ପର୍କରେ ପଦୁଟିଏ କହି ନ ଥିବାବେଳେ ଇମ୍ରାନ ଅନ୍ତର୍ଜାତୀୟ ସମୁଦାୟ ଆଗରେ ଏହି ପ୍ରସଙ୍ଗ ଉଠାଇଥିଲେ।

ୟୁଏନ୍‌ଜିଏର ୭୪ତମ ଅଧିବେଶନରେ ଇମ୍ରାନ କହିଥିଲେ, ଭାରତ ଓ ପାକିସ୍ତାନ ଆଣବିକ ଅସ୍ତ୍ରସମ୍ପନ୍ନ ଦେଶ। ଦୁଇ ପଡ଼ୋଶୀ ମୁହାଁମୁହିଁ ହେଲେ ଏହାର ପରିଣାମ ଭୟାବହ ହେବ, ଯାହାକି ସୀମା ବାହାରକୁ ଚାଲିଯିବ। ୯/୧୧ ଆକ୍ରମଣ ପରେ ଇସ୍‌ଲାମୋଫୋବିଆ (ଇସ୍‌ଲାମ ପ୍ରତି ଭୟ) ବ୍ୟାପକ ଭାବେ ବୃଦ୍ଧି ପାଇଛି। ମାନବ ସମୁଦାୟ ଏକାଠି ରହିଲେ ସେମାନଙ୍କ ମଧ୍ୟରେ ବୁଝାମଣା ରହିବା ଉଚିତ। କିନ୍ତୁ ଇସ୍‌ଲାମୋଫୋବିଆ ବିଶ୍ୱକୁ ଭାଗଭାଗ କରୁଛି। ଭାରତ ସବୁବେଳେ ଆମ ବିରୋଧରେ ଆତଙ୍କବାଦର ଅଭିଯୋଗ ଆଣୁଛି। କିନ୍ତୁ ପାକିସ୍ତାନରେ ଆତଙ୍କବାଦୀ ନାହାନ୍ତି। ଜାତିସଂଘର ଅଧିକାରୀମାନେ ପାକିସ୍ତାନ ଆସି ଯାଞ୍ଚ କରିପାରନ୍ତି। ସେହିପରି ପାକିସ୍ତାନକୁ ଏକ ଶିକ୍ଷା ଦିଆଯାଇଛି ବୋଲି ମୋଦି ନିର୍ବାଚନ ବେଳେ ପ୍ରଚାର କରିଥିଲେ। ଏହା ଏକ ମିଛ ଥିଲା। ପୁଲୱାମା ଆକ୍ରମଣ ପରେ ଭାରତ ଆମ ଉପରେ ଦୋଷ ଦେଇଥିଲା। ଆମେ ପ୍ରମାଣ ମାଗିବାରୁ ସେମାନେ ପାକିସ୍ତାନକୁ ଯୁଦ୍ଧବିମାନ ପଠାଇଥିଲେ। ମୋଦିଙ୍କ ଜୀବନ ହେଉଛି ଆର୍‌ଏସ୍‌ଏସ୍, ଯାହାକି ଆଡୋଲ୍ଫ ହିଟ୍‌ଲର ଓ ବେନିତୋ ମୁସୋଲିନିଙ୍କ ଆଦର୍ଶରେ ଅନୁପ୍ରାଣିତ। ଆର୍‌ଏସ୍‌ଏସ୍‌ର ଗୁଣ୍ଡାମାନେ ଶହ ଶହ ମୁସଲମାନଙ୍କୁ ହତ୍ୟା କରୁଛନ୍ତି। ଏହି ଅହଂକାର ସେମାନଙ୍କୁ ନିର୍ଦ୍ଦୟ କରିଦେଉଛି। ଭାରତ-ପାକିସ୍ତାନ ମଧ୍ୟରେ ପାରମ୍ପରିକ ଯୁଦ୍ଧ ଆରମ୍ଭ ହେଲେ ଆମେ କ'ଣ କରିବୁ । ନିଜକୁ ନିଜେ ମୁଁ ବହୁଥର ଏହି ପ୍ରଶ୍ନ କରିଛି। ଆମେ ଯୁଦ୍ଧ କରିବୁ। ଦୁଇ ଆଣବିକ ଅସ୍ତ୍ରସମ୍ପନ୍ନ ଦେଶ ଲଢ଼େଇ କଲେ ଯାହା ହୁଏ ତାହା ସମସ୍ତେ ଚିନ୍ତା କରନ୍ତୁ ବୋଲି ଇମ୍ରାନ କହିଛନ୍ତି।



- ■କର୍ଫ୍ୟୁ ହଟାଅ, ଗୃହବନ୍ଦୀଙ୍କୁ ମୁକ୍ତ କର
- ■ନିର୍ବାଚନ ଜିତିବା ପାଇଁ ମିଛ ପ୍ରଚାର କରିଥିଲେ ମୋଦି
- ■ଇସ୍‌ଲାମ ପ୍ରତି ଭୟ ବିଶ୍ୱକୁ ଭାଗଭାଗ କରୁଛି

## ■ ପାକିସ୍ତାନକୁ ଆମେରିକାର ତାଗିଦ

# ହାଫିଜ, ଆଝାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର

ଜାତିସଂଘ,୨୭।୯(ପି.ଟି.)



ଭାରତ ସହ ଲାଗି ରହିଥିବା ଉତ୍ତେଜନା ହ୍ରାସ କରିବାକୁ ହେଲେ ହାଫିଜ ସୟିଦ, ମାସୁଦ ଆଝାରଙ୍କ ଭଳି ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆମେରିକା ପାକିସ୍ତାନକୁ କହିଛି। ଦୁଇଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ଇସ୍‌ଲାମାବାଦର ସୀମାପାର ଅନୁପ୍ରବେଶ ନିରୋଧୀ କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରୁଛି ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ଅଧିକାରୀ ଆଲିସ୍ ୱେଲ୍ସ କହିଛନ୍ତି। ଉଭୟ ପକ୍ଷ ଚାହିଁଲେ ମଧ୍ୟସ୍ଥତା କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରସ୍ତାବ ଦେଇଥିଲେ। ତେବେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟସ୍ଥତା ଚାହୁଁ ନ ଥିବା ସ୍ପଷ୍ଟ କରିଦେଇଛନ୍ତି। ତେଣୁ ଆଲୋଚନା ମାଧ୍ୟମରେ ସ୍ଥିତିରେ ସୁଧାର ଆଣିବାକୁ ହେଲେ ଇସ୍‌ଲାମାବାଦକୁ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ ବୋଲି ୱେଲ୍ସ କହିଛନ୍ତି।

## 'କଶ୍ମୀର ମୁସଲମାନଙ୍କ ଲାଗି ବିବ୍ରତ କାହିଁକି'

ଜାତିସଂଘ,୨୭।୯(ପି.ଟି.)

ସମଗ୍ର ଚାଇନାରେ ମୁସଲମାନ ସମ୍ପ୍ରଦାୟ ବିପଜ୍ଜନକ ସ୍ଥିତିରେ ରହୁଥିଲାବେଳେ ସେଥିପାଇଁ ଚିନ୍ତା ନ କରି କେବଳ କଶ୍ମୀରୀ ମୁସଲମାନଙ୍କ ମାନବାଧିକାର ଉଲ୍ଲଂଘନକୁ ନେଇ ବିବ୍ରତ କାହିଁକି ବୋଲି ପାକିସ୍ତାନକୁ ଆମେରିକା ପ୍ରଶ୍ନ କରିଛି। ଜାତିସଂଘ ସାଧାରଣ ପରିଷଦର ୭୪ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଆମେରିକା ପରରାଷ୍ଟ୍ର ବିଭାଗର ସହକାରୀ ସଚିବ ଆଲିସ ୱେଲ୍ସ ଉପରୋକ୍ତ ମତ ଦେଇଛନ୍ତି। ଚାଇନା ଜିନ୍‌ଜିଆଙ୍ଗ ପ୍ରଦେଶରେ ପାଖାପାଖି ୧୦ ଲକ୍ଷ ଉଇଘୁର ଓ ଅନ୍ୟ ତୁର୍କୀ ଭାଷାଭାଷୀ ମୁସଲମାନଙ୍କୁ ଅଟକ ରଖିଥିବାବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସେମାନଙ୍କ ସମ୍ପର୍କରେ କିଛି ନ କହିବା ଘଟଣାକୁ ୱେଲ୍ସ ନିନ୍ଦା କରିଛନ୍ତି।



ରାଜସ୍ଥାନର ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ଭାଜପା ନେତା କଲ୍ୟାଣ ସିଂ ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାରେ ଶୁକ୍ରବାର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର ହୋଇଛନ୍ତି।

## ଖସିପଡ଼ିଲା ଚିତା ହେଲିକପ୍ଟର ଦୁଇ ପାଇଲଟ ମୃତ

**ନୂଆଦିଲ୍ଲୀ,୨୭।୯(ପି.ଟି.):** ଭାରତୀୟ ସେନାର ଚିତା ହେଲିକପ୍ଟର ଶୁକ୍ରବାର ଅପରାହ୍ନରେ ଭୁଟାନ ପୂର୍ବାଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇଜଣ ପାଇଲଟ ପ୍ରାଣ ହରାଇଛନ୍ତି। ଦୁର୍ଘଟଣାସ୍ଥଳରୁ ହେଲିକପ୍ଟରର ଭଗ୍ନାବଶେଷ ଠାବ କରାଯାଇଥିବା ସେନା ପକ୍ଷରୁ କୁହାଯାଇଛି। ସିଙ୍ଗଲ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟର ଅରୁଣାଚଳ ପ୍ରଦେଶର ଖିର୍ମୁଠାରୁ ଭୁଟାନର ୟୋନଫୁଲା ଅଭିମୁଖେ ଯାତ୍ରା କରୁଥିଲା। ଉଡାଣ ବେଳେ ଅପରାହ୍ନ ଗୋଟାଏରେ ଏହା ରେଡିଓ ଓ ଦୃଶ୍ୟମାନ ଯୋଗାଯୋଗ ବାହାରକୁ ଚାଲିଯାଇଥିଲା। ପରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା। ଚିତାରେ ଥିବା ଜଣେ ଭାରତୀୟ ସେନାର ଓ ଅନ୍ୟ ଜଣେ ରୟାଲ ଭୁଟାନ ଆର୍ମିର ପାଇଲଟ ପ୍ରାଣ ହରାଇଛନ୍ତି। ତଲାସି ଅଭିଯାନ ବେଳେ ଦୁର୍ଘଟଣାସ୍ଥଳରୁ ଏହାର ଭଗ୍ନାବଶେଷ ଠାବ କରାଯାଇଛି।

## ସଡ଼କ ଦୁର୍ଘଟଣାରେ ୧୬ ମୃତ

**ଯୋଧପୁର,୨୭।୯(ପି.ଟି.):** ରାଜସ୍ଥାନର ଯୋଧପୁର ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୬ ଜଣ ପ୍ରାଣ ହରାଇଥିବାବେଳେ ଅନ୍ୟ ୫ ଆହତ ହୋଇଛନ୍ତି। ମିନିବସ୍‌ର ଟାୟାର ଫାଟିଯିବାରୁ ବୋଲେରୋ ସହ ଏହାର ଧକ୍କା ହୋଇଥିଲା। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ବାଲେସର ଥାନା ଏସ୍‌ଏଚ୍‌ଓ ଦେବେନ୍ଦ୍ର ସୂଚନା ଦେଇଛନ୍ତି।

[ଇତିହାସର ଆଇନାରେ]

### ସେପ୍ଟେମ୍ବର ୨୮ର ପ୍ରମୁଖ ଘଟଣା

୧୯୯୨ ସେପ୍ଟେମ୍ବର ୨୮ରେ ପାକିସ୍ତାନର ଏକ ବେସାମରିକ ବିମାନ ନେପାଳର ପାର୍ବତ୍ୟାଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଥିବା ସମସ୍ତ ୧୬୭ ଯାତ୍ରୀ ପ୍ରାଣ ହରାଇଥିଲେ।

୨୦୧୮ ସେପ୍ଟେମ୍ବର ୨୮ରେ ଇଣ୍ଡୋନେସିଆର ମିନାହାସା ଉପଦ୍ୱୀପ ଅନ୍ତର୍ଗତ କେନ୍ଦ୍ରୀୟ ସୁଲୱେସିରେ ଭୟଙ୍କର ଭୂକମ୍ପ ଅନୁଭୂତ ହେବାରୁ ୪,୩୪୦ ଲୋକ ପ୍ରାଣ ହରାଇଥିଲେ। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

## ୟୁପି, ତ୍ରିପୁରାରେ ଭାଜପା, କେରଳରେ ଏଲ୍‌ଡିଏଫ୍ ବିଜୟୀ

ନୂଆଦିଲ୍ଲୀ,୨୭।୯(ପି.ଟି.)

ଉତ୍ତରପ୍ରଦେଶ(ୟୁପି) ଓ ତ୍ରିପୁରା ଉପନିର୍ବାଚନରେ ଭାଜପା ବିଜୟୀ ହୋଇଥିବାବେଳେ କେରଳରେ ସିପିଏମ୍ ନେତୃତ୍ୱାଧୀନ ଏଲ୍‌ଡିଏଫ୍‌କୁ ସଫଳତା ମିଳିଛି। ସେହିପରି ଛତିଶଗଡ଼ର ଦାନ୍ତେୱାଡା ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଭାଜପାକୁ ପରାଜିତ କରି କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି।

ଉତ୍ତରପ୍ରଦେଶର ହମିରପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ୟୁବରାଜ ସିଂ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ପାର୍ଟିର ମନୋଜ ପ୍ରଜାପତିଙ୍କୁ ୧୭,୮୪୬ ଭୋଟରେ ପରାଜିତ କରିଛନ୍ତି। ଗତ ୨୩ ତାରିଖରେ ଏଠାରେ ଭୋଟଗ୍ରହଣ କରାଯାଇଥିଲା। ହମିରପୁର ବିଧାୟକ ଥିବା ଅଶୋକ କୁମାର ସିଂ ଚାଣ୍ଡେଲଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପରେ ସେଠାରେ ଉପନିର୍ବାଚନ କରିବାକୁ ପଡିଥିଲା। ସେହିପରି ତ୍ରିପୁରାର ବଧରଘାଟ ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ମିମି ମଜୁମଦେର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିପିଏମ୍‌ର ବୁଲଟି ବିଶ୍ୱାସଙ୍କଠାରୁ ୫୨୭୬ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଭାଜପା ବିଧାୟକ ଦିଲୀପ ସର୍କାରଙ୍କ ପରଲୋକ ଯୋଗୁ ଉକ୍ତ ଆସନ ଖାଲିପଡ଼ିଥିଲା। କେରଳର ପାଲା ଆସନରେ ଶାସକ ଏଲ୍‌ଡିଏଫ ପ୍ରାର୍ଥୀ ମଣି ସି. କାପେନ ବିଜୟୀ ହୋଇଛନ୍ତି। ବରିଷ୍ଠ ନେତା କେ.ଏମ୍. ମଣିଙ୍କ ପରଲୋକ ଯୋଗୁ ଉକ୍ତ ଆସନରେ ଉପନିର୍ବାଚନ କରିବାକୁ ପଡ଼ିଥିଲା। ସେହିପରି ମାଓବାଦୀ ପ୍ରବଣ ଛତିଶଗଡ଼ର ଦାନ୍ତେୱାଡା ଉପନିର୍ବାଚନରେ ଶାସକ କଂଗ୍ରେସ ପ୍ରାର୍ଥୀ ଦେବତୀ କର୍ମା ବିଜୟୀ ହୋଇଛନ୍ତି।

**ବିଧାନସଭା ଉପନିର୍ବାଚନ**

### ଛତିଶଗଡ଼ରେ କଂଗ୍ରେସକୁ ସଫଳତା

## ଡିସେମ୍ବର ୫ରେ କର୍ନାଟକ ଉପନିର୍ବାଚନ

ନୂଆଦିଲ୍ଲୀ,୨୭।୯

କର୍ନାଟକ ବିଧାନସଭାର ୧୫ ଆସନ ଲାଗି ଉପନିର୍ବାଚନ ଡିସେମ୍ବର ୫ରେ ହେବ ବୋଲି ନିର୍ବାଚନ କମିଶନ (ଇସି) ଶୁକ୍ରବାର ଘୋଷଣା କରିଛନ୍ତି। ୯ ତାରିଖରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଅଯୋଗ୍ୟ ଘୋଷିତ ବିଧାୟକମାନଙ୍କ ପିଟିଶନ୍‌ର ଶୁଣାଣି ଚାଲିଥିବାରୁ ଉପନିର୍ବାଚନ ତାରିଖ ଘୁଞ୍ଚାଇବାକୁ ଗୁରୁବାର ସୁପ୍ରିମକୋର୍ଟ ଇସିଙ୍କୁ କହିଥିଲେ। ସେହି ଅନୁଯାୟୀ ନଭେମ୍ବର ୧୧ରୁ ୧୮ ମଧ୍ୟରେ ନାମାଙ୍କନପତ୍ର ଦାଖଲ କରିବାକୁ କୁହାଯାଇଛି। ପ୍ରାର୍ଥୀ ଚାହିଁଲେ ନଭେମ୍ବର ୨୧ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ।

## ପଞ୍ଜାବରୁ ଆଉ ଏକ ପାକିସ୍ତାନୀ ଡ୍ରୋନ୍ ଠାବ

ଅଟ୍ଟାରୀ,୨୭।୯(ପି.ଟି.)


ପଞ୍ଜାବ ପୋଲିସ ସୀମାନ୍ତ ଗ୍ରାମରୁ ଆଉ ଏକ ପାକିସ୍ତାନୀ ଡ୍ରୋନ ଶୁକ୍ରବାର ଠାବ କରିଛି। ତିନି ଦିନ ମଧ୍ୟରେ ଏହା ଦ୍ୱିତୀୟ ଡ୍ରୋନ୍। ଏହି ଡ୍ରୋନ୍ ସହାୟତାରେ ସୀମା ଆରପଟୁ ପଞ୍ଜାବକୁ ଅସ୍ତ୍ର ଓ ଗୁଳିଗୋଳା ଆସୁଥିଲା ବୋଲି ପୋଲିସ କହିଛି। ଏହା ପୂର୍ବରୁ ମଙ୍ଗଳବାର ଟାର୍ନ ଟାରାନ ଅଞ୍ଚଳରୁ ଏକ ଅର୍ଦ୍ଧଦଗ୍ଧ ଡ୍ରୋନ୍ ଜବତ ହୋଇଥିଲା। ଶୁକ୍ରବାର ମହାୱା ଗ୍ରାମରୁ ଡ୍ରୋନ ମିଳିଛି। ରବିବାର ପଞ୍ଜାବ ପୋଲିସ ଖଲିସ୍ଥାନ ଜିନ୍ଦାବାଦ ଫୋର୍ସ (କେଜେଡ୍‌ଏଫ୍)ର ୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ଜଣକର ସୂଚନାକ୍ରମେ ପୋଲିସ ଏହି ଡ୍ରୋନ୍‌କୁ ଠାବ କରିବାରେ ସଫଳ ହୋଇଛି। ପଞ୍ଜାବ ଓ ଅନ୍ୟ ରାଜ୍ୟରେ ଅଶାନ୍ତି ସୃଷ୍ଟି ଲାଗି ପଡୋଶୀ ଦେଶ ଉଦ୍ୟମ କରୁଥିବା ପୋଲିସ କହିଛି। ଏହାବ୍ୟତୀତ ଦିଲ୍ଲୀର ନୋ-ଫ୍ଲାଇଂ ଜୋନ୍ ଲୋଧି ଇଷ୍ଟେଟ୍ ଅଞ୍ଚଳରେ ଶୁକ୍ରବାର ଅପରାହ୍ଣରେ ଏକ ଡ୍ରୋନ୍ ଉଡୁଥିବାର ଠାବ କରାଯାଇଛି।

## ବିଧାୟକ ପଦରୁ ଅଜିତ ପାୱାରଙ୍କ ଇସ୍ତଫା

ମୁମ୍ବାଇ,୨୭।୯



ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତର ସମ୍ମୁଖୀନ ହୋଇଥିବା ବରିଷ୍ଠ ଏନ୍‌ସିପି ନେତା ତଥା ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଶୁକ୍ରବାର ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି। ଦଳ ଅଧ୍ୟକ୍ଷ ଶରଦ ପାୱାରଙ୍କ ପୁତୁରା ଅଜିତ ବାରାମତି ଆସନରୁ ୬ ଥର ମହାରାଷ୍ଟ୍ର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେ ତାଙ୍କ ଇସ୍ତଫାପତ୍ର ବିଧାନସଭା ବାଚସ୍ପତି ହରିଭାଉ ବଗାଡେଙ୍କୁ ପ୍ରଦାନ କରିଛନ୍ତି। ତେବେ ତାଙ୍କ ଇସ୍ତଫା ନିଷ୍ପତ୍ତିର କାରଣ ସମ୍ପର୍କରେ ଜଣାପଡିନାହିଁ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୪ | ୨୩.୫ |
| ଚାନ୍ଦବାଲି | ୩୦.୪ | ୨୪.୬ |
| କଟକ | ୩୧.୫ | ୨୨.୦ |
| ପାରାଦ୍ୱୀପ | ୨୯.୯ | ୨୫.୧ |
| ଭୁବନେଶ୍ୱର | ୩୦.୯ | ୨୩.୫ |
| ଗୋପାଳପୁର | ୩୧.୩ | ୨୪.୯ |
| ପୁରୀ | ୩୧.୫ | ୨୫.୦ |
| ଅନୁଗୋଳ | ୩୧.୭ | ୨୦.୬ |
| ବାରିପଦା | ୨୮.୬ | ୨୪.୫ |
| ଝାରସୁଗୁଡ଼ା | ୩୧.୪ | ୨୪.୫ |
| କେନ୍ଦୁଝର | ୨୮.୯ | ୨୨.୫ |
| ସମ୍ବଲପୁର | ୩୩.୫ | ୨୪.୨ |
| ସୁନ୍ଦରଗଡ଼ | ୨୮.୦ | ୨୧.୦ |
| ହୀରାକୁଦ | ୩୧.୩ | ୨୫.୧ |
| ତାଳଚେର | ୩୧.୧ | ୨୩.୬ |
| ଭବାନୀପାଟଣା | ୩୩.୦ | ୨୪.୦ |
| ବଲାଙ୍ଗୀର | ୩୩.୦ | ୨୪.୨ |
| କୋରାପୁଟ | ୩୦.୬ | ୧୯.୦ |
| ଫୁଲବାଣୀ | ୩୧.୦ | -- |
| ଟିଟିଲାଗଡ଼ | ୩୫.୦ | ୨୧.୧ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୩.୮ | ୨୧.୪ |
| ଦାରିଙ୍ଗିବାଡ଼ି | ୨୭.୫ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

## ଦୋଷ ମୁଣ୍ଡାଇଲେ କ୍ରାଉନ୍ ପ୍ରିନ୍ସ

### ଜମାଲ ଖାଶୋଗି ହତ୍ୟା

ରିୟାଦ,୨୭।୯(ଆଇଏଏନ୍‌ଏସ୍)



ଜମାଲ ଖାଶୋଗି    ମହମ୍ମଦ ବିନ୍ ସଲମାନ୍

ବହୁଚର୍ଚ୍ଚିତ ଜମାଲ ଖାଶୋଗି ହତ୍ୟାକାଣ୍ଡକୁ ବର୍ଷେ ପୂରିବାକୁ ଯାଉଥିବାବେଳେ ପ୍ରଥମଥର ପାଇଁ ନୀରବତା ଭାଙ୍ଗିଛନ୍ତି ସୌଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍ (ଏମ୍‌ବିଏସ୍)। ସୌଦି ଖବରଦାତା ଖାଶୋଗି ହତ୍ୟା ପାଇଁ ସେ ନିଜ ମୁଣ୍ଡକୁ ଦୋଷ ନେଇଛନ୍ତି।

ଆମେରିକାର ସାଧାରଣ ପ୍ରସାରଣ ସେବା (ପିବିଏସ୍)କୁ କ୍ରାଉନ୍ ପ୍ରିନ୍ସ ଏମ୍‌ବିଏସ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଖାଶୋଗିଙ୍କ ହତ୍ୟାକାଣ୍ଡ ତାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏଥିଲାଗି ସେ ନିଜକୁ ଉତ୍ତରଦାୟୀ କରୁଛନ୍ତି। ତେବେ ତାଙ୍କ ଅଜାଣତରେ ଏହି ହତ୍ୟାକାଣ୍ଡ ଘଟିଥିବା ଏମ୍‌ବିଏସ୍ ଦୋହରାଇଛନ୍ତି। 'ଦି କ୍ରାଉନ୍ ପ୍ରିନ୍ସ ଅଫ୍ ସୌଦି ଆରବ' ଶୀର୍ଷକ ପ୍ରାମାଣିକ ଚିତ୍ର ଖାଶୋଗିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀର ଦିନକ ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୧ରେ ପ୍ରସାରିତ ହେବ। ଏଥିରେ ଏହି ସୌଦି ନେତାଙ୍କ ଉତ୍‌ଥାନ, ଶାସନ ଓ ଖାଶୋଗି ହତ୍ୟାକାଣ୍ଡ ସହ ତାଙ୍କର ସମ୍ପର୍କ ନେଇ ବିସ୍ତୃତ ଭାବେ ଦର୍ଶାଯାଇଛି। ପ୍ରକାଶ ଯେ, ୱାଶିଂଟନ ପୋଷ୍ଟର ସ୍ତମ୍ଭକାର ଭାବେ କାର୍ଯ୍ୟରତ ସୌଦି ଖବରଦାତା ଖାଶୋଗି ପୂର୍ବରୁ କ୍ରାଉନ୍ ପ୍ରିନ୍ସଙ୍କ ସମର୍ଥକ ଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ତାଙ୍କର ସମାଲୋଚକ ପାଲଟିଯାଇଥିଲେ। ୨୦୧୮ ଅକ୍ଟୋବର ୨ରେ ରିୟାଦରୁ ପଠାଯାଇଥିବା ଏକ ୧୫ ଜଣିଆ ଟିମ୍ ତୁର୍କୀ ରାଜଧାନୀ ଇସ୍ତାନବୁଲରେ ଖାଶୋଗିଙ୍କୁ ହତ୍ୟା କରିଥିଲେ। ଖାଶୋଗିଙ୍କ ମୃତଦେହ ଅଦ୍ୟାବଧି ମିଳିନାହିଁ। ଇସ୍ତାନବୁଲସ୍ଥିତ ସୌଦି କନ୍‌ସୁଲେଟ୍‌ରେ ଖାଶୋଗିଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା।

Follow us on: khimjilive instakhimji

83 YEARS TRUST IS TIMELESS



CREATIVE VISUALIZATION • T&C Apply.

KHIMJI GUARANTEE 100% KHIMJI GUARANTEE

Exquisite lightweight Polki.
Because you won't settle
for anything less.

PRICE-LESS Polki

Starting from ₹68,000*

KHIMJI®

Jewellers since 1936

Price-Less Polki Collections available only at our Flagship Store, 621, Janpath

**STORES ONLY AT: BHUBANESWAR:** 621, Saheed Nagar, Janpath | **BHUBANESWAR:** 309, District Centre, Chandrashekarpur | **BERHAMPUR:** Venkataraju Arcade, Sano Bazar | **CUTTACK:** 558/834, Cantonment Road | **ROURKELA:** Kesar Bhavan, Main Road | **Toll Free:** 1800 3131 777 • **Open on Sundays.**



MARUTI SUZUKI NEXA

# THE BEST OFFERS OF THE YEAR



LIMITED PERIOD OFFERS ONLY

VALID TILL 30th SEPTEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+5 YEAR WARRANTY | ₹30,000 | ₹50,000+5 YEAR WARRANTY | ₹25,000 | ₹25,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹7,000 | ₹10,000 | ₹10,000 | ₹10,000 |
| TOTAL SAVINGS# | **₹35,000** | **₹62,400** | **₹57,000** | **₹1,12,900** | **₹65,000** | **₹87,700** |

Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**SAMBALPUR: NEXA SAMBALPUR HIGHWAY** (ODYSSEY MOTORS PH: 8599039994), **BHUBANESWAR: NEXA TWIN CITY** (SKY AUTOMOBILES PH: 9776497764, 7064400101), **NEXA RAJ BHAVAN ROAD** (NARAYANI MOTORS PH: 9583022008, 7381094898), **NEXA CYBER CITY** (JYOTE MOTORS PH: 8338033884), **BALASORE: NEXA BALASORE HIGHWAY** (JYOTE MOTORS (BALASORE) PH: 8338033994), **ANGUL: NEXA ANGUL CENTRAL** (ODYSSEY MOTORS PH: 7873663412), **CUTTACK: NEXA STADIUM RD** (JYOTE MOTORS PH: 8338033889), **ROURKELA: NEXA CIVIL TOWN** (ORBIT MOTORS PH: 8337900222, 7077727977).

SUZUKI connect ADVANCED TELEMATICS SOLUTION
A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

*Offered separately as Genuine NEXA Accessory*

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and 5 year warranty (2 year standard warranty + 3 year extended warranty) on NEXA Diesel cars.

**ଆଜିର ମନ୍ତବ୍ୟ**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କୁ ଟାର୍ଗେଟ କରିବା ମୋଦି ସରକାରଙ୍କ ରାଜନୈତିକ ସୁବିଧାବାଦ। **–ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୩୮ ନିୟୁତ ଡଲାର ହ୍ରାସ ଘଟି ୪୨୮.୫୭ ବିଲିୟନ ଡଲାର ରହିଛି।
– ଆର୍‌ବିଆଇ

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ସଂଘମିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଟୁଇଟରରେ ଓଡ଼ିଶା ପର୍ଯ୍ୟଟନ କଥା ଲେଖିଲେ ୨ ରାଷ୍ଟ୍ରଦୂତ

- ଓଡ଼ିଶା ଆସିବାକୁ ନବୀନ, ଧର୍ମେନ୍ଦ୍ରଙ୍କ ଆମନ୍ତ୍ରଣ
- ପ୍ରସ୍ତୁତ ହେବ ଶାମୁକା ବେଳାଭୂମି : ବିଶାଳ ଦେବ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ କେତେଜଣ ବିଶିଷ୍ଟ ବ୍ୟକ୍ତି ଓଡ଼ିଶା ପର୍ଯ୍ୟଟନର ଫଟୋ ସହ ନିଜର ସୁନ୍ଦର ଅନୁଭୂତି ଲେଖିଛନ୍ତି। ଆମେରିକା ରାଷ୍ଟ୍ରଦୂତ କେନ୍ ଜଷ୍ଟର କୋଣାର୍କ ପରିଦର୍ଶନର ଫଟୋ ଶେୟାର କରି ସ୍ଥାପତ୍ୟକୁ ଖୁବ୍ ପସନ୍ଦ କରିଥିବା କଥା ଲେଖିଛନ୍ତି। ସେହିପରି କୋଲକାତାରେ ଅବସ୍ଥାପିତ ବ୍ରିଟେନର ରାଷ୍ଟ୍ରଦୂତ ବ୍ରୁସ ବକ୍‌ନେଲ୍ ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିର ଏକ ଫଟୋ ପୋଷ୍ଟ କରିବା ସହ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରର ପ୍ରଶଂସା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟରରେ ଦୁଇଟି ଭିଡିଓ ପୋଷ୍ଟ କରିଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର, ଐତିହ୍ୟ ଓ ସଂସ୍କୃତିରେ ଅଳଙ୍କୃତ ଏବଂ ସମୃଦ୍ଧ ଆଦିମ ଜନଜାତି ସଂସ୍କୃତି ସବୁ ପର୍ଯ୍ୟଟକଙ୍କୁ ଆନନ୍ଦ ଦେଇଥାଏ। ଓଡ଼ିଶା ଆସି ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସଂସ୍କୃତିରେ ମଗ୍ନ ହୋଇଯିବାକୁ ସେ ଲେଖିଛନ୍ତି। ଦୁଇଟି ଭିଡିଓରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ସ୍ଥାନ ପାଇଛି। ଯେଉଁଥିରେ ଭୁବନେଶ୍ୱରର ଧଉଳି ଶାନ୍ତିସ୍ତୂପ, ରାଜାରାଣୀ ମନ୍ଦିର, ଖଣ୍ଡଗିରି, ମୁକ୍ତେଶ୍ୱର ଦେଉଳ, ଲିଙ୍ଗରାଜ ମନ୍ଦିର, ଚିଲିକା, ସାତକୋଶିଆ ଅଭୟାରଣ୍ୟ, ଭିତରକନିକା, ଦେଓମାଳି ପର୍ବତ, ଦେବ୍ରିଗଡ ଅଭୟାରଣ୍ୟ, ଜିରାଙ୍ଗ, କୋଣାର୍କ ଓ ରଘୁରାଜପୁରର ପଟ୍ଟଚିତ୍ରକୁ ଦର୍ଶାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଣାର୍କ, ରତ୍ନଗିରି, ଶିମିଳିପାଳ ଓ ଚିଲିକା ହ୍ରଦର ଫଟୋ ପୋଷ୍ଟ କରି ଓଡ଼ିଶାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆହ୍ୱାନ କରିଛନ୍ତି। ହସ୍ତକଳା ପର୍ଯ୍ୟଟନ, ଇକୋଟୁରିଜିମ୍ ଏବଂ କ୍ରୀଡ଼ା ଓ ଆଡଭେଞ୍ଚର ଟୁରିଜିମକୁ ଆଗାମୀ ତିନି ବର୍ଷରେ ପ୍ରୋତ୍ସାହନ ଦିଆଯିବ ବୋଲି ପର୍ଯ୍ୟଟନ ସଚିବ ଟୁଇଟର ଶୁଭେଚ୍ଛା ବାର୍ତ୍ତାରେ ଲେଖିଛନ୍ତି। ଚିଲିକା, ପୁରୀ, କୋଣାର୍କରେ ସର୍କିଟ ହାଉସ ନିର୍ମାଣ ସହ ଖୁବ୍ ଶୀଘ୍ର ଶାମୁକା ବେଳାଭୂମି ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବିଭିନ୍ନ ମାଧ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟ ପର୍ଯ୍ୟଟନର ପ୍ରମୋଶନ କରାଯିବ ବୋଲି ବିଶାଳ ଉଲ୍ଲେଖ କରିଛନ୍ତି।

# ଓଡ଼ିଶାକୁ ତିନୋଟି ସ୍କଚ୍ ଆୱାର୍ଡ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)- କୃଷି କ୍ଷେତ୍ରରେ ଓଡ଼ିଶାକୁ ତିନୋଟି ସ୍କଚ୍ ଆୱାର୍ଡ ମିଳିଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅନ୍ତର୍ଗତ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଅଧୀନରେ ହେଉଥିବା କୃଷି ଉତ୍ପାଦନ କ୍ଲଷ୍ଟର ୨୦୧୯ ବର୍ଷ ପାଇଁ ସ୍କଚ୍ ସ୍ୱର୍ଣ୍ଣ ପଦକ ହାସଲ କରିଛି। କୃଷି ଉତ୍ପାଦନ କ୍ଲଷ୍ଟର ନିଜର ପ୍ରକଳ୍ପ ଓ ଉତ୍କର୍ଷ କାର୍ଯ୍ୟକାରିତା ପାଇଁ ଏହି ସମ୍ମାନ ହାସଲ କରିଛି। ଏହାସହ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ' ଏବଂ 'ଓଡ଼ିଶା ମିଲେଟ୍ ମିଶନ' ସ୍କଚ୍ ଅର୍ଡର ଅଫ୍ ମେରିଟ୍ ସମ୍ମାନ ଲାଭ କରିଛି। ସୂଚନାଯୋଗ୍ୟ, କୃଷି କ୍ଷେତ୍ରରେ ତୃଣମୂଳ ସ୍ତରରେ ଅଭିନବ ଯନ୍ତ୍ରପାତି ବ୍ୟବହାର କରି କୃଷି ଉତ୍ପାଦନ ବୃଦ୍ଧି ଓ ଉତ୍ପାଦିତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ' ଆରମ୍ଭ କରାଯାଇଥିଲା। ୨୦୧୮ ମେ' ୧୭ରେ ଏହାର ଶୁଭାରମ୍ଭ ହୋଇଥିଲା। କୃଷି ଯନ୍ତ୍ରପାତି ନିର୍ମାଣ କ୍ଷେତ୍ରରେ ଅଭିନବ ଜ୍ଞାନକୌଶଳ ସମୃଦ୍ଧ କୃଷକମାନଙ୍କୁ ରାଜ୍ୟ ଓ ଜିଲାସ୍ତରରେ ସମ୍ମାନିତ କରିବା ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ' ପ୍ରଦାନ କରାଯାଉଛି। ସେହିପରି ସ୍ୱଳ୍ପ ବୃଷ୍ଟି ହେଉଥିବା ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ବାଜରା, ଯଅ ପ୍ରଭୃତି ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ୨୦୧୭-୧୮ ବର୍ଷରେ 'ଓଡ଼ିଶା ମିଲେଟ୍ ମିଶନ' ଆରମ୍ଭ କରିଥିଲେ। ଏହାକୁ ଭାରତ ସରକାର ଏକ ମଡେଲ୍ ଭାବେ ଗ୍ରହଣ କରି ଅନ୍ୟ ରାଜ୍ୟଗୁଡ଼ିକୁ ଏହାର ଅନୁକରଣ ପାଇଁ ପରାମର୍ଶ ଦେଇଛନ୍ତି।




# ଆଜିଠୁ ଗଡ଼ିବ ୪ ନୂଆ ମେମୁ ଟ୍ରେନ

## କଟକରୁ ପୁରୀ, ଭଦ୍ରକ ଓ ପାରାଦୀପ ଚଳାଚଳ କରିବ



ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ପୂର୍ବତଟ ରେଳପଥ ୪ଟି ନୂଆ ମେମୁ ଟ୍ରେନ ଚଳାଚଳ କରିବାକୁ ନିଷ୍ପତ୍ତି ନେଇଛି। ଶନିବାରଠାରୁ ଏହି ଟ୍ରେନଗୁଡ଼ିକ ପୁରୀ-କଟକ, କଟକ-ଭଦ୍ରକ, କଟକ-ପାରାଦ୍ୱୀପ ସେକ୍ସନ ମଧ୍ୟରେ ଚଳାଚଳ କରିବ। ପୁରୀ-କଟକ ମେମୁ ଟ୍ରେନ(୬୮୪୧୫-୬୮୪୧୬) କଟକ-ପୁରୀ ପାସେଞ୍ଜର(୫୮୪୧୫-୫୮୪୧୬) ବଦଳରେ ଚଳାଚଳ କରିବ। ସେହିଭଳି କଟକ-ଭଦ୍ରକ ମଧ୍ୟରେ ପୂର୍ବରୁ ଚଳାଚଳ କରୁଥିବା (୫୮୪୩୫-୫୮୪୩୬/୫୮୪୨୩-୫୮୪୨୪) କଟକ-ଭଦ୍ରକ ଫାଷ୍ଟ ପାସେଞ୍ଜର ବଦଳରେ ଦୁଇଟି ମେମୁ ଟ୍ରେନ(୬୮୪୩୫-୬୮୪୩୬/୬୮୪୨୩-୬୮୪୨୪) ଚଳାଚଳ କରିବ। ପୂର୍ବ ଦୁଇଟି ପାସେଞ୍ଜର ଟ୍ରେନ ପ୍ରତ୍ୟାହାର କରାଯିବ। ସମାନ୍ତରାଳ ଭାବେ କଟକ-ପାରାଦୀପ ମେମୁ ଟ୍ରେନ (୬୮୪୦୧-୬୮୪୦୨) କଟକ-ପାରାଦୀପ ପାସେଞ୍ଜର(୫୮୪୦୧-୫୮୪୦୨) ବଦଳରେ ଚଳାଚଳ କରିବ ଏବଂ ପୂର୍ବ ପାସେଞ୍ଜର ଟ୍ରେନଟି ପ୍ରତ୍ୟାହାର ହୋଇଯିବ। ନୂଆ ମେମୁ ଟ୍ରେନଗୁଡ଼ିକ ପୂର୍ବ ପାସେଞ୍ଜର ଟ୍ରେନର ସମୟ ସାରଣୀ ହିସାବରେ ଚାଲିବ। ସମୟ ସୂଚୀରେ କୌଣସି ପରିବର୍ତ୍ତନ କରାଯାଇନାହିଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବହୁତ ଦିନରୁ ଅଟକି ରହିଯାଇଥିବା ସବୁ କାମ ସୁବିଧାରେ ହେବା ଦୁରୁହ ହୋଇପଡ଼ିବ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବ। ନୂତନ ଯାନ୍ତ୍ରିକ ଜିନିଷ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ବାରମ୍ବାର ଚେଷ୍ଟା କରି ମଧ୍ୟ ଅସଫଳତା ହେତୁକ ଅପୂରଣୀୟ ଆଶା ଓ ଅଭିଳାଷ ମନରେ ଲଘୁ କ୍ରୋଧ ସୃଷ୍ଟି କରିପାରେ। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପୁରୁଣା ସମ୍ପର୍କ, ଜମିଜମା, ଗାଡ଼ି ମୋଟରରୁ ଭଲ ଲାଭ ପାଇବେ। ନିର୍ମାଣାଧୀନ କାର୍ଯ୍ୟ ସମସ୍ୟାବହୁଳ ରହିବ।

**ମିଥୁନ** ସାଧାରଣ ଘଟଣାରେ ଝଗଡ଼ା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ କ୍ଷେତ୍ରରେ ଖଳ ଲୋକଙ୍କ ଅନୁପ୍ରବେଶ ଯାହାକି କଳହକୁ ବଢ଼ାଇଦେଇପାରେ। ଅଫିସିଆଲି କୌଣସି ନିଷ୍ପତ୍ତି ପାଇଁ ତର୍କ ଓ ବିବାଦ ବଢ଼ିବାର ସମ୍ଭାବନା ରହିଛି।

**କର୍କଟ** ଆକସ୍ମିକ ଭାବରେ ଦୂରଯାତ୍ରା ଓ ବନ୍ଧୁ ମିଳନ ଘଟିବ,ଏହି ଦିଗରୁ ସାମୟିକ ଆନନ୍ଦ ଅନୁଭବ କରିବେ। ଦୀର୍ଘଦିନର ଆଶା ଫଳବତୀ ହେବ କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଅପରାହ୍ନେ ଅଭାବ ନ ଥିଲେ ମଧ୍ୟ ମନ ଭଲ ଲାଗି ନ ପାରେ।

**ସିଂହ** ବହୁତ ଦିନର ସୁଚିନ୍ତିତ ଯୋଜନାକୁ ବାସ୍ତବରୂପ ଦେବା ଦିଗରେ ଚେଷ୍ଟା କରି ସଫଳ ହେବେ। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଓ କାମରେ ଆଗୁଆ ରହିବେ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଲେ ମଧ୍ୟ ଚେଷ୍ଟାରୁ ବିରତ ହେବେ ନାହିଁ। ବନ୍ଧୁଗହଣରେ ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** ନିଜର ବନ୍ଧୁମାନଙ୍କ ଅନୁକମ୍ପାରୁ କଳା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ରୋଗ, ଋଣ, ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ପଡ଼ୋଶୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ, କିନ୍ତୁ କଠୋର ବାକ୍ୟାଳାପ ଦ୍ୱାରା ସମ୍ପର୍କ ହାନି ଘଟିବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରିବାରର ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**ବିଛା** କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ନିଜ ସକାଶେ ସମସ୍ୟାକୁ ବଢ଼ାଇ ଦେବ। ଯିବା ଆସିବା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଖାଦ୍ୟପେୟର ଅନିୟମିତତା ଫଳରେ ସ୍ୱାସ୍ଥ୍ୟ ସାମାନ୍ୟ ଗଡ୍‌ବଡ୍ ହେବାର ସମ୍ଭାବନା ରହିଛି।

**ଧନୁ** ପ୍ରତ୍ୟେକ କ୍ଷେତ୍ରର ପରିସ୍ଥିତି ଆପଣଙ୍କ ପାଇଁ ଅନୁକୂଳ ହୋଇ ନ ପାରେ। ମନୋରଞ୍ଜନ କାର୍ଯ୍ୟରେ ସାମିଲ୍ ହୋଇପାରନ୍ତି, କିନ୍ତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବହନରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ।

**ମକର** ଯେତେ ସତର୍କରେ ଚଳିଲେ ମଧ୍ୟ ଅନ୍ୟମାନଙ୍କ ଶ୍ରଦ୍ଧାଭାଜନ ହୋଇପାରିବେ ନାହିଁ। ଘରେ ବସି ରହିଥିଲେ ମଧ୍ୟ ବିଭିନ୍ନ ପ୍ରକାର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁମାନଙ୍କ ଗହଣରେ ଆଳାପ ଆଲୋଚନାରେ ସମୟ କଟାଇବେ।

**କୁମ୍ଭ** କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ, ଯଦ୍ଦ୍ୱାରା କି ଆପଣଙ୍କୁ ଏଥି ସକାଶେ କେତେକ କଟୁକ୍ତି ଶୁଣିବାକୁ ପଡ଼ିପାରେ। ଅଭାବ ସୁଧାରିବାକୁ ଯାଇ ଧାର ଉଧାର କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ସମସ୍ୟା ସମାଧାନ ହେବା ଦିଗରେ ଚେଷ୍ଟା କରିପାରନ୍ତି। ନିଜ ଲୋକଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରାଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ।

ଆଜି ମହାଳୟା ଅମାବାସ୍ୟା, ପିତୃପକ୍ଷ ସମାପ୍ତି, ଫୁଲ୍ଲୋରି ଓଷା, ବଜ୍ରକାଳିକା ପୂଜା, ସେପ୍ଟେମ୍ବର ୨୮ ତାରିଖ, ଶନିବାର, ଶହୀଦ ଭଗତ ସିଂହଙ୍କ ଜୟନ୍ତୀ, କବିବର ରାଧାନାଥଙ୍କ ଜୟନ୍ତୀ,ବିଶ୍ୱ ଜଳାତଙ୍କ ଦିବସ, ରାଶିନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/କନ୍ୟା, ଶ୍ରାଦ୍ଧ, ଦିବା ଘ୬।୨୮ମି. ମଧ୍ୟେ ଘ୭।୧୫ମି. ଗତେ, ଘ୯।୨୭ମି. ମଧ୍ୟେ ଘ୧୧।୫୮ମି. ଗତେ, ଘ୩।୦୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୧୦ମି. ଗତେ ଘ୮।୪୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮।୩୯ମି. ଗତେ ଘ୧୦।୦୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

2400sqft GA plot sale at Bharatpur (Sum hospital) Bhubaneswar. Contact Deepak- 9937329999. (Broker Excuse). D-68012

Gharabari boundary plot Infocity-2 near 200ft. road side. Direct owner- 8144391451. D-66786

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

Yellowzone sthitiban gharabari plot sale at AIIMS Hospital, Bhubaneswar. 7381809172. D-66791

Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871. D-67393

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

Flats for sale at DHPL Crystal Raghunathpur. Contact: 9937059891, 8908292617. D-14330

2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-14331

2000sqft land, near Baleswar over bridge @800 p. sqft, contact 8917548396 only during 8A.M. to 10A.M. D-66619

5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999. D-68004

4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999. D-68005

Yellowzone plots Badagada Canalroad 1600/-, simplex Tankapaniroad 27,40,000/-, simplex BJEM-(2) 15,80,000/, plots available at Jharapada, Pipili 7735738102. D-14530

4BHK two storied building newly constructed having all facilities at Jagatpur, Cuttack. For immediate sale. Contact: 7008321705. D-14541

Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826. D-14430

26100sqft SC land at Chhatia Byree near Byree railway station suitable for any purpose @ 300/- p.sqft. Contact 9337416139. D-66620

NH-16 ରୁ 200mtr. Distanceରେ BDA plot 30' Road, Electric ସହିତ 7,00,000/-ରେ ପିତାପଲ୍ଲୀଠାରେ ମିଳୁଅଛି। 9439101373, 9438158275. D-14537

Gharabari boundary plot near Kalinganagar DAV School, Sum hospital (Nuagoan) (size-2024) sqft. 1950/-, Patrapada 600mtr distance from NH- sqft. 2200/-. 9937044887, 8249240653. D-66790

213 decml gharabari sthitiban plot, yellow zone on 60ft road @ Sundarpur, Bhubaneswar, adjacent to 200ft road. Contact Owner: 9338342502. D-68104

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-68103

**construction**

Built your Residential & Commercial Project with best quality Material @ 1349/- onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777. D-14539

**to-let**

1st floor house 2000 sqft available for office, with basement parking, behind Bomikhal Durga Mandap. Rent Negotiable. Contact- 9437179626. D-14542

**packers & movers**

India's No.1 Packers- Leo Packers & Movers since 1975, Nationwide Network- 9438133699. D-14426

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D- 67395

Herbal full body massage by smart / expert therapist. Contact: 8338067247. D-67397

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399

Refresh your mind and soul with best therapy at Orchid Salon/ Spa. 9937287222. D-66970

Kajal ayurvedic massage club fully relaxed by smart lady, home service available. 9937637219. D-66971

Newly open full body massage by ladies, gents therapist. 8018656899 D-60840

Ayurvedic full body massage by ladies, gents therapist. 7008773793 D-60841

**astrology**

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

୧ ଘଣ୍ଟାରେ AtoZ ସମସ୍ୟାର ୧୦୦% ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି ମାତ୍ର ୫୦୦ଟଙ୍କା ବିନିମୟରେ ଯୋଗାଯୋଗ କରନ୍ତୁ। 7683887544. D-59939


**ପାଠକଙ୍କ ପାଇଁ ସୂଚନା**


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନିରୁଦ୍ଦିଷ୍ଟ



ନାମ: ରେବତୀ ସିଂହ, ବୟସ ୮୦ ବର୍ଷ, ଗତ ତାରିଖ ୨୦.୦୯.୨୦୧୯ ସନ୍ଧ୍ୟା ୭ଟା ଠାରୁ ଶ୍ରୀମନ୍ଦିର ନିକଟରୁ ନିଖୋଜ ହୋଇଯାଇଛନ୍ତି। କୌଣସି ବ୍ୟକ୍ତି ତାଙ୍କ ପରିଚୟ ପାଇଲେ ନିମ୍ନରେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ମୋ.ନଂ- ୯୪୩୭୬୭୬୭୩୯୭, ୭୦୦୮୭୨୬୯୩୪, ୭୦୦୮୫୭୦୧୦୬
ଧ-୬୩୭୯୧

## Ph.D in Computer Application



ଗବେଷକ "ଜ୍ୟୋତିର୍ମୟ ମିଶ୍ର"ଶ୍ରୀ ସତ୍ୟସାଇ ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜି ଏଣ୍ଡ ମେଡ଼ିକାଲ ସାଇନ୍ସ (SSSUTMS), ସିହୋର୍‌ରୁ କମ୍ପ୍ୟୁଟର ଆପ୍ଲିକେସନ ରେ ଡକ୍ଟରେଟ୍ (Ph.D) ଡ଼ିଗ୍ରୀ ଲାଭ କରିଛନ୍ତି। ସେ Dr. Hemant Kumar Reddy (NIST, Berhampur) ଏବଂ Dr. Jitendra Seetlani (SSSUTMS) ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ସନ୍ଦର୍ଭଟି " A Comprehensive Approach For Energy Optimization in Cloud Data Centre Networking", Dr. G.R. Selkor ଏବଂ Dr. Pushpendra Sharma ଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଅଛି। ଡ଼ା ଜ୍ୟୋତିର୍ମୟ ମିଶ୍ର, ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର, ବ୍ରଜନଗର-2 ବାସିନ୍ଦା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମିଶ୍ର ଓ ଶ୍ରୀମତୀ ସାରଦା ମିଶ୍ରଙ୍କ ପୁତ୍ର ଅଟନ୍ତି। ସେ ବର୍ତ୍ତମାନ GIET University, Gunupur ରେ Dept. of Computer Science & Engineering ରେ Associate Professor ଭାବରେ କାର୍ଯ୍ୟରତ ଅଛନ୍ତି।

ଏହି ସଫଳତା ପାଇଁ ସେ ପିତା, ମାତା, ପତ୍ନୀ, ସ୍କୁଲ ଓ କଲେଜର ଶିକ୍ଷକ ଓ ଶିକ୍ଷୟିତ୍ରୀ ମଣ୍ଡଳୀ, ବନ୍ଧୁ ପରିଜନମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ଏହି ସଫଳତା ପାଇଁ ସେ GIET University, Gunupur ମ୍ୟାନେଜମେଣ୍ଟଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।
ଧ-୧୩୧୯୧

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

# ଖାରବେଳ ଭବନ ପରି ନିର୍ମାଣ ହେବ ଆଉ ୨ ଅଟ୍ଟାଳିକା

- ଭଙ୍ଗାଯିବ ୧୧ ସରକାରୀ କାର୍ଯ୍ୟାଳୟ
- କନ୍‌ଭେନଶନ୍ ସେଣ୍ଟର ପରିସର ହେବ ବୃଦ୍ଧି
- ଗୋଟିଏ ୯ ଏବଂ ଅନ୍ୟଟି ୧୧ ମହଲା ବିଶିଷ୍ଟ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ରାଜ୍ୟ ସରକାର ଖାରବେଳ ଭବନ ପରି ଆଉ ଦୁଇଟି ବୃହତ୍ ଅଟ୍ଟାଳିକା ନିର୍ମାଣ କରିବାକୁ ଯାଉଛନ୍ତି। ତନ୍ମଧ୍ୟରୁ ଗୋଟିଏ ୯ ମହଲା ଏବଂ ଅନ୍ୟଟି ୧୧ ମହଲା ବିଶିଷ୍ଟ ହେବ। ଏଥିପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଖାରବେଳ ଭବନ ନିକଟସ୍ଥ କେତେକ ପୁରାତନ ସରକାରୀ କାର୍ଯ୍ୟାଳୟ କୋଠା ଭଙ୍ଗାଯାଇ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ।

ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଖାରବେଳ ଭବନ ନିକଟସ୍ଥ ହସ୍ତତନ୍ତ ଏବଂ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ମେକାନିକାଲ)ଭୂତଳ ଜଳ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଆର ଏଣ୍ଡ ବି ଡିଭିଜନ୍-୧ ଅଧୀନରେ ଥିବା ଏଇଇ(ଆରଏଣ୍ଡବି) ସବ୍-ଡିଭିଜନ, ଏଇଇ ଆରଡବ୍ଲ୍ୟୁ କାର୍ଯ୍ୟାଳୟ ଭଙ୍ଗାଯିବ। ଅନୁରୂପ ଭାବେ ଓଡ଼ିଶା ମେଡିକାଲ କାଉନସିଲ ରେଜିଷ୍ଟ୍ରେଶନ୍, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଫ୍‌ସେଟ୍ ପ୍ରିଣ୍ଟିଂପ୍ରେସ, ଭୁବନେଶ୍ୱର ଏଡିଏମ୍‌ଙ୍କ ଅଫିସ, ଓଡ଼ିଶା ପୋଲିସର ହାବିଲଦାର,କନଷ୍ଟେବଲ ଏବଂ ସିପାହି ଶାଖା ଆସୋସିଏଶନ୍ ଏବଂ ପୋଲିସ ବାରାକ୍ ଭଙ୍ଗାଯିବ ବୋଲି ଜଣାପଡ଼ିଛି। ହେଲେ ଉପରୋକ୍ତ କୌଣସି କାର୍ଯ୍ୟାଳୟ ଏଯାବତ୍ ସେହି ସ୍ଥାନରୁ ସ୍ଥାନାନ୍ତର କରାଯାଇନାହିଁ। ସୁବିଧା ଦେଖି ଅନ୍ୟ ସରକାରୀ ଅଫିସରେ ଅସ୍ଥାୟୀ ଭାବେ ଏହି କାର୍ଯ୍ୟାଳୟ ଚାଲୁ ରହିବ। ନୂତନ କୋଠା ନିର୍ମାଣ ପରେ ରାଜଧାନୀର ବିଭିନ୍ନ ସ୍ଥାନରେ ଅଲଗା ଭାବେ ଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟକୁ ଅଣାଯିବ। ନିକଟରେ ସରକାର ବିଭିନ୍ନ ବିଭାଗ ସହ ସଂପୃକ୍ତ ବିଭାଗୀୟ ନିର୍ଦ୍ଦେଶାଳୟ ସମ୍ମିଶ୍ରଣକୁ ଦୃଷ୍ଟିରେ ରଖି ଏପରି କରାଯାଉଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଅଧାରୁ ଅଧିକ ବିଭାଗ -ନିର୍ଦ୍ଦେଶାଳୟ ଏକୀକରଣ ଆପାତତଃ ଚୂଡ଼ାନ୍ତ ହୋଇଛି। ଅଳ୍ପଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ଓସୱାସ ବିଭାଗର ସମ୍ପ୍ରସାରଣ କରାଯିବ ବୋଲି ଜଣାପଡ଼ିଛି।

ସେହିପରି ଲୋକସେବା ଭବନ ପରିସରରେ ନିର୍ମାଣାଧୀନ କନ୍‌ଭେନ୍‌ଶନ୍ ସେଣ୍ଟର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଏହାକୁ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ କରିବା ପୂର୍ବରୁ ୩ଟି ପୁରୁଣା ନିର୍ମାଣ ଭଙ୍ଗାଯିବ ବୋଲି ଜଣାପଡ଼ିଛି। କନଭେନ୍‌ଶନ୍ ସେଣ୍ଟର ପ୍ରବେଶ ପଥ ନିକଟରେ ଥିବା ପଞ୍ଚାୟତିରାଜ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ପୁରାତନ ନିର୍ମାଣ ଭଙ୍ଗାଯିବାର ପ୍ରସ୍ତାବ ରହିଛି। ଏତଦ୍‌ବ୍ୟତୀତ କନଭେନଶନ୍ ସେଣ୍ଟରକୁ ଲାଗି ରହିଥିବା କମ୍ପାଉଣ୍ଡ ୱାଲ ଭଙ୍ଗାଯିବାକୁ ଯୋଜନା ରହିଛି। ଏହି ୩ ଟି ନିର୍ମାଣ ଭଙ୍ଗାଯିବା ପରେ କନ୍‌ଭେନ୍‌ଶନ୍ ସେଣ୍ଟର ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ପାଖାପାଖି ଓଜନ ବିଭାଗ ଖାରବେଳ ଭବନକୁ ଉଠିଯିବା ପରେ ସଚିବାଳୟରେ କେତେକ କାର୍ଯ୍ୟାଳୟ କୋଠରି ଖାଲି ହୋଇଛି। ବର୍ତ୍ତମାନ ଥିବା କେତେକ ବୃହତ ବିଭାଗର ପରିସର ବୃଦ୍ଧି କରାଯିବ। ସେହିପରି ଦୀର୍ଘଦିନ ଧରି ମନ୍ତ୍ରୀମାନେ ବ୍ୟବହାର କରୁଥିବା ପ୍ରକୋଷ୍ଠଗୁଡିକ ଅପେକ୍ଷାକୃତ ଛୋଟ ରହିଛି। ତେଣୁ ସେମାନଙ୍କୁ ଅଧିକ ସ୍ଥାନ ଦିଆଯିବ ବୋଲି ଜଣାପଡ଼ିଛି।

# ପ୍ରଦର୍ଶିତ ହେଲା ଫନୀ ସମ୍ପର୍କିତ ବୃତ୍ତଚିତ୍ର

ଭୁବନେଶ୍ୱର,୨୭।୯(ବ୍ୟୁରୋ)- ସାମୁଦ୍ରିକ ଝଡ 'ଫନୀ'ର ସଫଳ ମୁକାବିଲା ଉପରେ ପର୍ଯ୍ୟବେସିତ ବୃତ୍ତଚିତ୍ର ଶୁକ୍ରବାର ନ୍ୟାସନାଲ ଜିଓଗ୍ରାଫିକ୍ ଚ୍ୟାନେଲରେ ରାତି ୯ଟାରେ ପ୍ରସାରିତ ହୋଇଯାଇଛି। ଏହି ବୃତ୍ତ ଚିତ୍ରର ନାମ ' ମେଗା ସାଇକୋଲୋନ୍ ଫନୀ: ରେସକ୍ୟୁଇଂ ଏ ମିଲିୟନ' । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିପର୍ଯ୍ୟୟ ଏବଂ ଏହାର ସଫଳ ମୁକାବିଲା ସମ୍ପର୍କରେ ବୃତ୍ତଚିତ୍ରରେ ମତ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ତତ୍କାଳୀନ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ବିଷ୍ଣୁପଦ ସେଠୀ, ବୈଜ୍ଞାନିକ ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ଅନ୍ୟ ପ୍ରଶାସିକ ଅଧିକାରୀ ମଧ୍ୟ ଅନୁଭୂତି ବଖାଣିଥିଲେ। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶା ଚଳିତ ବର୍ଷ ମେ'ରେ ଭୟାନକ ସାମୁଦ୍ରିକ ଝଡ ଫନୀ ଦ୍ୱାରା ପ୍ରଭାବିତ ହୋଇଥିଲା। ହେଲେ ରାଜ୍ୟ ପ୍ରଶାସନ ଏହା ପୂର୍ବରୁ ଯଥେଷ୍ଟ ପୂର୍ବପ୍ରସ୍ତୁତି ମଧ୍ୟ କରିଥିଲା। ତେଣୁ ପବନର ଗତି ଏବଂ ବେଗକୁ ଦୃଷ୍ଟିରେ ରଖି ବଡଧରଣର ସ୍ଥାନାନ୍ତରଣ/ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଉପକୂଳ ଓଡ଼ିଶାରସମସ୍ତ ଜିଲା ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସମନ୍ୱୟରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଏହି ସମୟରେ ପ୍ରାୟ ୧.୫ ମିଲିୟନ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଇଥିଲା। ଏଥିପାଇଁ ଜାତିସଂଘଠାରୁ ଆରମ୍ଭ କରି ବିଭିନ୍ନ ଅନ୍ତର୍ଜାତୀୟ ଏବଂ ଜାତୀୟ ସଂସ୍ଥା ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ବିଗତ ଦୁଇଦଶନ୍ଧି ମଧ୍ୟରେ ଦେଖାଯାଇଥିବା ପ୍ରାକୃତିକ ବିପର୍ଯ୍ୟୟଗୁଡିକ ମଧ୍ୟରେ ଫନୀକ ପ୍ରକୋପ ଅତ୍ୟନ୍ତ ଭୟାନକ ଥିଲା। ଏହା ଦ୍ୱାରା ଓଡ଼ିଶା ଉପକୂଳର ନାହିଁ ନ ଥିବା କ୍ଷୟକ୍ଷତି ହୋଇଛି। ଏହି କ୍ଷୟକ୍ଷତିଜନିତ ପୁନରୁଦ୍ଧାର କାର୍ଯ୍ୟ ଏବେବି ଜାରି ରହିଛି। ଉଜୁଡିଯାଇଥିବା ଭିତ୍ତିଭୂମି ଉନ୍ନୟନ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ପୂର୍ବରୁ ୧୯୯୯ ମସିହା ମହାବାତ୍ୟାରୁ ଶିକ୍ଷା ଗ୍ରହଣ କରି ଫନୀ ଏବଂ ଏହା ପୂର୍ବରୁ ଆସିଥିବା ବିପର୍ଯ୍ୟୟର ସଫଳ ମୁକାବିଲା କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୭ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୯ ତାରିଖ ଯାଏ ରାଜ୍ୟର ବିଭିନ୍ନ ଅଞ୍ଚଳରେ ହାଲୁକା ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପାରାଦୀପରେ ସର୍ବାଧିକ ୪୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୫, ବାଲେଶ୍ୱର ୮, ଅନୁଗୋଳ ୧୨, ବାରିପଦା ୧୪, କେନ୍ଦୁଝର ୧୦ ଏବଂ ତାଳଚେରରେ ସର୍ବାଧିକ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

- ଗୁଣିଗାରେଡ଼ି ସନ୍ଦେହ ଜୀବନ ନେଲା

# ସମ୍ପର୍କୀୟ ମାଇଁଙ୍କୁ କୁରାଢ଼ିରେ ହାଣି ହତ୍ୟା

ଆନନ୍ଦପୁର,୨୭।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନାଠାରୁ ୩ କି.ମି. ଦୂର ଜଙ୍ଗଲଘେରା ଗୟଳମୁଣ୍ଡା ପଞ୍ଚାୟତର କନ୍ତଲା ଗ୍ରାମରେ ବିରାଙ୍ଗୀ ପୂର୍ତ୍ତି(୫୫) ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସମ୍ପର୍କୀୟ ଭଣଜା କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ଏହି ହତ୍ୟାକାଣ୍ଡ ଘଟିଛି। ରାତିରେ ଆନନ୍ଦପୁର ପୋଲିସ ଗାଁରେ ପହଞ୍ଚି ଅଭିଯୁକ୍ତ ଅଙ୍କୁର ବିରୁଆ(୨୮)ଙ୍କୁ ଗିରଫ କରିଛି। ଦୁର୍ଗମ ଇଲାକାରୁ ମୃତଦେହ ଆଣିବା ସମ୍ଭବ ନ ହେବାରୁ ପୋଲିସ ଏହାକୁ ରାତିସାରା ଜଗି ରହିଥିଲା। ଶୁକ୍ରବାର ସକାଳେ ମୃତଦେହକୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ୩୦୨ ଦଫାରେ ଏକ ମାମଲା ରୁଜୁ କରିଛି। ଗୁଣିଗାରେଡ଼ି ସନ୍ଦେହକୁ ନେଇ ଅଭିଯୁକ୍ତ ଅଙ୍କୁର ତାଙ୍କ ମାଇଁ ବିରାଙ୍ଗୀଙ୍କୁ ହତ୍ୟା କରିଥିବା ପୋଲିସକୁ କହିଛନ୍ତି। ତେବେ ଗୁଣିଗାରେଡ଼ି ନେଇ ଅଧିକ କୌଣସି ପ୍ରମାଣ ମିଳି ନ ଥିବାରୁ ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ଗଗନ ବିହାରୀ ବିଶ୍ୱାଳ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ହତ୍ୟାକାଣ୍ଡ ସମ୍ପର୍କରେ ସ୍ଥାନୀୟ ୱାର୍ଡମେମ୍ବର ଥାନାକୁ ଖବର ଦେବା ପରେ ଏସ୍‌ଆଇ ସୁଶାନ୍ତ କୁମାର ଖୁଣ୍ଟିଆ ସଦଳବଳ କନ୍ତଲା ଗାଁକୁ ଯାଇ ମୃତଦେହକୁ ଜବତକରି ତଦନ୍ତ କରିଥିଲେ। ଅଭିଯୁକ୍ତ ଅଙ୍କୁର ଦୋଷ ସ୍ୱୀକାର କରିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ଅଙ୍କୁର କହିଛନ୍ତି, ତାଙ୍କର ଏକ ୩ମାସର ଶିଶୁ ସନ୍ତାନ ରହିଛି। ଏହି ଶିଶୁର ଦେହ କ୍ରମାଗତ ଅସୁସ୍ଥ ରହିବାରୁ ତାଙ୍କ ମାଇଁ ଗୁଣି ଗାରେଡ଼ି କରିଥିବା ସେ ସନ୍ଦେହ କରିଥିଲେ। ଏନେଇ ତାଙ୍କୁ ପଚାରିବାରୁ ଗଣ୍ଡଗୋଳ ଘଟିଥିଲା। ସେ ଏକ କୁରାଢିର ପଛ ପାଖରେ ବିରାଙ୍ଗୀଙ୍କ ମୁଣ୍ଡକୁ ପିଟିଦେବାରୁ ରକ୍ତସ୍ରାବ ହୋଇ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏସ୍‌ଆଇ ଖୁଣ୍ଟିଆ କହିଛନ୍ତି, ଗୁଣିଗାରେଡ଼ି ସନ୍ଦେହ ସମ୍ପର୍କରେ ତଦନ୍ତ କରାଯାଇଥିଲେ ମଧ୍ୟ ବିରାଙ୍ଗୀଙ୍କ ଘରୁ କୌଣସି ଗୁଣି ସାମଗ୍ରୀ ମିଳିନାହିଁ। ପୋଲିସ ଏନେଇ ଏହ ହତ୍ୟା ମାମଲା (ନଂ. ୧୭୮/୧୯) ରୁଜୁ କରିଛି। ଆନନ୍ଦପୁର ଏସ୍‌ଡିପିଓ ବିଦ୍ୟୁତ୍ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପକ୍ଷରୁ ଅଧିକ ତନାଘନା କରାଯାଉଛି। ସ୍ଥାନୀୟ ଗ୍ରାମବାସୀ କହିଛନ୍ତି, ଦୁର୍ଗମ ଆଦିବାସୀ ଗାଁ ଗଣ୍ଡାରେ ଏବେବି ଗୁଣିଗାରେଡ଼ି ଅନ୍ଧବିଶ୍ୱାସ ବସା ବାନ୍ଧି ରହିଛି। ଏହାକୁ କେନ୍ଦ୍ର କରି ବିଭିନ୍ନ ସମୟରେ ହିଂସାକାଣ୍ଡ ଘଟୁଛି। ଏଦିଗରେ ଅଧିକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସଚେତନ ନାଗରିକମାନେ କହିଛନ୍ତି।






ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ। ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। -ଶ୍ରୀମା



# ରହସ୍ୟଜନକ ଅଦଳବଦଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କୋଇଲା ସଚିବ ସୁମନ୍ତ ଚୌଧୁରୀଙ୍କ ସ୍ଥାନରେ ଏ.କେ. ଜୈନଙ୍କ ନିଯୁକ୍ତିକୁ ନେଇ କ୍ଷମତା ଅଳିନ୍ଦରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ଏଥିରେ ଗୋଟିଏ ଅବୁଝା ରହସ୍ୟ ହେଉଛି ଚୌଧୁରୀଙ୍କ ସ୍ଥାନରେ ଜୈନଙ୍କ ନିଯୁକ୍ତି ଆଦେଶନାମାରେ ଚୌଧୁରୀଙ୍କ ଭବିଷ୍ୟତକୁ ନେଇ କିଛି କୁହାଯାଇ ନାହିଁ। ତାଙ୍କୁ ତାଙ୍କ ରାଜ୍ୟ ପଶ୍ଚିମବଙ୍ଗକୁ ଫେରାଇ ଦିଆଯାଇ ନାହିଁ କିମ୍ବା କେନ୍ଦ୍ରରେ ଅନ୍ୟ ମନ୍ତ୍ରଣାଳୟ ବା ବିଭାଗରେ ନିଯୁକ୍ତି ଦିଆଯାଇ ନାହିଁ। ଅନ୍ୟତ୍ର ନିଯୁକ୍ତି ପାଇଁ ଚୌଧୁରୀ ଅପେକ୍ଷମାଣ ତାଲିକାରେ ଅଛନ୍ତି ବୋଲି ମଧ୍ୟ ଉକ୍ତ ଆଦେଶନାମାରେ କୁହାଯାଇ ନାହିଁ। ଜୈନଙ୍କ ନିଯୁକ୍ତିର ସମୟକୁ ନେଇ ମଧ୍ୟ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି, କାରଣ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିବା ପାଇଁ ଦିଲ୍ଲୀରେ ଥିବା ସମୟରେ ହିଁ ଏହି ଆଦେଶନାମା ପ୍ରକାଶ ପାଇଛି। ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ ମଳୟ କୁମାର ଦେଙ୍କ ସ୍ଥାନରେ ନିଯୁକ୍ତି ପାଇବା ଲାଗି ଚୌଧୁରୀଙ୍କୁ ପଶ୍ଚିମବଙ୍ଗ ଫେରାଇଦେବା ଲାଗି ମମତା ଅନୁରୋଧ କରିବେ ବୋଲି କୁହାଯାଉଥିଲା। କିନ୍ତୁ ପଶ୍ଚିମବଙ୍ଗର ବାବୁମାନେ ଏହି ସମ୍ଭାବନାକୁ ଅଗ୍ରାହ୍ୟ କରି କହିଛନ୍ତି ଯେ, ଏ ବିଷୟରେ ଚୌଧୁରୀ କିମ୍ବା ମମତା କେହି ହେଲେ ଆଗ୍ରହ ଦେଖାଇ ନାହାନ୍ତି। ଚୌଧୁରୀଙ୍କ ଅବସର ଆଉ ମାତ୍ର ୧୬ ମାସ ବାକି ଅଛି ଏବଂ ସେ ଆସନ୍ତା ୨୦୨୧ ଜାନୁୟାରୀ ମାସରେ ଅବସର ନେବାର ଅଛି। ଅନ୍ୟ ପକ୍ଷରେ ସାମ୍ପ୍ରତିକ ସମୟରେ କୋଇଲା ମନ୍ତ୍ରଣାଳୟରେ ସଚିବମାନଙ୍କର ଘନ ଘନ ପରିବର୍ତ୍ତନ ଘଟିଛି। ଚୌଧୁରୀ ଏହି ପଦବୀରେ ମାତ୍ର ପ୍ରାୟ ୧୦ ମାସ ରହିଥିଲା ବେଳେ ତାଙ୍କ ପୂର୍ବସୂରି ମାତ୍ର ୫ ମାସ ଏହି ପଦବୀରେ ରହିଥିଲେ।

### ଅସନ୍ତୁଷ୍ଟଙ୍କ ସ୍ୱର

ହ୍ୱିଶିଲ୍‌ବ୍ଲୋୟର ଭାରତୀୟ ବନସେବା ଅଧିକାରୀ ସଞ୍ଜୀବ ଚତୁର୍ବେଦୀ ନିକଟରେ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ ପାଣ୍ଠିକୁ ୨୫,୦୦୦ ଟଙ୍କା ଦାନ କରିଛନ୍ତି। ସେ ଏହି ଟଙ୍କା ଏକ ମାମଲାରେ ଜିତି ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ରାୟ ଅନୁସାରେ କେନ୍ଦ୍ର ସରକାରଙ୍କଠାରୁ କ୍ଷତିପୂରଣ ସ୍ୱରୂପ ପାଇଥିଲେ। ବିଭିନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ହଇରାଣ ହରକତର ଶିକାର ହୋଇଥିବା ଚତୁର୍ବେଦୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ପ୍ରସ୍ତାବ ଦେଇଛନ୍ତି ଯେ, ଅସାଧୁ ଅଫିସରମାନଙ୍କ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନର ଶିକାର ହେଉଥିବା ସଚ୍ଚୋଟ ଅଫିସରମାନଙ୍କ ସାହାଯ୍ୟାର୍ଥେ ଏକ ପାଣ୍ଠି ଗଠନ କରାଯିବା ଆବଶ୍ୟକ। ସେ ଏହି ଚିଠିରେ ସର୍ଦ୍ଦାର ପଟେଲଙ୍କ ଏକ ମନ୍ତବ୍ୟ ଉଦ୍ଧାର କରିଛନ୍ତି- "ଏକ ଐକ୍ୟବଦ୍ଧ ଭାରତର ସ୍ୱପ୍ନ ସୁଦୂରପରାହତ ହୋଇ ରହିଯିବ, ଯଦି ଭାରତରେ ସ୍ୱାଧୀନ ମତ ପୋଷଣ କରୁଥିବା ସର୍ବଭାରତୀୟ ସେବା ଅଧିକାରୀ ନ ରହିବେ।" ୨୦୧୨ ରମଣ ମାଗ୍‌ସେସେ ପୁରସ୍କାର ଲାଭ କରିଥିବା ଚତୁର୍ବେଦୀ ବର୍ତ୍ତମାନ ଉତ୍ତରାଖଣ୍ଡର ହଲ୍‌ଦ୍ୱାନିଠାରେ ବନ ସଂରକ୍ଷକ (ଗବେଷଣା) ଭାବେ ଅବସ୍ଥାପିତ ଅଛନ୍ତି। ଅତୀତରେ ରମଣ ମାଗ୍‌ସେସେ ପୁରସ୍କାର ବାବଦକୁ ପାଇଥିବା ଅର୍ଥକୁ ମଧ୍ୟ ସେ ଦାନ କରିଦେଇଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚତୁର୍ବେଦୀଙ୍କ ଦାନ ମନୋଭାବକୁ ପ୍ରଶଂସା କରିଥିବା ବେଳେ ତାଙ୍କ ପ୍ରସ୍ତାବ ଉପରେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିବା ଜଣାପଡ଼ିଛି।

### ମମତାଙ୍କ ଅନୁଗତଙ୍କୁ ଝଟକା

ପୂର୍ବତନ କୋଲକାତା ପୋଲିସ ମୁଖ୍ୟ ରାଜୀବ କୁମାର ତୃଣମୂଳ କଂଗ୍ରେସ-ଶାସିତ ପଶ୍ଚିମବଙ୍ଗର ଏକମାତ୍ର ବରିଷ୍ଠ ଅଧିକାରୀ ନୁହନ୍ତି, ଯିଏ ସିବିଆଇ ଜାଲରେ ଫସିଛନ୍ତି। ରାଜୀବ କୁମାର କୁଖ୍ୟାତ ଶାରଦା ଚିଟ୍‌ଫଣ୍ଡ ଦୁର୍ନୀତିରେ ଜଡ଼ିତ ଥିବା ନେଇ ତଦନ୍ତର ସମ୍ମୁଖୀନ ହୋଇଥିବା ବେଳେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଏସ୍.କେ. ପୁର୍‌କାୟସ୍ଥ ଓ ବରିଷ୍ଠ ଆଇଏଏସ୍ ଅଫିସର ଅତ୍ରି ଭଟ୍ଟାଚାର୍ଯ୍ୟଙ୍କ ନାମ ମଧ୍ୟ ସିବିଆଇ ତାଲିକାରେ ରହିଛି। ସିବିଆଇ ବ୍ୟତୀତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ଏକ ରାଜ୍ୟ ସରକାରଙ୍କ କମ୍ପାନୀର ପୁଞ୍ଜି ବିନିବେଶ ମାମଲାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରମୁଖ ସଚିବ ଗୌତମ ସାନ୍ୟାଲଙ୍କ ବିରୋଧରେ ତଦନ୍ତ କରୁଛି। ତେବେ ଉକ୍ତ ଚାରିଜଣ ବାବୁଙ୍କ ମଧ୍ୟରେ ଗୋଟିଏ ସାଧାରଣ କଥା ହେଉଛି, ଏମାନେ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଅନୁଗତ ଭାବେ ଜଣାଶୁଣା। ମୁଖ୍ୟମନ୍ତ୍ରୀଙ୍କ ପାଖଲୋକ ଓ ଅନୁଗତ ଭାବେ ଏମାନେ ପ୍ରଭୂତ କ୍ଷମତା ଓ କର୍ତ୍ତୃତ୍ୱର ଅଧିକାରୀ ଥିଲେ। ଆର୍ଥିକ ଅନିୟମିତତା ଓ କ୍ଷମତାର ଦୁରୁପଯୋଗକୁ ନେଇ ଉକ୍ତ ବାବୁମାନଙ୍କ ବିରୋଧରେ ଚାଲିଥିବା ତଦନ୍ତକୁ କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥାଗୁଡ଼ିକର ନିୟମିତ ତଦନ୍ତ କାର୍ଯ୍ୟକ୍ରମର ଅଂଶ ବୋଲି କହୁଥିବା ବେଳେ ରାଜ୍ୟ ସରକାର ଭାବୁଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଘୋର ବିରୋଧୀ ହୋଇଥିବାରୁ ତାଙ୍କ ସରକାରକୁ ଅଡୁଆରେ ପକାଇବା ପାଇଁ କେନ୍ଦ୍ର ସରକାର ଉଦ୍ଦେଶ୍ୟମୂଳକ ଭାବେ ଏହିସବୁ ତଦନ୍ତ କରାଉଛନ୍ତି।

Email: dilipcherian@gmail.com

### ୨୫ ବର୍ଷ ତଳର ଧରିତ୍ରୀ

୨୮ ସେପ୍ଟେମ୍ବର ୧୯୯୪

- ରୁଷିଆର ଗୋଟିଏ ଯୁଦ୍ଧ ବିମାନ ସାଇବେରିଆ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୬ ଜଣ ଯାତ୍ରୀଙ୍କର ପ୍ରାଣହାନି।
- ବିଶ୍ୱରେ ପ୍ରଚଳିତ ନିରାପତ୍ତା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏଥିରେ ପରିବର୍ତ୍ତନ କରି ଏହାକୁ ଏକବିଂଶ ଶତାବ୍ଦୀ ପାଇଁ ନୂତନ ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ପ୍ରସ୍ତାବ।

### su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | C | 3 | | D | | | 1 | | | | | |
| | 9 | | | | | | | | C | | | | | 6 |
| 0 | 7 | 1 | 4 | 2 | | | | | 9 | | | E | 5 | A |
| | | D | | | | 7 | | | B | | 5 | 3 | 0 | |
| | 6 | | | | | | | | | 4 | 3 | 8 | | |
| | 1 | 3 | 2 | | | | | | | | 6 | B | 9 | |
| | | 4 | 3 | | | | | 8 | | | | 1 | 2 | |
| 9 | A | | 8 | | | C | 7 | | | 2 | | 4 | | |
| | | | | | 0 | | | A | | | 4 | 6 | 3 | |
| 8 | | B | | | | 0 | 9 | | D | | | | | |
| 1 | 3 | | | | | | | E | | | B | C | 7 | 5 |
| | C | E | | | | 4 | | | 7 | | | | B | |
| | | | D | | | 3 | A | | | 9 | | 0 | | 1 |
| D | 2 | | | | | | | | | | | 9 | 8 | |
| | | | 9 | | | | 6 | | 8 | 0 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 2 | 6 | 1 | C | D | 7 | 0 | 8 | A | 9 | 4 | E | 3 | 5 |
| 8 | 9 | E | 5 | B | 3 | 2 | 6 | D | 7 | 0 | C | 4 | A | 1 |
| 4 | D | 0 | 7 | 2 | 8 | A | C | 5 | 1 | E | 3 | B | 9 | 6 |
| 5 | 1 | C | 4 | A | 0 | 3 | E | 9 | B | 6 | D | 2 | 8 | 7 |
| 3 | 7 | A | E | 9 | 6 | B | 4 | 1 | 2 | 8 | 5 | D | 0 | C |
| 6 | 4 | 2 | A | 5 | 9 | D | 3 | 7 | E | 1 | 0 | 8 | C | B |
| C | 5 | 9 | 3 | 7 | 1 | 6 | 8 | A | 4 | D | B | 0 | 2 | E |
| 1 | 8 | 7 | 6 | 0 | C | E | 2 | B | 3 | 5 | A | 9 | 4 | D |
| A | B | D | 8 | E | 4 | 5 | 9 | 0 | C | 2 | 6 | 1 | 7 | 3 |
| 0 | E | 3 | 2 | D | B | C | 1 | 4 | 9 | 7 | 8 | 5 | 6 | A |
| E | 3 | 5 | C | 4 | 2 | 8 | D | 6 | 0 | A | 1 | 7 | B | 9 |
| D | A | 1 | 0 | 6 | E | 4 | 7 | C | 8 | B | 9 | 3 | 5 | 2 |
| 9 | 6 | 4 | B | 1 | 7 | 0 | A | E | 5 | 3 | 2 | C | D | 8 |
| 2 | C | B | 9 | 8 | A | 1 | 5 | 3 | D | 4 | 7 | 6 | E | 0 |
| 7 | 0 | 8 | D | 3 | 5 | 9 | B | 2 | 6 | C | E | A | 1 | 4 |

ଗତକାଲିର ଉତ୍ତର

# ଶାସ୍ତ୍ରୀୟ ମାନ୍ୟତା ଓ ଓଡ଼ିଶୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଜୀବନକୁ ଶ୍ରୀମୟ କରେ ସଂଗୀତ। ବଂଶୀ ଓ ସାହାନାଇରୁ ଯେଉଁ ସ୍ୱର ବାହାରେ ତାକୁ ଦେଖିହୁଏ ନାହିଁ କି ଛୁଇଁ ହୁଏ ନାହିଁ ସତ, ହେଲେ ତାହା ଶୂନ୍ୟରେ ତୋଳିପାରେ ଏକ ଅଦୃଶ୍ୟ ପ୍ରବାହ। ସେ ପ୍ରବାହରେ ଥାଏ ହୃଦୟକୁ ଆହ୍ଲାଦିତ କରିବାର ଅମାପ ଶକ୍ତି। ପକ୍ଷୀର କାକଳି, ପବନର ସ୍ୱନ ଓ ଝରଣାର କଳକଳ ନାଦ ଇତ୍ୟାଦି ପ୍ରକୃତିର ସଂଗୀତ। ଆଦିମ କାଳରୁ ସେ ସଂଗୀତରେ ବିଭୋର ହୋଇଛି ମଣିଷ ଏବଂ ତାକୁ ହିଁ ଅନୁସରଣ କରି ସେ ସୃଷ୍ଟି କରିଛି ରାଶିରାଶି ସଂଗୀତ। ତା'ର ଗାୟନ ପଦ୍ଧତିକୁ ଶୃଙ୍ଖଳିତ ତଥା ଛନ୍ଦୋବଦ୍ଧ କରିବା ପାଇଁ ତିଆରି କରିଛି ବ୍ୟାକରଣ। ସପ୍ତସ୍ୱର, ତିନିଗ୍ରାମ, ଏକୋଇଶ ମୂର୍ଚ୍ଛନା ଓ ପଞ୍ଚଦଶ ଯମକ ଆଦି ଶାସ୍ତ୍ରୀୟ ନିୟମ ଆଧାରରେ ପ୍ରକାଶ ପାଇଛି ସଂଗୀତର ଉଚ୍ଚାଙ୍ଗ ରୂପ। ଇତିହାସର ଅନୁଶୀଳନରୁ ଜଣାଯାଏ ଦଶମ ଶତାବ୍ଦୀଠାରୁ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧ ମଧ୍ୟରେ ଭାରତୀୟ ସଂଗୀତ ଧାରାରେ ଅନେକ ପରିବର୍ତ୍ତନ ଆସିଛି ଏବଂ ଦେଶ-ଦେଶାନ୍ତରୀ ଭେଦରେ ସୃଷ୍ଟି ହୋଇଛି ହିନ୍ଦୁସ୍ଥାନୀ, କର୍ଣ୍ଣାଟକୀ ଓ ଓଡ଼ିଶୀ ଆଦି ଉଚ୍ଚାଙ୍ଗ ସଂଗୀତର ଏକ ଏକ ସ୍ୱତନ୍ତ୍ର ଧାରା।

ଏହି ପରିବର୍ତ୍ତନ କ୍ରମରେ ସମ୍ପୂର୍ଣ୍ଣ ବିବର୍ଜିତ ହୋଇପଡ଼ିଛି ସଂଗୀତର ମୂର୍ଚ୍ଛନା ପଦ୍ଧତୀୟ ଗ୍ରହସ୍ୱର ବିଧି ଏବଂ ତାହା ସ୍ଥାନରେ ପ୍ରଚଳିତ ହୋଇଛି ଥାଟ, ମେଳ ପ୍ରଥା। ଏକ ସହଜ ବ୍ୟାବହାରିକ ଏବଂ ସର୍ବସମ୍ମତ ସାଙ୍ଗୀତିକ ସିଦ୍ଧାନ୍ତ ଅନୁସାରେ ଥାଟ, ମେଳକୁ ଭିତ୍ତିକରି ସୃଷ୍ଟି ହୋଇଛି ଶାସ୍ତ୍ରୀୟ ସଙ୍ଗୀତର ରାଗ ନିର୍ମାଣ ପଦ୍ଧତି। ସେହି ନିର୍ମାଣ ତତ୍ତ୍ୱ ଆଧାରରେ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଂଗୀତରେ ପ୍ରାଚୀନ ଓ ନୂତନ ଭାବେ ତିଆରି ହୋଇଛି ଶହଶହ ରାଗ। ଫଳରେ ଶାସ୍ତ୍ରୀୟ ରାଗସମୃଦ୍ଧ ଏହି ଦୁଇ ସଂଗୀତକୁ ସ୍ୱତନ୍ତ୍ର ଭାବେ ମିଳିଛି ଶାସ୍ତ୍ରୀୟ ସଂଗୀତର ମାନ୍ୟତା। ଅଥଚ ରାଗରାଗିଣୀ କ୍ଷେତ୍ରରେ ଏକ ସୁଦୀର୍ଘ ଓ ଗୌରବୋଜ୍ଜ୍ୱଳ ପରଂପରା ଥାଇ ବି ସେଥିରୁ ବଞ୍ଚିତ ହୋଇଛି ସମକାଳୀନ ଓ ସମସ୍ତରୀୟ ଓଡ଼ିଶୀ ସଂଗୀତ। ଏବେ ବି ଆମ ଗୀତ ଗନ୍ତାଘରେ ସାଇତା ହୋଇ ରହିଛି ଶହଶହ ସଂଖ୍ୟାର ରାଗରାଗିଣୀ ଓ ହଜାର ହଜାର ବର୍ଷର ସାଂଗୀତିକ ପରଂପରା।

ବିଶ୍ୱପ୍ରସିଦ୍ଧ ଉତ୍କଳୀୟ କବି ଶ୍ରୀଜୟଦେବଙ୍କ ରଚିତ ଅମର ଗୀତିକାବ୍ୟ ଶ୍ରୀଗୀତଗୋବିନ୍ଦ ଗ୍ରନ୍ଥରେ ନିର୍ଦ୍ଦେଶିତ (ମଙ୍ଗଳଗୁର୍ଜ୍ଜରୀ ଓ ଦେଶବରାଡ଼ି ଆଦି) ରାଗରାଗିଣୀ ଆମ ଗୌରବମୟ ଓଡ଼ିଶୀ (ଉଡ୍ର) ସଂଗୀତ ପରଂପରାର ଅମୂଲ୍ୟ ବିଭବ। ଏହାବ୍ୟତୀତ ବିଚିତ୍ର ଦେଶାକ୍ଷ, ନାଗବଲ୍ଲୀ, ଚକ୍ରକେଳି, ଆନନ୍ଦକେଦାର ଓ ମେଘପର୍ଣ୍ଣୀ ଆଦି ଅନେକ ରାଗ ଅଛି, ଯାହା ଉତ୍କଳୀୟ ସଂଗୀତ ପରଂପରାର ଏକାନ୍ତ ନିଜସ୍ୱ। ଏକଥା ସତ୍ୟ ଯେ ବିଗତ ଶତାବ୍ଦୀରେ ମୋଗଲ ଓ ଇଂରେଜ ଆଦି ବିଦେଶୀ ଶାସନଜନିତ ଅବହେଳା କାରଣରୁ ଓଡ଼ିଶୀ ସଂଗୀତର ବିକାଶ ପଥରେ ଉଭା ହୋଇଛି ନାନା ଅନ୍ତରାୟ। ଦେଶ ସ୍ୱାଧୀନ ହେଲାପରେ ବି ଓଡ଼ିଶୀ ସଂଗୀତ ଉପରେ ଯଥାଯଥ ଗବେଷଣା ହୋଇପାରିନି କି ସର୍ବଭାରତୀୟ ସ୍ତରରେ ସମୁଚିତଭାବେ ପ୍ରତିପାଦିତ ହୋଇପାରିନି ତା'ର ବିଭିନ୍ନ ରାଗରାଗିଣୀ ଓ ତାଳ, ମେଳ ଆଦିର ପ୍ରାଚୁର୍ଯ୍ୟ। ଏହି ବିଡ଼ମ୍ବନା ସତ୍ତ୍ୱେ କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ତଥା ଆନ୍ତର୍ଜାତିକ ସ୍ତରରେ ଓଡ଼ିଶୀ ସଂଗୀତକୁ ନେଇ ଅୟୋଜିତ ହେଉଛି ଉଚ୍ଚମାନର ସଂଗୀତ କାର୍ଯ୍ୟକ୍ରମ। ଏଥିରେ ଅଂଶ ଗ୍ରହଣ କରୁଥିବା ଓଡ଼ିଶୀ ସଂଗୀତ ଶିଳ୍ପୀଙ୍କ ଉପରେ ଅଜାଡ଼ି ହୋଇପଡୁଛି ଅଜସ୍ର ପ୍ରଶଂସା। ଅଥଚ ନିରନ୍ତର ପ୍ରୟାସ ସତ୍ତ୍ୱେ ଅଦ୍ୟାବଧି ଓଡ଼ିଶୀ ସଂଗୀତକୁ ମିଳପାରୁନି ଶାସ୍ତ୍ରୀୟ ସ୍ୱୀକୃତି।

୧୯୪୮ ମସିହାରେ କଟକ ଆକାଶବାଣୀ କେନ୍ଦ୍ର ସ୍ଥାପନ ହେବା ପରଠାରୁ ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟ ମାନ୍ୟତା ଦାବି କରି ଆରମ୍ଭ ହୋଇଛି ସଂଗ୍ରାମ। ବିଭିନ୍ନ ସମୟରେ ଏ ସଂଗ୍ରାମର ମଂଗ ଧରିଛନ୍ତି ଗୁରୁ ବାଳକୃଷ୍ଣ ଦାସ, ସିଂହାରୀ ଶ୍ୟାମସୁନ୍ଦର କର, ମାର୍କଣ୍ଡେୟ ମହାପାତ୍ର ଓ ଗୋପାଳକୃଷ୍ଣ ପଣ୍ଡା ପ୍ରମୁଖ ଅନେକ ଓଡ଼ଶୀ ସଂଗୀତ ବିଶାରଦ। ଏମାନଙ୍କ ନିରବଚ୍ଛିନ୍ନ ପ୍ରୟାସ ବଳରେ ଓଡ଼ିଶୀ ପାରଂପରିକ ଗାୟନ ପଦ୍ଧତି ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ଲାଭକରିଛି ସତ, ହେଲେ ମାନଦଣ୍ଡ ଆଧାରରେ ପ୍ରମାଣ କରିପାରିନି ଆପଣାର ଶାସ୍ତ୍ରୀୟତା। ଏହାର କାରଣ ନିରୂପଣ କରିବାକୁ ଯାଇ ଓଡ଼ିଶୀ ସଂଗୀତର ନିଜସ୍ୱ ଓ ସର୍ବସମ୍ମତ ବ୍ୟାକରଣର ଅଭାବ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ନିୟୋଜିତ ବିଚାରକମଣ୍ଡଳୀ। ଏହି ମର୍ମରେ ଉତ୍କଳ ସଂଗୀତ ମହାବିଦ୍ୟାଳୟ ତଥା ଓଡ଼ିଶୀ ଗବେଷଣା କେନ୍ଦ୍ରରେ ପ୍ରଚଳିତ ଓଡ଼ିଶୀ ସଂଗୀତ ପାଠ୍ୟକ୍ରମର ତ୍ରୁଟିବିଚ୍ୟୁତିକୁ ଚିହ୍ନଟ କରି ସାରିଛନ୍ତି ଅନେକ ଗବେଷକ। ସେମାନଙ୍କ ମତରେ ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ବିଭାଗରେ ଶିକ୍ଷା ଦିଆଯାଉଥିବା ରାଗରାଗିଣୀ ମଧ୍ୟରୁ ଅଳ୍ପ କେତୋଟିକୁ ବାଦ୍ ଦେଲେ ଅନ୍ୟ ସବୁଗୁଡ଼ିକ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ରାଗ ଉପରେ ପର୍ଯ୍ୟବସିତ। ଆମ ପାଇଁ ଏହା ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଓଡ଼ିଶାରେ ରହିଛି ଦେଶର ପ୍ରଥମ ସଂଗୀତ ମହାବିଦ୍ୟାଳୟ। ମାତ୍ର ଅତ୍ୟନ୍ତ ପରିତାପର ବିଷୟ ଯେ, ଓଡ଼ିଶୀ ସଂଗୀତର ପ୍ରାଣକେନ୍ଦ୍ର କୁହାଯାଉଥିବା ଏହି ସଂଗୀତ ମହାବିଦ୍ୟାଳୟରେ ଓଡ଼ିଶୀ ଶିକ୍ଷା ଦିଆଯାଉଛି ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ଶୈଳୀରେ। ସର୍ବଭାରତୀୟ ବିଦ୍ୱାନମାନଙ୍କ ମତରେ ଓଡ଼ିଶୀ ପାଠ୍ୟକ୍ରମରେ ଥିବା ଗାୟନ ଶୈଳୀ ପାରମ୍ପରିକ ଗୀତ ଦୃଷ୍ଟିରୁ ବେଶ୍ ସୁନ୍ଦର ହୋଇପାରେ, ମାତ୍ର ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଂଗୀତ ଭଳି ଏଥିରେ ରାଗରୂପର ସ୍ୱସ୍ଥାନ ନିୟମମତେ କ୍ରମ ଆଳାପ, ମେଳ ତଥା ସମୟୋପଯୋଗୀ ଉଚ୍ଚାଙ୍ଗ ସଂଗୀତର କଳାତ୍ମକ ବୈଚିତ୍ର୍ୟ ପ୍ରାୟତଃ ନାହିଁ କହିଲେ ଚଳେ। ଉପରୋକ୍ତ ଅଭିଯୋଗର ଯଥାର୍ଥତା ଉପଲବ୍ଧି କରି ଉତ୍କୃଷ୍ଟ ଗାୟନ ଶୈଳୀ ସହିତ ନିଜସ୍ୱ ରାଗ ଓ ସ୍ୱତନ୍ତ୍ର ମେଳ ଆଦିର ସ୍ୱାତନ୍ତ୍ର୍ୟ ପ୍ରମାଣ କରିବା ପାଇଁ ବିଗତ କେତେବର୍ଷ ଧରି ଓଡ଼ିଶୀ ସଂଗୀତ ବିଶାରଦଙ୍କ ପକ୍ଷରୁ ଜାରିରହିଛି ନିରନ୍ତର ପ୍ରୟାସ। ଏହାଦ୍ୱାରା ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟ ଯୁକ୍ତିକୁ ସୁଦୃଢ଼ ଓ ସୁସଂଗତ କରିବା ନିମନ୍ତେ ଏଥିରେ ପ୍ରୟୋଗ ହୋଇ ପାରିଛି ଓଡ଼ିଶୀ ଶୈଳୀ ଉପଯୋଗୀ ଛନ୍ଦଯୁକ୍ତ ପଦବିସ୍ତାର କ୍ରିୟା ତଥା ପ୍ରାଚୀନ ପଦାବଳୀଗୁଡ଼ିକର ଯଥାର୍ଥ ଓ ଯୁଗୋପଯୋଗୀ ସ୍ୱତନ୍ତ୍ର ମେଳ ପଦ୍ଧତି। ମାତ୍ର ଓଡ଼ିଶୀ ସଂଗୀତର ରାଗ ସଂଖ୍ୟାକୁ ନେଇ ବିଶାରଦଙ୍କ ଭିତରେ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଲାଗିରହିଛି ଅହଂର ଲଢେଇ। ଏହି ଲଢେଇ ଅନ୍ତରାଳରେ ଥାଇପାରେ ପ୍ରତିପକ୍ଷ ପାଖକୁ ସମ୍ଭାବ୍ୟ ଶ୍ରେୟ ଚାଲିଯିବାର ଆଶଙ୍କା। ସେ ଯାହା ହେଉନା କାହିଁକି ଏକ ବିଶାଳ ବୁନିଆଦି ଥାଇ ବି ଶାସ୍ତ୍ରୀୟ ମାନ୍ୟତା ନିମନ୍ତେ ବର୍ଷ ବର୍ଷ ଧରି କେନ୍ଦ୍ର ସଂସ୍କୃତି ବିଭାଗର ମୋହରକୁ ଅପେକ୍ଷା କରି ରହିଛି ଓଡ଼ିଶୀ ସଂଗୀତ।

ଆମେ ମନେରଖିବା ଦରକାର ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟ ସ୍ୱୀକୃତି ସମଗ୍ର ଓଡ଼ିଆ ଜାତି ପାଇଁ ଗୌରବର ବିଷୟ। ମାତ୍ର ସମ୍ମିଳିତ ଉଦ୍ୟମ ବିନା ଜାତୀୟ ସ୍ତରରେ ମିଳେନି କୌଣସି ଯୁଗାନ୍ତକାରୀ ସଫଳତା। ଏକଦା ଓଡ଼ିଶାରୁ ଓଡ଼ିଆ ଭାଷାର ଉଚ୍ଛେଦ ପାଇଁ ପ୍ରତିବେଶୀମାନେ ଯେଉଁ ଚକ୍ରାନ୍ତ କରିଥିଲେ ତାକୁ ପ୍ରତିହତ କରିବା ପାଇଁ ଭାଷାପ୍ରେମୀମାନଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା ସମ୍ମିଳିତ ଉଦ୍ୟମ। ସେମାନଙ୍କ ବୌଦ୍ଧିକ ଲଢେଇ ଯୋଗୁଁ ବଞ୍ଚିରହିଲା ଓଡ଼ିଆ ଭାଷା। ଭାଷା ବଞ୍ଚିଲା ବୋଲି ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଜାତିପ୍ରାଣମାନେ ଏକାଠି ହେଲେ ଉତ୍କଳ ସମ୍ମିଳନୀ ମଣ୍ଡପରେ। ବ୍ୟର୍ଥ ଗଲା ନାହିଁ ସେମାନଙ୍କ ଉଦ୍ୟମ। ପରବର୍ତ୍ତୀ ସମୟରେ ନିଜସ୍ୱ ବ୍ୟାକରଣ ଆଧାରରେ ଗବେଷଣାଲବ୍ଧ ନିଷ୍କର୍ଷର ଯଥାଯଥ ପ୍ରୟୋଗ ତଥା ବହୁ ନଥି, ପୋଥି ଓ ପ୍ରମାଣପତ୍ର ଉପସ୍ଥାପନ ପରେ ଓଡ଼ିଶୀ ନୃତ୍ୟ ଓ ଓଡ଼ିଆ ଭାଷାକୁ ମିଳିଲା ଶାସ୍ତ୍ରୀୟ ମାନ୍ୟତା। ଏହି କ୍ରମରେ ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟ ଯୁକ୍ତିକୁ ସୁଦୃଢ଼ ଓ ସୁସଂଗତ ଭାବେ ଉପସ୍ଥାପନ କରିବା ପାଇଁ ଆମ ପାଖରେ ଅଛି 'ଓଡ଼ଶୀ ରାଗ ପରିଚୟ', 'ଓଡ଼ିଶୀ ରାଗ ରତ୍ନାବଳୀ' ଓ 'ଓଡ଼ିଶୀ ରାଗ ଦର୍ପଣ' ଆଦି ବ୍ୟାକରଣ ପୁସ୍ତକ। ବିଶାରଦମାନେ ଏହାକୁ ସର୍ବସମ୍ମତ ବିଜ୍ଞାନ ଭାବରେ ଗ୍ରହଣ କରିନେଲେ ଶାସ୍ତ୍ରୀୟ ସ୍ୱୀକୃତି ପାଇବା ଦିଗରେ ଆଉ ରହନ୍ତାନି ବାଧା। ଚଳିତ ଦଶନ୍ଧିରେ ଆମ ଜାତୀୟ ଅସ୍ମିତାକୁ ପଲ୍ଲବିତ କରିସାରିଛି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା। ନିଷ୍ଠାର ସହ ଉଦ୍ୟମ କରାଗଲେ ଏହି ଦଶନ୍ଧିରେ ସେ ଅସ୍ମିତାକୁ ପୁଣି କୁସୁମିତ ଓ ସୁରଭିତ କରିବ ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟ ସ୍ୱୀକୃତି।

ବିଜୁପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୪୫୦୮୮

# ଶ୍ରାଦ୍ଧ: ଜୀବନ ପାଇଁ ଯଜ୍ଞ

ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ଶ୍ରାଦ୍ଧ ଶବ୍ଦଟି ଶ୍ରଦ୍ଧାରୁ ଆସିଛି। ଅର୍ଥ ଶ୍ରେୟକୁ ଧାରଣ କରିବା (ଶ୍ରୀ+ଅତ୍ = ଶ୍ରତ୍, ଶ୍ରତ୍+ଧା = ଶ୍ରଦ୍ଧା, ଶ୍ରଦ୍ଧା+ଅ = ଶ୍ରାଦ୍ଧ)। ଏହି ଶ୍ରଦ୍ଧା ଓ ବିଶ୍ୱାସ ପ୍ରକୃତି, ପରିବେଶ ଓ ପର୍ଯ୍ୟାବରଣ କାହାପ୍ରତି ମଧ୍ୟ ପ୍ରଯୁଜ୍ୟ ହୋଇପାରେ। ଏହା ଶ୍ରଦ୍ଧାର ବୃହତ୍ତର ଦର୍ଶନ। ଏହି ଦର୍ଶନ ହେଉଛି- 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ'ର। କିନ୍ତୁ ସମସ୍ତେ ସୁଖୀ ସେତେବେଳେ ହେବେ, ଯେତେବେଳେ ଆମେ ଶ୍ରଦ୍ଧାକୁ ଜୀବନର ଯଜ୍ଞ ଭାବେ ଗ୍ରହଣ କରିନେବା। ଏଥିପାଇଁ ପୂର୍ବପୁରୁଷଙ୍କ ଭାବନାକୁ ମଧ୍ୟ ସମ୍ମାନ କରିବା ଜରୁରୀ। ପିତୃପକ୍ଷ ଏପରି ଏକ ପର୍ବ ଯାହା ଆମର ସଂରକ୍ଷଣ କରୁଥିବା ପ୍ରତ୍ୟେକଙ୍କ ପ୍ରତି ଶ୍ରଦ୍ଧାଭାବ ସୃଷ୍ଟି କରେ। କିନ୍ତୁ ପରମ୍ପରା କ୍ରମଶଃ ସଙ୍କୁଚିତ ହେବା ଯୋଗୁ ଆମେ ଧରି ନେଇଛୁ କେବଳ ପୂର୍ବଜମାନେ ହିଁ ଶ୍ରଦ୍ଧାର ପାତ୍ର। ଶ୍ରଦ୍ଧା ଶବ୍ଦ ସଂସାର ପରି ବ୍ୟାପକ। ଯଦି ସଂସାର ପ୍ରତି ଶ୍ରଦ୍ଧା ନ ରହେ, ତା'ହେଲେ ଜୀବନ ପ୍ରତି କେମିତି ରହିବ। ଶ୍ରଦ୍ଧୟା ଦିୟତେ ଯତ୍ ତତ୍ ଶ୍ରାଦ୍ଧଃ, ଅର୍ଥାତ୍ ଶ୍ରଦ୍ଧାରେ ଯାହା ଦିଆଯାଏ ତାହା ଶ୍ରାଦ୍ଧ।

ବେଦରେ ଶ୍ରାଦ୍ଧ ବିଷୟରେ ଦେଢ଼ହଜାର ମନ୍ତ୍ର ରହିଛି। ପୁରାଣ, ସ୍ମୃତି ଏବଂ ଅନ୍ୟ ପ୍ରାଚୀନ ଗ୍ରନ୍ଥରେ ଶ୍ରଦ୍ଧାକୁ ଜନାଗତ କୁହାଯାଇଛି। ଏହା କନ୍ୟାର୍କଗତ ଶବ୍ଦର ଅପଭ୍ରଂଶ। ଏହାର ଅର୍ଥ ସୂର୍ଯ୍ୟ (ଅର୍କ) କନ୍ୟା ରାଶିକୁ ଯିବା। ପିତୃପକ୍ଷରେ ସୂର୍ଯ୍ୟ କନ୍ୟା ରାଶିରେ ଥାଆନ୍ତି। ଶ୍ରାଦ୍ଧରେ ପ୍ରକୃତିର ସଂରକ୍ଷଣ ଅଛି। ଅନ୍ୟ ପକ୍ଷୀମାନଙ୍କ ତୁଳନାରେ କାଉକୁ ନିମ୍ନ ମନେ କରାଯାଏ। କିନ୍ତୁ ପିତୃପକ୍ଷରେ ଦହିରେ ବୁଡ଼ାଇ ପୁରି ସର୍ବପ୍ରଥମେ କାଉ ଉଦ୍ଦେଶ୍ୟରେ ଦିଆଯାଏ। କାଉ ଏବଂ ଅଶ୍ୱତ୍ଥ ଗଛ ପିତୃପୁରୁଷଙ୍କ ପ୍ରତୀକ। ପିତୃପକ୍ଷର ୧୬ ଦିନରେ କାଉକୁ ଖାଦ୍ୟ ଏବଂ ଅଶ୍ୱତ୍ଥ ଗଛରେ ଜଳ ପ୍ରଦାନ କରାଯାଇ ପିତୃପୁରୁଷଙ୍କୁ ତୃପ୍ତ କରାଯାଏ। ଶ୍ରାଦ୍ଧ ପିତୃପୁରୁଷଙ୍କ ପ୍ରତି ଆମ ଶ୍ରଦ୍ଧାର ପ୍ରତୀକ। ଯଦି ଆମେ ପରଲୋକରେ ଥିବା ପୂର୍ବଜମାନଙ୍କ ପ୍ରତି ଏତେ ଶ୍ରଦ୍ଧା ବ୍ୟକ୍ତ କରୁଛୁ, ତା'ହେଲେ ଜୀବିତ ବୟସ୍କ ପିତାମାତା, ଜେଜେବାପା, ଜେଜେମାଆ, ଅଜା, ଆଈ ଆଦି ଆହୁରି ଅଧିକ ଶ୍ରଦ୍ଧାର ପାତ୍ର। ଜୀବିତାବସ୍ଥାରେ ସେମାନେ ଆମର ଶ୍ରଦ୍ଧାର ଅଭାବରେ ଯନ୍ତ୍ରଣା ପାଇବା ଏବଂ ମୃତ୍ୟୁ ପରେ ସେମାନଙ୍କ ପାଇଁ ଶ୍ରାଦ୍ଧ ଅର୍ପଣ କରିବାର କୌଣସି ଯଥାର୍ଥତା ନାହିଁ। ତେଣୁ ଶ୍ରଦ୍ଧା ସବୁ ବୟସ୍କଙ୍କ ପ୍ରତି ରହିବା ଆବଶ୍ୟକ, ସେ ଜୀବିତ ହୁଅନ୍ତୁ ବା ମୃତ।

ସାଧାରଣତଃ ଲୋକେ ଭାବନ୍ତି, ଆମେ ଜୀବନରେ କାହାର କ୍ଷତି କରିନୁ, ତେଣୁ ଆମର କ୍ଷତି କାହିଁକି ହେଉଛି? ଗ୍ରହମାନଙ୍କ ପ୍ରଭାବ ଅନୁକୂଳ, ରାଜଯୋଗ ରହିଛି, ତଥାପି ବ୍ୟକ୍ତି ଅଭିଶପ୍ତ ଜୀବନ କାହିଁକି ଜିଉଛି? ପ୍ରକୃତରେ କେବେକେବେ

### ମହାଳୟା ଉପଲକ୍ଷେ

ପୂର୍ବଜଙ୍କ କର୍ମଦୋଷ ବ୍ୟକ୍ତି ପାଇଁ ଅଭିଶାପ ହୋଇଯାଏ। ଆଉ କେତେକ ସ୍ଥାନରେ ବ୍ୟକ୍ତି ପ୍ରତ୍ୟକ୍ଷ ବା ପରୋକ୍ଷ ରୂପରେ ପୂର୍ବଜଙ୍କୁ କଷ୍ଟ ଦେଇ ଅଭିଶପ୍ତ ଜୀବନ ପାଇଁ ରାସ୍ତା ଖୋଲିଦିଏ। ଏହାକୁ ପିତୃଦୋଷ କୁହାଯାଏ। ତା'ହେଲେ ଆସନ୍ତୁ ଜାଣିବା ପିତୃଦୋଷ କେମିତି ଦୂର ହେବ। ଚନ୍ଦ୍ରମା ପୃଥିବୀକୁ ୨୭ଦିନ ୭ ଘଣ୍ଟା ୪୫ ମିନିଟ୍‌ରେ ପରିକ୍ରମା କରନ୍ତି। ଉଲ୍ଲେଖନୀୟ ଯେ, ଚନ୍ଦ୍ରମାର ଗୋଟିଏ ଅଂଶ ପୃଥିବୀ ଆଡ଼କୁ ରୁହେ, ଅନ୍ୟ ଅଂଶ ପୃଥିବୀ ଆଡ଼କୁ କେବେ ବି ଆସେ ନାହିଁ। ଚନ୍ଦ୍ରମାର ଏହି ଅଦୃଶ୍ୟ ଅନ୍ଧକାରମୟ ଅଂଶ ଯାହା ପୃଥିବୀ ଆଡ଼କୁ କେବେ ବି ଆସେ ନାହିଁ ତାହାକୁ ପିତୃଲୋକ କୁହାଯାଏ। ଚନ୍ଦ୍ରମାର ଭୌଗୋଳିକ ଏବଂ ଖଗୋଳୀୟ ସ୍ଥିତି ଆଧାରରେ ଏଠାରେ ଗୋଟିଏ ମାସ ଦିନ ଓ ରାତି ହୁଏ। ଏହାକୁ ଅହୋରାତ୍ର କୁହାଯାଏ।

ସୂର୍ଯ୍ୟସିଦ୍ଧାନ୍ତ ଗ୍ରନ୍ଥର ମାନ୍ୟତା ଅନୁଯାୟୀ ଯେତେବେଳେ ପୃଥିବୀରେ ଅମାବାସ୍ୟା ହୁଏ ସେତେବେଳେ ଚନ୍ଦ୍ରମାର ଅଦୃଶ୍ୟ ଅଂଶ ସୂର୍ଯ୍ୟଙ୍କ ଆଡ଼କୁ ଥିବାରୁ ପିତୃଲୋକରେ ମଧ୍ୟାହ୍ନ ହୁଏ। ସେମିତି ଯେତେବେଳେ ପୃଥିବୀରେ ପୂର୍ଣ୍ଣିମା ହୁଏ, ସେତେବେଳେ ଚନ୍ଦ୍ରମାର ଏହି ଅଂଶ ସୂର୍ଯ୍ୟଙ୍କଠାରୁ ଦୂରେଇ ଯାଉଥିବାରୁ ପିତୃଲୋକରେ ମଧ୍ୟରାତ୍ର ହୋଇଥାଏ। କୃଷ୍ଣପକ୍ଷ ଅଷ୍ଟମୀରେ ସୂର୍ଯ୍ୟୋଦୟ ଏବଂ ଶୁକ୍ଳପକ୍ଷ ଅଷ୍ଟମୀରେ ସୂର୍ଯ୍ୟାସ୍ତ ହୁଏ। ଶାସ୍ତ୍ର ଅନୁଯାୟୀ ପୃଥିବୀରେ ଅମାବାସ୍ୟା ସମୟରେ ପିତୃଲୋକରେ ମଧ୍ୟାହ୍ନ ହୁଏ, ଏହା ପୂର୍ବଜଙ୍କ ଭୋଜନର ସମୟ। ଜନ୍ମକୁଣ୍ଡଳୀରେ ଗ୍ରହସ୍ଥିତି ଆଧାରରେ ପିତୃଋଣ ବା ପିତୃଦୋଷ ସମ୍ପର୍କରେ ଜଣାପଡ଼େ। ଭାରତୀୟ ଜ୍ୟୋତିଷ ବିଜ୍ଞାନରେ ସୂର୍ଯ୍ୟ ପିତୃକାରକ ଏବଂ ଚନ୍ଦ୍ର ମାତୃକାରକ ଗ୍ରହ ଭାବରେ ସ୍ୱୀକୃତ। ପିତୃଦୋଷର ମୁଖ୍ୟ କାରକ ଏହି ଉଭୟ ଗ୍ରହ। ଏମାନେ ରାଶିଚକ୍ରରେ ରାହୁ ସହିତ ଥିଲେ କିମ୍ବା ରାହୁ ସହ ସୁସମ୍ପର୍କ ଥିଲେ ପିତୃଦୋଷ ବ୍ୟକ୍ତ କରେ। ସୂର୍ଯ୍ୟ ଓ ଶନି ଉପରେ ରାହୁର କୁପ୍ରଭାବ ବ୍ୟକ୍ତିକୁ ଭୀଷଣ କଷ୍ଟ ଓ ନାନା ଅବରୋଧର ସାମ୍ନା କରାଏ। ଚାତୁର୍ମାସ୍ୟ ବ୍ରତ ପାଳନ ଓ ମହାଳୟା ଶ୍ରାଦ୍ଧ ଦ୍ୱାରା ଏହି ଅବରୋଧ ଦୂର ହୁଏ।

ହରିଶୟନୀ ଏକାଦଶୀରୁ ଆରମ୍ଭ ହୋଇଥିବା ଶୃଙ୍ଖଳାର ଉତ୍ସବ ଶେଷ ହୁଏ ଦେବୋତ୍ଥାପନୀ ଏକାଦଶୀରେ। ଏହି ଚାରିମାସକୁ ନିଷ୍ଠା, ପବିତ୍ରତା, ସଂକଳ୍ପ ଓ ଭକ୍ତିର ଦିବ୍ୟ ମୁହୂର୍ତ୍ତ ଭାବେ ବିଚାର କରାଯାଏ। ଏହି ସମୟରେ ଚାଷବାସ କାମ ବନ୍ଦ ଥାଏ। ଏହି ପୂଜାରେ ସର୍ବପ୍ରଥମେ ଗଣେଶଙ୍କୁ ଆବାହନ କରାଯାଏ। ଏହି ଉତ୍ସବର ଦ୍ୱିତୀୟ ପର୍ବରେ ଗଣେଶ ପୂଜା ପଡ଼ିଥାଏ। ଗଣେଶଙ୍କ ପରେ ଯଜ୍ଞରେ ପିତୃପୁରୁଷଙ୍କୁ ଆବାହନ କରାଯାଏ। ଏହା ପରେ ପଡ଼ିଥାଏ ପିତୃପକ୍ଷ। ଯେଉଁମାନେ ପୂର୍ବଜଙ୍କୁ ସମ୍ପୂର୍ଣ୍ଣ ଶ୍ରଦ୍ଧାର ସହ ପବିତ୍ର ଓ ସମର୍ପିତ ହୃଦୟରେ ପିଣ୍ଡ ପ୍ରଦାନ କରିଥାନ୍ତି ବା ଶ୍ରାଦ୍ଧ, ତର୍ପଣ ଓ ଦାନଧର୍ମ କରିଥାନ୍ତି, ସେମାନଙ୍କ ସହିତ ପିତୃପୁରୁଷଙ୍କ ଆଶୀର୍ବାଦ ରହିଥାଏ।

ପାରାଦୀପ, ମୋ-୯୪୩୭୦୨୨୦୬୧

### ଏଇ ଭାରତରେ

କୃଷକ ଆତ୍ମହତ୍ୟା ଲାଗି ସବୁବେଳେ ଚର୍ଚ୍ଚାରେ ରହୁଥିବା ମହାରାଷ୍ଟ୍ରର ମରାଠାୱାଡା ଅଞ୍ଚଳରେ ମରୁଡ଼ି ପଡ଼େ, ଫସଲ ନଷ୍ଟ ହୁଏ। ଏହା ଯେତିକି ଚିନ୍ତାର କାରଣ ନୁହେଁ, କାମଦେବଙ୍କ କୋପ ଏବେ ବେଶି ସମସ୍ୟା ଆଣିଛି। ଜଣେ କୃଷକ ଘରର ପୁଅ ହେବା ସତେ ଯେମିତି ତାଙ୍କ ପାଇଁ ପାପ। କୃଷକ ବର ଓ ଘରକୁ କନ୍ୟା ମିଳୁନାହାନ୍ତି। ବାହା ହେବା ତାଙ୍କ ଲାଗି କାଠିକର ପାଠ। ଏହି ଅଞ୍ଚଳରେ ବାର୍ଷିକ ବିବାହ ହାର ବି କମିଯାଇଛି। ଔରଙ୍ଗାବାଦର ମରାଠାୱାଡାର ଘଟ୍‌ନାନ୍ଦ୍ର ଗାଁର ଘରେ ଘରେ ଅବିବାହିତ ପୁଅ। ପୁଅ ବାହାଘର ସମ୍ପର୍କରେ ବି ମା'ବାପା ମୁହଁ ଖୋଲୁନାହାନ୍ତି। ଯେଉଁମାନଙ୍କ ଘରେ ଏକାଧିକ ବିବାହଯୋଗ୍ୟ ପୁଅ ଅଛନ୍ତି, ସେମାନେ ଚାଷ କରିବେ କ'ଣ ପୁଅ ଲାଗି ଝିଅ ଖୋଜି ଖୋଜି ଦିନ ଯାଉଛି। ଏମିତିକି ପୁଅମାନେ ଭିନ୍ନକ୍ଷମ ଝିଅଙ୍କୁ ବାହା ହେବାକୁ ପଛାଉନାହାନ୍ତି। ଅନ୍ୟ ବୃତ୍ତିଧାରୀ ପରିବାର କୃଷକ ପରିବାରକୁ ଝିଅ ଦେଉନାହାନ୍ତି। କୃଷକ ପରିବାରର ଝିଅ ମଧ୍ୟ କୃଷକ ପରିବାର ବୋହୂ ହେବାକୁ ରାଜି ହେଉନାହାନ୍ତି। ଏମିତି ପରିସ୍ଥିତି ଉପୁଜିଛି ଯେ, ତେଜରାତି ଦୋକାନୀ କି ଅଟାକଳ ମାଲିକଙ୍କୁ ବାହାହେବାକୁ ଝିଅ ମିଳୁଛି, କିନ୍ତୁ କୃଷକ ପୁଅଙ୍କୁ ନୁହେଁ। ଗାଁରେ ପାଣି, ବିଦ୍ୟୁତ୍, ରାସ୍ତା, ରନ୍ଧନ ଗ୍ୟାସ ତଥା ମୋବାଇଲ ସଂଯୋଗରେ ଅବ୍ୟବସ୍ଥା ବି କୃଷକ ଘରର ପୁଅଙ୍କୁ କାଳ ହେଉଛି। ଏହି କାରଣରୁ ଘଟ୍‌ନାନ୍ଦ୍ର ଓ ଏହାର ଆଖପାଖ ଅଞ୍ଚଳର ଝିଅମାନେ ଗାଁରେ ଚାଷ କରୁଥିବା ପୁଅଙ୍କୁ ବାହାହେବାକୁ ରାଜି ହେଉନାହାନ୍ତି।

### ଚିରନ୍ତନୀ

ଆଶ୍ରୟହୀନ ସୀମାହୀନ ମହାମରୁ
ମଧ୍ୟେ କେବଳ ଉଭା ଏକ ବଟ ତରୁ
ଏକାକୀ ପଥିକ ବିଶ୍ରାମ ନେବା ଆଶେ
ବହୁ ଦୂର ପଥୁଁ ଆସିଲି ତାହାରି ପାଶେ।
ଦେଖିଲି ବୃଦ୍ଧା ଏକାକିନୀ ତରୁ ତଳେ
ଛିନ୍ନ ବସନ ନ ପାରେ ବେଢ଼ାଇ ଗଳେ,
ନିଭିଛି ଆଲୋକ ପଳିତ ନୟନ ପତା,
ନ ଚଳେ ଚରଣ ସକଳ ଅଙ୍ଗେ ବ୍ୟଥା।

(ଜୀବନର ସ୍ୱର୍ଶ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗାନ୍ଧୀଜୟନ୍ତୀର ଶପଥ

ମହାଶୟ,

ଭାରତକୁ ବେପାର କରିବାକୁ ଆସିଥିବା ଇଂରେଜମାନେ ଚକ୍ରାନ୍ତ କରି ଭାରତର ଶାସନକର୍ତ୍ତା ହୋଇ ଭାରତୀୟଙ୍କୁ କ୍ରୀତଦାସ ଭଳି ବ୍ୟବହାର କରିବାର ଦୃଶ୍ୟ ମହାତ୍ମା ଗାନ୍ଧୀ ସହିପାରିଲେ ନାହିଁ। ତାଙ୍କରି ଆହ୍ୱାନରେ ସର୍ଦ୍ଦାର ପଟେଲ, ଲାଲ, ବାଲ, ପାଲ, ସୁଭାଷ ବୋଷ ଓ ନେହେରୁଙ୍କ ସମେତ ଅନେକ ଦେଶପ୍ରେମୀ ସ୍ୱାଧୀନତା ସଂଗ୍ରାମରେ ଝାସଦେଲେ। ଇଂରେଜମାନଙ୍କ ପାଖରେ ସବୁପ୍ରକାର ମାରଣାସ୍ତ୍ର ମହଜୁଦ ଥିଲାବେଳେ ଗାନ୍ଧିଜୀ ଅହିଂସା ଅସ୍ତ୍ର ଓ ଅସହଯୋଗକୁ ପାଥେୟ କରି ଭାରତ ଛାଡ ଡାକରା ଦେଲେ। ଶେଷରେ ଇଂରେଜମାନେ ହାର ମାନି ନିଜ ଦେଶକୁ ଫେରିଗଲେ। ଭାରତ ସ୍ୱାଧୀନ ହେଲା ଓ ଭାରତରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହେଲା। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରତ୍ୟେକ ଭାରତୀୟ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ଅଖଣ୍ଡତା, ସାର୍ବଭୌମତା, ଧର୍ମ ନିରପେକ୍ଷତା ଓ ସ୍ୱାଧୀନତାକୁ ବଜାୟ ରଖିବାକୁ ବଜ୍ର ଶପଥ ନେଲେ ତାଙ୍କ ଜନ୍ମ ଦିବସରେ ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ।

ଭଗବାନ ଦାସ, 'ହରି ନିବାସ', ନାରାୟଣପୁର, କେନ୍ଦ୍ରାପଡ଼ା

### ଗଣଶିକ୍ଷା ମନ୍ତ୍ରୀଙ୍କ ବିଦ୍ୟାଳୟ ପରିଦର୍ଶନ

ଅଳ୍ପଦିନ ପୂର୍ବେ ଗଣଶିକ୍ଷା ମନ୍ତ୍ରୀ ଭୁବନେଶ୍ୱର ଉପକଣ୍ଠସ୍ଥ କେତେକ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକଙ୍କ ଅନୁପସ୍ଥିତି ନେଇ ବିରକ୍ତି ପ୍ରକାଶ କରିଥିଲେ। ଭୁବନେଶ୍ୱର ଆଖପାଖ ଅଞ୍ଚଳର ଅବସ୍ଥା ଯଦି ଏପରି ତେବେ ମାଲକାନଗିରି, କନ୍ଧମାଳ ଆଦି ଦୁର୍ଗମ ପାହାଡ଼ିଆ ଅଞ୍ଚଳ କଥା କ'ଣ କହିବା? ଏ ଅବସ୍ଥା ଦେଖି ଲୋକେ ନିଜ ପିଲାଙ୍କୁ ସରକାରୀ ବିଦ୍ୟାଳୟକୁ ନ ପଠାଇ ଘରୋଇ ଓ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ପଢ଼ାଉଛନ୍ତି।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

### ଅଟୋ ଶିଳ୍ପରେ ମାନ୍ଦାବସ୍ଥା

ଧରିତ୍ରୀ (୮।୯)ରେ ଭାରତରେ ପ୍ରଥମ ବର୍ଷାର୍ଦ୍ଧରେ ହାଲୁକା ଯାନ ଉତ୍ପାଦନ ଯଥେଷ୍ଟ ହ୍ରାସ ପାଇଥିବା ଖବର ପ୍ରକାଶ ପାଇଛି। ଏହି ଶିଳ୍ପରେ ମାନ୍ଦାବସ୍ଥା ଯୋଗୁ ମାରୁତି ସୁଜୁକି କମ୍ପାନୀର ପ୍ରାୟ ଲକ୍ଷାଧିକ କର୍ମଚାରୀ ଛଟେଇ ହୋଇଛନ୍ତି। ଯେଉଁ ଯାନ କମ୍ପାନୀମାନେ ସେମାନଙ୍କର ଉତ୍ପାଦିତ କାରଗୁଡ଼ିକ ବିକ୍ରୟ ପାଇଁ ଭାରତକୁ ଉତ୍ତମ ବଜାର ରୂପେ ଦେଖୁଥିଲେ ସେଥିରେ ଭଟ୍ଟା ପଡିଯାଇଛି। ଏବେ ପୁଣି ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଯୋଗୁ ଦେଶର ଅର୍ଥନୀତି ପ୍ରଭାବିତ। ତେଣୁ ଏଥିରେ ସୁଧାର ନ ଆସିବା ଯାଏ ମାନ୍ଦାବସ୍ଥା ଲାଗି ରହିବ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଡିଆଇପିଆର୍‌ଓଙ୍କ ବଦଳି ଦାବି

ଅନୁଗୋଳ ଅଫିସ, ୨୭।୯- ଅନୁଗୋଳ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ କୁମାର ସେଠୀଙ୍କ ବଦଳି ପାଇଁ ଅନୁଗୋଳ ଜିଲାର ଖବରଦାତାମାନେ ଶୁକ୍ରବାର ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜିଲାରେ କାର୍ଯ୍ୟରତ ଖବରଦାତାମାନଙ୍କୁ ଲୋକ ସମ୍ପର୍କ ଅଧିକାରୀ ବିଭିନ୍ନ ସମୟରେ ସରକାରୀ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରୁନାହାନ୍ତି। ଏପରି କି ପାତର ଅନ୍ତର କାରଣରୁ ଜିଲାରେ କାର୍ଯ୍ୟ କରୁଥିବା ବହୁ ଖବରଦାତା ରାଜ୍ୟ ସରକାରଙ୍କ ବୀମା ସେବା ପାଇବାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ସେହିପରି ଖବରଦାତାଙ୍କ ପେନ୍‌ସନ୍ ବ୍ୟବସ୍ଥା ଲାଗୁ ସହ ସୁରକ୍ଷା ପାଇଁ କଡ଼ା ଆଇନ କରିବାକୁ ଏଥିରେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଶୁଭ୍ରାଂଶୁ ପ୍ରଧାନ, ଅମତ ମୋଦି, ଦେବଦତ୍ତ ସାମଲ, ରଘୁନାଥ ସାହୁ, ଶୁଭ୍ରରଞ୍ଜନ ନାଥ, ରତ୍ନାକର ଭୋଇ, ସମରେଶ ନାଥ, ଲିଟୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଦଣ୍ଡଗୁରୁଙ୍କୁ ଉତ୍କଳ ସଂସ୍କୃତି ରତ୍ନ ସମ୍ମାନ



ବଆଁରପାଳ, ୨୭।୯ (ଡି.ଏନ୍.ଏ.)- ଅନୁଗୋଳ ଜିଲାର ଦଣ୍ଡଗୁରୁ ଯୋଗେନ୍ଦ୍ର ବିଶ୍ୱାଳଙ୍କୁ ଉତ୍କଳ ସଂସ୍କୃତି ରତ୍ନ ସମ୍ମାନ ୨୦୧୯ରେ ସମ୍ମାନିତ କରାଯାଇଛି। ଗତ ୨୫ ତାରିଖରେ ପୁରୀ ଠାରେ କୁମାର କବି ଫାଉଣ୍ଡେଶନ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉତ୍କଳୀୟ ଦଣ୍ଡନୃତ୍ୟର ସଂରକ୍ଷଣ ଓ ପ୍ରଚାର ପ୍ରସାରରେ ତାଙ୍କ ବହୁ ଭୂମିକା ରହିଛି। ଯୋଗେନ୍ଦ୍ରଙ୍କ ଘର କୁମୁରିସିଂହା ଅଞ୍ଚଳରେ। ସେ ବର୍ତ୍ତମାନ ଉତ୍କଳୀୟ ଦଣ୍ଡ ସମାଜ ମଙ୍ଗଳ ମହାସଂଘର ସାଂସ୍କୃତିକ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ତାଙ୍କୁ ସମ୍ମାନିତ କରାଯାଇଥିବାରୁ ଉତ୍କଳ ଦଣ୍ଡ ସଂସ୍କୃତି ମହାସଂଘ ସଭାପତି ହରମୋହନ ସାହୁ, ଉପସଭାପତି ଉପେନ୍ଦ୍ର ମହନ୍ତ, ବାମଦେବ ସେଠ, କ୍ଷୀରୋଦ ଦାସ, ହରିହର ଦେହୁରୀ, ସନାତନ ନାଏକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ବୋମା ଫୁଟି ଗାଈ ଗୁରୁତର

ବନ୍ତଲା, ୨୭।୯(ଡି.ଏନ.ଏ.)- ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ଅଧୀନରେ ଥିବା କଞ୍ଜା ଗ୍ରାମରେ ଶୁକ୍ରବାର କୌଣସି ଶିକାରୀ ବାର୍‌ହା ଶିକାର ପାଇଁ ଜଙ୍ଗଲ ନିକଟରେ ଏକ ବୋମା ରଖିଥିଲେ। ଗ୍ରାମର କିଶୋର ଗଡ଼ ନାଏକଙ୍କ ଏକ ଗାଈ ଉକ୍ତ ବୋମାକୁ ଖାଇଦେବାରୁ ତାହା ଫୁଟିଯାଇଥିଲା। ଏଥିରେ ଗାଈଟିର ମୁହଁରେ ଆଘାତ ଲାଗିଛି। ଏ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

■ଜଳସେଚନ ବ୍ୟବସ୍ଥା ସମୀକ୍ଷା କଲେ ମନ୍ତ୍ରୀ

# ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ

■ଡେରଜାଙ୍ଗ ପ୍ରକଳ୍ପ ବୁଲି ଦେଖିଲେ
■ହିଡିସିଙ୍ଗ ପ୍ରକଳ୍ପ ପାଇଁ ପଲ୍ଲିସଭା ସରିଛି
■ଶିଳ୍ପସଂସ୍ଥାଗୁଡ଼ିକ ଷ୍ଟୋରେଜ କରନ୍ତୁ

ଅନୁଗୋଳ ଅଫିସ, ୨୭।୯

ଅନୁଗୋଳ ଜିଲାରେ ଜଳସେଚନର ଅନେକ ସମ୍ଭାବନା ରହିଛି। ଏହି ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ସମସ୍ତେ ଏକ ଲକ୍ଷ୍ୟ ସ୍ଥିର କରିବା ସହ ସଙ୍କଳ୍ପବଦ୍ଧ ହୋଇ କାମ କରିବାକୁ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ପରାମର୍ଶ ଦେଇଛନ୍ତି। ଜିଲାରେ ଉପଲବ୍ଧ ଥିବା ବ୍ୟବସ୍ଥାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ୫ଟି ଆଧାରରେ ବୈଷୟିକ ଜ୍ଞାନର ଉପଯୋଗ କରି ଜଳସେଚନ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଅନୁଗୋଳ ଜିଲାକୁ ଗୁରୁବାରଠାରୁ ୨ ଦିନିଆ ଗସ୍ତରେ ଆସିଥିବା ମନ୍ତ୍ରୀ ଦାସ ଶୁକ୍ରବାର ସକାଳେ ଡେରଜାଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ବୁଲି ଦେଖିବା ସହ ବନ୍ଧର ଉଚ୍ଚତା ବୃଦ୍ଧି, ସୁରକ୍ଷା, ଜଳଧାରଣର କ୍ଷମତା ଓ ପର୍ଯ୍ୟଟନର ବିକାଶ ଉପରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ସର୍କିଟ ହାଉସଠାରେ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଓଡ଼ିଶା ଗ୍ରାମ୍ୟ ଗୃହ ଓ ଉନ୍ନୟନ ନିଗମର ଅଧ୍ୟକ୍ଷ ମୀନକେତନ ଅମାନ୍ତ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ଦୁର୍ଗାଚରଣ ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଦିନେଶ ପ୍ରଧାନ ପ୍ରମୁଖ ଯୋଗଦେଇ ନିଜ ନିଜ ଅଞ୍ଚଳରେ ସରକାରଙ୍କ ସର୍ବନିମ୍ନ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ଭାବେ ପଡ଼ି ରହିଥିବା ବିଭିନ୍ନ ଜଳସେଚନ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଡେରଜାଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପରୁ ବଆଁରପାଳ, ଅନୁଗୋଳ ଓ ତାଳଚେର ବ୍ଲକର ୯୯ ପ୍ରତିଶତ ଜମି ଖରିଫ ଋତୁରେ ଓ ରବି ଋତୁରେ ୭୫ ପ୍ରତିଶତ ଜମି ଜଳସେଚନ ହେଉଛି। ଏହି ପ୍ରକଳ୍ପରୁ ଅନୁଗୋଳ ସହରକୁ ପାନୀୟ ଜଳ ଯୋଗାଣ ହେଉଛି। ଆଉଁଳି ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଖରିଫ ଋତୁରେ ୧୭୪୬ ହେକ୍ଟର ଓ ରବି ଋତୁରେ ୮୦୯ ହେକ୍ଟର ଜଳସେଚନ କରାଯାଉଛି। ଏହି ଦୁଇ ପ୍ରକଳ୍ପରେ ୪ଟି ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ମାନଜୋର ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ଖରିଫ ଓ ରବି ଋତୁରେ ଶତ ପ୍ରତିଶତ ଜମି ଜଳସେଚନ କରାଯାଉଛି। ରେଙ୍ଗାଲି ଜଳସେଚନ ପ୍ରକଳ୍ପର ସମଲ ବ୍ୟାରେଜ ଦକ୍ଷିଣ କେନାଲ ଦ୍ୱାରା ୪୦୬ ହେକ୍ଟର ଓ ବାମ କେନାଲ ଦ୍ୱାରା ଅନୁଗୋଳ ସମେତ ଢେଙ୍କାନାଳ, କଟକ, ଯାଜପୁର ଓ କେନ୍ଦୁଝର ଜିଲାର ୧ ଲକ୍ଷ ୧୪ ହଜାର ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା କରାଯାଇଛି। ଧଉରାଗୋଠ ଜଳସେଚନ ପ୍ରକଳ୍ପ ଦ୍ୱାରା କିଶୋରନଗର ବ୍ଲକର ୨୨୩୦ ହେକ୍ଟର ଜମି ଜଳସେଚିତ ହେବ। ଏହି ପ୍ରକଳ୍ପ ଦ୍ୱାରା ୧୩୫ ପରିବାର ବିସ୍ଥାପିତ ହେବେ। ଜଙ୍ଗଲ ଜମି ଅନୁମତି ଏ ପର୍ଯ୍ୟନ୍ତ ଆସିନାହିଁ ଓ ୮ଟି ଗାଁ ମଧ୍ୟରୁ ୪ଟି ଗାଁରେ ପଲ୍ଲିସଭା ହୋଇଛି ବୋଲି ବୈଠକରେ ଆଲୋଚନା ହୋଇଥିଲା।



ମନ୍ତ୍ରୀ ଡେରଜାଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଏହାପରେ ମନ୍ତ୍ରୀ ତୁରନ୍ତ ପଲ୍ଲିସଭା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପଲ୍ଲିସଭା, ବିସ୍ଥାପିତ କଲୋନୀ ପାଇଁ ଜାଗା ଚିହ୍ନଟ ଓ ସେମାନଙ୍କ ଥଇଥାନ ଉପରେ ମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବନ୍ତଲା ଅଞ୍ଚଳରେ ପ୍ରସ୍ତାବିତ ହିଡିସିଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ସମ୍ପର୍କରେ ସ୍ଥାନୀୟ ଲୋକପ୍ରତିନିଧି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରକଳ୍ପ ପାଇଁ ପଲ୍ଲିସଭା ହୋଇସାରିଛି ବୋଲି ମନ୍ତ୍ରୀ କହିଥିଲେ। ବୈଠରେ ନୂଆଖେତାର କାଣିଘାଇ ଓ ରୁକୁଣା ମଧ୍ୟମ ଜଳସେଚନ ପ୍ରକଳ୍ପର କାର୍ଯ୍ୟକ୍ଷମ ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ଶିଳ୍ପ ସଂସ୍ଥାଗୁଡ଼ିକ ସେମାନଙ୍କ କାରଖାନା ପାଇଁ ବ୍ୟବହାର କରୁଥିବା ପାଣି ନିମନ୍ତେ ଷ୍ଟୋରେଜ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପରଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ଓ ଶିଳ୍ପ ସଂସ୍ଥା ଠାରୁ ସଂଗ୍ରହ ହେଉଥିବା ରାଜସ୍ୱ ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ମନୋଜ କୁମାର ମହାନ୍ତି ବିଭିନ୍ନ ଜଳସେଚନ ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଅନୁଗୋଳ ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସୁକାନ୍ତ କୁମାର ପ୍ରଧାନ, ବ୍ରାହ୍ମଣୀ ଅବବାହିକା ସମଲ ମୁଖ୍ୟଯନ୍ତ୍ରୀ ସୁଶାନ୍ତ କୁମାର ରଥ, ଅନୁଗୋଳ ଜଳସେଚନ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ଦୀପ୍ତି ରଞ୍ଜନ ପଣ୍ଡା, ରେଙ୍ଗାଲି ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନା, ସମଲ (ହେଡ ଅଫ୍ ୱାର୍କସ୍) ବିଶ୍ୱମୋହନ ବରାଳ, ଡେରଜାଙ୍ଗ ଜଳସେଚନ ପ୍ରକଳ୍ପର ଉପନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ନାୟକଙ୍କ ସମେତ ବିଭିନ୍ନ ଜଳସେଚନ ପ୍ରକଳ୍ପର କର୍ମକର୍ତ୍ତା ଓ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

## କୁକୁର ମୁହଁରୁ ଶିଶୁ ଉଦ୍ଧାର

ଅନୁଗୋଳ ଅଫିସ, ୨୭।୯

ଅଙ୍ଗନୱାଡି କେନ୍ଦ୍ରକୁ ପଢ଼ିବାକୁ ଯାଇଥିବା ଜଣେ ୭ ବର୍ଷର ଶିଶୁକୁ ଶୁକ୍ରବାର କୁକୁରପଲ ମୁହଁରୁ କେତେଜଣ ଲୋକ ଉଦ୍ଧାର କରିଛନ୍ତି। ଘଟଣା ଘଟିଛି ଅନୁଗୋଳ ସହର ଉପକଣ୍ଠ ଛେଲିଆପଡ଼ା ଅଞ୍ଚଳରେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଶିଶୁଟି ସୁସ୍ଥ ଥିବା ପରିବାର ପକ୍ଷରୁ କୁହାଯାଇଛି।

ଛେଲିଆପଡ଼ାର କେତେଜଣ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ନୀଳମଣି ନାଥଙ୍କ ୭ ବର୍ଷର ପୁଅ ଟିଣ୍ଟୁ ନାଥ ଗାଁ ଅଙ୍ଗନୱାଡି କେନ୍ଦ୍ରକୁ ପଢ଼ିବାକୁ ଯାଇଥିଲେ। ପୂର୍ବାହ୍ନ ୯ଟା ବେଳେ ସେ ପରିସ୍ରା ପାଇଁ ବାହାରକୁ ଆସିଥିବା ବେଳେ ଏକ କୁକୁରପଲ ତାଙ୍କୁ କାମୁଡ଼ି ଟାଣି ନେଉଥିଲେ। ଏହା ଦେଖି ଲୋକମାନେ ପାଟି କରିବା ସହ ଗୋଡ଼ାଇବାରୁ କୁକୁରପଲ ଟିଣ୍ଟୁଙ୍କୁ ଛାଡ଼ି ପଳାଇଯାଇଥିଲେ। ପଲରେ ଥିବା ୨ଟି କୁକୁର ଟିଣ୍ଟୁଙ୍କ ଅଣ୍ଟାକୁ କାମୁଡ଼ି ଘୋଷାରି ନେଇଥିବାରୁ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ଥିଲା। ସେଠାରେ ଆବଶ୍ୟକ ଚିକିତ୍ସା ପରେ ଡାକ୍ତର ଶିଶୁଟିକୁ ଘରକୁ ପଠାଇ ଦେଇଥିଲେ। ତେବେ ନିୟମିତ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନା ଆଣିବାକୁ ଡାକ୍ତର ପରାମର୍ଶ ଦେଇଥିବା ଟିଣ୍ଟୁଙ୍କ ବାପା ନୀଳମଣି ପ୍ରକାଶ କରିଛନ୍ତି। ଏହି ଘଟଣା ବେଳେ ଅଙ୍ଗନୱାଡିରେ ଦିଦି କି ପାଚିକା କେହି ନ ଥିବା ଟିଣ୍ଟୁ କହିଛନ୍ତି। ଏ ନେଇ ଅଙ୍ଗନୱାଡି ଦିଦି ଧରିତ୍ରୀ ନାଥ କହିଛନ୍ତି, ସ୍କୁଲରେ ମିଟିଂ ଥିବାରୁ ସେଠାକୁ ଯାଇଥିଲି। ଶିଶୁଟି ବାହାରକୁ ଆସିଥିବା ବେଳେ କୁକୁର କାମୁଡ଼ି ଦେଇଥିବା ନେଇ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିବା ଜାଣିବାକୁ ପାଇଥିଲି।

## ପୁରାତନ ଛାତ୍ରଙ୍କ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା



ଅନୁଗୋଳ ଅଫିସ, ୨୭।୯

ଅନୁଗୋଳ ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ଖେଳ ଶିକ୍ଷକ ବିଜୟ କୁମାର ପ୍ରଧାନଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରମାନେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହାପରେ ବିଦ୍ୟାଳୟ ସମ୍ମୁଖରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ପ୍ରଧାନ ଗତ ମେ ମାସରେ ଚାକିରି ଜୀବନରୁ ଅବସର ନେଇଥିଲେ। ସେ ଜଣେ ଛାତ୍ର ବତ୍ସଳ ଓ ସ୍ୱାଭିମାନୀ ବ୍ୟକ୍ତି ଥିଲେ। ପୁରାତନ ଛାତ୍ର ଆଶିଷ କୁମାର ସାହୁ, ସାଗର ସାହୁ, ମହମ୍ମଦ କାଦିର, ସମୀର କର, ସତ୍ୟରଞ୍ଜନ ପତିଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଛାତ୍ର କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ଥିଲେ।

## ମାତୃ କର୍ମଶାଳା

ବଇଣ୍ଡା, ୨୭।୯(ଡି.ଏନ.ଏ.)

ଶିଶୁଟିଏ ଜନ୍ମ ହେବା ପରଠାରୁ ବଡ଼ ହେବା ପର୍ଯ୍ୟନ୍ତ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପରିବାର ମଧ୍ୟରେ ସମସ୍ତ ବ୍ୟବହାର ହିଁ ଶିଶୁ ଅନୁସରଣ କରିଥାଏ। ତେଣୁ ସଂସ୍କାରମୂଳକ ଶିକ୍ଷା ଦେବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ଶୁକ୍ରବାର ଆଠମଲ୍ଲିକ ବ୍ଲକ ପାଇକସାହି ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକାର ଅନୁଷ୍ଠିତ ମାତୃ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ମୁକୁଳ ମଞ୍ଜରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଶିଶୁ ବାଟିକାର ଶଙ୍କୁଳ ପ୍ରମୁଖ ଅନ୍ନପୂର୍ଣ୍ଣା ରାଉତ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ରବିନାରାୟଣ ସାହୁ, ସଞ୍ଜୟ ବେହେରା, ବୀରେନ କୁମାର ପ୍ରଧାନ, ଦୀପକ ପ୍ରଧାନ, ଅବନ୍ତି ପ୍ରଧାନ, ସୁମିତ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୩୯ ଜଣ ମା' ଅଂଶଗ୍ରହଣ କରିଥିଲେ। ଶେଷରେ ମାନସିକ ଦକ୍ଷତା, ଭାଷା ଲିଖନ, ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ପରିବେଶ ସଫା ରଖିବାକୁ ପରାମର୍ଶ



ଅନୁଗୋଳ ଅଫିସ, ୨୭।୯

ଅନୁଗୋଳ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଶୁକ୍ରବାର ଏକ ଶୋଭାଯାତ୍ରା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ହୋଇଥିଲା। ଜିଲା କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିବା ସହ ନିଜ ପରିବେଶ ତଥା ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ସଫାସୁତରା ରଖିବାକୁ ପରାମର୍ଶ ଦେଇଥିଲେ। ଅନୁଗୋଳ ସହର ପରିକ୍ରମା କରି ଏହି ଶୋଭାଯାତ୍ରା ଶୈଳଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାଏ ଏହାର ଆୟୋଜନ କରିଥିବାବେଳେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର ଡିପିଓ ପ୍ରଦୋଶ କୁମାର ଶତପଥୀ, ସତ୍ୟ ନାରାୟଣ ସିଂସାମନ୍ତଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗଦେଇଥିଲେ।

## ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜାସଂଘର ଧାରଣା

ତାଳଚେର, ୨୭।୯(ନି.ପ୍ର.)

ତାଳଚେର ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଶୁକ୍ରବାର ୫ ଦଫା ଦାବି ନେଇ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ତାଳଚେର ଅଞ୍ଚଳରେ କୋଇଲା ଖଣି, କାରଖାନା ଯୋଗୁ ପ୍ରଦୂଷଣ ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନାନପ୍ରକାର ଶ୍ୱାସ ଜନିତ ରୋଗ, କ୍ୟାନସର ଓ ଚର୍ମ ରୋଗରେ ଆକ୍ରାନ୍ତ। ରାଜ୍ୟ ଓ କେନ୍ଦ୍ର ସରକାର ବାର୍ଷିକ ହଜାର ହଜାର କୋଟି ଟଙ୍କା ରାଜସ୍ୱ ପାଉଥିବା ବେଳେ ଏଠିକାର ଜନସାଧାରଙ୍କ ଜୀବନ ଦୁର୍ବିସହ ହୋଇ ପଡିଲାଣି। ତାଳଚେରରୁ ଦୈନିକ ଶହେ ଟ୍ରେନ କୋଇଲା ପରିବହନ ହେଉଛି। ଟ୍ରେନ୍ ଗୁଡିକରେ ପାଲ ଭିଡା ନ ଯିବା ଦ୍ୱାରା ପ୍ରଦୂଷଣ ବଢୁଛି। ସେହିପରି ଏଠାରେ ନିୟୋଜିତ ବିଭିନ୍ନ ଘରୋଇ କମ୍ପାନୀରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆ ନ ଯାଇ ବାହାର ଲୋକଙ୍କୁ ଦିଆଯାଉଛି। ଫଳରେ ବେକାର ସମସ୍ୟା ବଢିବାରେ ଲାଗିଛି। ତେଣୁ ନିୟମ ମୁତାବକ ସ୍ଥାନୀୟ ଅଞ୍ଚଳର ୯୦ ପ୍ରତିଶତ ଲୋକଙ୍କୁ ନିଯୁକ୍ତି ଦେବା, ସମସ୍ତ କୋଇଲା ବୋଝେଇ ଟ୍ରେନରେ ପାଲ ଭିଡିବା, କୋଇଲା ଖନନ ଦ୍ୱାରା ସୃଷ୍ଟ କୃତ୍ରିମ ପାହାଡ, ପୋଖରୀକୁ ସମତୁଲ କରି କ୍ଷତିଗ୍ରସ୍ତଙ୍କୁ ଫେରାଇ ଦେବା, ତାଳଚେରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବାର୍ଷିକ ୫ଶହ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ, ତାଳଚେରରେ କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକଙ୍କୁ କୋଲ୍ ଇଣ୍ଡିଆ ଦ୍ୱାରା ନିର୍ଦ୍ଧାରିତ ଦରମା ପ୍ରଦାନ ଓ ସେମାନଙ୍କ ସିଏମ୍‌ପିଏଫ୍ କଟାଯିବାକୁ ସଂଘ ଦାବି କରିଛି। ସଂଘ ସଭାପତି ଇଂ ମନୋଜ ପ୍ରଧାନ, ସମ୍ପାଦକ ବିଭୂତି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସହକାରୀ ଜିଲାପାଳ ଗୌରୀ ନାଏକଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।



ତାଳଚେର ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଧାରଣା ଦିଆଯାଇଛି।

## ରାଜ୍ୟ ସରକାରଙ୍କ ଉପରେ ଗର୍ଜିଲା ଭାଜପା

ବଇଣ୍ଡା/ ଛେଣ୍ଡିପଦା/ କଣିହାଁ/ ଆଠମଲ୍ଲିକ/ ତାଳଚେର ୨୭।୯(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ହଡପ୍ କରିଥିବା ଅଭିଯୋଗରେ ଶୁକ୍ରବାର କିଶୋରନଗର ଭାଜପା ପକ୍ଷରୁ କିଶୋରନଗର ବ୍ଲକ ଘେରାଉ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରତ୍ନାକର ପ୍ରଧାନ ଓ ଅଖିଳ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଖଣ୍ଡହତା ଗ୍ରାମରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ପରେ ସେଠାରେ ଅଜିତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେଉଥିବା ଘରକୁ ରାଜ୍ୟ ସରକାର ବିଜୁ ପକ୍କା ଘର ଯୋଜନାରେ ହେଉଥିବା କହିବା ସହ କୋଠାଥିଲା ବାଲାଙ୍କୁ ଘର ଯୋଗାଇ ଦେଉଥିବା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳଧର ସାହୁ, ସତ୍ୟନାରାୟଣ ପ୍ରଧାନ, ଯଶୋବନ୍ତ ସାହୁ, ରବି ପାତ୍ର, ଜିଲା ପରିଷଦ ସଦସ୍ୟ ଅର୍ଜୁନ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ। ପରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କିଶୋରନଗର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

ସେହିପରି ଛେଣ୍ଡିପଦା ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା। ଭାଜପା ଜିଲା ସମ୍ପାଦକ ଚୌଧୁରୀ ପ୍ରଧାନ, ଗୋବିନ୍ଦ ନାଏକ, ମନୋରଞ୍ଜନ ଆଚାର୍ଯ୍ୟ, ଇନ୍ଦ୍ରମଣି ସାହୁ, ସରପଞ୍ଚ ସୁଧାକର ବେହେରା, ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ, ମିନକେତନ ସାହୁ, ଉମେଶ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ। କଣିହାଁ ବ୍ଲକ ଭାଜପା ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ନେତା ଅଶୋକ ମହାନ୍ତି, ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଜିଲା ପରିଷଦ ସଦସ୍ୟା ବସନ୍ତମଞ୍ଜରୀ ପ୍ରଧାନ, ଅଳକା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ। ଆଠମଲ୍ଲିକ ଭାଜପା ପକ୍ଷରୁ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭବାନୀ ପ୍ରସାଦ ଜ୍ୟୋତିଷ ରାୟଙ୍କ ସମେତ ଜିଲା ସଭାପତି ପ୍ରଧାନ, ଭାଜପା ଯୁବନେତା ପରେଶ ଚନ୍ଦ୍ର ଦେଓ, ମଣ୍ଡଳ ସଭାପତି ଅବନି ପ୍ରଧାନ, ବିପିନ ମହାପାତ୍ର, ଅର୍ଜୁନ ରାଉଳ, ସୁଶାନ୍ତ ପ୍ରଧାନ, ଦିପୁନ ମହାପାତ୍ର, ସୁରେଶ ଚନ୍ଦ୍ର ନାଗ, ଲକ୍ଷ୍ମଣ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ତାଳଚେର ଭାଜପା ପକ୍ଷରୁ ବ୍ଲକ ଏବଂ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଯାଇଥିଲା। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଉପାଧ୍ୟକ୍ଷା ସୁବର୍ଣ୍ଣ ସାହୁ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଉପସଭାପତି ପେସ୍କାର ଗଡ଼ନାୟକ, ବ୍ରାହ୍ମଣୀ ମଣ୍ଡଳ ସଭାପତି ଚୈତନ୍ୟ ପ୍ରଧାନ, ମିଡିଆସେଲ ପ୍ରଭାରୀ ପର୍ଶୁରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



କିଶୋରନଗର ବ୍ଲକ ସମ୍ମୁଖରେ ଭାଜପାର ବିକ୍ଷୋଭ।

## ସଂକ୍ଷେପରେ

### ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ପାଟପୁର,୨୭।୯(ଡି.ଏନ.ଏ.) ସାନଖେମୁଣ୍ଡି ବ୍ଲକ ଏସ୍. ଗୋପାଳପୁର ପଞ୍ଚାୟତ ଗୁଡିଆପାଟଣା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବଜ୍ରାପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ କୃଷ୍ଣ ଗୌଡ । କୃଷ୍ଣ ଗାଁ ନିକଟ ଚାଷ ଜମିରେ କାମ କରୁଥିବା ବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ସେ ଚେତାଶୂନ୍ୟ ହୋଇପଡ଼ିବାରୁ ନିକଟ ଜମିରେ ଥିବା ଚାଷୀମାନେ ତାଙ୍କୁ ଉଦ୍ଧାର କରି ଶେରଗଡ ଡାକ୍ତରଖାନା ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପାଟପୁର ପୋଲିସ ମୃତଦେହ ଜବତ କରିଥିଲା।

### ୧୧୧ ବୋତଲ କଫ୍ ସିରପ୍ ଜବତ, ଜଣେ ଗିରଫ

ନୂଆପଡା ଅଫିସ,୨୭।୯: ନୂଆପଡା ପୋଲିସ ଶୁକ୍ରବାର ସ୍ଥାନୀୟ ମନ୍ଦିର ପଡାରେ ଚଢାଉ କରି ଦେବେନ୍ଦ୍ର କୁମାର ସାହୁ (୪୦) ନାମକ ଜଣେ ବ୍ୟକ୍ତିଙ୍କ ଘରୁ ୧୧୧ ବୋତଲ କଫ୍ ସିରପ୍ ଜବତ କରି ତାଙ୍କୁ ଗିରଫ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୦୪/୧୯) ରୁଜୁ କରି କୋର୍ଟ ଚାଲାଣ କରିଛି। ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଚଢାଉ କରଥିଲା।

# ପୋଲିସ-ଅପରାଧୀ ମୁହାଁମୁହିଁ

ବ୍ରଜରାଜନଗର, ୨୭।୯ (ଡି.ଏନ୍.ଏ.)


ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ ମହାନ୍ତି, ଏସ୍‌ଡିପିଓ ଏନ୍.ସି. ଦଣ୍ଡସେନା ଓ ଆଇଆଇସି ବିଶ୍ୱାମିତ୍ର ହରିପାଲ ଜବତ ମାରଣାସ୍ତ୍ର ଦେଖାଉଛନ୍ତି।

■ ସୋନୁ ଘୋଷଙ୍କ ୩ ସହଯୋଗୀ ଗିରଫ
■ ପିସ୍ତଲ, ଗୁଳି,ଭୁଜାଲି ଜବତ

ଗୁରୁବାର ରାତିରେ ବ୍ରଜରାଜନଗର ଥାନା ଅନ୍ତର୍ଗତ ହିଲ୍‌ଟପ୍ କଲୋନୀ ରାବଣପୋଡ଼ି ପଡ଼ିଆରେ ପୋଲିସ-ଅପରାଧୀ ମୁହାଁମୁହିଁ ହୋଇଛନ୍ତି। ଏହି ଘଟଣାରେ ପୋଲିସ ଜଣାଶୁଣା ଅପରାଧୀ ସୋନୁ ଘୋଷଙ୍କ ୩ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ରାମପୁରର ଗୁଡ୍ଡୁ ସିଂ (୩୩),ଶ୍ୟାମ ସାହିସ (୨୩) ଓ ତେଲେନପାଲି ବର୍ତ୍ତଲପଡାର ଟିଆଁ ସାଗର (୨୪), ଅନ୍ୟ ୪ ଜଣ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ପୋଲିସ ଦେଶୀ ପିସ୍ତଲ, ଗୁଳି, ଭୁଜାଲି ସହ ମୋବାଇଲ ଫୋନ୍ ଜବତ କରିଛି। ଫେରାର ଯୁବକମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ବ୍ରଜରାଜନଗର ଥାନାରେ ଶୁକ୍ରବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି କହିଛନ୍ତି। ବ୍ରଜରାଜନଗର ଥାନା ପୋଲିସ ଏକ ମାମଲା( ନଂ. ୨୧୩/୧୯) ରୁଜୁ କରି ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗୁରୁବାର ରାତ୍ରି ସାଢ଼େ ୨ଟାରେ ୭ଜଣ ଯୁବକ ହିଲ୍‌ଟପ୍ କଲୋନୀ ରାବଣପୋଡି ପଡ଼ିଆରେ ଏକତ୍ରିତ ହୋଇଥିଲେ। ସେମାନେ କୌଣସି ଅପରାଧ ପାଇଁ ସେଠାରେ ବସି ଯୋଜନା ପ୍ରସ୍ତୁତ କରୁଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେମାନଙ୍କୁ ଧରିବା ପାଇଁ ସେଠାରେ ଚଢ଼ାଉ କରିଥିଲା। ହେଲେ ପୋଲିସକୁ ଦେଖି ସେମାନେ ପ୍ରଥମେ ଗୁଳି ଚଳାଇଥିଲେ। ପୋଲିସ ସେମାନଙ୍କୁ କାବୁ କରିବା ପାଇଁ ପଡ଼ିଆର ଚାରି ଦିଗକୁ ଘେରିଯାଇଥିଲା। ଏହାପରେ ବି ୪ଜଣ ଫେରାର ହୋଇଯିବାକୁ ସଫଳ ହୋଇଥିଲେ। ୩ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ୬ରୁ ୮ ଲେଖାଏଁ ଅପରାଧିକ ମାମଲା ରହିଥିବା ଏସ୍‌ପି କହିଛନ୍ତି। ଏହି ଚଢ଼ାଉରେ ଏସ୍‌ଆଇ ପି.କେ. ସ୍ୱାଇଁ, ଆର. ଭୋଇଁସା ଓ ୟୁ. ଖମାରି ସାମିଲ ଥିଲେ।

# ରାଜସ୍ୱ ମନ୍ତ୍ରୀଙ୍କ ଅଚାନକ ଗସ୍ତ

ଭୁବନେଶ୍ୱର,୨୭।୯(ବ୍ୟୁରୋ):

ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଶୁକ୍ରବାର ଯାଜପୁର ଜିଲାର ରସୁଲପୁର ଓ ଧର୍ମଶାଳା ତହସିଲ୍ ଅଫିସକୁ ଅଚାନକ ଗସ୍ତ କରିଥିଲେ। ସେଠାରେ ମନ୍ତ୍ରୀ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରି ମନ୍ତ୍ରୀ ମାର୍ଣ୍ଡି ବିଭିନ୍ନ ଯୋଜନା ଅନ୍ତର୍ଗତ ନିର୍ବିରୋଧ ଦାଖଲଖାରଜ ମାମଲା ଫଇସଲା, ବିବିଧ ପ୍ରମାଣପତ୍ର ପ୍ରଦାନ, ବସୁନ୍ଧରା ଯୋଜନା ଅନ୍ତର୍ଗତ ବାସଯୋଗ୍ୟ ଜମିପଟ୍ଟା ବଣ୍ଟନ, ସରକାରୀ ଜମିର ସୁରକ୍ଷା ଓ ସମସ୍ତ ଯୋଜନା କାର୍ଯ୍ୟକାରିତାରେ '୫-ଟି'ର ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ତହସିଲଦାର ତଥା ଅନ୍ୟ କର୍ମଚାରୀମାନଙ୍କୁ ଆନ୍ତରିକତା ଓ ସାଧୁତାର ସହ କାର୍ଯ୍ୟ ସମ୍ପାଦନପୂର୍ବକ ସମୟସୀମା ମଧ୍ୟରେ ନାଗରିକମାନଙ୍କୁ ବିଭିନ୍ନ ସେବା ଯୋଗାଇଦେବା ପାଇଁ ପରାମର୍ଶ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋଡ଼ାମଢ଼ିଟାଏ ଘରେ ନାହିଁ**
**ଦାଣ୍ଡେ ଟହଲଇ ପାନ ଖାଇ**
**ପାଟିଲା ଗାମୁଛା କାନ୍ଧେ ପକାଇ ।**

ଘରର ଆର୍ଥିକସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ବେଶ ପରିପାଟୀ ହୋଇ ଚିକ୍କଣ କଥା କହି ନିଜର ବଡ଼ଲୋକୀ ବା ବଡ଼ପଣିଆ ଜାହିର କରିଥାନ୍ତି। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡମ୍ବର ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପହିଲେ ଆଦର ପଳ ଷାଠିଏ**
**ଦୋସରି ଆଦର ପଳ ତିରିଶି**
**ଦିନକୁ ଦିନ ଆଦର ଟୁଟେ**
**ପଛକୁ ରହେ ଅଧ କରିଶି ।**


ପଳ ଓ କରିଶି ପୁରୁଣା ଓଜନ ଏକକ। ନୂଆ ନୂଆ ବାହା ହୋଇଥିବା ବେଳେ ସ୍ୱାମୀ ଓ ସ୍ତ୍ରୀର ପରସ୍ପର ପ୍ରତି ଯେତିକି ସ୍ନେହ ଆଦରଭାବ ରହିଥାଏ, ଦେହଘଷା ବା ପୁରୁଣା ହୋଇଗଲେ ତାହା କ୍ରମେ ହ୍ରାସ ପାଇଯାଏ। ଦୈହିକ ପ୍ରେମ ପରିବର୍ତ୍ତେ ସାତ୍ତ୍ୱିକ, ନୈସର୍ଗିକ ପ୍ରେମରେ ସ୍ନେହ, ଶ୍ରଦ୍ଧା ବୃଦ୍ଧି ହୁଏ । ସମୟ ବଢ଼ିବା ସହିତ ଆଦର ପରିମାଣ ହ୍ରାସ ପାଇବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବୌଦ୍ଧକୁ ସମ୍ବଲପୁର ଆରଡିସିରେ ସାମିଲ ଆନ୍ଦୋଳନ ତେଜିଲା

ବୌଦ୍ଧ,୨୭।୯(ସ୍ୱ.ପ୍ର)

ବୌଦ୍ଧ ଜିଲାକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ ପାଇଁ ଦୀର୍ଘ ଦିନରୁ ବୌଦ୍ଧ ଜିଲାବାସୀ ଦାବି କରିଆସୁଥିବାବେଳେ ସରକାର ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଫଳରେ ଏହାର ପ୍ରତିବାଦରେ ଜିଲା ଓକିଲ ସଂଘ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି । ଶୁକ୍ରବାର ଜିଲା ଓକିଲ ସଂଘ ସଭାପତି ତାରେଣି କୁମାର ମହାପାତ୍ର ଓ ସମ୍ପାଦକ ଅଶୋକ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲା ଓକିଲ ସଂଘ, ସିଭିଲ ଆଣ୍ଡ କ୍ରିମିନାଲ ଓକିଲ ସଂଘ, କଣ୍ଟାମାଳ ଓକିଲ ସଂଘ ଓ ହରଭଙ୍ଗା ଓକିଲ ସଂଘର ସମସ୍ତ ଆଇନଜୀବୀ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ୍‌କୁ ଯାଇଥିଲେ। ସେଠାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ନୂତନ କୋର୍ଟରେ ଥିବା ଓକିଲ ସଂଘ ପରିସରରେ ଏକ ଖବରଦାତା ସମ୍ମିଳନୀ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ରାଜ୍ୟ ସରକାର ବୌଦ୍ଧ ଜିଲାବାସୀଙ୍କ ନ୍ୟାଯ୍ୟ ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ବୌଦ୍ଧ ଜିଲାକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ କରିବାକୁ ଦାବି କରାଯାଇଥିଲା । ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଭାପତି ମହାପାତ୍ର ପ୍ରକାଶ କରିଛନ୍ତି । ସମ୍ମିଳନୀରେ ଉପସଭାପତି ଅଶୋକ କୁମାର ସାହୁଙ୍କ ସମେତ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ଥିଲେ ।


ଆଇନଜୀବୀମାନେ ଦାବିପତ୍ର ଦେବାକୁ ଜିଲାପାଳଙ୍କ ଅଫିସ୍‌କୁ ଆସିଛନ୍ତି।

## ଜୁନାଗଡ଼ ବଳାତ୍କାର ଘଟଣା

# ଲିଫ୍ଟ ଦେଇଥିବା ଯୁବକ ଶାସକ ଦଳ ନେତାଙ୍କ ଡ୍ରାଇଭର: ଭାଜପା

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି। ଗତ ୪ ଦିନ ତଳେ କଳାହାଣ୍ଡି ଜିଲା ଜୁନାଗଡ଼ର ଏକ ଜଙ୍ଗଲରେ ଜଣେ କଲେଜ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି, ମାତ୍ର ଯିଏ ମୁଖ୍ୟ ଅଭିଯୁକ୍ତ ତାଙ୍କୁ ଛାଡ଼ି ଦିଆଯାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ଲଳିତେନ୍ଦୁ ଶବର ଯିଏ ପୀଡିତାଙ୍କୁ ଲିଫ୍ଟ ଦେଇଥିଲେ ସେ ମୁଖ୍ୟ ଅଭିଯୁକ୍ତ ବୋଲି ସୋସିଆଲ ମିଡିଆରେ ପୀଡ଼ିତା କହିଛନ୍ତି। ଲଳିତେନ୍ଦୁ କଳାହାଣ୍ଡି ଜିଲା ବିଜେଡି ନେତାଙ୍କ ବସ୍ ଡ୍ରାଇଭର ବୋଲି ସେ କହିଛନ୍ତି। ଜଣେ ବିଜେଡି ନେତାଙ୍କ ଡ୍ରାଇଭର ହୋଇଥିବାରୁ ଲଳିତେନ୍ଦୁଙ୍କୁ ଖସାଇବା ପାଇଁ ଉଦ୍ୟମ କରାଯାଉଥିବା ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

### ଅଯଥା ରାଜନୀତି ନ ହେଉ: ମନ୍ତ୍ରୀ

ମାତ୍ର ଭାଜପା ଅଭିଯୋଗକୁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଖଣ୍ଡନ କରିଛନ୍ତି। ଦିବ୍ୟଶଙ୍କର କହିଛନ୍ତି ଯେ, ଗତ କିଛିଦିନ ହେବ ପୋଲିସର କାର୍ଯ୍ୟଶୈଳୀ କେମିତି ରହିଛି ତାହା ସମସ୍ତେ ଦେଖୁଛନ୍ତି। ଯିଏ ଦୋଷ କରିବ ତାକୁ ନିଶ୍ଚୟ ଦଣ୍ଡ ମିଳିବ। ଏହି ଘଟଣାକୁ ନେଇ ଅଯଥା ରାଜନିତୀକରଣ କରା ନ ଯାଉ ବୋଲି ସେ କହିଛନ୍ତି।

# ପ୍ରତିବାଦ ଜଣାଇଲା ଭାଜପା

## ବୌଦ୍ଧ ସହରକୁ ଦୂଷିତ ପାଣି ଯୋଗାଣ


ଭାଜପା ନେତାମାନେ ଗୋଳିଆ ପାଣି ବୋତଲ ଜେଇଙ୍କୁ ଦେଖାଉଛନ୍ତି ।

ବୌଦ୍ଧ,୨୭।୯(ସ୍ୱ.ପ୍ର)

ବୌଦ୍ଧ ସହର ମହାନଦୀ କୂଳରେ ଥିଲେ ମଧ ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନି । ଫଳରେ ଲୋକେ ଗୋଳି ପାଣି ବ୍ୟବହାର କରୁଛନ୍ତି । ଏହାର ପ୍ରତିବାଦରେ ଶୁକ୍ରବାର ଜିଲା ଭାଜପା ପକ୍ଷରୁ ଜନସ୍ୱାସ୍ଥ୍ୟ ଅଫିସ୍‌ରେ ଅଭିଯୋଗ କରିବା ସହ ଏକ ଗୋଳିଆ ପାଣି ବୋତଲକୁ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ବିଶୁଦ୍ଧ ପାଣି ଯୋଗାଇ ଦିଆ ନ ଗଲେ ଭାଜପା ଆନ୍ଦୋଳନ କରିବ ବୋଲି ଚେତାବନୀ ପୂର୍ବତନ ଜିଲା ସଭାପତି ମନୋରଞ୍ଜନ ଦାଶ, ମହିଳା ମୋର୍ଚ୍ଚା ସଭାପତି ନମିତାରାଣୀ ଦାଶ, ସରୋଜ ପ୍ରଧାନ, ଭାଜପା ଜିଲା ସାଧାରଣ ସମ୍ପାଦକ ବିପ୍ରଚରଣ ମହାନ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

# ସମସ୍ତ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦେଲେ ମଧ କମ୍ ହେବ: ଭକ୍ତ ଦାସ

ଭବାନୀପାଟଣା,୨୭।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଞ୍ଚଳରେ ଘଟିଥିବା ଗଣବଳାତ୍କାର ଓ ଭିଡିଓ ଭାଇରାଲ ଘଟଣାକୁ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ନିନ୍ଦା କରିଛନ୍ତି । ନର୍ସିଂ ଛାତ୍ରୀଙ୍କୁ ଯେଉଁଭଳି ଭାବେ ଅଭିଯୁକ୍ତମାନେ ଅମାନୁଷିକ ଭାବେ ବଳାତ୍କାର କରିବା ଆଜିର ସଭ୍ୟ ସମାଜ ପାଇଁ ଅତି ଘୃର୍ଣ୍ଣିତ ଓ ନୀନ୍ଦନୀୟ । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତମାନଙ୍କୁ କିପରି ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇ ପାରିବ ସେଥିପାଇଁ ପୋଲିସ ସବୁ ଦିଗରୁ ତଦନ୍ତ କରି କୋର୍ଟକୁ ତୁରନ୍ତ ଚାରସିର୍ଟ ଦେବା, ରାଜ୍ୟ ସରକାର ପୀଡ଼ିତାଙ୍କୁ ତୁରନ୍ତ ଚିକିତ୍ସା କରିବା ସହିତ ଉପଯୁକ୍ତ କ୍ଷତିପୂରଣ, ତାଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ଦାବି କରିଛନ୍ତି। ଦାସ ପ୍ରକାଶ କରିଥିଲେ ଯେ, ଏହି ଘଟଣା ଅତି ଲଜ୍ୟାଜନକ ଓ ଅମାନୁଷିକ ଘଟଣା। ଏହି ଘଟଣା କଳାହାଣ୍ଡି ପୋଲିସ ଅତି ଗୁରୁତ୍ୱର ସହିତ ନେଇ ତୁରନ୍ତ ତଦନ୍ତ କରି ଦୋଷୀ ମାନଙ୍କୁ ଗିରଫ କରିବା ସଫଳ ହୋଇଛି। ସେଥିପାଇଁ କଳାହାଣ୍ଡି ଏସପି ଓ ତଦନ୍ତ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଯେତେ କୃତଜ୍ଞତା ଜଣାଇଲେ ମଧ କମ୍ ହେବ। କିନ୍ତୁ ଦୁର୍ଭାଗ୍ୟ ବିଷୟ କଳାହାଣ୍ଡି ଜିଲାରେ ବାରମ୍ବାର ଏଭଳି ଘଟଣାମାନ ଘଟୁଛି । ତାହାର ପ୍ରତିରୋଧ କିପରି ହୋଇପାରିବ ସେଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜିଲାରେ ଥିବା ଲୋକ ପ୍ରତିନିଧିମାନଙ୍କ ଯେପରି ତତ୍ପରତା ଦେଖାଇବା କଥା ତାହା ଦେଖିବାକୁ ମିଳୁନାହିଁ ବୋଲି କହିଛନ୍ତି ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9450741373
B-34/7 A Block Vijay Enclave, Burari, New Delhi

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

BUSINESS

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ଫ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨0 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

DHARITRI
Career appointment
Every Wednesday and Saturday

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚ ଗଠିତ

**ଢେଙ୍କାନାଳ ଅଫିସ, ୨୭।୯:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପୋରୁହଖୋଜ ରାମମନ୍ଦିର ପୀଠରେ ବରିଷ୍ଠ ନାଗରିକମାନଙ୍କୁ ନେଇ ସଭା ଅନୁଷ୍ଠିତ ହୋଇଯାଇଛି।ଏଥିରେ ଅବସରପ୍ରାପ୍ତ ବିଚାରପତି ଭିକାରି ଚରଣ ରାଉତ ସଭାପତିତ୍ୱ କରିଥିଲେ। ବ୍ଲକର ସମସ୍ତ ବରିଷ୍ଠ ନାଗରିକଙ୍କୁ ନେଇ ସ୍ଥାୟୀ ମଞ୍ଚ ଗଠନ କରାଯାଇଥିଲା। ପ୍ରାରମ୍ଭରେ ଦିବଂଗତ ବରିଷ୍ଠ ନାଗରିକଙ୍କ ସ୍ମୃତିଚାରଣ କରାଯାଇଥିଲା। ଦୁଇବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ବିଜୟ କୁମାର ମିଶ୍ର, ଉପସଭାପତି ଖଗେଶ୍ୱର ମହାନ୍ତି, କବି କାଳିନ୍ଦୀ ଚରଣ ସାହୁ, ରାଜକିଶୋର ରାଉତ, ପୀତବାସ ରାଉତ, ବିପିନ ବିହାରୀ ସିଂ, ସାରଙ୍ଗଧର ବିହାରୀ, ସମ୍ପାଦକ ଅନନ୍ତ ଚରଣ ଶତପଥୀ, ସହ ସମ୍ପାଦକ ଗଣେଶ୍ୱର ପ୍ରଧାନ, ପ୍ରକାଶ ଚନ୍ଦ୍ର ରାଉତ, ଶରତ ରାଉତ, କୋଷାଧକ୍ଷ ଶ୍ୟାମସୁନ୍ଦର ସ୍ୱାଇଁ, ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ଉପଦେଷ୍ଟା ମୁରଲୀଧର ରାଉତ, ନକୁଳ ଚରଣ ରାଉତ, ଅନାଦି ଚରଣ ଶତପଥୀ, ଜୟଦେବ ବେହେରା, ବିଶ୍ୱନାଥ ଜେନା, ହଳଧର ମହାଳିକ, ସମୀକ୍ଷକ ଉପେନ୍ଦ୍ର କୁମାର ରାଉତ, କାର୍ଯ୍ୟକାରୀ ସଭ୍ୟ ଭାବେ ପ୍ରମୋଦ ବାରିକ, ଶ୍ରୀମନ୍ତ ଭୂତିଆ, କପିଳେଶ୍ୱର ବେହେରା, ନଟବର ଗୁରୁ ନିର୍ବାଚିତ ହୋଇଛନ୍ତି। ସଚ୍ଚିଦାନନ୍ଦ ବେହେରା, ରବି ନାରାୟଣ ପରିଡା, ପ୍ରାଣବନ୍ଧୁ ଦାସ, ଅନ୍ନଦା ଶଙ୍କର ପତି, ରାମଚନ୍ଦ୍ର ଜେନା, ହୃଷୀକେଶ ସ୍ୱାଇଁ, ରାଘବ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



■ ଜିଲା ଠିକାଦାର ସଂଘ ସାଧାରଣ ବୈଠକ

# ସରକାର ନିଷ୍ପତ୍ତି ନ ବଦଳାଇଲେ ଆନ୍ଦୋଳନ



ବୈଠକରେ ଉପସ୍ଥିତ ଠିକାଦାରମାନେ।

**ଅନୁଗୋଳ ଅଫିସ, ୨୭।୯**

ରାଜ୍ୟ ସରକାରଙ୍କ ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରଙ୍କଠାରୁ ଲଘୁ ଖଣିଜ ପଦାର୍ଥ ପାଇଁ ଟିକସ ନିଆଯାଉଛି। ହେଲେ ତାହାର ରସିଦ ପ୍ରଦାନ କରାଯାଉ ନାହିଁ। ରାଜସ୍ୱ ବିଭାଗର ଏପରି କାର୍ଯ୍ୟ ଠିକାଦାରଙ୍କ ପାଇଁ ନା ନା ସମସ୍ୟା ସୃଷ୍ଟି କରୁଛି। ଟିକସ ଦେବାକୁ ବିରୋଧ କରାଯାଉ ନ ଥିଲେ ବି ରସିଦ ଦିଆଯାଉ ନ ଥିବାରୁ ଏହାକୁ ଅନୁଗୋଳ ଜିଲା ଠିକାଦାର ସଂଘ ବିରୋଧ କରୁଛି ବୋଲି ଶୁକ୍ରବାର ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଅନୁଷ୍ଠିତ ସଂଘ ବୈଠକରେ କୁହାଯାଇଛି। ସରକାର ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ ନ କଲେ ଠିକାଦାରମାନେ ଆନ୍ଦୋଳନ କରିବେ ବୋଲି ସଂଘ ସଭାପତି ଅମ୍ବିକା ଭଞ୍ଜ ଓ ସମ୍ପାଦକ ପଦ୍ମଚରଣ ସାହୁ ସୂଚନା ଦେଇଛନ୍ତି।

ସଂଘ ପକ୍ଷରୁ କୁହାଯାଇଛି, ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଥିବା ଠିକାଦାରମାନଙ୍କ ବିଲ୍‌ରୁ ଲଘୁ ଖଣିଜ ପଦାର୍ଥ ବାବଦ ଟିକସ କଟାଯିବ। ଏପରି କି ଚିପସ୍, ବାଲି, ମୋରମ ଓ ମାଟିର ଟ୍ୟାକ୍ସ ସହିତ ଉକ୍ତ ରସିଦ ତହସିଲଦାରଙ୍କ ପାଖରୁ ଆଣି ବିଭିନ୍ନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଦେବାକୁ ପଡ଼ିବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ରସିଦ୍ ଏବେ କେଉଁଠାରୁ ଆସିବ ତାହାକୁ ନେଇ ଠିକାଦାରମାନେ ପ୍ରଶ୍ନ ଉଠାଇଛନ୍ତି। ବିଭିନ୍ନ କ୍ରସରର ରସିଦ୍ ଦେବାର ନିୟମ ନାହିଁ। ତେଣୁ ଠିକାଦାରମାନେ ରସିଦ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଏସବୁ ମିଳୁ ନ ଥିବାରୁ ଠିକାଦାରମାନଙ୍କ ବିଲ୍‌ରୁ ୩୫ ପ୍ରତିଶତ ଦ୍ରବ୍ୟର ମୂଲ୍ୟ କଟିଯାଉଛି। ଫଳରେ ସେମାନେ ବିଲ୍ ନେବାକୁ ଅରାଜି ହେଉଛନ୍ତି। ରସିଦ ନ ଦେଲେ ଏଭଳି ବିଲ୍ ପ୍ରଦାନ କରି ଠିକାଦାରମାନେ ଉନ୍ନୟନମୂଳକ କାର୍ଯ୍ୟ କରିବା ସମ୍ଭବ ନୁହେଁ। ଏଣୁ ସରକାରଙ୍କ ରାଜସ୍ୱ ବିଭାଗ ଜାରି କରିଥିବା ଏପରି ନିର୍ଦ୍ଦେଶକୁ ବାତିଲ କରିବା ପାଇଁ ସଂଘ ପକ୍ଷରୁ ଜିଲାପାଳ ଓ ବିଭିନ୍ନ ବିଭାଗର ନିର୍ବାହୀ ଯନ୍ତ୍ରୀମାନ ଦାବିପତ୍ର ଦିଆଯାଇଛି। ୭ଦିନ ମଧ୍ୟରେ ଉକ୍ତ ନିର୍ଦ୍ଦେଶନାମାରେ ପରିବର୍ତ୍ତନ କରା ନ ଗଲେ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବା ସହିତ ନୂତନ କାର୍ଯ୍ୟ ପାଇଁ ଟେଣ୍ଡର ପକାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

# ବ୍ଲକସ୍ତରୀୟ କବାଡ଼ି, ଖୋଖୋ ପ୍ରତିଯୋଗିତା



**କାମାକ୍ଷାନଗର, ୨୭।୯(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ ଆଲୁଅଝରଣ ସ୍କୁଲରେ ଚାଲିଥିବା ଦୁଇଦିନିଆ ବ୍ଲକସ୍ତରୀୟ କବାଡ଼ି ଏବଂ ଖୋଖୋ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କାମାକ୍ଷାନଗର, ମହୁଲପାଳ, କୁସୁମଯୋଡ଼ି, କନ୍ତିଓପୁଟସାହି ଜୋନ୍ ଅଧୀନ ୩୦ ସ୍କୁଲର ପ୍ରତିଯୋଗୀ ଭାଗ ନେଇଥିଲେ। ଉଭୟ ଖେଳରେ କାମାକ୍ଷାନଗର ଜୋନ୍‌ର ପ୍ରତିଯୋଗୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

ବାଳକ ବିଭାଗ କବାଡ଼ିରେ କାମାକ୍ଷାନଗର ଚାମ୍ପିୟନ ଏବଂ କନ୍ତିଓପୁଟସାହି ରନର୍ସଅପ୍ ହୋଇଥିଲା। ବାଳିକା ବିଭାଗରେ କାମାକ୍ଷାନଗର ଚାମ୍ପିୟନ ହୋଇଥିବାବେଳେ ଡୁମୁସିଙ୍ଗା ରନର୍ସଅପ୍ ହୋଇଛି। ବାଳକ ବର୍ଗ ଖୋଖୋରେ କାମାକ୍ଷାନଗର ଚାମ୍ପିୟନ, କନ୍ତିଓପୁଟସାହି ରନର୍ସଅପ ହୋଇଥିଲା। ବାଳିକା ବିଭାଗରେ କୁସୁମଯୋଡ଼ି ଚାମ୍ପିୟନ୍ ଏବଂ କାମାକ୍ଷାନଗର ରନର୍ସଅପ୍ ହୋଇଛି।

ଅରବିନ୍ଦ ସାହୁ, ସ୍ୱାଗତ ବେହେରା, ଉମାକାନ୍ତ ନାୟକ, ପ୍ରିୟବ୍ରତ ମହାରଣା, ପ୍ରିୟଙ୍କା ପ୍ରିୟଦର୍ଶନୀ ଦେହୁରୀ, ଅଲିଭା ସାହୁ, ସ୍ମିତାରାଣୀ ସାହୁ ପ୍ରମୁଖ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦୟାସାଗର କେରକେଟାଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ବିବେଚନା କରାଯାଇଥିଲା। ବିଇଓ ଅଜୟ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଇଓ ହରିହର ଦେହୁରୀ, ସମ୍ମାନିତ ଅତିଥି କାନପୁରା ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, କୈଳାସ ଚନ୍ଦ୍ର ପୃଷ୍ଟି, ପ୍ରିୟବ୍ରତ ପଣ୍ଡା, ଗଜେନ୍ଦ୍ର ନାୟକ, ପୂର୍ବତନ ପ୍ରଧାନଶିକ୍ଷକ ଲୋକନାଥ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ସାହୁ, ନିରଞ୍ଜନ ସାହୁ, ସୁଶାନ୍ତ ନାଥ, ସୌମେନ୍ଦ୍ର ବେହେରା, ଅଶୋକ ଭୂତିଆ, ଦେବବ୍ରତ ସାହୁ, ପ୍ରତାପ ସାମନ୍ତ, ବାନାର୍ଜୀ ମହାନ୍ତି, ଶିଶିର ସାହୁ, କାଳିନ୍ଦୀ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ର ଜାଣିଲେ ଆଇନ

**ଢେଙ୍କାନାଳ ଅଫିସ, ୨୭।୯**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଓଡ଼ାପଡ଼ା ବ୍ଲକ ସିମିନଇ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ ଶୁକ୍ରବାର ଏସିଡ୍ ଆକ୍ରମଣ ପାଇଁ ଭାରତୀୟ ସମ୍ବିଧାନରେ ଥିବା ଦଣ୍ଡବିଧି ବ୍ୟବସ୍ଥା ସମ୍ପର୍କ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି।

ପ୍ରାଧିକରଣର ଅଧ୍ୟକ୍ଷ ମଳୟ ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏସିଡ୍ ଆକ୍ରମଣରେ ପୀଡିତାଙ୍କୁ ସହାୟତା, ଚିକିତ୍ସା ସୁବିଧା, ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଏଥିଲାଗି ରହିଥିବା ଆଇନଗତ ବିଧିବ୍ୟବସ୍ଥା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଶକ୍ତିସୁଧା ଶୁଭଦର୍ଶିନୀ, ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଉଦିତ ବଟୁଶର୍ମା, ଝାରଗାଡ଼ିଆ ଫାଣ୍ଡି ଅଧିକାରୀ ବିଜୟ ସେଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ଅଧ୍ୟାପକ ସୁଜିତ କୁମାର ସାମଲ ଶିବିର ପରିଚାଳନା କରିଥିବାବେଳେ ପାରାଲିଗାଲ ଭଲ୍ୟୁଣ୍ଟିୟର ଅଭିରାମ ବାରିକ, ଅଖିଳ ନାୟକ, ଧନେଶ୍ୱର ରାଉଳ, ପ୍ରଭାତ ନାୟକ, ପ୍ରଫୁଲ୍ଲ ନାୟକ ଶିବିର ପରିଚାଳନା କରିଥିଲେ। କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**NOTICE**

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

# ବଜ୍ରପାତରେ ୨ଗୋରୁ ମୃତ

**ତେଲକୋଇ, ୨୭।୯(ଡି.ଏନ.ଏ.)**

ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ପଞ୍ଚାୟତ ମୁଖ୍ୟାଳୟଠାରେ ବଜ୍ରପାତରେ ୨ ଗୋରୁ ଶୁକ୍ରବାର ପ୍ରାଣ ହରାଇଛନ୍ତି। ଅପରାହ୍ନରେ ୪ଟାରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ଆରମ୍ଭ ହୋଇଥିଲା। ଏହି ବଜ୍ରପାତରେ ନିଶା ଖୁଣ୍ଟିଆ ଏବଂ ବୃନ୍ଦାବନ ଖୁଣ୍ଟିଆଙ୍କ ୨ଗୋରୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୮ରୁ ଉର୍ଦ୍ଧ୍ୱ ଗୋରୁ ଅସୁସ୍ଥ ହୋଇପଡିଛନ୍ତି । ଏ ନେଇ ପ୍ରାଣୀ ଚିକିତ୍ସକ ସୂଚନା ପାଇବା ପରେ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ଗୋରୁଙ୍କ ବଜ୍ରପାତ ଜନିତ କ୍ଷତିପୂରଣ ଦେବା ପାଇଁ ଦାବି ହୋଇଛି।

## ପୂର୍ବ ତଟ ରେଳପଥ
### ଗୁରୁତ୍ୱପୂର୍ଣ୍ଣ ସୂଚନା

ତାଳଚେର-ବିମଳାଗଡ଼ ନୂତନ ବ୍ରଡ୍ ଗଜ୍ ଲାଇନ୍ ପ୍ରକଳ୍ପର ତାଳଚେର-ସୁନାଖଣି ସେକ୍ସନରେ ନୂତନ ଭାବେ ନିର୍ମିତ ହୋଇଥିବା ବ୍ରଡ୍ ଗଜ୍ ରେଳ ଲାଇନ୍‌ରେ ବର୍ତ୍ତମାନ ବାଲାଷ୍ଟ ଟ୍ରେନ୍, ଟ୍ରାକ୍ ମେସିନ୍ ଏବଂ ଇଞ୍ଜିନ୍ ଗୁଡ଼ିକର ଚଳାଚଳ ଆରମ୍ଭ ହେବ।

ରେଳ ଲାଇନ୍ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଏଥିପ୍ରତି ସତର୍କ ରହିବା ସହିତ ଅନିଚ୍ଛାକୃତ ଦୁର୍ଘଟଣା / ଅଘଟଣ ଏଡ଼ାଇବା ନିମନ୍ତେ ସେମାନେ ଓ ସେମାନଙ୍କ ଗାଇଗୋରୁ / ଅନ୍ୟ ପଶୁ ମାନଙ୍କୁ ଟ୍ରାକ୍ ଠାରୁ ଦୂରେଇ ରଖିବା ନିମନ୍ତେ ପରାମର୍ଶ ଦିଆଯାଉଛି।

PR-53/CC/19-20 ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-II), ଅନଗୁଳ

## BHUBANESWAR MUNICIPAL CORPORATION

**No. : 26832 File No. XXVII-19/2019 Dt. 25.09.2019**

### NOTICE INVITING TENDER

Sealed tenders, in conformity with the detailed tender call notice, are invited from eligible **electrical contractors,** having the required license issued from the **ELBO** as noted below, for the execution of the under mentioned work, so as to reach the **Executive Engineer, Division No-II, BMC** through **registered post / speed post** only up to **5 p.m on dt.09.10.2019.** The **DTCN** shall be obtained from the office of the **Electrical Section**, BMC on deposit of the non-refundable cost of the tender paper in shape of **Bank draft or A/C Payee Bankers Cheque in favour** of **Municipal Commissioner, Bhubaneswar Municipal Corporation.** The tender document (DTCN) can also be obtained through registered post, on paying the cost of tender document plus rupees one hundred in shape of the **Bank Draft** from **dt.30.09.2019 up to 12 PM of dt.09.10.2019.** The tenders will be opened at **12 PM on dt.10.10.2019** in presence of bidders or their authorized representatives, who may be present at the time of opening of the tenders. BMC, will in no way, to be **responsible for any delay in receipt of the tender document.**

| Sl. No. | Name of the Work | Approx. Value of Work put to Tender in Rs. | EMD/Bid Security in Rs. | Cost of Bid Documents in Rs. | Period of Completion | Eligible Class of Contractor |
|---|---|---|---|---|---|---|
| 1. | Provision of Street Light at Swapneswar Mahadev Mandir Road Jharapada in Ward No.32 | **96829/-** | 970/- | 672/- | 1 Month (One Month) | M.V |
| 2. | Repairing of High Mast Light at Ram mandir Square. | **31630/-** | 320/- | 672/- | 1 Month (One Month) | M.V |
| 3. | Provision of Street Light from Qtr. No.4RF/29 to to 4RF/30, Unit-9 | **65045/-** | 650/- | 672/- | 1 Month (One Month) | M.V |

The tender **must be accompanied** with attested photo copy of the Contractor's license, Valid up-to date **PAN Card**, Tenderers are required to submit self attested copies of **GSTIN (GST Identification Number)** along with their offers, failing which their offers will not be considered for evaluation, **EPF Registration certificate**. However, the contractors, not having the **EPF Registration Certificate**, can also participate, as per clause (5) of the conditions of the contract, enumerated in Detailed Notice Inviting Tender & the required **EMD** in shape of **NSC/TDR**, duly pledge in favour of the **Municipal Commissioner,** Bhubaneswar Municipal Corporation or **Bank Draft/Pay Order** from any Nationalized Bank, in favour of **Municipal Commissioner,** Bhubaneswar Municipal Corporation, separately, failing which, the tender shall be rejected out-rightly.

The tender should also be accompined with attested photo copies of

i. Valid and up-to date (PAN CARD)
ii. GST Certificate
iii. EPF Registration Certificate. However, the contractors, not having the **EPF Registration Certificate**, can also participate, as per clause (5) of the conditions of the contract.

**Without which the tender will be liable for rejection**

1. Mere procurement of Tender Document does not guarantee for fulfillment of the eligibility criteria.
2. Name of the purchaser at the time of procurement of DNIT should not be disclosed.
3. Only Ink/Dot pen signed copy of DNIT, issued by the office shall be entertained.

The authority reserves the right to reject any or all the tenders without assigning any reason thereof.

**Executive Engineer, Division No - II, BMC**

**Progress Through Partnership for a Better Bhubaneswar**

बैंक ऑफ़ इंडिया Bank of India BOI

## ବ୍ୟାଙ୍କ ଅଫ୍ ଇଣ୍ଡିଆ
**ଆଞ୍ଚଳିକ କାର୍ଯ୍ୟାଳୟ:କେନ୍ଦୁଝର, ଲାବଣ୍ୟ ଛକ, ମାଇନିଂ ରୋଡ, କେନ୍ଦୁଝର-୭୫୮୦୦୧, ଓଡିଶା ।**

## ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ [ ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା/ଜାମିନ୍‌ଦାର ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦୁଝର ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| କେନ୍ଦୁଝର ଶାଖା/ ଋଣଗ୍ରହୀତା/ଜାମିନ୍‌ଦାରଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା- ମେସର୍ସ ଜୟଶ୍ରୀ ଅଟୋମୋବାଇଲ୍ସ, ସତ୍ତ୍ୱାଧିକାରୀ: ଅଞ୍ଜନ କୁମାର ନାୟକ,** ଠିକଣା-(୧): ଏନ୍‌ଏଚ-୬, ଢଙ୍ଗରପଡା, ପୋ-କେନ୍ଦୁଝର, ଥାନା-ଟାଉନ୍, କେନ୍ଦୁଝର-୭୫୮୦୦୧, (୨)ସା/ପୋ-ପୁଣ୍ଡଳ, ଭାୟା-ମିତ୍ରପୁର, ଜିଲ୍ଲା-ବାଲେଶ୍ୱର, ପିନ୍-୭୫୬୦୨୦, (୩)ମାର୍ଫତ-ମେସର୍ସ ଭାର୍ଗବ ମୋଟର୍ସ, ଟିଟାଗଡ ଏଗ୍ରୀକୋ ପ୍ରା.ଲିଃ ର ଅଥୋରାଇଜଡ୍ ଡିଲର, ବନ୍ତ ଛକ, ଜଗନ୍ନାଥପୁର, ଭଦ୍ରକ-୭୫୬୧୦୦, **ଜାମିନ୍‌ଦାର: ଶ୍ରୀମତୀ ରୀନା ମଞ୍ଜରୀ ମଣ୍ଡଳ,** ସ୍ୱା-ରାଜେନ୍ଦ୍ର ପ୍ରସାଦ ମଣ୍ଡଳ, ସା-କିମିରଡୋଲି, ଢଙ୍ଗରପଡା, ପୋ-କେନ୍ଦୁଝର, ଥାନା-ଟାଉନ୍, କେନ୍ଦୁଝର-୭୫୮୦୦୧ . | ଟ.୩୨,୮୫,୩୯୯/- +ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୦୧.୧୦.୨୦୧୮ / ୨୬.୦୯.୨୦୧୯ | **ଶ୍ରୀମତୀ ରୀନା ମଞ୍ଜରୀ ମଣ୍ଡଳଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା- କିମିରଡୋଲି, ଢଙ୍ଗରପଡା, ତହସିଲି/ଥାନା-ସଦର, ଜିଲ୍ଲା-କେନ୍ଦୁଝର, ଖାତା ନଂ.-୧୫୨/୧୨୨, ପ୍ଲଟ ନଂ.-୫୮୪/୯୦୦, ଏରିଆ-ଏକର୦.୦୮୦ ଡିସିମିଲି, ଚଉହଦି: ଉତର- ସୁବାସ ଚନ୍ଦ୍ର ଦଳେଇ, ଦକ୍ଷିଣ- କଲ୍ୟାଣୀ ଚକ୍ର, ପୂର୍ବ- ସରୋଜ ଦାସ, ପଶ୍ଚିମ-ରାସ୍ତା ଏବଂ ବୁଦ୍ଧିଆ ସାହୁ। |

**ସ୍ଥାନ-କେନ୍ଦୁଝର, ତାରିଖ-୨୭.୦୯.୨୦୧୯** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ଭୁବନେଶ୍ୱର ମହାନଗର ନିଗମ

**ସଂଖ୍ୟା.୨୭୦୫୦ ତା.୨୭.୦୯.୨୦୧୯**

### ରାସ୍ତା ଓ ନାଳ ନିର୍ମାଣ ନିମନ୍ତେ ସାର୍ବଜନୀନ ବିଜ୍ଞପ୍ତି

ଭୁବନେଶ୍ୱର ସହରର ନିମ୍ନ ଲିଖିତ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କର ଦାବୀ ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂପୃକ୍ତ ଅଞ୍ଚଳରେ ରାସ୍ତା ଓ ନାଳ ନିର୍ମାଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଅଛି ।

| କ୍ର.ସଂ. | ପ୍ରକଳ୍ପର ନାମ | ପ୍ରକଳ୍ପର ଅବସ୍ଥିତି(ମୌଜା) | ଖାତା ନଂ | ପ୍ଲଟ ନଂ | ଏରିଆ | ପ୍ରସ୍ତାବିତ ରାସ୍ତା ଓ ନାଳ ପାଇଁ ଉଦ୍ଦିଷ୍ଟ ଜମିର ମାଲିକାନା ସତ୍ତ୍ୱ |
|---|---|---|---|---|---|---|
| ୧. | ୱାର୍ଡ ନଂ- ୪୩ ଅନ୍ତର୍ଗତ ଲକ୍ଷ୍ମୀସାଗର ଠାରେ ପ୍ଲଟ୍ ନଂ-୧୫୨୯ ଠାରୁ ପ୍ଲଟ୍ ନଂ-୧୩୪୦ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ । | ଲକ୍ଷ୍ମୀସାଗର- ୧ ୟୁନିଟି-୩୦ | ୬୨୪ | ୧୫୩୦ | ଏ୦.୦୮ଡି | ନିମାଇଁ ପଟ୍ଟନାୟକ,ଓଗେର |
| | | | ୧୯୮୬/୯୦ | ୧୫୨୧ | ଏ୦.୦୦୫ଡି | ହୀରାଲାଲ ସାହୀ, ପି- ମୋତିଲାଲ ସାହୀ |
| | | | ୧୯୮୬/୯୦ | ୧୫୨୨ | ଏ୦.୦୮୩ଡି | -ଏଜନ- |
| | | | ୧୦୯୩ | ୧୫୨୩ | ଏ୦.୦୦୬ଡି | ମାନ ପରିଡା , ପି- ଦ୍ୱିଜ ପରିଡା |
| | | | ୧୫୯୩ | ୧୩୪୦ | ଏ୦.୦୧୦ଡି | ଜେମାମଣି ଦେବୀ, ସ୍ୱା- ଦୟାନିଧି ଦାସ |
| - | | | ୯୮୦ | ୧୩୪୧ | ଏ୦.୦୧୦ଡି | ଭ୍ୟାଗ୍ୟରଥି ମନ୍ତ୍ରୀ, ଓଗେର |
| | | | ୧୫୯୩/୧୧୫ | ୧୩୪୨ | ଏ୦.୦୪୦ଡି | ଅଜୟ କୁମାର ମିଶ୍ର, ପି- ହରିହର ମିଶ୍ର |

ଉପରୋକ୍ତ କାର୍ଯ୍ୟକୁ ଆରମ୍ଭ କରିବା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମର ସାଧାରଣ ବୈଠକ ନିର୍ଦ୍ଧାରଣ ସଂଖ୍ୟା-୮(୧୫), ତା ୨୭.୨.୨୦୧୩ ରିଖ ଅନୁଯାୟୀ ସଂପୃକ୍ତ ବ୍ୟକ୍ତି / ବ୍ୟକ୍ତି ବିଶେଷ/ ସଂସ୍ଥା ମାନଙ୍କ ଠାରୁ ଆପତ୍ତି / ଅଭିଯୋଗ/ ମତାମତ ଓ ତତ୍ ସଂକ୍ରାନ୍ତୀୟ ଦସ୍ତାବିଜ୍ କେବଳ ରେଜିଷ୍ଟ୍ରି ଡାକ ଅଥବା Speed Post ଯୋଗେ ଭୁବନେଶ୍ୱର ମହାନଗର ନିଗମକୁ ପଠାଇ ପାରିବେ।

ଖବର କାଗଜରେ ଏହି ବିଜ୍ଞପ୍ତି ପ୍ରକାଶ ହେବା ଦିନ ଠାରୁ ୩୦ (ତିରିଶ) ଦିନ ମଧ୍ୟରେ ଆବଶ୍ୟକୀୟ କାଗଜାତ ସହିତ ଆପତ୍ତି /ଅଭିଯୋଗ / ମତାମତ ଗୁଡିକ ରେଜିଷ୍ଟ୍ରି ଡାକ କିମ୍ବା Speed Post ମାଧ୍ୟମରେ ଭୁବନେଶ୍ୱର ମହାନଗର ନିଗମରେ ହସ୍ତଗତ ହେବା ଆବଶ୍ୟକ। ନିର୍ଦ୍ଧାରିତ ସମୟ ଶେଷ ହେବା ପରେ ପଠା ଯାଇଥିବା ତଥା ହସ୍ତଗତ ହୋଇଥିବା ଆପତ୍ତି ଓ ପ୍ରସ୍ତାବକୁ ବିଚାରକୁ ନିଆଯିବ ନାହିଁ। ପ୍ରସ୍ତାବିତ କାର୍ଯ୍ୟ ଗୁଡିକର ଅଧିକ ବିବରଣୀ ତଥା କେଉଁ ପ୍ଲଟ ଗୁଡିକ ଉପରେ ଏହା କାର୍ଯ୍ୟକାରୀ କରାଯିବାର ଯୋଜନା ରହିଛି ଇତ୍ୟାଦି ଜାଣିବାକୁ ଚାହୁଁ ଥିବା ବ୍ୟକ୍ତି ଭୁବନେଶ୍ୱର ମହାନଗର ନିଗମର ନିର୍ବାହୀ ଯନ୍ତ୍ରୀ, ଖଣ୍ଡ- ୨ଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ତଥ୍ୟ ହାସଲ କରିବାକୁ ଅନୁରୋଧ। ଆପତ୍ତି ଓ ମତାମତ ଗ୍ରହଣ ହେବା ପରେ ସେଗୁଡିକୁ BMC ଦ୍ୱାରା ତର୍ଜମା କରାଯାଇ ଉପଯୁକ୍ତ ନିଷ୍ପତ୍ତି ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଜ୍ଞପ୍ତି ପ୍ରକାଶିତ ହେବାର ୩୦ (ତିରିଶ) ଦିନ ଭିତରେ କୌଣସି ଆପତ୍ତି / ମତାମତ ନମିଳିଲେ, ଭୁବନେଶ୍ୱର ମହାନଗର ନିଗମ ସଂପୃକ୍ତ କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ ପରବର୍ତ୍ତୀ ପଦକ୍ଷେପ ନେବ। ଏହି ଆପତ୍ତି / ଅଭିଯୋଗ / ମତାମତକୁ ବିଚାରକୁ ନେଇ ଭୁବନେଶ୍ୱର ମହାନଗର ନିଗମ ଯେଉଁ ନିର୍ଣ୍ଣୟ ନେବ, ତାହା ଆଇନ୍‌ର ପରିସରଭୁକ୍ତ ହେବ।

ନିର୍ବାହୀ ଯନ୍ତ୍ରୀ, ବିଭାଗ-୨
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ

# ସଭ୍ୟ ସଂଗ୍ରହ ଅଭିଯାନକୁ ନବୀନଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

- ଜନସମ୍ପର୍କ ପଦଯାତ୍ରା ଅବଧି ବୃଦ୍ଧି ପାଇଁ ପ୍ରସ୍ତାବ
- ଯୋଗ ଦେଲେ ବିଜେଡି ଜିଲା ସଭାପତି, ପର୍ଯ୍ୟବେକ୍ଷକ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ସଭ୍ୟ ସଂଗ୍ରହ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ସଭ୍ୟ ସଂଗ୍ରହ କାର୍ଯ୍ୟ ଜାରି ରହିଛି। ସଭ୍ୟ ସଂଗ୍ରହ ସମୟରେ ଯୁବବର୍ଗ ଏବଂ ମହିଳାଙ୍କ ମଧ୍ୟରୁ ଅଧିକ ସକ୍ରିୟ ସଦସ୍ୟ କରିବା ଉପରେ ଦଳ ଗୁରୁତ୍ୱ ଦେଉଛି। ଦଳୀୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ବିଜେଡି ଜିଲା ସଭାପତି ଓ ପର୍ଯ୍ୟବେକ୍ଷକମାନଙ୍କ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡିଛି। ଅକ୍ଟୋବର ୨ ତଥା ଗାନ୍ଧୀ ଜୟନ୍ତୀରୁ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଆୟୋଜନ କରାଯାଉଛି। ଏହା ଜୟପ୍ରକାଶଙ୍କ ଜୟନ୍ତୀ ତଥା ଅକ୍ଟୋବର ୧୧ ଯାଏ ଚାଲିବ ବୋଲି ପୂର୍ବରୁ ସ୍ଥିର କରାଯାଇଥିଲା। ହେଲେ କେତେଜଣ ଜିଲା ସଭାପତି ଏବଂ ପର୍ଯ୍ୟବେକ୍ଷକ ଏହାର ଅବଧି ବୃଦ୍ଧି ପାଇଁ ପ୍ରସ୍ତାବ ରଖିଛନ୍ତି। କେତେଜଣଙ୍କ କହିବାନୁଯାୟୀ ଚଳିତ ବର୍ଷ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ସହ ସଭ୍ୟ ସଂଗ୍ରହ ମଧ୍ୟ ଜାରି ରହିଛି। ତେଣୁ ଜନସମ୍ପର୍କ ଯାତ୍ରାରେ ନିର୍ବାଚନମଣ୍ଡଳୀର ସମସ୍ତ ଅଞ୍ଚଳକୁ ଧ୍ୟାନ ଦିଆଯାଇପାରିବ ନାହିଁ। ହେଲେ ଏହାର ଅବଧି ବୃଦ୍ଧି ହେଲେ ସଭ୍ୟ ସଂଗ୍ରହ ସହ ଜନସମ୍ପର୍କ ପଦଯାତ୍ରା ସୁରୁଖୁରରେ ହୋଇପାରିବ। ପୌରାଞ୍ଚଳର ସମସ୍ତ ୱାର୍ଡ ଗ୍ରାମାଞ୍ଚଳର ପ୍ରତି ଜିଲାପରିଷଦ ଜୋନ୍ ଅଧୀନରେ ଆସୁଥିବା ୨ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକ ସମ୍ପର୍କରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ସଭାପତି ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦେଇଛନ୍ତି। ପୁରାତନ ସଭ୍ୟଙ୍କ ପୁନଃ ପଞ୍ଜୀକରଣ ସହ ନୂଆ ସଦସ୍ୟଙ୍କ ଯୋଗଦାନ ଦଳର କଳେବର ବୃଦ୍ଧି କରିବ। ସେହିପରି ଜନସମ୍ପର୍କ ପଦଯାତ୍ରା ଜରିଆରେ ଯେପରି ପ୍ରତିଟି ପରିବାର ପାଖରେ ପହଞ୍ଚିହେବ, ସେନେଇ ଆଲୋଚନା କରାଯାଇଥିଲା ବୋଲି ପ୍ରସନ୍ନ କହିଛନ୍ତି। ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା ବୈଠକରେ ଜିଲା ସଭାପତି ଏବଂ ପର୍ଯ୍ୟବେକ୍ଷକମାନେ ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ। ସଭାପତିଙ୍କ ଯୋଗଦାନ ପୂର୍ବରୁ ବୈଠକରେ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯାଇଥିଲା।

ବିଜେପୁର ଦାୟିତ୍ୱ ପ୍ରଦାନ କରାଯାଇଥିବା ନେତା ଓ ସଙ୍ଗଠକମାନେ ଯେପରି ନିଷ୍ଠାର ସହ କାର୍ଯ୍ୟ କରିବେ, ତା' ଉପରେ ଗୁରୁତ୍ୱ ଦିଆଯାଇଛି। ବିଜେପୁର ଉପନିର୍ବାଚନ ବିଗୁଲ୍ ବାଜି ସାରିଛି। ହେଲେ ବିଜେଡି ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ତେଣୁ କେବେ ପ୍ରାର୍ଥୀ ଘୋଷଣା ହେବ ସେ ନେଇ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିଥିଲେ। ହେଲେ ବିଜେଡିର କୌଣସି ନେତା ଏ ସମ୍ପର୍କରେ କିଛି କହି ନ ଥିଲେ। ପୂର୍ବରୁ ସ୍ଥିରୀକୃତ ଚଳିତ ମାସ ୩୦ରେ ହିଁ ବିଜେଡି ପ୍ରାର୍ଥୀ ନାମାଙ୍କନ କରିବେ ବୋଲି ଜଣାପଡିଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଣବ ପ୍ରକାଶ ଦାସ, ପ୍ରତାପଦେବ, ଦେବୀ ପ୍ରସାଦ ମିଶ୍ର, ଅମର ଶତପଥୀ, ପ୍ରମିଳା ମଲିକ, ଚନ୍ଦ୍ରସାରଥି ବେହେରା, ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତି, ସଞ୍ଜୟ ଦାସବର୍ମା, ଲାଲବିହାରୀ ହିମିରିକା, ଦେବାଶିଷ ସାମନ୍ତରାୟ, ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ଯୁବ ନେତା ବିଜୟ ନାୟକ ଏବଂ ଯୁବ ସଭାପତି ଅମରେଶ ପତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅକ୍ଟୋବର ୪, ୧୪ରେ ଖଣି ନିଲାମ ନେଇ ବିଜ୍ଞପ୍ତି

ଭୁବନେଶ୍ୱର,୨୭।୯(ବ୍ୟୁରୋ)

- ନିଲାମ ହେବ ୨୦ ଖଣି
- ସୁକିନ୍ଦା କ୍ରୋମାଇଟ୍ ଖଣି ରଖିପାରନ୍ତି ସରକାର
- ଲୁହାପଥର ଉତ୍ତୋଳନ ସୀମାବୃଦ୍ଧି

ଆସନ୍ତା ଅକ୍ଟୋବର ୪ ଏବଂ ୧୪ରେ ପର୍ଯ୍ୟାୟକ୍ରମେ ୨୦ଟି ଖଣି ପାଇଁ ନିଲାମ ବିଜ୍ଞପ୍ତି ପ୍ରକାଶ ପାଇବ। ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ସରୁଥିବା ଖଣିଗୁଡିକର ନିଲାମ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ। ଗତ ସପ୍ତାହରେ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ନିଲାମ ସମ୍ପର୍କିତ ତର୍ଜମା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

ଉକ୍ତ ବୈଠକରେ ୨୨ଟି ଖଣି ନେଇ ଆଲୋଚନା ହୋଇଥିଲା। ତନ୍ମଧ୍ୟରେ ୧୦ଟି ଲୁହା ପଥର, ୪ଟି ମାଙ୍ଗାନିଜ୍ , ୭ଟି ମାଙ୍ଗାନିଜ/ଲୁହାପଥର ଏବଂ ଗୋଟିଏ କ୍ରୋମାଇଟ୍ ଖଣି ରହିଛି। ଯାଜପୁର ଜିଲା ସୁକିନ୍ଦାସ୍ଥିତ କ୍ରୋମାଇଟ୍ ବ୍ଲକକୁ ରାଜ୍ୟ ପ୍ରଶାସନ କୌଣସି ସରକାରୀ ଉଦ୍ୟୋଗ(ପିଏସ୍‌ୟୁ) ପାଇଁ ରଖିବାକୁ ଚିନ୍ତା କରୁଛନ୍ତି। ତେଣୁ ଏହି ବ୍ଲକଟିକୁ ନିଲାମ ପ୍ରକ୍ରିୟାରୁ ବାଦ୍ ଦିଆଯିବାର ସମ୍ଭାବନା ରହିଛି। କେନ୍ଦୁଝର ଜିଲାର ୧୧ଟି ଖଣି ଏହି ନିଲାମ ପ୍ରକ୍ରିୟାରେ ସାମିଲ ହେବ। ଏଗୁଡିକ ହେଉଛି-ନୂଆଗାଁ, ଠାକୁରାଣୀ, ଗୁଆଲୀ, ଜିଲିଙ୍ଗ୍-ଲଙ୍ଗତୋଟା, ଝରି ବାହାଲ, ଟାଣ୍ଡୋ,ରୋଇଡା-୨, କୁରୁଡି ଏବଂ ବଳଦାସ୍ଥିତ ଲୁହାପଥର ଖଣି। ସେହି ଜିଲାର ଜାଜଙ୍ଗ, ସିଲ୍‌ଜୋରା-କାଳିମାଟିସ୍ଥିତ ଲୁହାପଥର ଏବଂ ମାଙ୍ଗାନିଜ ବ୍ଲକ, ମୟୂରଭଞ୍ଜ ଜିଲାର ଗୋରୁମହିଷାଣି, ବାଦାମପାହାଡସ୍ଥିତ ଲୁହାପଥର ବ୍ଲକ ନିଲାମ ପ୍ରକ୍ରିୟାରେ ସାମିଲ ହେବ। ଅନୁରୂପ ଭାବେ ସୁନ୍ଦରଗଡର କାନ୍ଥର-କୋଇରା, କୋଲମଙ୍ଗ, ମହୁଲସୁଖିସ୍ଥିତ ମାଙ୍ଗାନିଜ୍ ବ୍ଲକକୁ ମଧ୍ୟ ନିଲାମ କରାଯିବ। ଏତଦ୍‌ବ୍ୟତୀତ ସେହିଜିଲାର ନାରାୟଣପାଶି, ନାଦିଦିହୀର ଗୋଟିଏ ବ୍ଲକ, ତେହେରାଇ ଓ ଗଣୁଆସ୍ଥିତ ଲୁହାପଥର ଏବଂ ମାଙ୍ଗାନିଜ ବ୍ଲକ ନିଲାମ ପ୍ରକ୍ରିୟାରେ ସାମିଲ ହେବ।

ଅକ୍ଟୋବର ପ୍ରଥମ ସପ୍ତାହରେ ଆରମ୍ଭ ହେବାକୁ ଥିବା ଏହି ନିଲାମ ପ୍ରକ୍ରିୟା ୨୦୨୧ ଜାନୁଆରୀ ସୁଦ୍ଧା ସରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ଡିସେମ୍ବର ଦ୍ୱିତୀୟ ସପ୍ତାହସୁଦ୍ଧା ଯୋଗ୍ୟ ବିବେଚିତ ନିଲାମଧାରୀମାନେ ସିକ୍ୟୁରିଟି ରାଶି ଜମା ରଖିବେ ବୋଲି ସ୍ଥିର କରାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଲୁହାପଥର ଖଣି ଲିଜ୍ ଅଞ୍ଚଳ ୫୮ ବର୍ଗ କିଲୋମିଟର ପର୍ଯ୍ୟନ୍ତ ସୀମିତ ରହୁଥିଲା। ହେଲେ ଏହାର ପରିସର ବୃଦ୍ଧି ପାଇଁ ରାଜ୍ୟ ପକ୍ଷରୁ କେନ୍ଦ୍ର ଖଣି ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଥିଲା। ଓଡ଼ିଶାର ଦାବିକୁ ବିଚାର କରି କେନ୍ଦ୍ର ଏହି ନିୟମରେ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ତେଣୁ ଏବେ ଲିଜ୍‌ଧାରୀମାନେ ୫୮ ବର୍ଗ କି.ମିରୁ ଅଧିକ ଅଞ୍ଚଳରେ ଖଣି କାରବାର କରିପାରିବେ।


## GOVERNMENT OF ODISHA
## OFFICE OF THE EXECUTIVE ENGINEER, SONEPUR (R&B) DIVISION, SONEPUR

No.196-B :- **E-procurement Notice**

**BID IDENTIFICATION No: EE/R&B/SNPR/ 07 / 2019-20**
**E-mail – eepwdsnpr@gmail.com Phone -06654-221081**
**No. 3027 Dt. 25.09.2019//**

1. The Executive Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate bids in Double & Single Cover System in Online Mode for construction of Road / Building works as detailed in the DTCN from the eligible Class of Contractors.
2. No. of work : 03 (Three)
3. Tender Cost : Rs. 10,000/- For Serial No. 1 & 2 : Rs. 6,000/- For Serial No. 3
4. Class of Contractor : "B" Class & "A" Class for Serial No. 1 & 2 : "C" Class & "B" Class for Serial No. 3
5. Date and time Available in Website & receipt of Bids: From 10.00 A.M. of 04.10.2019 to 5.00 P.M. of 18.10.2019.
6. Date of Opening of Tender: 19.10.2019 at 11.30 A.M.
7. The Bidders have to participate in Online bidding only further details can be seen from the Website.
8. Any Corrigendum / Addendum will be displayed in the website **www.tendersodisha.gov.in only.**

**Sd./-A.K. Barpanda**
**Executive Engineer**
**Sonepur (R&B) Division**

**34081/11/0004/1920**

## OFFICE OF THE ASKA COOP. SUGAR INDUSTRIES LTD, NUAGAM (ASKA)

**PO.-NUAGAM (ASKA)-761111, GANJAM DISTRICT, ODISHA**
**Phones : 06822-273464, email.askasugar@yahoo.co.in, website-askasugar.com**

### TENDER CALL NOTICE

**LETTER NO.MKTG./982 DATE: 26.09.2019**

The Aska Cooperative Sugar Industries Ltd., Aska intends to sell of unserviceable materials / Packing Materials / Cartoon garbage please visit our website : **www.askasugar.com** for detailed Tender Call Notice. The last date for submission of quotation is 5.00 P.M. on 15.10.2019 and the same will be opened 11:00 A.M. on 16.10.2019.

**Sd./- Managing Director**

## Government of Odisha
## Department of Women and Child Development and Mission Shakti

### NOTICE

**No. 13922 / WCD, Dated 25.09.19**

No.33-g:- In Continuation to this Department Advt. No. 10849/30.07.2019, it is to inform that the list of candidates eligible for the written examination for the recruitment for the post of M&E Consultant, MAMATA scheduled to be held on 18.10.2019 at 12.30 AM in Mission Shakti Bhawan, Pokhariput, Bhubaneswar-20 has been uploaded in the Department website.

For further details like list of eligible candidates, subjects of examination, etc. please log in to Department website- http://wcdodisha.gov.in.

**Sd./-**
**Joint Secretary to Govt.**

**33001/11/0012/1920**

## THE ODISHA MINING CORPORATION LTD.

OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

### NOTICE

With reference to the Advertisement No.31/OMC dated 31.07.2019 regarding recruitment of 21 Executive posts of different cadres in Dy. Manager level (E-2 grade) in OMC Ltd., this is for information of all applicants that the Online Test (Computer Based Test-CBT) will be conducted on **25.10.2019 (Friday)** at **Bhubaneswar**.

Further the applicants are advised to visit OMC website (**www.omcltd.in**) regularly for their updates on "Important Dates" & other information pertaining to the CBT.

**Sd/-**
**Director (Personnel)**

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଓଡ଼ଗାଁ

**ପତ୍ରସଂଖ୍ୟା.୧୦୫୮** **ବିଜ୍ଞାପନ** **ତାରିଖ:୨୬।୦୯।୨୦୧୯**

ଏତଦ୍ୱାରା ସହରବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି, ଏନ୍.ଏ.ସି ସ୍ଥିତ ଗଣେଶ ବଜାରଠାରେ ଥିବା କେତେଗୁଡିଏ ଦୋକାନ ଘର ଆବଣ୍ଟନ କରିବା ପାଇଁ ଦରଖାସ୍ତ ଗ୍ରହଣ କରାଯାଉଅଛି। ତେଣୁ ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଟ.୫୦୦/- (ପାଞ୍ଚଶହ) ଟଙ୍କା ଦାଖଲକରି ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ। ଆବେଦନ ପତ୍ର ତା-୨୮।୦୯।୨୦୧୯ ଠାରୁ ୨୬।୧୦।୨୦୧୯ରିଖ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଏନ୍.ଏ.ସି କାର୍ଯ୍ୟାଳୟରେ ଉପଲବ୍ଧ ହେବ। ତା-୨୯।୧୦।୨୦୧୯ରିଖ ୩.୦୦ଘଟିକା ସମୟରେ ଏହାର ଚୟନ ପ୍ରକ୍ରିୟା କରାଯିବ। ଯଥା ସମୟରେ ଏନ୍.ଏ.ସି କାର୍ଯ୍ୟାଳୟରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଆବେଦନକାରୀଙ୍କୁ ଅନୁରୋଧ। ଓଡ଼ଗାଁ ଏନ୍.ଏ.ସି ଅନ୍ତର୍ଗତ ଆବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯିବ। ବିସ୍ତୃତ ସର୍ତ୍ତାବଳୀ ନିର୍ଦ୍ଧାରିତ ଫର୍ମରେ ଉପଲବ୍ଧ ଅଛି।

**ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ**

## ODISHA HYDRO POWER CORPORATION LIMITED

**(A Government of Odisha Undertaking)**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**At/PO: Bariniput, Dist: Koraput- 764006, Phone (06854) 242001, Fax: (06854) 242038, e-mail sgmel_ukhep@ohpcltd.com**

**No. OHPC: SGM: UKHEP: Tech:/ Dated, Bariniput the**
**NOTICE INVITING TENDER No. 13/2019-20 date: 26.09.2019**

**No.CAD-431:-** Sealed tenders are invited in two part i.e. (i) Techno Commercial bid & (ii) Price Bid in separate sealed envelopes from Manufacturer/ Authorised dealer for "Supply of One number New Centrifuged Oil Filter Machine, (Capacity-10000LPH) on buyback basis of Old MAB-206 model Oil Filter Machine to UKHEP, Bariniput, Dist: Koraput, Odisha"

| Sl. No. | Description of materials | Cost of tender paper | EMD in Rs. |
|---|---|---|---|
| 1 | "Supply of One number New Centrifuged Oil Filter Machine, (Capacity-10000LPH) on buyback basis of Old MAB- 206 model Oil Filter Machine to UKHEP, Bariniput, Dist: Koraput, Odisha" | Rs. 7080/- (Rs. 6000/- + 18% GST) | 30,000/- (refundable) |

Sale of tender paper:- From 10.10.2019 to 13.00 hrs. of 25.10.2019.
Last date of submission of tender- 16.00 hrs. of 25.10.2019.
Date & Time of opening of tender- 16.30 hrs. of 25.10.2019.
For details of the tender documents, terms and conditions please visit our website **www.ohpcltd.com.**

**04002/11/0028/1920** **Sd./-C&P Head, UKHEP, Bariniput**

## DIRECTORATE OF MEDICAL EDUCATION & TRAINING ODISHA

No.371-E :- **CORRIGENDUM NOTICE**

**No. Bhubaneswar 13807 Dt. 26.09.2019**

With reference to RFP Notice No.12288 dt. 07.09.2019 for selection of Integrator of Ambulance Services for Golden Hour Management, Last date for submission of complete Proposal is extended upto14.10.2019 (05.00 P.M.) and The date & time for opening of Technical Proposal (Part A & Part B) is modified and re-fixed on 15.10.2019 at 02.30 P.M. The revised Notice Inviting Proposals available in the website of DMET, Odisha i.e. **www.dmetodisha.gov.in** in the news and event section. Other Terms & Conditions shall remain unchanged.

**Sd./-**
**Jt. DMET, Odisha**

**10016/11/0028/1920**

## DIRECTORATE OF HORTICULTURE
**ODISHA, BHUBANESWAR**
**GOVT. OF ODISHA**
**KRUSHI BHAWAN, GOPABANDHU MARG:751001**

### EMPANNELMENT OF ONION SEED SUPPLYING AGENCY

**Adv. No. – 2MA(H3) 11/2019** 3/9918 **Dated:** 26-09-2019

The Director of Horticulture invites Expression of Interest in sealed cover from State Level PSUs, National Level PSUs, NHRDF or Private Companies producing Onion seeds by their own or organizing farmers and intending to supply the same to the farmers of Odisha under Govt. programme for the year 2019-20. The sealed Expression of Interest should be submitted to this Directorate on or before 09.10.2019 at 5.00 P.M by Registered /Speed Post (P&T Deptt.) only. The Technical Bid will be opened on 10.10.2019 at12.30 P.M and the Financial Bid will be opened on 11.10.2019 at12.30 P.M in the Conference Hall of this Directorate. The sealed envelope should be supperscribed with **"EoI for empanelment of Agency for supply of Onion Seeds variety Bhima super, Bhima shakti, Bhima red, Arka Niketan, Arka Kalyan & ALR for 2019-20".** The detail including terms and conditions of the Expression of Interest is available in the website.

**www.odisha.gov.in**
**www.odihort.nic.in**

**Director of Horticulture**
**Odisha, Bhubaneswar**

01063/11/0006/1920 No. 58-L

## OFFICE OF THE NOTIFIED AREA COUNCIL, JUNAGARH

**No-2652 /NAC (J) Date 24.09.2019**
**"e" Procurement Notice**
**Bid Identification No- JNG/ NAC/02/19-20**

Bid document consisting of the scheduled of quantities and the set of the terms and conditions of contract and other necessary documents can be seen in the Odisha Government website i.e. **www.tendersorissa.gov.in**

| | | | |
|---|---|---|---|
| 1. | Name of the work | : | Civil works under NAC, Junagarh |
| 2. | Eligibility | : | "B" OR "C" & "C" OR "D" Class Contractor |
| 3. | No. of works | : | 02 (Two) |
| 4. | Value of works | : | Rs. 5.98 Lakhs & Rs. 36.92 Lakhs |
| 5. | Completion Period | : | 90 days & 60 days |
| 6. | Date and Time of Availability Bid Documents in the Portal | : | 27.09.19 from 10 AM onwards |
| 7. | Last Date and time for Submission | : | 11.10.19 upto 5 PM |
| 8. | BID opening date/time | : | 14.10.19 at 11 AM |
| 9. | Bid opening Place | : | NAC Office, NAC, Junagarh |

Further details can be seen from the procurement portal i.e. **www.tendersorissa.gov.in**

**Sd./- Executive Officer, NAC, Junagarh**

## ପୌର ପରିଷଦ, କୋରାପୁଟ
## KORAPUT MUNICIPALITY

**Phone/Fax No.06852-250629**
**e-mail : koraputn.hud@nic.in, co.nac.koraput@gmail.com**
**No.3566/2019 Date: 26.09.19**

### RE-TENDER CALL NOTICE

Bid documents consisting of Cost of tender paper, EMD, the set of terms and conditions of Auction of Daily Market, Weekly Market and New Hatta and Collection of Bus stand Parking fees and other necessary document can be seen in Official website i.e. **www.koraputmunicipality.in.**

1. Name of Specification : Auction of Daily Market, Weekly Market and New Hatta and Collection of Bus stand Parking fees.
2. Date & time of selling of tender paper : From 30.09.2019 upto 5.00 P.M. 15.10.2019.
3. Last date & time for receipt : 3.30 P.M. Hours 16.10.2019
4. Bids received shall be opened on : 4.30 P.M. Hours 17.10.2019
5. Name and address of the Officer inviting : Executive Officer, Koraput Municipality.
6. Further details can be seen from the procurement portal : **www.koraputmunicipality.in**

**Sd./- Executive Officer**
**Koraput Municipality**

## NOTICE INVITING TENDER
## OFFICE OF THE MUNICIPAL COUNCIL, NAYAGARH

**NAYAGARH (ODISHA), PIN - 752069**
**e-Mail: nacnayagarh@yahoo.co.in**
**Tender Call Notice No. 2786 Date: 27.9.2019**

### E-Procurement Notice No. MUNLNGR-2/2019-20

| | | | |
|---|---|---|---|
| 1 | Name of the Work | : | Civil Works |
| 2 | No. of Works | : | 1 No. |
| 3 | Value of Work | : | Rs.2,70,732/- |
| 4 | Class of Contractor | : | D and C |
| 5 | Period of Completion | : | 3 Months |
| 6 | Date of Publication | : | 01.10.2019 |
| 7 | Date and time of availability of document in the portal | : | From Dt.01.10.2019 at 10 A.M. to Dt.17.10.2019 upto 5.30 P.M. |
| 8 | Last date/time for receipt of bids in portal | : | Dt.17.10.2019 upto 5.30 P.M. |
| 9 | Last date of submission of original documents in this office | : | Dt.19.10.2019 upto 1.00 P.M. at Municipality Office, Nayagarh |
| 10 | Date and time of opening Bid | : | Dt.19.10.2019 at 03.00 P.M. at Municipality Office, Nayagarh |
| | Name and address of the Officer Inviting Bid | : | Sd./- Executive Officer, Nayagarh Municipality |

Further details can be seen from e-Procurement portal **https://tendersodisha.gov.in**.

## SHORT TENDER CALL NOTICE
## CENTRE FOR MODERNIZING GOVERNMENT INITIATIVE

### ENGAGEMENT OF AGENCY FOR PROVIDING INTERNET SERVICES (10MBPS)

Sealed tenders as per the prescribed format are invited from Firms/Agencies to provide Internet Services (10 MBPS, Lease line) at CMGI work place with unlimited data download and upload.

Sealed tenders should be sent to the address as mentioned below so as to reach on or before 2:00 PM of 10.10.2019 at the address mentioned below. The authority reserves the right to reject any or all the tenders without assigning any reason there of. The tender document can be downloaded from www.cmgi.org.in .

Procurement Officer, **CENTRE FOR MODERNIZING GOVERNMENT INITIATIVE**, Block-A2, Toshali Bhawan, Satya Nagar, Bhubaneswar-751007.

By order of Executive Director
Procurement Officer, CMGI

09008/11/0002/1920 No. CAD-433

## Government of Odisha , Department of Water Resources

OFFICE OF THE SUPERINTENDING ENGINEER, BOLANGIR IRRIGATION CIRCLE, BOLANGIR
e-mail-sebalangir@gmail.com
Phone No.-06652-250483
e-Procurement Notice No. SEBOIC 01 of 2019-20
BID IDENTIFICATION NO. – SEBOIC-BID-01 OF 2019-20P

263-A

No. 2372 / Dated 25/09/2019

The Superintending Engineer, Balangir Irrigation Circle, Balangir on behalf of His Excellency, the Governor of Odisha invites online Percentage rate tenders in double cover system to be received in online mode only for the works as detailed below.

1. Nature of work : Civil.
2. Number of works. : One
3. Approximate amount put to tender. : Rs.115.41 lakh
4. Period of completion : 5 (Five) Calendar months.
5. Date & time of availability of Bid document in the portal : Dt. 03.10.2019 -10.00 AM to 21.10.2019 up to 5.00 PM
6. Last date & time of seeking Tender clarification. : Dt. 03.10.2019 - 10.00 AM to 21.10.2019 up to 5.00 PM during office hours
7. Last date & time of receipt of Bids in the portal. : Dt. 21.10.2019- up to 5.00 PM
8. Date , time & place of opening of bids in the portal. :
   a) Technical Bids (Cover-I) : Dt. 22.10.2019 at 11.30 AM- in the office of the Superintending Engineer, Balangir Irrigation Circle, Balangir
   b) Financial Bids (Cover-II) : To be intimated after evaluation of Technical Bids.
9. Name & address of the officer Inviting bid. : Superintending Engineer, Balangir Irrigation Circle, Balangir. At-Laltikra, P.O- Rajendra College, Dist: Balangir, PIN-767002.
10. Any corrigendum required will be made available in Govt. web-site only.

Further details can be seen from the e-procurement portal- https://tendersorissa.gov.in

32347/11/0001/1920

SUPERINTENDING ENGINEER
BALANGIR IRRIGATION CIRCLE
BALANGIR

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## SOUTHERN CIRCLE, RURAL WORKS, SUNABEDA

e-mail – serwsbd2003@yahoo.com

**NATIONAL COMPETITIVE BIDDING THROUGH e-Procurement** 394-O

No: ______/ Dt: ______/

1. Name of the work : Construction / up-gradation of roads under PMGSY & their maintenance for 5 years under PMGSY.
2. Total No of Packages : 9 Nos (Percentage Rate Tender).
3. Estimated Cost : Various from Rs.111.56 Lakhs to Rs.503.36 Lakhs.
4. Class of Contractor : "B" Class, "A" Class and Special Class (as per annexure).
5. Period of Completion : Six to Eighteen Calendar months
6. Cost of Tender paper : Rs.10,000.00 per set (Non refundable) only in shape of DD in favour of OSRRA payable at Bhubaneswar.
7. EMD required : 2% of estimated cost of the package duly pledged in favour of Executive Engineer of the concerned Rural Works Division.
8. Original Bid Cost, EMD, Affidavit regarding correctness of documents, along with other relevant documents submission on or before **19.10.2019 up to 5.30 PM**
9. Period of availability of tenders on-line / Date & time of bidding on-line / last date of seeking clarification / Date of opening of tender papers. : The details are as follows.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD – Online – 05/2019-20 | 30.09.2019 at 11.00 A.M. | 15.10.2019 up to 5.00 P.M. | 14.10..2019 up to 2.00 P.M. | 16.10.2019 at 11.00 A.M. | To be intimated separately |

1 .Further details can be seen from the e-procurement portal **http://pmgsytenders.gov.in**
2. Any Corrigendum/Addendum will be displayed in the above e-tender web site.

**Superintending Engineer,**
**Southern Circle RW: Sunabeda.**

**25045/11/0005/1920**

## ସଂକ୍ଷେପରେ

### ଜଳ ଯୋଗାଣ ଦାବିରେ ଆନ୍ଦୋଳନ

କଣିହାଁ,୨୭।୯(ଡି.ଏନ.ଏ.)- ପାନୀୟ ଜଳ ଯୋଗାଣ ଦାବିରେ ଶୁକ୍ରବାର କଣିହାଁ ବ୍ଲକ ରଙ୍ଗବେଡ଼ା ଗ୍ରାମବାସୀ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗ୍ରାମକୁ ପାଇପ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲା। ଗ୍ରାମର ୪ଟି ସାହିର ବାସିନ୍ଦା ଏହା ଉପରେ ନିର୍ଭର କରୁଥିଲେ। ତେବେ ମାଟି ତଳେ ଯାଇଥିବା ମୁଖ୍ୟ ପାଣି ପାଇପରେ କିଛି ଅସାଧୁ ବ୍ୟକ୍ତି ଚୋରା ସଂଯୋଗରେ ମଟର ଯୋଗେ ପାଣି ଶୋଷି ନେଉଥିବାରୁ ଷ୍ଟାଣ୍ଡ ପଏଣ୍ଟରେ ପାଣି ବାହାରୁ ନାହିଁ। ଏହାର ପ୍ରତିବାଦରେ ଗ୍ରାମର ଶତାଧିକ ମହିଳାପୁରୁଷ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ବ୍ଲକ କର୍ମଚାରୀମାନେ ଦାବିପତ୍ର ଗ୍ରହଣ କରି ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ବିଡିଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ମତାମତ ମିଳିପାରି ନାହିଁ। ଆନ୍ଦୋଳନକାରୀ ମହିଳା କହିଛନ୍ତି, ଅଭିଯୋଗକୁ ନେଇ ଚୋରା ସଂଯୋଗ କଟାଯାଇଥିଲା। କଟାଯିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେମାନେ ପୁଣି ସେହି ଅବସ୍ଥାରେ ଲିପ୍ତ ରହୁଛନ୍ତି। ଏକମାସ ହେଲା ପାନୀୟ ଯୋଗାଣ ବନ୍ଦ ରହିଛି। ଏ ନେଇ ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ସରୋଜ ପ୍ରଧାନ କହିଛନ୍ତି, ଆନ୍ଦୋଳନ ପୂର୍ବର ୧୭୨ଟି ଚୋରା ସଂଯୋଗ କାଟିଥିଲୁ। ଅସାଧୁ ବ୍ୟକ୍ତିମାନେ ପୁଣି ସଂଯୋଗ କରୁଛନ୍ତି। ଉକ୍ତ ଯୋଜନା ଏନ୍‌ଟିପିସି ପ୍ରକଳ୍ପର ସାମାଜିକ ଦାୟିତ୍ୱ ବୋଧ ଯୋଜନାରେ ହୋଇଛି। ସେମାନେ ମରାମତି କିମ୍ବା ନବ ନିର୍ମାଣ କାର୍ଯ୍ୟ କରୁନାହାନ୍ତି। ସମସ୍ୟାକୁ ନେଇ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ।

### ଏନ୍‌ଏଚ୍ ସଫେଇ

**କେନ୍ଦୁଝର, ୨୭।୯ (ସ୍ୱ.ପ୍ର.)**- ସ୍ଥାନୀୟ ଜାତୀୟ ରାଜପଥ ୨୦ରେ ପଦ୍ମପୁର ଠାରେ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ସଫେଇ କାର୍ଯ୍ୟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏନ୍‌ଏଚ୍‌ଏଆ ର ସାଇଟ ଇଞ୍ଜିନିୟର ଇଂ ସାହା ବାବୁ, ସାଇ କନସଲଟିଙ୍ଗ ଇଞ୍ଜିନିୟର ଅମିତ କୁମାର ସିଂହ ଓ ଅମିତ ଅନୁପମ, ସ୍ଥାନୀୟ ଟୋଲ ପ୍ଲାଜାର ପିଏମ ସଞ୍ଜୟ କୁମାର ମହାନ୍ତି, ସେଫଟି ଇନଚାର୍ଜ ଲିଙ୍ଗରାଜ ବାରିକଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ । ଏନ୍‌ଏଚ୍‌ରେ ପଡିଥିବା ପ୍ଲାଷ୍ଟିକ ଜରି, ବୋତଲ ଆଦି ମଇଳା ଆବର୍ଜନା ସଫେଇ କରାଯାଇଥିଲା।

### ଶାଳ କାଠ ଜବତ, ୩ ଗିରଫ



ବଇଣ୍ଡା,୨୭।୯(ଡି.ଏନ.ଏ.)-ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ତଲେଇପଥର ଜଙ୍ଗଲରେ ଶୁକ୍ରବାର ଧଣ୍ଡାତୋପା ବନବିଭାଗ ଚଢାଉ କରି ୨୦ ହଜାର ଟଙ୍କାର ଶାଳକାଠ ଜବତ କରିଛି। ଏଥିସହ ୩ ଜଣ କାଠ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଠାକୁରଗଡ଼ ଥାନା ଚିନ୍ତାମଣିପୁର ଗ୍ରାମର ଶଙ୍ଖାଳି ନାୟକ, ଆଠମଲ୍ଲିକ ଥାନା ଅଞ୍ଚଳର ଜଳନ୍ଧର କଅଁର, ଲେହେଡ଼ି ଗ୍ରାମର ପ୍ରବୀର ନାୟକ। ସେମାନଙ୍କ ନିକଟରୁ ଟାଙ୍ଗିଆ ଜବତ କରାଯାଇଛି। ଏମାନେ ଜଙ୍ଗଲରୁ ଶାଳଗଣ୍ଡି କାଟି ଚାଲାଣ କରିବା ପାଇଁ ଆଣୁଥିବାବେଳେ ଖବରପାଇ ଧଣ୍ଡାତୋପା ରେଞ୍ଜର ରାହାସ ସାହୁ, ଫରେଷ୍ଟର ସନ୍ତୋଷ କୁମାର ନାୟକ, ଫରେଷ୍ଟର ଗାର୍ଡ ଅଞ୍ଜଳି ବେହେରାଙ୍କ ସମେତ ଏକ ଟିମ୍ ଚଢାଉ କରିଥିଲେ। ଗିରଫ ଅଭିଯୁକ୍ତଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଛି।

### ଚାରା ରୋପଣ, ରାସ୍ତା ସଫେଇ

ଛେଣ୍ଡିପଦା,୨୭।୯(ସ୍ୱ.ପ୍ର.) ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ପଞ୍ଚାୟତ ବାମନାଳି ଗ୍ରାମର ଜୟ ଶ୍ରୀ ରାମ ଯୁଥ କ୍ଲବ ପକ୍ଷରୁ ଗୁରୁବାର ଚାରା ରୋପଣ କରାଯିବା ସହିତ ଗ୍ରାମ୍ୟ ରାସ୍ତା ସଫେଇ କରାଯାଇଛି। କ୍ଲବ ସଭାପତି ପ୍ରଭାସ ଚନ୍ଦ୍ର ଗଡନାୟକଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା ପୁରୁଷ ଯୋଗଦେଇ ଗ୍ରାମ୍ୟ ରାସ୍ତା ସଫେଇ କରିବା ସହିତ ରାମମନ୍ଦିର ଚତୁପାର୍ଶ୍ୱରେ ଥିବା ସରକାରୀ ଜମିରେ ୨ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ନିତ୍ୟାନନ୍ଦ ମାଝି, ରାମ ମନ୍ଦିର ସେବା ସମିତି ସମ୍ପାଦଜ ଲଛମନ ମାଝି, ସମିତି ସମ୍ପାଦକ ନାରାୟଣ ମାଝି, ସରପଞ୍ଚ ସଞ୍ଜୟ ଦେହୁରୀ, ଅଙ୍ଗନୱାଡି କର୍ମୀ, କ୍ଲବର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ ।

■କେନ୍ଦ୍ରୀୟ ଯୋଜନା ହଡପ ଅଭିଯୋଗ

# ବ୍ଲକ ସମ୍ମୁଖରେ ଭାଜପାର ଧାରଣା



ଅନୁଗୋଳ ବ୍ଲକ ସମ୍ମୁଖରେ ଭାଜପା କର୍ମକର୍ତ୍ତା ଓ କର୍ମୀମାନେ ଧାରଣାରେ ବସିଛନ୍ତି।

**ଅନୁଗୋଳ ଅଫିସ, ୨୭।୯**

କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ନାଁରେ କରି ରାଜ୍ୟ ସରକାର ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେଉଥିବା ପକ୍କାଘରକୁ ରାଜ୍ୟ ସରକାର ବିଜୁ ପକ୍କା ଘର ଯୋଜନାରେ ହେଉଛି ବୋଲି କହି ବିଭ୍ରାନ୍ତ ସୃଷ୍ଟି କରୁଥିବା ଅଭିଯୋଗ କରି ଅନୁଗୋଳ ଭାଜପା ପକ୍ଷରୁ ଶୁକ୍ରବାର ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଏପରି ହୀନ ରାଜନୀତିରୁ ନିବୃତ ରହି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଅନୁଦାନକୁ ସ୍ୱୀକାର କରିବା ସହ ଏପରି ବିଜ୍ଞାପନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲେଖିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଥିଲା । ଏ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପୌର ନିର୍ବାହୀ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।

ଦଳ ପକ୍ଷରୁ କୁହାଯାଇଛି ଯେ, ଏବେ ବି ଅନୁଗୋଳର ବହୁ ଲୋକଙ୍କ ନିକଟରେ ପକ୍କାଘର ଯୋଜନା ପହଞ୍ଚି ପାରି ନାହିଁ। ଏ ନେଇ ଲୋକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସହଯୋଗ କରାଯାଉ ନାହିଁ। ପୂର୍ବରୁ କେନ୍ଦ୍ର ସରକାରଙ୍କ ୧୦୮ ଆମ୍ବୁଲାନ୍ସ ଯୋଜନାକୁ ରାଜ୍ୟ ସରକାର ନିଜର କହି ପ୍ରଚାର କରୁଥିଲେ । ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ପକ୍କା ଘରକୁ ବିଜୁ ପକ୍କା ଘର ଯୋଜନାରେ ହୋଇଥିବା ଦର୍ଶାଉଛନ୍ତି। ରାଜ୍ୟ ସରକାରଙ୍କ ଏପରି ପର ଘର ତିଅଣରେ ଅତିଥି ସତ୍କାର ନୀତିକୁ ଭାଜପା ପକ୍ଷରୁ ଦୃଢ଼ ବିରୋଧ କରାଯାଉଛି। ତୁରନ୍ତ ଏପରି କାର୍ଯ୍ୟରୁ ରାଜ୍ୟ ସରକାର ବିରତ ରହିବା ଓ ଅନୁଗୋଳ ସହରକୁ ଦଶହରା ପୂର୍ବରୁ ଆବର୍ଜନା ମୁକ୍ତ କରା ନ ଗଲେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ଧାରଣାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଅମୂଲ୍ୟ ପ୍ରଧାନ, ଲୋଚନ ସାହୁ, ଦିଲୀପ କୁମାର ପ୍ରଧାନ, ନମିତା ଦଳବେହେରା, ସରିତା ମିଶ୍ର, ରୋଜାଲିନ ଦାଶ, ମମତା ସାହୁ, ସୁମିତ୍ରା ପ୍ରଧାନ, ଗୀତାଞ୍ଜଳି ଜେନା, ବାସନ୍ତୀ ଜେନା, ମମତା ଦେହୁରୀ, ବିନୋଦିନୀ ସାହୁ, ପରେଶ ଚନ୍ଦ୍ର ଦାସ, ଅକ୍ଷୟ ପ୍ରଧାନ, ସୁଧାକର ଶତପଥୀଙ୍କ ସମେତ ଶତାଧିକ ଭାଜପା କର୍ମୀ ଏଥିରେ ଯୋଗ ଦେଇଥିଲେ । ସେହିପରି ବଣ୍ଟଁରପାଳ ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଥିଲା । ୨୭ ନମ୍ବର ମଣ୍ଡଳ ସଭାପତି କିଟୁ ପଣ୍ଡା ଓ ୨୮ ନମ୍ବର ମଣ୍ଡଳ ସଭାପତି ଅକ୍ଷୟ ସାମଲଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା । ପ୍ରତିମା ମିଶ୍ର, ପ୍ରକାଶ ସିଂହ, ଦିବ୍ୟରଞ୍ଜନ ସାମଲ, ମଧୁସୂଦନ ପ୍ରଧାନ, ଅଖିଳ ପଟ୍ଟନାୟକ, ଆବାହକ ଦେଓ ଓ ଟୁନା ଦୀର ପ୍ରମୁଖ ଉପସ୍ଥିତ ଥିଲେ ।

# ଜବରଦଖଲ ଉଚ୍ଛେଦ ଦାବିରେ ଧାରଣା

**କଣିହାଁ,୨୭।୯(ଡି.ଏନ.ଏ.)**



କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) କଲୋନୀ କ୍ୱାର୍ଟର୍ସରୁ ଜବରଦଖଲ ଉଚ୍ଛେଦ ଦାବିରେ ଶୁକ୍ରବାର ଜଣେ କର୍ମଚାରୀଙ୍କ ସ୍ତ୍ରୀ ବରିଷ୍ଠ ପରିଚାଳକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଅପରାହ୍ନରେ ଓଏଚ୍‌ପିସି କର୍ତ୍ତୃପକ୍ଷ, ପୋଲିସ ଆଲୋଚନା କରି ଏକମାସ ମଧ୍ୟରେ ଏ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳା ଜଣଙ୍କ ଧାରଣାରୁ ଉଠି ଯାଇଥିଲେ ।

କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ ଯେ, ଓଏଚ୍‌ପିସି ପକ୍ଷରୁ ଏହାର କର୍ମଚାରୀ, ଶ୍ରମିକଙ୍କୁ ବାସଗୃହ ଯୋଗାଇ ଦିଆଯାଇଛି। ହେଲେ ବହୁ କର୍ମଚାରୀ ଅବସର ନେଇସାରିଥିବାରୁ ହାତିଆଦଣ୍ଡା, ଇଲେକ୍ଟ୍ରାଲ ଓ ଟ୍ରଷ୍ଟାର କଲୋନୀରେ କେତେକ କ୍ୱାର୍ଟର୍ସ ଫାଙ୍କା ପଡ଼ିଥିଲା । ଏହାର ସୁଯୋଗ ନେଇ ଖାଲି ପଡ଼ିଥିବା ଉକ୍ତ କ୍ୱାର୍ଟର୍ସଗୁଡ଼ିକୁ ଜବରଦଖଲକାରୀମାନେ ମାଡ଼ି ବସିଛନ୍ତି। କେତେଜଣ ଜବରଦଖଲକାରୀ ସେଠାରେ ଅନୈତିକ କାରବାର ମଧ ଚଳାଉଛନ୍ତି। ଏ ନେଇ ପୂର୍ବରୁ କେତେକ କର୍ମଚାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏପରିକି କଲୋନୀରେ ରହୁଥିବା କର୍ମଚାରୀ ତ୍ରିନାଥ ମହାପାତ୍ରଙ୍କ କ୍ୱାର୍ଟର୍ସ ନିକଟସ୍ଥ ଏକ କ୍ୱାର୍ଟର୍ସରେ ଜବରଦଖଲକାରୀମାନେ ଅନୈତିକ କାରବାର କରୁଥିବା ଗତ ୧୦ ତାରିଖରେ କର୍ମଚାରୀମାନେ ବରିଷ୍ଠ ପରିଚାଳକଙ୍କୁ ଅଭିଯୋଗ କରିଥିଲେ । ଗତ ୨୦ ତାରିଖରେ ନିଜେ ତ୍ରିନାଥ ମଧ ଏ ନେଇ ଅଭିଯୋଗ କରିଥିଲେ । ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗୁରୁବାର ତ୍ରିନାଥଙ୍କ ସ୍ତ୍ରୀ ଝରଣା ମହାପାତ୍ର ବରିଷ୍ଠ ପରିଚାଳକଙ୍କୁ ଅଭିଯୋଗ କରିବା ସହ ତୁରନ୍ତ ସେଠାରୁ ଜବରଦଖଲ ହଟାଇବାକୁ ଦାବି କରିଥିଲେ । ଏହା ନ ହେଲେ ଶୁକ୍ରବାର ସେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ । ତଦନୁଯାୟୀ ଶୁକ୍ରବାର ଝରଣା ବରିଷ୍ଠ ପରିଚାଳକଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ । ଅନ୍ୟ କର୍ମଚାରୀମାନେ ମଧ ଝରଣାଙ୍କୁ ସମର୍ଥନ ଦେଇଥିଲେ । ଅପରାହ୍ନରେ ଓଏଚ୍‌ପିସି କର୍ତ୍ତୃପକ୍ଷ, ପୋଲିସ ଝରଣା ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରି ୧ ମାସ ମଧ୍ୟରେ ଜବରଦଖଲକାରୀଙ୍କୁ ହଟାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏ ନେଇ ରେଙ୍ଗାଳି ଥାନା ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଆଲୋଚନା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।

# ମତଦାତା ଯାଞ୍ଚ କାର୍ଯ୍ୟକ୍ରମ ସମୀକ୍ଷା



**ଅନୁଗୋଳ ଅଫିସ, ୨୭।୯**

ଅନୁଗୋଳ ଜିଲାରେ ଚଳିତ ମାସ ୧ ତାରିଖରୁ ଚାଲୁଥିବା ମତଦାତା ଯାଞ୍ଚ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱରେ ଥିବା ଇଲେକ୍ଟୋରାଲ ରୋଲ୍ ପର୍ଯ୍ୟବେକ୍ଷକ, ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରାର ପି.କେ. ସେନାପତି ଶୁକ୍ରବାର ଅନୁଗୋଳ ଗସ୍ତରେ ଆସି ଏହି କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ଯୋଗଦେଇ ମତଦାତା ଯାଞ୍ଚ କାର୍ଯ୍ୟକ୍ରମ ସମୟ ସୀମା ୧୫ ଅକ୍ଟୋବର ସୁଦ୍ଧା ସମସ୍ତ ଯାଞ୍ଚ ସରିବା ସହ ସଂଗ୍ରହ ହୋଇଥିବା ମତଦାତାଙ୍କ ଡକ୍ୟୁମେଣ୍ଟସ୍ ଇଆର୍‌ଓ ୱେବସାଇଟ୍‌ରେ ଅପ୍‌ଲୋଡ କରିବାକୁ ପରାମର୍ଶ ଦେଇଥିଲେ । ପରେ ପର୍ଯ୍ୟବେକ୍ଷକ ହୁଲୁରିସିଂହା ପ୍ରାଥମିକ ବିଦ୍ୟାଳୟ ଓ ଉତ୍ତରପଡ଼ା ନୋଡାଲ ବିଦ୍ୟାଳୟର ବିଭିନ୍ନ ବୁଥ୍ ପରିଦର୍ଶନ କରି ବିଏଲ୍‌ଓମାନଙ୍କ ସହ ଆଲୋଚନା କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଡେପୁଟୀ କଲେକ୍ଟର ଲମ୍ବୋଦର ମାରାଣ୍ଡିଙ୍କ ସମେତ ସମସ୍ତ ତହସିଲଦାରମାନେ ଯୋଗଦେଇଥିଲେ ।

## ୯ ଦଲାଲ ଗିରଫ

**ବାରିପଦା ଅଫିସ,୨୭।୯**

ମୟୂରଭଞ୍ଜ ଜିଲା ପୋଲିସ ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ ଅଫିସ)ରେ ଶୁକ୍ରବାର ଚଢ଼ାଉ କରାଯାଇ ୯ ଦଲାଲଙ୍କୁ ଗିରଫ କରାଯାଇଛି। ଏନେଇ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମେଡିକାଲ କଲେଜରୁ ଗିରଫ ୩ ଜଣ ହେଲେ ଚିତ୍ତରଞ୍ଜନ ଦାସ, ଦେବେନ୍ଦ୍ର ନାଥ ମୁର୍ମୁ ଓ ସରୋଜ କୁମାର ଜେନା। ସେହିପରି ଆରଟିଓ ଅଫିସରୁ ପ୍ରୀତମ ବାରିକ, ସୂର୍ଯ୍ୟପ୍ରକାଶ ବେହେରା, ସଦାଶିବ ମହାପାତ୍ର, ଅମର କୁମାର ସେଠୀ, ଜିତେନ୍ଦ୍ର ବିଶ୍ୱାଳ ଓ କଲ୍ଲୋଳ ରଞ୍ଜନ ପରିଡା ପ୍ରମୁଖ ୬ ଜଣ ଗିରଫ ହୋଇଛନ୍ତି।

## ବାର୍‌ହା ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

**କେନ୍ଦୁଝର, ୨୭।୯(ଡି.ଏନ.ଏ.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ କାଞ୍ଚିପାଣିସେକ୍ସନଶଙ୍କରେଇଜଙ୍ଗଲରେ ବାର୍‌ହା ଆକ୍ରମଣରେ ଶଙ୍କରେଇ ଗ୍ରାମର ଭକଲୁ ପ୍ରଧାନ(୫୫)ଙ୍କ ମୃତ୍ୟୁ ହୋଇଛି। ଶୌଚ ପାଇଁ ଯାଇ ଘରକୁ ନ ଫେରିବାରୁ ଖୋଜାଖୋଜି ବେଳେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

■୬୨ତମ ଆନ୍ତର୍ଜାତିକ ବଧିର ଦିବସ

# ଭିନ୍ନକ୍ଷମମାନେ ବୋଝ ନୁହନ୍ତି




**ଅନୁଗୋଳ ଅଫିସ, ୨୭।୯**

ଅନୁଗୋଳ ଜିଲାରେ ୬୨ତମ ଆନ୍ତର୍ଜାତିକ ବଧିର ଦିବସ ପାଳିତ ହୋଇଯାଇଛି। ଅନୁଗୋଳ ବଧିର ସଂଘ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲା ଉପସଭାପତି ମନୋରଞ୍ଜନ ସାମଲ ଓ ସାଧାରଣ ସମ୍ପାଦକ ବିଶ୍ୱଜିତ ହୋତାଙ୍କ ନେତୃତ୍ୱରେ ସଂଘର ସଦସ୍ୟ ଓ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ଏକ ଶୋଭାଯାତ୍ର ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ବାହାରି ପୌରପାଳିକା ଟାଉନ୍ ହଲ ଠାରେ ପହଞ୍ଚିଥିଲା । ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ । ପୌରପାଳିକା ଟାଉନ ହଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଉପସଭାପତି ମନୋରଞ୍ଜନ ସାମଲ, ବିଶ୍ୱଜିତ ହୋତା, କୋଷାଧ୍ୟକ୍ଷ ମନୋଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ସମାଜରେ ବଧିରମାନେ ବୋଝ ନୁହନ୍ତି। ସମାଜ ଗଠନରେ ଏମାନଙ୍କ ଭୂମିକା ଅତୁଳନୀୟ। ଏମାନଙ୍କୁ ଆମେ ସହଯୋଗ ଓ ଶ୍ରଦ୍ଧା ପୂର୍ବକ ମୁଖ୍ୟ ସ୍ରୋତରେ ସାମିଲ କରିବା ଉଚିତ। ଏଥିସହ ସୋନାଲି ସାମଲ ଅତିଥିମାନଙ୍କ ବକ୍ତବ୍ୟକୁ ସାଙ୍କେତିକ ଭାଷାରେ ଉପସ୍ଥାପନା କରିଥିଲେ । ଶେଷରେ ଅନୁଗୋଳ ଜିଲା ବଧିର ସଂଘର ସାଧାରଣ ସମ୍ପାଦକ ବିଶ୍ୱଜିତ ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନାଞ୍ଚଳସ୍ତରୀୟ ବନ ସଂରକ୍ଷଣ ସମିତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଛେଣ୍ଡିପଦା,୨୭।୯(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ସ୍ତରୀୟ ବନ ସଂରକ୍ଷଣ ସମିତି ବୈଠକ ଛେଣ୍ଡିପଦା ଯୋଗକେନ୍ଦ୍ରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବନାଞ୍ଚଳସ୍ତରୀୟ ବନ ସଂରକ୍ଷଣ ସମିତିର ଆବାହକ ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁଙ୍କ ନେତୃରେ ଆୟୋଜିତ ବୈଠକରେ ଅନୁଗୋଳ ବନଖଣ୍ଡ ଅଧିକାରୀ କାର୍ତ୍ତିକ ଭି, ପ୍ରକୃତି ପରିବେଶ ବନ୍ୟଜୀବ ସମିତି ସମ୍ପାଦକ ପ୍ରସନ୍ନ ବେହେରା, ପୂର୍ବତନ ଏସିଏଫ ଦେବରାଜ ସାହୁ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଜଙ୍ଗଲ ଯୋଜନା, ସମିତି ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ଗୁଡିକର ସମାଧାନ, ସମିତି ଗୁଡିକୁ ଆବଣ୍ଟନ କରାଯାଇଥିବା ସୀମା ନିର୍ଦ୍ଧାରଣ ଓ ଜଙ୍ଗଲ ସୀମା ଗୁଡିକରେ ଥିବା ସ୍ତମ୍ଭ ଗୁଡିକର ଚିହ୍ନଟ ନିମନ୍ତେ ତାଲିମ ଏବଂ ସମିତିକୁ ଆସୁଥିବା ଅର୍ଥର ସୁବିନିଯୋଗ ଆଦି ଉପରେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ବନାଞ୍ଚଳର ୫୦ଟି ବନ ସଂରକ୍ଷଣ ସମିତି ସଭାପତି, ସମ୍ପାଦକ, ଛେଣ୍ଡିପଦା ବନାଞ୍ଚଳର ଫରେଷ୍ଟର କଳାକର ପ୍ରଧାନ, ପ୍ରତାପ ପ୍ରଧାନ ଓ ସମସ୍ତ ବନ କର୍ମଚାରୀ ଯୋଗ ଦେଇଥିଲେ ।

■ଜିଲା ମୁଖ୍ୟ ଚିକିତ୍ସାଳୟ, ଆରଟିଓରେ ଚଢ଼ାଉ

# ୭ ଜଣଙ୍କୁ ଗିରଫ କଲା ପୋଲିସ

**ଅନୁଗୋଳ ଅଫିସ, ୨୭।୯**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଆରଟିଓ କାର୍ଯ୍ୟାଳୟରେ ଦଲାଲି ଅଭିଯୋଗରେ ଶୁକ୍ରବାର ୭ ଜଣଙ୍କୁ ଅନୁଗୋଳ ପୋଲିସ ଗିରଫ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରୁ ୪ ଜଣଙ୍କୁ ଗିରଫ କରାଯାଇ ନଂ. ୭୬୨/୧୯ରେ କୋର୍ଟଚାଲାଣ କରାଯାଇଛି। ଏମାନେ ହେଲେ ଶୁଶୁଡ଼ାର ପର୍ଶୁରାମ ଦାସ(୩୮), ପଞ୍ଚମହଲାର ବ୍ରହ୍ମଜ୍ୟୋତି ମିଶ୍ର(୩୭), ପଞ୍ଚମହଲାର ସୀତାଂଶୁ ନାଏକ(୩୪) ଓ ବନ୍ତଲା ଥାନା ପୁରୁଣାଗଡ଼ର ଦିଲୀପ ଦେଓ(୩୩)। ସେହିପରି ଆରଟିଓ କାର୍ଯ୍ୟାଳୟରୁ ୩ ଜଣ ଜରାସିଂହାରୁ ଶ୍ରୀଧର ସାହୁ(୩୪), ଶିମିଳିପଡ଼ାରୁ ଦିବାକର ପତି(୬୧) ଓ କୁଶାସିଂହାରୁ ସୁଦାମ ପତି(୩୪)ଙ୍କୁ ଗିରଫ ପରେ ନଂ. ୭୬୩/୧୯ରେ କୋର୍ଟ ଚାଲାଣ କରାଯାଇଥିବା ଅନୁଗୋଳ ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ସୂଚନା ଦିଆଯାଇଛି।



ପୋଲିସ ସହ ଆର୍‌ଟିଓ କାର୍ଯ୍ୟାଳୟରୁ ଗିରଫ ୩ ଅଭିଯୁକ୍ତ।

ଜିଲା ମୁଖ୍ୟ ଚିକିତ୍ସାଳୟରୁ ରୋଗୀଙ୍କୁ ପ୍ରବର୍ତ୍ତାଇ ବିଭିନ୍ନ ଘରୋଇ ନର୍ସିଂହୋମ, ଡାଇଗୋନିଷ୍ଟିକ ସେଣ୍ଟରଗୁଡ଼ିକୁ ପଠାଯିବା ସହ ରକ୍ତ ଭଣ୍ଡାରକୁ ଆସୁଥିବା ଲୋକଙ୍କୁ ଶୋଷଣ କରାଯାଉଥିଲା । ଯେଉଁମାନେ ବିରୋଧ କରୁଥିଲେ, ସେମାନଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଏହାପରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ସେହିପରି ଅନୁଗୋଳ ଆରଟିଓ କାର୍ଯ୍ୟାଳୟରେ ମଧ ନୂତନ ମୋଟରଯାନ ଆଇନ ପ୍ରଣୟନ ହେବା ପରେ ଦଲାଲ୍‌ଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା । ବିଭିନ୍ନ କାର୍ଯ୍ୟ କରାଇଦେବା ବାହାନାରେ ଲୋକଙ୍କ ନିକଟରୁ ଦଲାଲମାନେ ଟଙ୍କା ଲୁଟୁଥିଲେ । ଏହି ଘଟଣାରେ ଜିଲା ମୁଖ୍ୟ ଚିକିତ୍ସାଳୟର କେତେଜଣ ଡାକ୍ତର, କର୍ମଚାରୀ, ରକ୍ତଭଣ୍ଡାର କର୍ମଚାରୀ, ଘରୋଇ ନର୍ସିଂହୋମ, ଡାଇଗୋନିଷ୍ଟ ସେଣ୍ଟରର କର୍ମଚାରୀ, ଆରଟିଓ କାର୍ଯ୍ୟାଳୟ କର୍ମଚାରୀ ଓ ଅନ୍ୟକେତେକ ଦଲାଲଙ୍କ ଉପରେ ପୋଲିସ ନଜର ରଖିଥିବା ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍‌ଡିପିଓ ଅଶ୍ୱନୀ ସାହୁ, ଥାନା ଅଧିକାରୀ ରମେଶଚନ୍ଦ୍ର ବିଶୋଇଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରକାଶ ମାଝି, ଅରକ୍ଷିତ ସେଠୀ, ସତ୍ୟରଞ୍ଜନ ଲେଙ୍କା, ବିପ୍ଳବ ସାହୁ, ସ୍ୱର୍ଣ୍ଣମୟୀ ଷଣ୍ଢ, ସୌମ୍ୟା ରାୟଙ୍କ ସମେତ ଥାନାର ଅନ୍ୟ କର୍ମଚାରୀମାନେ ଚଢ଼ାଉ କରିଥିଲେ ।

**ସଂକ୍ଷେପରେ**

## ହୀରାକୁଦ ଡ୍ୟାମ୍ ଜଳସ୍ତର ୬୩୦ ଫୁଟ୍ ୧୦ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୨୭।୯ (ବ୍ୟୁରୋ):** ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଶୁକ୍ରବାର ୬୩୦ ଫୁଟ ରହିଛି। ଏଣୁ ସୁରକ୍ଷା ଦୃଷ୍ଟିରୁ ୧୦ଟି ଗେଟ୍ ଖୋଲାଯାଇଛି। ଡ୍ୟାମ୍ ବାମପାର୍ଶ୍ୱର ୬ଟି ଓ ଡାହାଣପାର୍ଶ୍ୱର ୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୮୬ ହଜାର ୩୧୬ କ୍ୟୁସେକ ପାଣି ଜଳ ପ୍ରବେଶ କରୁଥିବାବେଳେ ୧ଲକ୍ଷ ୮୬ ହଜାର ୩୧୬ ଜଳ ନିଷ୍କାସନ କରାଯାଉଛି । ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ୧ ଲକ୍ଷ ୬୪ ହଜାର ୪୦୦, ପାୱାର ଚ୍ୟାନେଲରେ ୧୭ ହଜାର ୯୩୧, ବିଭିନ୍ନ କେନାଲରେ ୩ହଜାର ୮୧୫ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡାଯାଉଛି। ଡ୍ୟାମ୍‌ର ଉପର ମୁଣ୍ଡରେ ୧୭.୩ ଓ ତଳମୁଣ୍ଡରେ ୧.୩୨ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବେଲଗାଁରେ ୧୨ ହଜାର, ପର୍ଥଲାରେ ୩୫ ହଜାର ୯୭୦, ଖଇରମାଳରେ ୧ ଲକ୍ଷ ୯୮ ହଜାର, ବଡମୂଳରେ ୭୭ ହଜାର ଓ ମୁଣ୍ଡଳିରେ ୮୩ ହଜାର ୧ଶହ ଜଳ ପ୍ରବାହିତ ହେଉଥିବା ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଓଡ଼ିଶାରେ ରାଷ୍ଟ୍ରପତି



ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରୁଛନ୍ତି।

**ଆଜି ଗୋପାଳପୁର ଆର୍ମି ଏଡି କଲେଜ ଉତ୍ସବରେ ଯୋଗଦେବେ**

**ଭୁବନେଶ୍ୱର (ବ୍ୟୁରୋ)/ଗୋପାଳପୁର, ୨୭।୯**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଦିଲ୍ଲୀରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ରାଷ୍ଟ୍ରପତି ସସ୍ତ୍ରୀକ ଆସି ଅପରାହ୍ଣ ପ୍ରାୟ ୨ଟା ୩୦ରେ ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ପୋଲିସ ଡିଜି ବିଜୟ କୁମାର ଶର୍ମା, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ ପ୍ରମୁଖ ସ୍ୱାଗତ କରିଥିଲେ। ଏହାପରେ ସ୍ୱତନ୍ତ୍ର ହେଲିକପ୍ଟରରେ ସେ ଗଞ୍ଜାମ ଜିଲା ଗୋପାଳପୁରର ଆର୍ମି ଏଡି କଲେଜ ଅଭିମୁଖେ ଗସ୍ତ କରିଛନ୍ତି।

ରାଷ୍ଟ୍ରପତି, ତାଙ୍କ ପତ୍ନୀ, ରାଜ୍ୟପାଳ, ଦୁଇ କେନ୍ଦ୍ରମନ୍ତ୍ରୀ ୨ଟି ସ୍ୱତନ୍ତ୍ର ହେଲିକପ୍ଟରରେ ଆସି ଅପରାହ୍ଣ ପ୍ରାୟ ୩ଟା ୪୦ ମିନିଟରେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ପହଞ୍ଚିଥିଲେ। ସେଠାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଆର୍‌ଡିସି ଟି. ଆପାଙ୍ଗ ଆଓ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଆଇଜି ଅମିତାଭ ଠାକୁର, ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଓ ଆର୍ମି ଏଡି କଲେଜର ମୁଖ୍ୟ ବ୍ରିଗେଡିୟର ରାଜୀବ ଶ୍ରୀବାସ୍ତବ ପ୍ରମୁଖ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ଦୁଇ କିଲୋମିଟର ଦୂରରେ ଥିବା ଆର୍ମି ଏଡ଼ି କଲେଜକୁ କଡ଼ା ସୁରକ୍ଷା ବଳୟରେ ରାଷ୍ଟ୍ରପତିଙ୍କୁ ପାଛୋଟି ନିଆଯାଇଥିଲା। ସେଠାରେ ରାଷ୍ଟ୍ରପତି ରାତ୍ରୀଯାପନ କରିବେ। ବାୟୁସେନା ମୁଖ୍ୟ ବିପିନ ରାୱତ ମଧ ଏଠାରେ ଆସି ପହଞ୍ଚିଛନ୍ତି। ତାଙ୍କୁ ସେନା ପକ୍ଷରୁ ପାଛୋଟି ନିଆଯାଇଥିଲା। ରାଷ୍ଟ୍ରପତି ଶନିବାର ପୂର୍ବାହ୍ନରେ ଗୋପାଳପୁର ଆର୍ମି ଏଡି କଲେଜର ପାସିଂ ଆଉଟ ସେରିମନିରେ ଯୋଗଦେଇ କ୍ୟାଡେଟମାନଙ୍କୁ ଫ୍ଲାଗ୍ ପ୍ରଦାନ କରିବେ। ସେଠାରୁ ପୂର୍ବାହ୍ନ ୧୧.୩୦ରେ ସେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି। ସେ ଭୁବନେଶ୍ୱର ଫେରିବା ପରେ ରାଜଭବନ ଯାଇପାରନ୍ତି। ତେବେ ଏ ନେଇ ରାଜଭବନ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। ରାଷ୍ଟ୍ରପତି ଭୁବନେଶ୍ୱରରୁ ରାଞ୍ଚି ଗସ୍ତରେ ଯିବେ ବୋଲି ଜଣାପଡ଼ିଛି।

# ସୁମନଙ୍କୁ 'ଏୟାର୍ ମିସେସ୍ ଇଣ୍ଡିଆ ଓଡ଼ିଶା' ଟାଇଟଲ

**ଭୁବନେଶ୍ୱର, ୨୭।୯ (ବ୍ୟୁରୋ):** ଦେଶର ଅନ୍ୟତମ ଲୋକପ୍ରିୟ ବ୍ୟୁଟି ପାଜେଣ୍ଟ 'ଏଆର୍ ମିସେସ୍ ଇଣ୍ଡିଆ'ର ୨୦୧୯ ସଂସ୍କରଣ ପାଇଁ ନିକଟରେ ଦେଶର ବିଭିନ୍ନ ସହରରେ ଅଡିଶନ୍ ଶେଷ ହୋଇଛି। ଏହାସହ ବିଭିନ୍ନ ରାଜ୍ୟ ପାଇଁ ବିଜେତାଙ୍କ ନାମ ମଧ ଘୋଷଣା କରାଯାଇଛି। ଓଡ଼ିଶାର ସୁମନ ମିଶ୍ର ଚଳିତବର୍ଷ ପାଇଁ ଏଆର୍ ମିସେସ୍ ଇଣ୍ଡିଆ ୨୦୧୯ର ଷ୍ଟେଟ୍ ୱିନର୍ ଭାବେ ଘୋଷିତ ହୋଇଥିବାବେଳେ ତାଙ୍କୁ ମିଳିଛି 'ଏଆର୍ ମିସେସ୍ ଇଣ୍ଡିଆ ଓଡ଼ିଶା' ଟାଇଟଲ। ରାଜଧାନୀ ବାସିନ୍ଦା ଦିବାକର ମିଶ୍ରଙ୍କ ନାତୁଣୀ ସୁମନ ରାଜ୍ୟସ୍ତରରେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ଟାଇଟଲ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ମୋଟ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୬୦ ପ୍ରତିଯୋଗୀଙ୍କୁ ଫିନାଲେ ଟିକେଟ୍ ମିଳିଛି। ଏହି ୬୦ ପ୍ରତିଯୋଗୀଙ୍କୁ ନେଇ ମୁମ୍ବାଇରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇ ସୁମନ ଶ୍ରେଷ୍ଠ ୧୦ ପ୍ରତିଯୋଗୀଙ୍କ ମଧ୍ୟରେ ରହିବାରେ ସଫଳ ହୋଇଛନ୍ତି। ସୁମନଙ୍କ ବ୍ୟତୀତ ଓଡ଼ିଶାର ଆଉ ଜଣେ ପ୍ରତିଯୋଗୀ ସୁଚରିତା ଲେଙ୍କା 'ଏଆର୍ ମିସେସ୍ ର୍‌ୟାମ୍ପ୍‌ୱାକ୍' ଟାଇଟଲ୍ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେହିଭଳି ଭୁବନେଶ୍ୱର ସିଟି ଅଡିଶନ୍‌ରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ନୀତୁ ଅଗ୍ରୱାଲ୍ 'ଏଆର୍ ମିସେସ୍ ଇଣ୍ଡିଆ ଭୁବନେଶ୍ୱର' ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ମୁମ୍ବାଇର ଏଆର୍ ଏଣ୍ଟରଟେନ୍‌ମେଣ୍ଟ ଗ୍ରୁପ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ପାଇଁ ଦେଶର ୨୨ ସହରରେ ଅଡିଶନ୍ ଅନୁଷ୍ଠିତ ହୋଇଥିଲା। ଖୁବଶୀଘ୍ର ଏହାର ଗ୍ରାଣ୍ଡ ଫିନାଲେ ମୁମ୍ବାଇରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।



ସୁମନ ମିଶ୍ର

# ରାଜ୍ୟରେ ଆରମ୍ଭ ହେବ 'ଆଇବିଏମ୍ ଷ୍ଟିମ୍ ଫର୍ ଗର୍ଲସ'



ବୁଝାମଣା ପତ୍ର ସ୍ୱାକ୍ଷରିତ ହେଉଛି।

**ଗଣଶିକ୍ଷା ବିଭାଗ, ଆଇବିଏମ୍ ଇଣ୍ଡିଆ ମଧ୍ୟରେ ବୁଝାମଣାପତ୍ର**

**ଭୁବନେଶ୍ୱର, ୨୭।୯ (ବ୍ୟୁରୋ):** ରାଜ୍ୟରେ 'ଆଇବିଏମ୍ ଷ୍ଟିମ୍ ଫର୍ ଗର୍ଲସ' କାର୍ଯ୍ୟକ୍ରମ ପ୍ରଚଳନ କରିବା ପାଇଁ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଆଇବିଏମ୍ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ରାଜ୍ୟର ୧୨୫ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ବିଷୟଗତ ଶିକ୍ଷାର ସମୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହି ବୁଝାମଣାପତ୍ର ହେବା ଦ୍ୱାରା ଆଇବିଏମ୍ ସଂସ୍ଥା ଅଷ୍ଟମରୁ ଦଶମ ଶ୍ରେଣୀ ଯାଏ ପାଠ ପଢୁଥିବା ଅନ୍ୟୂନ ୨୦ହଜାର ଛାତ୍ରୀ ଓ ୧୦ହଜାର ଛାତ୍ରଙ୍କୁ ଗଣିତ, ବିଜ୍ଞାନ, ବୈଷୟିକ, ଇଞ୍ଜିନିୟରିଂ ବିଷୟରେ ଉନ୍ନତ ଜ୍ଞାନକୌଶଳ ଶିକ୍ଷା ପ୍ରଦାନ କରିବ।

ସୂଚନାଯୋଗ୍ୟ, ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଙ୍କୁ ବୃତ୍ତିଗତ ଶିକ୍ଷା ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବା ଲାଗି ପଥପ୍ରଦର୍ଶକର ଭୂମିକା ଗ୍ରହଣ କରିଥାଏ ଆଇବିଏମ୍ ଇଣ୍ଡିଆ। ତେବେ ବିଦ୍ୟାର୍ଥୀଙ୍କୁ ଡିଜିଟାଲ ସ୍ୱାକ୍ଷର, କୋଡ଼ିଂ ଓ ବୈଷୟିକ ଦକ୍ଷତା କୌଶଳ ସଂକ୍ରାନ୍ତରେ ତାଲିମ ଯୋଗାଇ ଷ୍ଟିମ୍ ଶିକ୍ଷା ପ୍ରଣାଳୀ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି। ଓସେପା ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଓ ଆଇବିଏମ୍ କର୍ପୋରେଟ୍ ସିଟିଜେନ୍‌ଶିପ୍ ଭାରତ ଓ ଦକ୍ଷିଣ ଏସିଆ ମୁଖ୍ୟ ରୁମି ମଲ୍ଲିକ ମିତ୍ର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କମିଶନର ତଥା ଶାସନ ସଚିବ ଚିତ୍ରା ଅରୁମୁଗମ ଉପସ୍ଥିତ ଥିଲେ।

# ବଢ଼ିଲା ଶ୍ରମିକଙ୍କ ମଜୁରି

**ଭୁବନେଶ୍ୱର, ୨୭।୯ (ବ୍ୟୁରୋ):** ଖଣି, ନିର୍ମାଣ କ୍ଷେତ୍ର, ରେଲୱେ, ସଫେଇ, କେବୁଲ, ପାଣିପାଇପ ବିଛାଇବା ଆଦି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଦୈନିକ ମଜୁରି ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ବର୍ଦ୍ଧିତ ମଜୁରି ଅକ୍ଟୋବର ୧ ତାରିଖରୁ ଲାଗୁ ହେବ। ଏ ନେଇ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଖଣି ଉପରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରି ୪୦୩ ଟଙ୍କା, ଖଣି ଭିତରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଜୁରି ୫୦୩ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଖଣି ଉପରେ କାର୍ଯ୍ୟରତ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ୫୦୩, କୁଶଳୀ ଶ୍ରମିକଙ୍କ ୬୦୩ ଏବଂ ଅତିକୁଶଳୀ ଶ୍ରମିକଙ୍କ ମଜୁରି ୭୦୩ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ଖଣି ଭିତରେ କାର୍ଯ୍ୟରତ ଅର୍ଦ୍ଧକୁଶଳୀଙ୍କର ଦୈନିକ ମଜୁରି ୬୦୩, କୁଶଳୀ ୭୦୩, ଅତିକୁଶଳୀଙ୍କ ମଜୁରି ୭୮୫ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଭୁବନେଶ୍ୱର, କଟକ, ଏବଂ ରାଉରକେଲା ସହରାଞ୍ଚଳରେ ରେଲୱେ, ରାସ୍ତା ନିର୍ମାଣ, ଟେଲିଫୋନ, ବିଦ୍ୟୁତ ପାଇଁ କେବୁଲ, ଜଳଯୋଗାଣ, ସ୍ୱେରେଜ ଆଦି ପାଇଁ ପାଇପ ବିଛାଇବା କାର୍ଯ୍ୟରେ ନିୟୋଜିତ ଥିବା ଅଣକୁଶଳୀଙ୍କର ଦୈନିକ ମଜୁରି ୫୦୩ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ୫୬୯, କୁଶଳୀ ୬୬୬ ଏବଂ ଅତିକୁଶଳୀ ଶ୍ରମିକଙ୍କ ମଜୁରି ୪୬୯ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ରାଜ୍ୟର ଅନ୍ୟ ଅଞ୍ଚଳରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରି ୪୦୩ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ୪୭୨, କୁଶଳୀ ୫୬୯, ଅତି କୁଶଳୀଙ୍କର ୬୬୬ ଟଙ୍କା ଧାର୍ଯ୍ୟ କରାଯାଇଛି।

# ସିଧାସଳଖ ଅନ୍‌ଲାଇନରେ ପଞ୍ଜୀକରଣ କରିପାରିବେ ଚାଷୀ

**ପିଏମ୍-କିଷାନ ଯୋଜନା**

■କେନ୍ଦ୍ର ସରକାର ଚାଷୀ ପଞ୍ଜୀକରଣ ପାଇଁ ଖୋଲିଲେ ନୂଆ ପୋର୍ଟାଲ

**ଭୁବନେଶ୍ୱର, ୨୭।୯ (ବ୍ୟୁରୋ):** ରାଜ୍ୟ ସରକାର କିମ୍ବା କୌଣସି ଏଜେନ୍ସିଙ୍କ ବିନା ସହାୟତାରେ ଚାଷୀମାନେ ସିଧାସଳଖ କେନ୍ଦ୍ର ସରକାରଙ୍କ ପିଏମ-କିଷାନ ନିଧି ଯୋଜନାରେ ନିଜକୁ ସାମିଲ କରି ପାରିବେ। ପିଏମ କିଷାନ ନିଧି ୱେବ ପୋର୍ଟାଲ http:/www.pmkishan.gov.in ଜରିଆରେ ଚାଷୀମାନେ ସହାୟତା ରାଶି ପାଇବା ପାଇଁ ନିଜକୁ ପଞ୍ଜୀକୃତ କରିପାରିବେ। ପିଏମ-କିଷାନ ଯୋଜନାକୁ ପଶ୍ଚିମବଙ୍ଗ ସରକାର କାର୍ଯ୍ୟକାରୀ କରି ନ ଥିବାବେଳେ ଓଡ଼ିଶା ସରକାର ଚାଷୀଙ୍କ ତାଲିକା ଦେବାରେ ବିଳମ୍ବ କରୁଥିବାରୁ କେନ୍ଦ୍ର ସରକାର ଚାଷୀମାନଙ୍କୁ ଏଭଳି ସୁବିଧା ଦେଇଛନ୍ତି। ଯୋଜନାକୁ ନେଇ କେନ୍ଦ୍ର ଓ କେତେକ ରାଜ୍ୟ ସରକାରଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଛି। ଏହାର ଚକ୍ରବ୍ୟୂହରେ ଚାଷୀମାନେ ଫସି ଯାଇଛନ୍ତି। ଯୋଜନାର ଫାଇଦା ସବୁ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ କେନ୍ଦ୍ର ସରକାର ଏଭଳି ବ୍ୟବସ୍ଥା କରିଥିବା କୁହାଯାଉଛି। କେନ୍ଦ୍ର ସରକାର କିଷାନ ନିଧି ଯୋଜନାର ପୋର୍ଟାଲ ଜରିଆରେ ଚାଷୀ ନିଜକୁ ଅନଲାଇନ ପଞ୍ଜୀକୃତ କରିପାରିବେ। ତେବେ ପଞ୍ଜୀକରଣ ବେଳେ ଚାଷୀମାନେ ଆଧାର, ବ୍ୟାଙ୍କ ଆକାଉଣ୍ଟ ଏବଂ ଚାଷ ଜମିର ପଟ୍ଟା ଆଦିକୁ ଦେଇ ନାମ ପଞ୍ଜୀକରଣ କରିପାରିବେ। ନାମ ପଞ୍ଜୀକୃତ ହେବା ପରେ କେନ୍ଦ୍ର ସରକାର ସେଗୁଡ଼ିକୁ ଯାଞ୍ଚ କରିବେ। ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ତୁରନ୍ତ ବୈଧ ପଞ୍ଜୀକୃତ ଚାଷୀଙ୍କ ଆକାଉଣ୍ଟକୁ ସମସ୍ତ ଅର୍ଥ ତୁରନ୍ତ ପଠାଇ ଦିଆଯିବ। ନାମ ପଞ୍ଜୀକୃତ ହେବା ପରେ ରାଜ୍ୟ ସରକାର ସେହି ତାଲିକାକୁ ଯାଞ୍ଚ କରିବେ। ଏହା ପରେ କୃଷକଙ୍କ ଆକାଉଣ୍ଟକୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି କୃଷି ବିଭାଗ ସଚିବ ସୌରଭ ଗର୍ଗ କହିଛନ୍ତି। ଚାଷୀମାନେ ନିଜର ଆକାଉଣ୍ଟକୁ ସହାୟତା ରାଶି ଆସିଛି କି ନାହିଁ ତାହା ମଧ ଉକ୍ତ ପୋର୍ଟାଲରୁ ଜାଣିପାରିବେ।

ମିଳିଥିବା ସୂଚନା ଅନୁଯାୟୀ ପିଏମ କିଷାନ ଯୋଜନାରେ ୩୦ ଲକ୍ଷ ୯୧ ହଜାର ୭୮୩ ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ଲକ୍ଷ ୨୬ ହଜାର ୨୪ ଜଣ ଏହି ଯୋଜନାରେ ପ୍ରଥମ କିସ୍ତି ବାବଦରେ ୨ ହଜାର ଟଙ୍କା ଲେଖାଏ ପାଇଛନ୍ତି। ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ କେବଳ ୯ ଲକ୍ଷ ୩୪ ହଜାର ୭୯୭ ଚାଷୀଙ୍କୁ ଦ୍ୱିତୀୟ କିସ୍ତି ମିଳିଛି। ପିଏମ୍-କିଷାନ ଯୋଜନାରେ ଚାଷୀଙ୍କୁ ୬ ହଜାର ଟଙ୍କା ସହାୟତା ୩ଟି କିସ୍ତିରେ ଯୋଗାଇ ଦେବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ସେଥିରୁ ଏପ୍ରିଲ ଓ ଜୁଲାଇ ମାସ ମଧ୍ୟରେ ପ୍ରଥମ କିସ୍ତି, ଅଗଷ୍ଟରୁ ନଭେମ୍ବର ଦ୍ୱିତୀୟ ଏବଂ ଡିସେମ୍ବରରୁ ମାର୍ଚ୍ଚ ତୃତୀୟ କିସ୍ତି ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି।



**ଜିଲା ଚିଠି**
**କେନ୍ଦୁଝର**

## ଘାରୁଛି ପ୍ରଦୂଷଣ ଚିନ୍ତା

ରାଜ୍ୟରେ ସମୁଦାୟ ୪୦ଟି ଖଣି ନିଲାମ ହେବ। ସେଥିମଧ୍ୟରୁ ୨୪ ଖଣି କାର୍ଯ୍ୟକ୍ଷମ ରହିଥିବାବେଳେ କେନ୍ଦୁଝର ଜିଲାର ୧୪ ଖଣିର ନିଲାମ ହେବାର ଅଛି। ଫଳରେ ବହୁ ବର୍ଷ ତଥା ବଂଶାନୁକ୍ରମିକ ଭାବେ ଲିଜ୍ ନେଇ ଖଣି ମାଲିକ ବୋଲାଉଥିବା ସଂସ୍ଥାଗୁଡ଼ିକ ଏବେ ଚିନ୍ତାରେ ପଡିଛନ୍ତି। ସରକାର ଖଣି ନିଲାମ କରିବାକୁ ନିଷ୍ପତ୍ତି ନେବା ପରେ ଏହା ସେମାନଙ୍କ ଲାଗି ମୁଣ୍ଡବ୍ୟଥାର କାରଣ ହୋଇଛି। ହାତରୁ ଖଣି ଖସିଯିବା ଭୟରେ କେତେକ କମ୍ପାନୀ ସରକାରଙ୍କ ନିଷ୍ପତ୍ତିକୁ ବଦଳାଇବାକୁ ବିଭିନ୍ନ ପ୍ରକାର ଚାପ ପକାଉଥିବା ଶୁଣିବାକୁ ମିଳୁଛି। ଆସନ୍ତା ବର୍ଷ ଅର୍ଥାତ୍ ୨୦୨୦ ମାର୍ଚ୍ଚ ପରେ ସେମାନଙ୍କ ଖଣି ଲିଜ୍ ଅବଧି ସରିବ। ଖଣି ଚାଲିଯିବା ଭୟ ସେହି ସଂସ୍ଥାଗୁଡ଼ିକୁ ଘାରିଛି। ସେଥିପାଇଁ ସେମାନେ ଖଣି ଖନନ ଓ ଚାଲାଣକୁ ବହୁ ଗୁଣା ବଢାଇ ଦେଇଥିବା ଏଠାରେ ଆଲୋଚନା ହେଉଛି। ଏଣୁ ବହୁ ତରବର ଭାବେ ଲୁହାପଥର ଚାଲାଣ କରାଯାଉଛି। ଅବଧି ସରିବା ପୂର୍ବରୁ ସବୁ ଲାଭ ସାଉଁଟି ନେବା ପାଇଁ ଉପରୋକ୍ତ ସଂସ୍ଥାଗୁଡ଼ିକ ଲାଗି ପଡିଛନ୍ତି। ଫଳରେ ଶହ ଶହ ସଂଖ୍ୟାରେ ନିୟୋଜିତ ଟ୍ରକ୍, ଟ୍ରେଲର ଓ ଟିପ୍ପରରେ ଲୁହ ପଥର ପରିବହନ ଚାଲିଛି। ରାତିଦିନ ନିସ୍ତାର ନାହିଁ। ଏଥିଯୋଗୁ ରାସ୍ତା ଜାମ ରହୁଛି। ଧୂଳି ଓ ଧୂଆଁରେ ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବୁଡିଯାଉଛି। ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରାଯାଇ ଲୁହାପଥର ପରିବହନ କରାଯାଉଛି। ଓଭରଲୋଡିଂ ଯାଞ୍ଚ ହେଉନାହିଁ। ବିନା ଘୋଡ଼ଣୀରେ ଯାଉଥିବା ଟ୍ରକ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଚୋରା କାରବାର ଓ ଚାଲାଣ ରୋକିବା ପାଇଁ ନିଆଯାଇଥିବା ପ୍ରତିଷୋଧକ ବ୍ୟବସ୍ଥାକୁ ବନ୍ଦ କରିଦିଆଯାଇଛି। ସୀମା ସିଲ୍ କରାଯାଇ ପାଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ଼ ଯାଉନି କି ଚୋରା କାରବାର ରୋକିବା ପାଇଁ ଗଠନ କରାଯାଇଥିବା ଜିଲାସ୍ତରୀୟ ଓ ରାଜ୍ୟସ୍ତରୀୟ ସ୍କ୍ୱାଡ୍ ପକ୍ଷରୁ ନିୟମିତ ଯାଞ୍ଚ କରାଯାଉନି। ଏପରି କି ଚୋରା କାରବାର ରୋକିବା ପାଇଁ ଟ୍ରକରେ ଲଗାଇବାକୁ ଥିବା ଜିପିଏସ୍ ବ୍ୟବସ୍ଥାକୁ ମଧ କୋହଳ କରାଯାଇଛି, ଯାହା ସମସ୍ତଙ୍କୁ ଚକିତ କରିଛି। ସରକାର ନିଜ ହାତରେ ଖଣି ରଖି ଖଣିଜ ପଥର ଉତ୍ତୋଳନ କଲେ ଅଧିକ ଲାଭବାନ ହୋଇପାରିବେ। ନୀତି ନିୟମ ବି ଠିକ୍ ଭାବେ ପାଳନ ହୋଇପାରିବ। ବେଆଇନ କାର୍ଯ୍ୟ ବିରୋଧରେ ଅଙ୍କୁଶ ଲାଗିବ। ଅଧିକ କର୍ମନିଯୁକ୍ତି ସୃଷ୍ଟି ହେବ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ମଧ ମିଳିବ। ଖଣି ନ ଥିବା କମ୍ପାନୀକୁ ସରକାର ପର୍ଯ୍ୟାପ୍ତ କଞ୍ଚାମାଲ ଯୋଗାଇ ପାରିବେ। ଦର ନିର୍ଦ୍ଧାରଣ ଠିକ୍ ଭାବେ ହୋଇପାରିବ। ଲୋକଙ୍କ ଆସ୍ଥା ବୃଦ୍ଧି ପାଇବ ବୋଲି ସ୍ପଷ୍ଟ ହୋଇଛି। ଏହାପରେ ବି ଦୀର୍ଘଦିନରୁ ପ୍ରଦୂଷଣ ସମସ୍ୟାରେ ଘାଣ୍ଟି ଚକଟି ହେଉଥିବା ଲୋକମାନଙ୍କ ସମସ୍ୟା କଥା ବିଚାରକୁ ନିଆଯିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଜାଣିଶୁଣି ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି।

– ନରେଶ ଚନ୍ଦ୍ର ପଟ୍ଟନାୟକ

### କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ହଡ଼ପ କରିବା ଘଟଣା

# ରାଜ୍ୟବ୍ୟାପୀ ଆନ୍ଦୋଳନ କଲା ଭାଜପା




ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ବିକ୍ଷୋଭ।

**ଭୁବନେଶ୍ୱର, ୨୭।୯ (ବ୍ୟୁରୋ)**

ରାଜ୍ୟ ସରକାର କ୍ରମାଗତଭାବେ କେନ୍ଦ୍ରୀୟ ଯୋଜନାକୁ ନିଜ ନାଁରେ କରି ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରାଯାଇ ଭାଜପା ପକ୍ଷରୁ ଶୁକ୍ରବାର ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯାଇଛି। ଭାଜପାର ଅଭିଯୋଗ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ପକ୍କାଘର ରାଜ୍ୟ ସରକାର 'ବିଜୁ ପକ୍କାଘର' ଆବାସ ଯୋଜନା ବୋଲି କହି ବାହା ବାହା ସାଉଁଟିବାରେ ଲାଗିଛନ୍ତି। ଏହା ବିରୋଧରେ ରାଜ୍ୟ ଭାଜପା ପକ୍ଷରୁ ୩୧୪ ବ୍ଲକ ଏବଂ ପୌରାଞ୍ଚଳ ଘେରାଓ କରାଯାଇଛି। ଭୁବନେଶ୍ୱର ଜିଲା ଭାଜପା କର୍ମୀମାନେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ଆନ୍ଦୋଳନ କରିଛନ୍ତି। ଏହାପରେ ଦଳର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାର ଯେତେ ବିଜ୍ଞାପନ ଛପାଇଛନ୍ତି ସେଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ପ୍ରଧାନମନ୍ତ୍ରୀ ଶବ୍ଦକୁ ବାଦ୍ ଦେଇ ବିଭ୍ରାନ୍ତ ସୃଷ୍ଟି କରିଛନ୍ତି।

# ଭେଣ୍ଟିଲେଟରରେ କାଳିଆ

**ଏସ୍‌ସିବି ମେଡିକାଲ୍**

**କଟକ ଅଫିସ, ୨୭।୯:** କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା-କାଳିଆ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କାଳିଆର ଅବସ୍ଥା ଗୁରୁବାର ରାତିରେ ଗୁରୁତର ହୋଇପଡିବାରୁ ଭେଣ୍ଟିଲେଟରରେ ରଖାଯାଇଛି। ବର୍ତ୍ତମାନ କାଳିଆର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି। କାଳିଆର ଛାତିରେ ସଂକ୍ରମଣ ଯୋଗୁ ତାକୁ ଭେଣ୍ଟିଲେଟରରେ ରଖାଯାଇଛି। ଦୁହିଁଙ୍କ ଚିକିତ୍ସା ନିମନ୍ତେ ଗଠନ ହୋଇଥିବା ଡାକ୍ତରୀ ଟିମ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି। ଆବଶ୍ୟକ ସ୍ଥଳେ ଏମ୍ସ ଡାକ୍ତରଙ୍କ ସହାୟତା ନିଆଯାଉଛି। ସ୍ୱାସ୍ଥ୍ୟରେ ଉନ୍ନତି ଆସିବା ପର୍ଯ୍ୟନ୍ତ କାଳିଆକୁ ଭେଣ୍ଟିଲେଟରରେ ରଖାଯିବ ବୋଲି ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସି.ବି.କେ. ମହାନ୍ତି କହିଛନ୍ତି।

୨୦୧୭ ଜୁଲାଇ ୧୪ରେ ଯୋଡାମୁଣ୍ଡ ଶିଶୁ ଜଗା-କାଳିଆଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅସ୍ତ୍ରୋପଚାର ପରେ ଦୁହିଁଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିଲା। କିଛିଦିନ ତଳେ ଦିଲ୍ଲୀ ଏମ୍ସରୁ ଜଗା-କାଳିଆକୁ ନିଆଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଚିକିତ୍ସା ପାଇଁ ୧୪ଜଣିଆ ଡାକ୍ତରୀ ଟିମ୍ ଗଠନ ହୋଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ




ନୀତୁ ନିର୍ମଳା ସାହୁ




ମୟୁଖ ପରିଡ଼ା

**ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ**

plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଅଭିଯୋଗ

କୁଚିଣ୍ଡା, ୨୭।୯ (ଡି.ଏନ୍.ଏ.) ଜଣେ ଯୁବକଙ୍କୁ ହତ୍ୟା କରାଯାଇ ରାସ୍ତା କଡ଼ରେ ପକାଇ ଦିଆଯାଇଥିଲା । ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଧୀନ କୁଇଲେରଯୋର ଗାଁ ଯାତ୍ରୀ ପ୍ରତୀକ୍ଷାଳୟ ନିକଟରୁ ଶୁକ୍ରବାର ଭୋର୍‌ରୁ ତାଙ୍କ କ୍ଷତାକ୍ତ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ନାମ ରାଜୁ ବେହେରା (୨୦)। ସେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଝିଲି ଗାଁର ଅରୁଣ ବେହେରାଙ୍କ ପୁଅ ବୋଲି ତାଙ୍କ ସାର୍ଟ ପକେଟରୁ ପୋଲିସ ପାଇଥିବା ଡ୍ରାଇଭିଂ ଲାଇସେନ୍ସରୁ ଜଣାପଡିଛି। କୁଚିଣ୍ଡା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ଏ ନେଇ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୩/୧୯) ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁଚିଣ୍ଡା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ ପ୍ରକାଶ କରିଛନ୍ତି।

### ମହାନଦୀ ଜଳ ବିବାଦ: ଆଜି ଶୁଣାଣି

ଭୁବନେଶ୍ୱର,୨୭।୯(ବ୍ୟୁରୋ): ଓଡ଼ିଶା ଓ ପଡୋଶୀ ଛତିଶଗଡ ମଧ୍ୟରେ ମହାନଦୀକୁ ନେଇ ବିବାଦ ଲାଗି ରହିଛି। ଟ୍ରିବ୍ୟୁନାଲ ଶନିବାର ଏହି ମାମଲାରେ ଶୁଣାଣି କରିବାକୁ ଯାଉଛି। ଏହାର ଦିନକ ପୂର୍ବରୁ ଓଡିଶା ଏବଂ ଛତିଶଗଡର ପ୍ରତିନିଧି ଦଳ ନୂଆଦିଲ୍ଲୀସ୍ଥିତ ଓଡିଶା ଭବନଠାରେ ଏକ ବୈଠକ କରିଥିବା ଜଣାପଡିଛି। ଟ୍ରିବ୍ୟୁନାଲ ଶୁଣାଣି ପୂର୍ବରୁ ଏହି ଦ୍ୱିପାକ୍ଷିକ ଆଲୋଚନାକୁ ସମୀକ୍ଷକଙ୍କ ମହଲରେ ଗୁରୁତ୍ୱ ଦିଆଯାଇଛି। ବୈଠକରୁ ବାହାରିଥିବା ନିର୍ଯାସ ସମ୍ପର୍କରେ ଦୁଇ ପକ୍ଷର ଓକିଲ ଟ୍ରିବ୍ୟୁନାଲକୁ ଶନିବାର ଅବଗତ କରାଇବେ। ପୂର୍ବରୁ ମହାନଦୀ ଜଳର ସମାନ ବଣ୍ଟନ ପାଇଁ ଛତିଶଗଡ ପକ୍ଷରୁ ପିଟିଶନ ଦାଏର କରାଯାଇଥିଲା। ଏହା ଉପରେ ମତ ରଖିବା ପାଇଁ ପୂର୍ବ ଶୁଣାଣିରେ ଟ୍ରିବ୍ୟୁନାଲ ଦୁଇ ପକ୍ଷକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମାନଭାବେ ଜଳ ବଣ୍ଟନ କଥାକୁ ଓଡିଶା ଗ୍ରହଣ କରୁନାହିଁ।

■ଆଇଜିଆଇଟି କଲେଜରେ ଛାତ୍ର ଅଶାନ୍ତି

# ଗୋଷ୍ଠୀ ସଂଘର୍ଷ, ୫ ଆହତ

■ହଷ୍ଟେଲରେ ପଶି ଭଙ୍ଗାରୁଜା

■ବସିଲା ଶାନ୍ତି କମିଟି ବୈଠକ

ପରଜଙ୍ଗ, ୨୭।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ସମ୍ମୁଖରେ ଥିବା ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ (ଆଇଜିଆଇଟି)ରେ ଛାତ୍ର ଅଶାନ୍ତି ଦେଖାଦେଇଛି। ଗୁରୁବାର ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୩ୟ ବର୍ଷର ୫ଜଣ ଛାତ୍ର ଆହତ ହୋଇଛନ୍ତି।

ଗୁରୁବାର ବି-ଟେକ୍ ଦ୍ୱିତୀୟ ବର୍ଷର କେତେଜଣ ପିଲା ବି-ଟେକ୍ ତୃତୀୟ ବର୍ଷର ଛାତ୍ରଙ୍କୁ ଫୋନ୍‌ରେ ଗାଳି କରିବାକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। ଏହାପରେ କେତେଜଣ ବରିଷ୍ଠ ଛାତ୍ର ଦ୍ୱିତୀୟ ବର୍ଷର ପିଲାମାନେ ରହୁଥିବା ଆର୍ଯ୍ୟଭଟ୍ଟ ହଷ୍ଟେଲକୁ ଯାଇ ଫୋନ୍ କରିଥିବା ଛାତ୍ରଙ୍କୁ ଭୁଲ ମାଗିବାକୁ କହିଥିଲେ। ହେଲେ ସେମାନେ ଏଥିରେ ଅରାଜି ହେବାରୁ ଉତ୍ତେଜନା ଦେଖାଦେଇଥିଲା। ଏହି ସମୟରେ ବ୍ରହ୍ମୋସ୍, ସୁରିୟା ଛାତ୍ରାବାସରେ ରହୁଥିବା ଶେଷବର୍ଷ ଛାତ୍ରମାନେ ଘଟଣାସ୍ଥଳରେ ପହଞ୍ଚି ତୃତୀୟ ବର୍ଷର ଛାତ୍ରଙ୍କୁ ବାରଣ କରିଥିଲେ। ଏହାକୁ ନେଇ ତୃତୀୟ ଏବଂ ଶେଷ ବର୍ଷ ଛାତ୍ରମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସୂଚନା ପାଇ ଫାଣ୍ଡି କର୍ମଚାରୀ, କଲେଜ ନିର୍ଦ୍ଦେଶକ ପହଞ୍ଚି ଉଭୟ ଗୋଷ୍ଠୀର ଛାତ୍ରଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ହେଲେ ବିଳମ୍ବିତ ରାତିରେ ତୃତୀୟ ବର୍ଷ ଛାତ୍ର ଶେଷବର୍ଷ ପିଲାଙ୍କୁ ଗାଳି କରିଥିଲେ। ଏହାପରେ ଶେଷବର୍ଷ ଛାତ୍ରମାନେ ତୃତୀୟ ବର୍ଷ ଛାତ୍ର ରହୁଥିବା ଭାସ୍କର ଭବନ ଛାତ୍ରାବାସକୁ ଆସି ଏହାର ପ୍ରତିବାଦ କରିଥିଲେ। ବାକ୍‌ବିତଣ୍ଡାରୁ ଆରମ୍ଭ ହୋଇଥିବା ଘଟଣା ପରେ ଉଗ୍ରରୂପ ନେଇଥିଲା। କେତେଜଣ ଛାତ୍ର 'ଭାସ୍କର ଭବନ' ଛାତ୍ରାବାସର ଝରକା କାଚ ଭାଙ୍ଗିଦେବା ସହ ଅନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଧସ୍ତାଧସ୍ତି, ମୁଥ ମରାମରିରେ ତୃତୀୟ ବର୍ଷର ୫ ଜଣ ଛାତ୍ର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ଗୋଡ଼ରେ କାଚ ଗଳିଯାଇଛି। ଅନ୍ୟଜଣଙ୍କ ମୁଣ୍ଡ ଫାଟିଯାଇଛି। ସମ୍ପୃକ୍ତ ଦୁଇଜଣ ମଣ୍ଡାପାଳ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଛନ୍ତି।



ଛାତ୍ରାବାସ ଝରକା କାଚ ଭଙ୍ଗାରୁଜା କରାଯାଇଛି।

ଅନ୍ୟପଟେ ବିବାଦର ସମାଧାନ କରିବାକୁ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଶୁକ୍ରବାର ମଧ୍ୟାହ୍ନରେ କଲେଜରେ ଶାନ୍ତି କମିଟି ବୈଠକ ବସିଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ସତ୍ୟବ୍ରତ ମହନ୍ତ, ଏସ୍‌ପି ଅନୁପମା ଜେମ୍ସ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, କାମାକ୍ଷାନଗର ଆଇଆଇସି ଅଭିନବ ଡାଲୁଆ, ପରଜଙ୍ଗ ଥାନାଧିକାରୀ ବିଜୟ ହାଇବ୍ରୁ, ଏସ୍‌ଆଇ ପଦ୍ମନାଭ ଲେଙ୍କା, ବ୍ରଜକିଶୋର ମଲ୍ଲିକ, ସରାଙ୍ଗ ଫାଣ୍ଡି ଅଧିକାରୀ ଦାମୋଦର ସାହୁ ଏବଂ ଉଭୟ ଗୋଷ୍ଠୀର ଛାତ୍ର ଉପସ୍ଥିତ ଥିଲେ। ଏ ନେଇ ଏସ୍‌ଡିପିଓ କୁହନ୍ତି, ଛାତ୍ରଙ୍କୁ ବିବାଦରୁ ଦୂରରେ ରହିବାକୁ କୁହାଯାଇଛି। ଆପୋସ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯିବ।

# କୁମୁସୀ ସରପଞ୍ଚ ନିଲମ୍ବିତ

ପରଜଙ୍ଗ, ୨୭।୯(ଡି.ଏନ.ଏ.)



ପଦବୀର ଅପବ୍ୟବହାର ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତର ସରପଞ୍ଚ ସାଗରିକା ଦେହୁରୀ। ଜିଲାପାଳଙ୍କ ଅର୍ଡର ନଂ. ୭୮୦ ଏବଂ ତା.୨୬.୯.୧୯ରିଖରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ତାଙ୍କ ସ୍ଥାନରେ ନାଏବ ସରପଞ୍ଚ ପୀତବାସ ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ସାଗରିକାଙ୍କ ବିରୋଧରେ ପଦବୀର ଅପବ୍ୟବହାର ଅଭିଯୋଗ ଆସିଥିଲା। ସେ ୨୦୧୮ ଜାନୁୟାରୀ ୩୦ରୁ ଫେବୃୟାରୀ ୨ ଯାଏ ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇ ରଖିଥିଲେ। ଏପରି କି ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ପ୍ରବେଶ କରିବାକୁ ସୁଯୋଗ ଦେଇ ନ ଥିଲେ। ଚଳିତବର୍ଷ ଜାନୁୟାରୀ ୧୫ରେ ପିଇଓ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ସରପଞ୍ଚ ହିତାଧିକାରୀଙ୍କୁ ଭତ୍ତା ଦେଇ ନ ଥିଲେ। କେବଳ ଏତିକି ନୁହେଁ, ସରପଞ୍ଚଙ୍କ ସହଯୋଗ ଅଭାବରୁ ପଞ୍ଚାୟତର ବିକାଶ ଲାଗି ଆସୁଥିବା ଅନୁଦାନ ଖର୍ଚ୍ଚ ହୋଇ ନ ପାରି ପଡ଼ିରହିଥିଲା। ଭତ୍ତା ଟଙ୍କାରୁ ବଞ୍ଚିତ ହିତାଧିକାରୀ ଏ ସଂକ୍ରାନ୍ତରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଜିଲାପାଳ ଅବଗତ କରାଇବା ପରେ ରାଜ୍ୟ ସରକାର ଘଟଣାକୁ ଗୁରୁତର ସହ ନେଇଥିଲେ। ପିଆର୍ ଆଣ୍ଡ ଡିଡବ୍ଲ୍ୟୁ ଆଡିସିନାଲ ସେକ୍ରେଟାରୀଙ୍କ ପତ୍ର ସଂଖ୍ୟା ୧୬୧୪୨ ଅନୁଯାୟୀ ସେପ୍ଟେମ୍ବର ୧୭ରେ ସରପଞ୍ଚଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ପତ୍ର ସଂଖ୍ୟା ୧୬୧୪୩ରେ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ପରଜଙ୍ଗ ବିଡିଓ ଏବଂ ଜିଲା ପଞ୍ଚାୟତ ଅଧିକରୀଙ୍କୁ ପତ୍ରସଂଖ୍ୟା ୧୬୧୪୪ରେ ଅବଗତ କରାଯାଇଥିଲା। ଜିଲାପାଳ ଘଟଣାର ତଦନ୍ତ କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଜିଲାପାଳଙ୍କ ନିର୍ଦ୍ଦେଶକୁ ବିଡିଓ ବସନ୍ତ କୁମାର ମଲ୍ଲିକ ଶୁକ୍ରବାର କାର୍ଯ୍ୟକାରୀ କରିଛନ୍ତି। ଏ ସମ୍ପର୍କିତ ସୂଚନା ବିଧିବଦ୍ଧ ଭାବେ ସରପଞ୍ଚ ଏବଂ ନାଏବ ସରପଞ୍ଚଙ୍କ ନିକଟକୁ ପ୍ରେରଣ କରାଯାଇଛି। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟରେ ନୋଟିସ୍ ମରାଯାଇଛି।

■ଶିକ୍ଷା ସମସ୍ୟା ବୁଝିଲେ ଏମ୍‌ପି

# ସମୀକ୍ଷା କଲେ, ସମାଧାନ ପ୍ରତିଶ୍ରୁତି ଦେଲେ

ଭୁବନ, ୨୭।୯(ଡ.ଏନ.ଏ.)

ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଗୁରୁବାର ଭୁବନ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଶିକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସେ ପ୍ରଥମେ ସ୍ଥାନୀୟ ମହିଳା କଲେଜରେ ପହଞ୍ଚି ସମସ୍ୟା ବିଷୟରେ ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷାନୁଷ୍ଠାନର ଦାୟିତ୍ୱ ନିଜ କାନ୍ଧକୁ ନେବାସହ ଶିକ୍ଷାର ଗୁଣାତ୍ମକମାନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। କଲେଜରେ ସମସ୍ୟା ଅଛି। ଏହାର ସମାଧାନ କରିବାକୁ ବ୍ୟକ୍ତିଗତସ୍ତରରେ ଉଦ୍ୟମ କରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ସେ ୫୬ଲକ୍ଷ ଟଙ୍କା ବ୍ୟୟରେ ଅଡିଟୋରିୟମ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଡିଗ୍ରୀ କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାସ, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର ପୋଥାଳ, ମାତୃ ପ୍ରସାଦ ମିଶ୍ରଙ୍କ ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

ଏହାପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ, ଯୋଜନାର ସ୍ଥିତି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଶାସନିକ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏମ୍‌ପି କହିଲେ, ପ୍ରଜା, ପ୍ରଶାସନ ଏବଂ ପ୍ରତିନିଧି ମଧ୍ୟରେ ସମନ୍ୱୟ ରହିଲେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମାପନ ହୋଇପାରିବ। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଉପାଧ୍ୟକ୍ଷା ସୁଭଦ୍ରା ପାତ୍ର, ଆଶୀର୍ବାଦ ପରିଡ଼ାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ।

ଶେଷରେ ଏନ୍‌ଏସି କାର୍ଯ୍ୟାଳୟରେ ସମୀକ୍ଷା ବୈଠକରେ ଯୋଗଦେଇ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ସହରର ବିଗିଡ଼ିଯାଇଥିବା ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ଅଞ୍ଚଳବାସୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଏମ୍‌ପି କ୍ଷୋଭ ବ୍ୟକ୍ତ କରିବା ସହ ଖୁବ୍‌ଶୀଘ୍ର ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ରେ ଶହୀଦ ବାଜି ରାଉତଙ୍କ ପୁଣ୍ୟତିଥି

ଭୁବନ, ୨୭।୯(ଡି.ଏନ.ଏ.)

ଅକ୍ଟୋବର ୧୧ରେ ବାଜି ରାଉତଙ୍କ ପୁଣ୍ୟତିଥି ଶହୀଦ ଗ୍ରାମ ନୀଳକଣ୍ଠପୁରରେ ପାଳିତ ହେବ। ଏ ନେଇ ଶୁକ୍ରବାର ବାଜି ସେନା ପକ୍ଷରୁ ପର୍ଶୁରାମ କ୍ଲବ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କମଳ ଲୋଚନ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଲଳିତ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଅକ୍ଟୋବର ୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ, ନୃତ୍ୟ, ସଙ୍ଗୀତ, ଝୋଟି ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ୧୧ତାରିଖରେ ପାଲାମଣ୍ଡପଠାରୁ ବାଜି ରାଉତ ସ୍ମୃତିପୀଠ ଯାଏ ଗଣଦୌଡ଼ ଅନୁଷ୍ଠିତ ହେବ। ଏଥିସହ କୃତୀ ପ୍ରତିଯୋଗୀ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯିବାକୁ ନିଷ୍ପତ୍ତି ହୋଇଛି। ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଫୁଲ୍ଲ କୁମାର ଦାସ, ଘନଶ୍ୟାମ ସାହୁ, ସୋମନାଥ ଦାସ, ରବିନାରାୟଣ ନାୟକ, ଭାଗବତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ

# ମା' ମଙ୍ଗଳା କ୍ଲବ ବିଜୟୀ




ଶ୍ରେଷ୍ଠ ଖେଳାଳିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ଦିଆଯାଉଛି।

ଢେଙ୍କାନାଳ ଅଫିସ, ୨୭।୯

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ବିହାର ମୁଷାବଣି ଅହମଦିଆ ସ୍ପୋର୍ଟସ କ୍ଲବକୁ ୩-୧ ଗୋଲରେ ପରାସ୍ତ କରିଛି ବନମାଳୀପ୍ରସାଦ ମା' ମଙ୍ଗଳା କ୍ଲବ। ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଜୟୀ ଦଳର ଚନ୍ଦ୍ରମୋହନ ମୁଦୁଲି 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। ତାଙ୍କ ପ୍ରଦ୍ୟୁମ୍ନ ପାଢ଼ୀ ସମ୍ବର୍ଦ୍ଧିତ କରିଥିଲେ। ସୁବ୍ରତ ପୁରୋହିତ, ଆଶୀର୍ବାଦ କାନୁନ୍‌ଗୋ, ମାୟାଧର ସାହୁ, ଅନିଲ ନନ୍ଦ, ଅରୁଣ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ଓଡ଼ିଶା ପୋଲିସ ଏବଂ ମା' ମଙ୍ଗଳା କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ଅତିଥି ଭାବେ ସୋମ ଅଟୋର ପ୍ରତିଷ୍ଠାତା ହର୍ଷବର୍ଦ୍ଧନ ସିଂଦେଓ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି, କ୍ରୀଡ଼ା ସଂଘର ନଳିନୀ ଦାସ, ସଞ୍ଜୟ ଭଞ୍ଜ, ରାମନାରାୟଣ ସାହୁ, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ସରୋଜ ପାଢ଼ୀ, ପ୍ରତାପ ମହାନ୍ତି, ସୌଭାଗ୍ୟ ସାହୁ, ଅଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

■ସଂଘୀୟ ବ୍ୟବସ୍ଥା ଉଲ୍ଲଂଘନ ଅଭିଯୋଗ

# ବ୍ଲକ ଘେରିଲା ଭାଜପା

କାମାକ୍ଷାନଗର/ପରଜଙ୍ଗ/ ସାତମାଇଲ/ଭୁବନ, ୨୭।୯(ଡି.ଏନ୍.ଏ.)

ରାଜ୍ୟ ସରକାର ଆଦର୍ଶ ସଂଘୀୟ ବ୍ୟବସ୍ଥା ଉଲ୍ଲଂଘନ କରିଥିବା ଅଭିଯୋଗରେ ଢେଙ୍କାନାଳ ଜିଲାର ବିଭିନ୍ନ ବ୍ଲକ ଏବଂ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଛି। ଗରିବ ଜନକଲ୍ୟାଣ ଯୋଜନାରେ କେନ୍ଦ୍ର ସରକାର ୨୦୨୨ ମଧ୍ୟରେ ସମସ୍ତ କଚ୍ଚା ଘରକୁ ପକ୍କା କରିବା ରାଜ୍ୟକୁ ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଉଛନ୍ତି। ହେଲେ ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ନିଜର ବୋଲି ଦର୍ଶାଇ ରାଜ୍ୟ ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁପକ୍କା ନାମରେ ଲୋକଙ୍କୁ ଭ୍ରମିତ କରୁଛନ୍ତି। ଏହାର ପ୍ରତିବାଦରେ ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡାଙ୍କ ଆହ୍ୱାନକ୍ରମେ ରାଜ୍ୟବ୍ୟାପୀ ଗଣବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରତ ଭାଜପା କର୍ମକର୍ତ୍ତାମାନେ।

କାମାକ୍ଷାନଗରରେ ବରିଷ୍ଠ ଭାଜପା ନେତା ପ୍ରେମାନନ୍ଦ ଜେନାଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସନ୍ଦୀପ ପଟ୍ଟନାୟକ, ପ୍ରମୋଦ ନନ୍ଦ, ଶେଷଦେବ ନାୟକ, ଦୀପକ ପାତ୍ର, ସରପଞ୍ଚ ମୀନକେତନ ନାୟକ, ମୀନକେତନ ସାହୁଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଡିଓ ବିକାଶ ମହାନ୍ତି ଏବଂ ଏନ୍‌ଏସି ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ପରଜଙ୍ଗରେ ଦୁର୍ଗାପ୍ରସାଦ ସାହୁଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ବୃନ୍ଦାବନପୁର ଛକ ନିକଟରୁ ବାଇକ୍ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ କର୍ତ୍ତୃପକ୍ଷ ସରକାରୀ କଳର ହାତ ବାରିସି ସାଜିଛନ୍ତି। ଅନିୟମିତତାକୁ ପ୍ରଶ୍ରୟ ଦିଆଯାଉଥିବା ଦଳୀୟ କର୍ମକର୍ତ୍ତା ଅଭିଯୋଗ ଆଣିଛନ୍ତି। ଏହି ଅବସରରେ ବିଡିଓ ବସନ୍ତ କୁମାର ମଲ୍ଲିକଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା ପରିଷଦ ସଭ୍ୟ ରଞ୍ଜନ ପଣ୍ଡା, ଦୁର୍ଗାଚରଣ ନାୟକ, ଦୀପକ ଗୋଚ୍ଛାୟତ, ଦୟାନିଧି ସାହୁ, ପ୍ରଶାନ୍ତ ଦଳବେହେରା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିପରି କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ଆଗରେ ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ଭୁବନ ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରେମାନନ୍ଦ ଜେନାଙ୍କ ନେତୃତ୍ୱରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଜିଲା ଚିକିତ୍ସାଳୟରୁ ୨ ଦଲାଲ ଗିରଫ



**ଢେଙ୍କାନାଳ ଅଫିସ, ୨୭।୯:** ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଶୁକ୍ରବାର ଅପରାହ୍ନରେ ଟାଉନ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଅତର୍କିତ ଚଢ଼ାଉ କରି ୨ଜଣ ଦଲାଲଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ପ୍ରମୋଦ କୁମାର ସାହୁ ଏବଂ ଜ୍ଞାନ ପ୍ରସାଦ ମହାନ୍ତି। ମଙ୍ଗଳପୁର ଗ୍ରାମର ପ୍ରମୋଦ ଏକ ପାଥୋଲ୍ୟାବ୍‌ରେ କାମ କରନ୍ତି। ସେହିପରି ଜ୍ଞାନପ୍ରସାଦଙ୍କ ଘର ସ୍ଥାନୀୟ ଚନ୍ଦନବଜାର ଅଞ୍ଚଳରେ। ଏ ନେଇ ନଂ. ୩୦୦/୧୯ରେ ମାମଲା ରୁଜୁ କରାଯାଇଛି।

### ବକ୍ତୃତା ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୨୭।୯:** ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ବିବି ହାଇସ୍କୁଲ ପରିସରରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟସ୍ତରରେ କିମିକ୍ରିଷ୍ଟା ବେହେରା, ବିଷ୍ଣୁପ୍ରିୟା ବରାଳ, ରୁଦ୍ର ନାରାୟଣ ମିଶ୍ର ଏବଂ ବିଦ୍ୟାଳୟସ୍ତରରେ ମୌସୁମୀ ପତି, ଅଭିଷେକ ଦାସ, ସ୍ୱାଗତିକା ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଛନ୍ତି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ସୂଚନା କେନ୍ଦ୍ରରେ ଆୟୋଜିତ ସଭାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ କହିଛନ୍ତି।

### ନବାଗତଙ୍କୁ ସ୍ୱାଗତ

**ସାତମାଇଲ, ୨୭।୯(ଡି.ଏ.ଏନ୍‌.):** ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ସଂସ୍କୃତ ସମ୍ମାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧାପକ ଡ. କୁମାର ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଦର୍ଶନ ବିଭାଗ ଅଧାପିକା ବୀଣାପାଣି ତ୍ରିପାଠୀ ବକ୍ତାଭାବେ ଯୋଗଦେଇ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଅଧାପିକା ଡ. ଶୁଭ୍ରଜ୍ୟୋତି ସୀତାରାମ, ଅଧାପକ କବିରାଜ ସାହୁ, ଜୟନ୍ତ ବର୍ମା, ବିଭୂତି ଭୂଷଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବରିଷ୍ଠମାନେ ନବାଗତଙ୍କୁ ସ୍ୱାଗତ କରିବା ସହ କଲେଜର ଯଶ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ।

### ଟ୍ରକ ଓଲଟି ଡ୍ରାଇଭର ଗୁରୁତର



**ପରଜଙ୍ଗ, ୨୭।୯(ଡି.ଏନ.ଏ.)** ଢେଙ୍କାନାଳ ଜିଲା ୫୩ନଂ. ଜାତୀୟ ରାଜପଥର ପରଜଙ୍ଗ ଶାଖା କେନାଲ ନିକଟରେ ଶୁକ୍ରବାର ଭୋର୍ ସମୟରେ ଏକ ଆଇରନ ବୋଝେଇ ୧୦ ଚକିଆ ଟ୍ରକ୍ (ନଂ. ଓଆର ୦୪ ଏମ୍ ୨୭୧୪) ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଛି। ଏଥିରେ ଡ୍ରାଇଭର ଗୁରୁତର ହୋଇଛନ୍ତି। ତେବେ ଲୋକଙ୍କୁ ଦେଖି ସେ ଗାଡ଼ି ଛାଡ଼ି ଦୌଡ଼ି ପଳାଇଛନ୍ତି। ଟ୍ରକ୍‌ଟି ପରଜଙ୍ଗରୁ ତାଳଚେର ଆଡ଼କୁ ଯାଉଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ପ୍ରାଣଗଲା

**ବାଲେଶ୍ୱର ଅଫିସ, ୨୭।୯:** ବାଲେଶ୍ୱର ଚାନ୍ଦିପୁର ଥାନା ବଡ଼କିଆ ଗ୍ରାମର ବସନ୍ତ ସାମଲ (୩୫) ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ବସନ୍ତ ବାଲେଶ୍ୱର କଚେରି ନିକଟରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଦୋକାନରେ କାର୍ଯ୍ୟ କରନ୍ତି। ଇନଭର୍ଟର ମରାମତି ବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ଘଟଣାର ତଦନ୍ତ କରୁଛି।

## ଢେଙ୍କାନାଳରେ ଜଳସମ୍ପଦ ମନ୍ତ୍ରୀ

# ଅଧିକ ଜମିକୁ ଜଳ ସେଚନ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୨୭।୯**



ସମୀକ୍ଷା ବୈଠକରେ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

- ଜଳସେଚନରେ କାମାକ୍ଷାନଗର ୧ ନମ୍ବର
- ପାଣି ପଞ୍ଚାୟତ ବୈଠକକୁ ଆସୁନାହାନ୍ତି ଯନ୍ତ୍ରୀ
- କ୍ଷୋଭ ବ୍ୟକ୍ତ କଲେ ବିଧାୟକ

ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଶୁକ୍ରବାର ଢେଙ୍କାନାଳ ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସ୍‌ରେ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାରେ ଅଧିକ ଚାଷ ଜମିକୁ ଜଳସେଚନ କରିବାକୁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରେଙ୍ଗାଳି ବାମ କେନାଲ ଦ୍ୱାରା ୧୦,୩୫୬ ହେକ୍ଟର ଜମିକୁ ପାଣି ଯୋଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଅଦ୍ୟାବଧି ୨୪୦୫ ହେକ୍ଟର ଜମିରେ ପାଣି ପହଞ୍ଚିଛି। ସେହିପରି ରେଙ୍ଗାଳି ଦକ୍ଷିଣ କେନାଲ ପ୍ରଣାଳୀ ଦ୍ୱାରା ୩୩,୧୧୫ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାବେଳେ ଅଗଷ୍ଟ ୩୧ ସୁଦ୍ଧା ୧୫,୨୦୯ ହେକ୍ଟର ଜମିରେ ଜଳସେଚନର ସୁବିଧା ହୋଇପାରିଛି। ରେଙ୍ଗାଳି ଦକ୍ଷିଣ କେନାଲ ସମଲ ବ୍ୟାରେଜରୁ ୯୫କିମି ଯାଏ ପାଣି ଯୋଗାଉଛି। ଏହି କେନାଲ ଦ୍ୱାରା ଅନୁଗୋଳ, ଢେଙ୍କାନାଳ, କଟକ ଏବଂ ଯାଜପୁର ଜିଲାର ଚାଷୀ ଉପକୃତ ହେବେ। ୨୦୧୩ ଯାଏ ଖର୍ଚ୍ଚ ଅଟକଳ ୧୯୬୨.୩୩ କୋଟି ଟଙ୍କା ରହିଥିବା ସୂଚନା ଦିଆଯାଇଛି।

ପାଣି ପଞ୍ଚାୟତ ବୈଠକକୁ ଯନ୍ତ୍ରୀ ଆସୁ ନ ଥିବାରୁ ବିଧାୟକ ସୁଧୀର କୁମାର ସାମଲ କ୍ଷୋଭବ୍ୟକ୍ତ କରିଥିଲେ। ପରଜଙ୍ଗରେ ଥିବା ଜଳସମ୍ପଦ ବିଭାଗ ବଙ୍ଗଳାର ପୁନରୁଦ୍ଧାର କରିବା ପାଇଁ ବିଧାୟକ ଡା. ନୃସିଂହ ଚରଣ ସାହୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜଳ ସମ୍ପଦ ବିଭାଗ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଏମ୍‌ପି ମହେଶ ସାହୁ କହିଥିଲେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଆଲୋଚନାରେ ଭାଗନେଇ କହିଲେ, କାମାକ୍ଷାନଗର ବ୍ଲକର ୭୬% ଜମି ଜଳସେଚିତ। ଏହା ଜିଲାର ୧ନମ୍ବର ସ୍ଥାନ ହାସଲ କରିଛି। ଜମି ଅଧିଗ୍ରହଣ ସମୟରେ ୫-ଟି କାର୍ଯ୍ୟଧାରା ଉପରେ ଧ୍ୟାନ ଦିଆଯାଉଥିବା ସେ ସୂଚନା ଦେଇଥିଲେ। ଜଳସେଚନ ବିଭାଗର ଯନ୍ତ୍ରୀମାନେ ଦଳଗତ ଅଭିମୁଖ୍ୟ ନେଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗ ଇ-ଲାଇବ୍ରେରି ପ୍ରକଳ୍ପକୁ ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରାଇବାକୁ ସେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକଙ୍କୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସୁକାନ୍ତ ପ୍ରଧାନ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ବରେନ୍ଦ୍ରନାଥ ଧଳ, ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ରହି ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ।

## ରାସ୍ତାକଡ଼ରେ ମହିଳାଙ୍କ ପ୍ରସବ



ରାସ୍ତାପାର୍ଶ୍ୱରେ ପ୍ରସବ ପରେ ନବଜାତକ।

**ଭୁବନ, ୨୭।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୂଷଳ ଗ୍ରାମ ନିକଟ ରାସ୍ତାକଡ଼ରେ ଶୁକ୍ରବାର ସକାଳେ ଜଣେ ମହିଳା ପ୍ରସବ କରିଛନ୍ତି। ସେ ହେଲେ ମଠନୂଆଗାଁର ସଞ୍ଜୟ ପ୍ରଧାନଙ୍କ ସ୍ତ୍ରୀ ଗୀତା।

ସଞ୍ଜୟ ଦୁଇବର୍ଷ ହେଲା ପରିବାର ସହ ଭୂଷଳ ଗ୍ରାମ ଗୋଡ଼ିପୋଖରୀ ଛକ ନିକଟରେ କୁଡ଼ିଆ କରି ରହୁଛନ୍ତି। ଶୁକ୍ରବାର ସ୍ତ୍ରୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ସେ ଏକ ଅଟୋରିକ୍ସାରେ ତାଙ୍କୁ ଡାକ୍ତରଖାନା ଆଣୁଥିଲେ। ହେଲେ ଅତ୍ୟଧିକ ଯନ୍ତ୍ରଣା ହେବାରୁ ମହିଳା ଜଣକ ରାସ୍ତାପାର୍ଶ୍ୱକୁ ପଳାଇଥିଲେ। ସେଠାରେ ସେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସ୍ଥାନୀୟ ଯୁବକ ୧୦୮ ଆମ୍ବୁଲାନ୍ସ ସହାୟତାରେ ଶିଶୁ ଏବଂ ମା'ଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୂଚନା ପାଇ ବହୁ ଲୋକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୁଣ୍ଡ ହୋଇଥିଲେ। ଫଳରେ ସଞ୍ଜୟ ଭୟଭୀତ ହୋଇ ସ୍ତ୍ରୀ ଏବଂ ଛୁଆଙ୍କୁ ଧରି ବିନା ସୂଚନାରେ ଡାକ୍ତରଖାନାରୁ ପଳାଇଛନ୍ତି। କାହାରିକୁ ନ ପାଇ ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଡା. ରମେଶ ଚନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ରାଜ୍ୟ ସରକାର



ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୭।୯**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନାମ ବଦଳାଇ ମିଥ୍ୟା ବିଜ୍ଞାପନ ଦେବା, କାର୍ଯ୍ୟାଦେଶ ବାଣ୍ଟି ଆଦର୍ଶ ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ କରିବା, କେନ୍ଦ୍ରୀୟ ଯୋଜନାକୁ ନିଜ ନାମରେ ନାମିତ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗରେ ଢେଙ୍କାନାଳ ଭାଜପା ପକ୍ଷରୁ ଶୁକ୍ରବାର ପୌରସଂସ୍ଥା ଏବଂ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ମୋଦି ସରକାର ବହୁ ଜନହିତକର କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାର କେନ୍ଦ୍ରୀୟ ପାଣ୍ଠିକୁ ହଡ଼ପ କରି ନାମ ବଦଳାଇ ବାହାବା ନେଉଛନ୍ତି।

**ଭାଜପାର ଅଭିଯୋଗ**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ପକ୍କା ଘରକୁ ବିଜୁ ପକ୍କାଘର ଏବଂ ମୋ ଆବାସ ଯୋଜନା ବୋଲି କହି ଲୋକଙ୍କୁ ଭ୍ରମିତ କରୁଛନ୍ତି। ଦଳୀୟ କର୍ମୀଙ୍କୁ ପ୍ରୋତ୍ସାହିତ କରିବା କାରଣରୁ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବାଦ୍ ପଡୁଛନ୍ତି। ଗୋଟିଏ ପରିବାରର ଏକାଧିକ ବ୍ୟକ୍ତିଙ୍କୁ ପକ୍କାଘର ଦିଆଯାଉଛି। କାର୍ଯ୍ୟାଦେଶ ପ୍ରଦାନରେ ବ୍ୟାପକ ଅର୍ଥ ହେରଫେର ହେଉଛି। ନିର୍ବାଚିତ ପ୍ରତିନିଧିମାନେ ଅଗ୍ରୀମ ପିସି ନେଉଛନ୍ତି। ଏହା ପୂର୍ବରୁ କେନ୍ଦ୍ର ସରକାରଙ୍କ ୧୦୮ ଆମ୍ବୁଲାନ୍ସ ଯୋଜନା ଏବଂ ସୁକନ୍ୟା ସମୃଦ୍ଧି ଯୋଜନାର ନାମ, ଲୋଗୋକୁ ରାଜ୍ୟ ସରକାର ବଦଳାଇଥିଲେ। ପରେ ଏହା କେନ୍ଦ୍ରୀୟ ଅନୁଦାନରେ ପରିଚାଳିତ ବୋଲି ସ୍ୱୀକାର କରିଥିଲେ। ଏଥର ବି ସମାନ ଅଭିଯୋଗ ଆସିଛି। ଏହାକୁ ସୁଧାରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଏବଂ ବିଡିଓ ଝାଡ଼େଶ୍ୱର ଦାସଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ନରେଶ ମହାପାତ୍ର, ନଗରମଣ୍ଡଳ ସଭାପତି ନିରୋଦ ସାହୁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ବିକ୍ଷୋଭରେ ସାମିଲ ହୋଇଥିଲେ।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**କାମାକ୍ଷାନଗର, ୨୭।୯(ଡି.ଏନ୍‌.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍ ବାମାଶଙ୍କର ମିଶ୍ର ଶୁକ୍ରବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ସିଧୁ କୁଙ୍କାଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫୦୦୦ ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୩ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ଦେବରାଜ ବେହେରା, ସୂର୍ଯ୍ୟନାରାୟଣ ସାହୁ ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଘାଗରାମୁଣ୍ଡା ଗ୍ରାମର ଡଲି ପିଙ୍ଗୁଆଙ୍କ ଝିଅ ଗୁରୁବାରୀ ଅସନବାହଳ ଗ୍ରାମର ସିଧୁଙ୍କୁ ବିବାହ କରିଥିଲେ। ସିଧୁ ଅଧିକାଂଶ ସମୟରେ ମଦ୍ୟପାନ କରି ସ୍ତ୍ରୀ ଏବଂ ଶାଶୁଙ୍କୁ ଟଙ୍କା ମାଗୁଥିଲେ। ୨୦୧୪ ଜାନୁୟାରୀ ୧୭ ରାତିରେ ସିଧୁ ଶାଶୁଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ୧୮ ତାରିଖରେ ଅଭିଯୁକ୍ତଙ୍କୁ ରକ୍ତଭିଜା ଟାଙ୍ଗିଆ ସହ ଗାଁ ଲୋକେ ଧରିଥିଲେ। ଗୁରୁବାରୀଙ୍କ ଭାଇ ରୁପାଙ୍କ ଅଭିଯୋଗକ୍ରମେ ନଂ. ୧୪/୧୪, ଦଫା ୩୦୨ରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ବ୍ଲକସ୍ତରୀୟ ପ୍ରତିଯୋଗିତା

# ଜିଲାସ୍ତରକୁ ଗଲେ ୯ ପ୍ରତିଯୋଗୀ




ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୭।୯**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଢେଙ୍କାନାଳ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ବକ୍ତୃତା, କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଆର୍‌ସିସି ଅଦ୍ୱୈତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ନିତ୍ୟାନନ୍ଦ ବାରିକ, ସମ୍ମାନିତ ଅତିଥି ଏବିଇଓ ମଧୁସୂଦନ ଷେଣ୍ଡ, ପ୍ରଧାନଶିକ୍ଷୟିତ୍ରୀ ମିନତି ଦେହୁରୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷେତ୍ରବାସୀ ସାହୁ ଉପସ୍ଥିତ ଥିଲେ।

କୁଇଜ୍‌ରେ ଅପରାଜିତା ଦାସ, ରାଜେଶ୍ୱରୀ ନାୟକ, ପ୍ରୀତିପ୍ରଲିପ୍ତା ପୃଷ୍ଟି, ବକ୍ତୃତାରେ ଜ୍ୟୋତର୍ମୟୀ ସ୍ୱାଇଁ, ଅଭିଷେକ୍ ଦାସ, ଦେବସ୍ମିତା ସାମଲ, ଚିତ୍ରାଙ୍କନରେ ରୁଦ୍ରପ୍ରସନ୍ନ ରାଉତ, ଜ୍ଞାନେନ୍ଦ୍ର ବେହେରା, ଜାଗୃତି ସାହୁ ପ୍ରମୁଖ ପ୍ରାଥମିକ, ହାଇସ୍କୁଲ ଏବଂ ଉଚ୍ଚ ମାଧ୍ୟମିକସ୍ତରରେ ଯଥାକ୍ରମେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସମ୍ପୃକ୍ତ ଛାତ୍ରୀଛାତ୍ର ଜିଲାସ୍ତରୀୟ ମନୋନୀତ ହୋଇଛନ୍ତି। ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୁଷ୍ପାରାଣୀ ଦାସ, ଗୋଲାପମଣି ସାହୁ, ସାବିତ୍ରୀ ଶତପଥୀ, ସୁବାସିନୀ ମିଶ୍ର, ସଂଯୁକ୍ତା ହୋତା ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ।

## ପାଲା ଗାୟକ ପରିଷଦ ବୈଠକ

# ସାଂସ୍କୃତିକ ଚେତନା ପାଲା ପ୍ରସାର କରିବ

**ଢେଙ୍କାନାଳ ଅଫିସ, ୨୭।୯**

ଢେଙ୍କାନାଳ ସଦର ବ୍ଲକ ତାଳବରକୋଟ ପଞ୍ଚାୟତ ସିଆରିଆ ଗ୍ରାମ ଆଶ୍ରମ ପରିସରରେ ଶୁକ୍ରବାର ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ଶାଖାର ବାର୍ଷିକ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ପ୍ରାରମ୍ଭରେ ବର୍ଷୀୟାନ ଗାୟକ ପଦ୍ମନାଭ ଜେନା ମଙ୍ଗଳାଚରଣ ପାଠ କରିଥିଲେ। ସଙ୍ଗଠନକୁ ସୁଦୃଢ଼ କରି ସାଂସ୍କୃତିକ ଚେତନା ବଜାୟ ରଖିଲେ ପାଲାର ପ୍ରସାର ହୋଇପାରିବ ବୋଲି ଆଶ୍ରମର ପ୍ରତିଷ୍ଠାତା ବାବା ସଦାନନ୍ଦ ଦାସ ମତବ୍ୟକ୍ତ କରିଥିଲେ। ସଂଘର ସ୍ଥାୟୀ ସଭାପତି ବିଚିତ୍ରାନନ୍ଦ ପଟ୍ଟନାୟକ ସଙ୍ଗଠନର ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ।

ପାଲା ଗାୟିକା ହରପ୍ରିୟା ସ୍ୱାଇଁ, କୈଳାସ ଚନ୍ଦ୍ର ବେହେରା, ଦୀପିକା ସ୍ୱାଇଁ, ସଚ୍ଚିଦାନନ୍ଦ ବାରିକ, ସନାତନ ବେହେରା, ଦୟାନିଧି ସାହୁ, ପବିତ୍ର ପରିଡ଼ାଙ୍କ ସହ ୩୦ଜଣ ଗାୟକ, ପାଳିଆ ଏଥିରେ ସାମିଲ ହୋଇଥିଲେ। ସାଧୁ ସଦାନନ୍ଦଙ୍କୁ ଜିଲା ଶାଖାର ମାର୍ଗଦର୍ଶକ ଭାବେ ଗ୍ରହଣ କରାଯାଇଛି। ପାଲା ଗାୟକ ପରିଷଦର ଆଗାମୀ ବାର୍ଷିକ ଅଧିବେଶନ ସିଆରିଆ ଗ୍ରାମରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲା ଶାଖା ସଭାପତି ତଥା ବରିଷ୍ଠ ପାଲାଗାୟକ ଉଦୟ ପଟ୍ଟନାୟକ, ଉପସଭାପତି କାମେଶ୍ୱର ପଣ୍ଡା, ସମ୍ପାଦକ ଡ. ଧର୍ମାନନ୍ଦ ପୃଷ୍ଟି, ଅର୍ଥ ସମ୍ପାଦକ ରମେଶ ଚନ୍ଦ୍ର ବିଶ୍ୱାଳ, ସଙ୍ଗଠନ ସମ୍ପାଦକ ଅଜୟ ମହାଭୋଇ, ରୁଦ୍ରାକ୍ଷ ମଲ୍ଲିକ, ଗାୟିକା କଳାମଞ୍ଜୁଳା ସୁଧାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗାୟକ ପୁରୁଷୋତ୍ତମ ପାଣି ଧନ୍ୟବାଦ ଦେଇଥିଲେ।



ବୈଠକରେ ପାଲା ଗାୟକ ସଂଘର କର୍ମକର୍ତ୍ତାମାନେ।

## ରସାସିଂହରେ ଜ୍ୱର ଆତଙ୍କ

# ୪ ଡେଙ୍ଗୁ, ୬ ଚିକୁନଗୁନିଆ ରୋଗୀ ଚିହ୍ନଟ

**ଢେଙ୍କାନାଳ ଅଫିସ, ୨୭।୯**

ଢେଙ୍କାନାଳ ଜିଲା ଓଡ଼ପଡ଼ା ବ୍ଲକ ରସାସିଂହ ଗ୍ରାମରେ ସଂକ୍ରାମକ ଜ୍ୱର ଆତଙ୍କ ଦେଖାଦେଇଛି। ଶୁକ୍ରବାର ରକ୍ତ ନମୁନା ପରୀକ୍ଷା କରାଯିବା ପରେ ୪ ଡେଙ୍ଗୁ ଏବଂ ୬ ଜଣ ଚିକୁନ୍‌ଗୁନିଆ ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଗ୍ରାମବାସୀଙ୍କ କହିବା କଥା, ଦେଢ଼ମାସ ହେଲା ଗ୍ରାମରେ ଅଧିକାଂଶ ଲୋକ ଜ୍ୱରରେ ପଡ଼ିଛନ୍ତି। ଆକ୍ରାନ୍ତଙ୍କ ନିକଟରେ ଆଣ୍ଠୁଗଣ୍ଠି ଦରଜ, ବାନ୍ତି ହେବା ଆଦି ଲକ୍ଷଣ ଦେଖାଯାଉଛି। ଜ୍ୱର ନ କମିବାରୁ ସେପ୍ଟେମ୍ବର ୧୮ରେ ଏ ନେଇ ଅଞ୍ଚଳବାସୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିଲେ। ଏହାପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶେଷଜ୍ଞ ଦଳ ଗ୍ରାମରେ ପହଞ୍ଚି ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହାପରେ ଭୁବନେଶ୍ୱରରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଦଳ ଗ୍ରାମରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରି ନେଇଥିଲେ। ପରୀକ୍ଷାରୁ ୧୦ଜଣ ଡେଙ୍ଗୁ ଏବଂ ଚିକୁନ୍‌ଗୁନିଆରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏହାପରେ ଶୁକ୍ରବାର ପୁଣିଥରେ ଭୁବନେଶ୍ୱରରୁ ଡାକ୍ତରୀ ଦଳ ଗ୍ରାମକୁ ଆସି ୬୪ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ନେଇଛନ୍ତି। ବିଶେଷଜ୍ଞଙ୍କ କହିବା କଥା, ଗ୍ରାମ ପରିବେଶ ଆବର୍ଜନାମୟ ହୋଇପଡ଼ିଛି। ମଶା ଉପଦ୍ରବ ଏବଂ ସଂକ୍ରମଣ ଯୋଗୁ ଜ୍ୱର ବ୍ୟାପୁଛି। ଏ ନେଇ ଅଧିକ ପରୀକ୍ଷା ନିରୀକ୍ଷା କରାଯାଉଛି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ନିରଞ୍ଜନ ମିଶ୍ର କୁହନ୍ତି, ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଆତଙ୍କିତ ହେବାର କୌଣସି କାରଣ ନାହିଁ। ଅଧିକାଂଶ ଆକ୍ରାନ୍ତ ଆରୋଗ୍ୟ ଲାଭ କଲେଣି। ଡେଙ୍ଗୁ ଏବଂ ଚିକୁନଗୁନିଆ ଚିହ୍ନଟ ହୋଇଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ପ୍ରତିକାର ସ୍ୱରୂପ ମଶାତେଲ ସିଞ୍ଚନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି।



ରସାସିଂହ ଗ୍ରାମରେ ଡାକ୍ତରୀ ଦଳ ପରୀକ୍ଷା କରୁଛନ୍ତି।

- ରକ୍ତ ନମୁନା ସଂଗ୍ରହ କଲେ ବିଶେଷଜ୍ଞ
- ଗ୍ରାମରେ ସିଞ୍ଚନ କରାଗଲା ମଶାତେଲ
- ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି: ସିଡିଏମ୍‌ଓ

### ୬୭ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପିତ

# ବୃତ୍ତିଗତ ପ୍ରତିଯୋଗିତା ଦକ୍ଷତା ବୃଦ୍ଧି କରେ

କଟକ ଅଫିସ,୨୭।୯

ବୃତ୍ତିଗତ ପ୍ରତିଯୋଗିତା ଆୟୋଜନ ଦ୍ୱାରା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହୋଇଥାଏ। ପୋଲିସ ବିଭାଗର ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ମଧ୍ୟରେ ଦକ୍ଷତା ଓ କ୍ଷମତା ବୃଦ୍ଧି କରାଇବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଓଡ଼ିଶା ପୋଲିସ ପକ୍ଷରୁ ସ୍ଥାନୀୟ ବକ୍ସିବଜାର ରିଜର୍ଭ ପୋଲିସ ପଡିଆରେ ଶୁକ୍ରବାର ୬୭ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ମିଶ୍ର ଏହା କହିଛନ୍ତି। ଏଥିରେ ଡିଜିପି ବିଜୟ କୁମାର ଶର୍ମା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବୈଜ୍ଞାନିକ ପ୍ରଣାଳୀରେ ଅନୁସନ୍ଧାନ କ୍ଷେତ୍ରରେ ସହରାଞ୍ଚଳ ପୋଲିସ ଜିଲା କଟକକୁ ପ୍ରତିଯୋଗିତାରେ ଶ୍ରେଷ୍ଠ ଦଳ ଭାବେ ବିବେଚିତ କରାଯାଇ କ୍ଷେତ୍ରମୋହନ ବିଶ୍ୱାଳ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟ କ୍ରାଇମବ୍ରାଞ୍ଚକୁ ରନର୍ସଅପ ଟ୍ରଫି ପ୍ରଦାନ କରାଯାଇଛି। କଟକ ସହରାଞ୍ଚଳ ପୋଲିସ ଜିଲାର ସବ୍‌ଇନ୍ସପେକ୍ଟର ମିତାଲି ମଧୁଲିତା ବିଶ୍ୱାଳଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଶ୍ରେଷ୍ଠ ଅନୁସନ୍ଧାନ ପାଇଁ ଏସ୍.କେ. ଘୋଷ ଟ୍ରଫି ଓ ଅର୍ଥରାଶି ଦିଆଯାଇଛି। ଏଥିସହିତ ରାଜ୍ୟ ବୃତ୍ତିଗତ ପ୍ରତିଯୋଗିତା ଓ ପୋଲିସ ଲ ଆଣ୍ଡ ପ୍ରୋସିଡିଓର ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମିତାଲିଙ୍କୁ ପୁରସ୍କୃତ କରାଯାଇଛି। କମ୍ପ୍ୟୁଟର ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ରାଉରକେଲା ପୋଲିସ ଜିଲାର କନଷ୍ଟେବଳ ପ୍ରଫୁଲ୍ଲ କୁମାର ପାତ୍ରଙ୍କୁ ରାଜ୍ୟ ଅପରାଧ ନଥି ସଂସ୍ଥା ଦ୍ୱାରା ପ୍ରଦତ୍ତ ଟ୍ରଫି ପ୍ରଦାନ କରାଯାଇଛି। କଟକ କେ-୯ ସଂସ୍ଥାର ରଞ୍ଜନ କୁମାର ବେହେରାଙ୍କୁ ଶ୍ରେଷ୍ଠ ଶ୍ୱାନ ପରିଚାଳକ ଏବଂ ସାଇବର କ୍ରାଇମ ଓ ବୈଷୟିକ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମାଲକାନଗିରି ଜିଲାର ସବ୍‌ଇନ୍ସପେକ୍ଟର ଶଶିଭୂଷଣ ମିଶ୍ରଙ୍କୁ ପୁରସ୍କୃତ କରାଯାଇଛି। ଗତବର୍ଷ ଲକ୍ଷ୍ନୌଠାରେ ଅନୁଷ୍ଠିତ ସର୍ବଭାରତୀୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାରେ ଭୁବନେଶ୍ୱର ସହରାଞ୍ଚଳ ଜିଲାର ଇନ୍ସପେକ୍ଟର ବନୀତା ମହାରଣା ମେଡିକୋ ଲିଗାଲ ଟେଷ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଥିବାରୁ ତାଙ୍କୁ ୧୦ହଜାର ଅର୍ଥରାଶିରେ ସମ୍ମାନିତ କରାଯାଇଛି। ଏଥିରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜିପି ସନ୍ତୋଷ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ଓ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଧନ୍ୟବାଦ ଦେଇଥିଲେ।


ଉତ୍ସବରେ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କଠାରୁ ଜଣେ ପୋଲିସ ଅଧିକାରୀ ପୁରସ୍କାର ନେଉଛନ୍ତି।

# ତପନ ମିଶ୍ରଙ୍କୁ ରାଷ୍ଟ୍ରୀୟ ପର୍ଯ୍ୟଟନ ପୁରସ୍କାର

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ଦେଶର ପର୍ଯ୍ୟଟନ ଶିଳ୍ପକୁ ସର୍ବକାଳୀନ ଅବଦାନ ପାଇଁ ଓଡ଼ିଶାର ତପନ କୁମାର ମିଶ୍ରଙ୍କୁ ୨୦୧୮ ମସିହା ନିମନ୍ତେ ରାଷ୍ଟ୍ରୀୟ ପର୍ଯ୍ୟଟନ ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର ଜଣେ ସ୍ୱୀକୃତିପ୍ରାପ୍ତ ଟୁରିଷ୍ଟ ଗାଇଡ୍‌ଭାବେ ମିଶ୍ର ଦୀର୍ଘ ୨୩ବର୍ଷ ଧରି କାର୍ଯ୍ୟ କରିଥିବାବେଳେ ବିଦେଶୀ ପର୍ଯ୍ୟଟକଙ୍କୁ ଭାରତର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲାଇ ପ୍ରଶଂସା ସାଉଁଟିଛନ୍ତି। ୨୦୦୭ରୁ ୨୦୧୫ ମଧ୍ୟରେ ଦୀର୍ଘ ୯୬୫ ଦିନ ଧରି ଜଣେ ବେଲଜିୟମ ପର୍ଯ୍ୟଟକଙ୍କୁ ସାଙ୍ଗରେ ନେଇ ଓଡ଼ିଶାରୁ ଦେଶର ଅନ୍ୟ ୨୬ ରାଜ୍ୟକୁ ସ୍ଥଳଭାଗରେ ଯାତ୍ରା କରିବା ଭଳି ବିରଳ ଉପଲବ୍ଧି ତାଙ୍କର ରହିଛି। ୧୫ ରାଜ୍ୟକୁ ଏକାଧିକ ଥର ପର୍ଯ୍ୟଟକଙ୍କୁ ନେଇ ସ୍ଥଳପଥରେ ଯାତ୍ରା କରିବାସହ ୬୫୦ ପର୍ଯ୍ୟଟନସ୍ଥଳୀ ସେ ଗସ୍ତ କରିଛନ୍ତି। ଦେଶର ସଂସ୍କୃତି, ଐତିହ୍ୟ, ପ୍ରାକୃତିକ, ଦୁଃସାହସିକ ତଥା ଆଦିବାସୀ ପର୍ଯ୍ୟଟନର ପ୍ରଚାର ପ୍ରସାର କ୍ଷେତ୍ରରେ ମିଶ୍ରଙ୍କ ଅବଦାନକୁ ସମ୍ମାନ ଜଣାଇ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଶୁକ୍ରବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ମିଳିତ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂସ୍ଥାର ମହାସଚିବ ଜୁରାବ ପୋଲୋଲି କାଶିକ୍ଲି ମିଶ୍ରଙ୍କୁ ଦେଶର ଶ୍ରେଷ୍ଠ ଟୁରିଷ୍ଟ ଗାଇଡ୍ ସମ୍ମାନରେ ସମ୍ମାନିତ କରିଥିଲେ। ତେବେ ତାଙ୍କ ପତ୍ନୀ ଜାଗୃତି ମହାନ୍ତି ଏହି ସମ୍ମାନ ଗ୍ରହଣ କରିଥିଲେ। ଜଗତ୍‌ସିଂହପୁର ଜିଲା ନାରଦୀୟା ଗ୍ରାମରେ ଜନ୍ମିତ ମିଶ୍ର ପର୍ଯ୍ୟଟନସ୍ଥଳୀର ଆକର୍ଷଣୀୟ ଫଟୋକୁ ନେଇ ନିକଟରେ ଏକ ଫଟୋଚିତ୍ର ପ୍ରଦର୍ଶନୀର ମଧ୍ୟ ଆୟୋଜନ କରିଥିଲେ।


ତପନ କୁମାର ମିଶ୍ରଙ୍କୁ ଦେଶର ଶ୍ରେଷ୍ଠ ଟୁରିଷ୍ଟ ଗାଇଡ୍ ସମ୍ମାନ ପ୍ରଦାନ ଅବସରରେ ତାଙ୍କ ସ୍ତ୍ରୀ ଜାଗୃତି ମହାନ୍ତି ସମ୍ମାନ ଗ୍ରହଣ କରୁଛନ୍ତି।


## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ

OPTCL Lifeline of Odisha

ପଞ୍ଜୀକୃତ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର - ୭୫୧ ୦୨୨, ଓଡ଼ିଶା

CIN : U40102OR2004SGC007553

### ଅକ୍ଟୋବର - ୨୦୧୯ ନିମନ୍ତେ ଓପିଟିସିଏଲ ଅଧୀନରେ ଥିବା ଇ.ଏଚ୍.ଟି ଉପାଦାନ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମ - ୨୦୧୯-୨୦

| କ୍ର. ସଂ. | ସବ୍‌ଷ୍ଟେସନ ଏବଂ ଇ.ଏଚ୍.ଟି ଲାଇନର ନାମ | ସଟ୍‌ଡାଉନର ଅବଧି | ସଟ୍‌ଡାଉନର ସମୟ (ଘଣ୍ଟାରେ) | ଦିନ ସଂଖ୍ୟା |
|---|---|---|---|---|
| (କ) | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବୁର୍ଲା | | | |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ବୁର୍ଲା | | | |
| ୧. | ୧୩୨ କେଭି ବୁର୍ଲା ପାୱାର ହାଉସ୍ - ଲପଙ୍ଗା ସର୍କିଟ୍ - II | ୦୩.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ୧୩୨ କେଭି ଲପଙ୍ଗା -ବୁଢ଼ୀପଦର ସର୍କିଟ୍ - II | ୦୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସମ୍ବଲପୁରର (୩୩ କେଭି ସ୍ୱିଚ୍‌ୟାର୍ଡ଼) | ୦୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରେଢ଼ାଖୋଲର ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୧୦.୧୦.୧୯ | ୦୮.୦୦-୧୬.୦୦ | ୧ |
| ୫. | (୩୩ କେଭି ସ୍ୱିଚ୍‌ୟାର୍ଡ଼, ସେକ୍ସନ-I, ଟ୍ରାନ୍ସଫର୍ମର ନଂ. I & II) ୨୨୦/୧୩୨/୩୩/କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କଟାପଲ୍ଲୀ | ୧୦.୧୦.୧୯ | ୦୮.୦୦-୧୬.୦୦ | ୧ |
| ୬. | ୧୩୨ କେଭି ବୁର୍ଲା ପାୱାର ହାଉସ୍ - ଲପଙ୍ଗା ସର୍କିଟ୍ - I | ୧୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୭. | ୧୩୨ କେଭି ଲପଙ୍ଗା-ବୁଢ଼ିପଦର ସର୍କିଟ୍ - I | ୧୫.୧୦.୧୯ | ୦୮.୦୦-୧୬.୦୦ | ୧ |
| ୮. | ୧୩୨ କେଭି ବୁର୍ଲା ପାୱାର ହାଉସ୍ - ସମ୍ବଲପୁର ସିଙ୍ଗଲ ସର୍କିଟ୍ ଲାଇନ୍ | ୨୬.୧୦.୧୯ | ୦୮.୦୦-୧୬.୦୦ | ୧ |
| ୯. | ୧୩୨ କେଭି ବୁର୍ଲା ପାୱାର ହାଉସ୍ - କଟାପଲ୍ଲୀ ସିଙ୍ଗଲ ସର୍କିଟ୍ ଲାଇନ୍ | ୨୮.୧୦.୧୯ | ୦୮.୦୦-୧୬.୦୦ | ୧ |
| ୧୦. | ୧୩୨ କେଭି କଟାପଲ୍ଲୀ - ସମ୍ବଲପୁର ସିଙ୍ଗଲ ସର୍କିଟ୍ ଲାଇନ୍ | ୩୦.୧୦.୧୯ | ୦୮.୦୦-୧୬.୦୦ | ୧ |
| ୧୧. | ୧୩୨ କେଭି ସମ୍ବଲପୁର - ରେଢ଼ାଖୋଲ ସିଙ୍ଗଲ ସର୍କିଟ୍ ଲାଇନ୍ | ୩୧.୧୦.୧୯ | ୦୮.୦୦-୧୬.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଝାରସୁଗୁଡ଼ା | | | |
| ୧. | ୧୩୨ କେଭି ବୁର୍ଲା - ବୁଢ଼ୀପଦର ସର୍କିଟ୍ - II | ୦୩.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ୧୩୨ କେଭି ବୁର୍ଲା - ବୁଢ଼ୀପଦର ସର୍କିଟ୍ - I | ୧୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | (୩୩ କେଭି ସ୍ୱିଚ୍‌ୟାର୍ଡ଼, ୧୩୨/୩୩ କେଭି ଟ୍ରାନ୍ସଫର୍ମର ନଂ. I) ୨୨୦/୧୩୨/୩୩/କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବୁଢ଼ିପଦର | ୦୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କୁଚିଣ୍ଡାର ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୫. | ୧୩୨/୩୩/ ୧୧ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବ୍ରଜରାଜନଗରର ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୨୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୬. | ୧୩୨/୩୩/ ୧୧ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଝାରସୁଗୁଡ଼ାର (୩୩ କେଭି ଏବଂ ୧୧ କେଭି ସ୍ୱିଚ୍‌ୟାର୍ଡ଼) | ୨୫.୧୦.୧୯ | ୦୮.୦୦-୧୬.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍ : ରାଉରକେଲା / ରାଜଗାଙ୍ଗପୁର | | | |
| ୧. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବୋନାଇ | ୦୩.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଉରକେଲା | ୦୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଛେଣ୍ଡ | ୦୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାର୍‌କୋଟ୍ | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୫. | ୨୨୦ କେଭି ତାର୍କେରା - ବୁଢ଼ୀପଦର ସର୍କିଟ୍ - I | ୧୪.୧୦.୧୯ ଏବଂ ୧୫.୧୦.୧୯ | ୦୮.୦୦-୧୬.୦୦ | ୨ |
| ୬. | ୨୨୦ କେଭି ତାର୍କେରା - ବୁଢ଼ୀପଦର ସର୍କିଟ୍ - II | ୨୪.୧୦.୧୯ ଏବଂ ୨୫.୧୦.୧୯ | ୦୮.୦୦-୧୬.୦୦ | ୨ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଜଗାଙ୍ଗପୁର | ୨୬.୧୦.୧୯ | ୦୮.୦୦-୧୬.୦୦ | ୧ |
| ୮. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୁନ୍ଦରଗଡ଼ | ୨୮.୧୦.୧୯ | ୦୮.୦୦-୧୬.୦୦ | ୧ |
| ୯. | ୨୨୦ କେଭି ତାର୍କେରା - ବାର୍‌କୋଟ୍ ଲାଇନ୍ | ୩୦.୧୦.୧୯ ଏବଂ ୩୧.୧୦.୧୯ | ୦୮.୦୦-୧୬.୦୦ | ୨ |
| (ଖ) | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ୍, ଜୟପୁର | | | |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଜୟନଗର | | | |
| ୧. | ୧୩୨ କେଭି ଜୟନଗର - ରାୟଗଡ଼ା ଲାଇନ୍ | ୦୯.୧୦.୧୯ ଏବଂ ୧୦.୧୦.୧୯ | ୦୮.୦୦-୧୬.୦୦ | ୨ |
| ୨. | ୧୩୨ କେଭି ଜୟନଗର - ସୁନାବେଡ଼ା ଲାଇନ୍ | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୁନାବେଡ଼ା | ୧୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨ କେଭି ମାଛକୁଣ୍ଡ - ଜୟନଗର ଲାଇନ୍ | ୧୬.୧୦.୧୯ ଏବଂ ୧୭.୧୦.୧୯ | ୦୮.୦୦-୧୬.୦୦ | ୨ |
| ୫. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୨.୫ ଏମ୍‌ଭିଏ (ଜି.ଇ.ସି) ଟ୍ରାନ୍ସଫର୍ମର - I | ୨୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୬. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ମାଛକୁଣ୍ଡ ଅଂଶର ୧୩୨ କେଭି ମେନ୍‌ବସ୍ | ୨୫.୧୦.୧୯ | ୦୮.୦୦-୧୬.୦୦ | ୧ |
| ୭. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୦ ଏମ୍‌ଭିଏ (ଅଲଷ୍ଟୋମ) ଟ୍ରାନ୍ସଫର୍ମର - II | ୨୬.୧୦.୧୯ | ୦୮.୦୦-୧୬.୦୦ | ୧ |
| ୮. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ତେନ୍ତୁଳୀଖୁଣ୍ଟି | ୨୮.୧୦.୧୯ | ୦୮.୦୦-୧୬.୦୦ | ୧ |
| ୯. | ୧୩୨ କେଭି ଜୟନଗର - ତେନ୍ତୁଳିଖୁଣ୍ଟି ଲାଇନ୍ | ୩୦.୧୦.୧୯ | ୦୮.୦୦-୧୬.୦୦ | ୧ |
| ୧୦. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ଏକ୍ସଟେନ୍‌ସନ୍ ସ୍ୱିଚ୍‌ୟାର୍ଡ଼ ମେନ୍‌ବସ୍ | ୩୧.୧୦.୧୯ | ୦୮.୦୦-୧୬.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଥେରୁବାଲି | | | |
| ୧. | ୧୩୨ କେଭି ଏସ୍‌ସି ଲାଇନ୍ ଥେରୁବାଲି - ରାୟଗଡ଼ା | ୧୦.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ଥେରୁବାଲି ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ବସ୍ - I | ୨୮.୧୦.୧୯ | ୦୮.୦୦-୧୬.୦୦ | ୧ |
| (ଗ) | ଇଏଚ୍ (ଓ ଆଣ୍ଡ୍ ଏମ୍) ସର୍କଲ୍, ବଲାଙ୍ଗୀର | | | |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ବଲାଙ୍ଗୀର / କେସିଙ୍ଗା / ନୂଆପଡ଼ା | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ତୁସୁରା | ୦୪.୧୦.୧୯ | ୦୭.୦୦-୧୬.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କେସିଙ୍ଗା | ୨୩.୧୦.୧୯ | ୦୭.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଖରିଆର | ୨୩.୧୦.୧୯ | ୦୭.୦୦-୧୬.୦୦ | ୧ |
| ୪. | ୧୩୨ କେଭି କେସିଙ୍ଗା - ତୁର୍ଲା (ପାଓମେକ୍ସ) | ୨୩.୧୦.୧୯ | ୦୭.୦୦-୧୬.୦୦ | ୧ |
| (ଘ) | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ୍, ଭୁବନେଶ୍ୱର | | | |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଭୁବନେଶ୍ୱର | | | |
| ୧. | ଚନ୍ଦକା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ମେନ୍ ବସ୍ - I | ୦୯.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ଚନ୍ଦକା ସବ୍‌ଷ୍ଟେସନ୍ ଠାରେ ୧୦୦ ଏମ୍‌ଭିଏ ଅଟୋ ଟ୍ରାନ୍ସଫର୍ମର - I ଓ IV | ୦୯.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରଣସିଂହପୁର | ୧୦.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨ କେଭି ଚନ୍ଦକା - ରଣସିଂହପୁର ସର୍କିଟ୍ | ୧୦.୧୦.୧୯ | ୦୮.୦୦-୧୬.୦୦ | ୧ |
| ୫. | ୧୩୨ କେଭି ଚନ୍ଦକା - ଖୋର୍ଦ୍ଧା ଫିଡର | ୧୦.୧୦.୧୯ | ୦୮.୦୦-୧୬.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କେସୁରା (ବଡ଼ଗଡ଼) | ୧୩.୧୦.୧୯ | ୦୮.୦୦-୧୬.୦୦ | ୧ |
| ୭. | ୧୩୨ କେଭି ଚନ୍ଦକା - ବଡ଼ଗଡ଼ - ନିମାପଡ଼ା ଲାଇନ୍ | ୧୩.୧୦.୧୯ | ୦୮.୦୦-୧୬.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ପୁରୀ | | | |
| ୧. | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସାମାଗରା | ୧୬.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ପୁରୀ | ୧୦.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ନିମାପଡ଼ା | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨ କେଭି ଚନ୍ଦକା - ବଡ଼ଗଡ଼ - ନିମାପଡ଼ା ଲାଇନ୍ | ୧୩.୧୦.୧୯ | ୦୮.୦୦-୧୬.୦୦ | ୧ |
| ୫. | ୧୩୨/୩୩ କେଭି ଖୋର୍ଦ୍ଧା - ପୁରୀ ଲାଇନ୍ | ୧୪.୧୦.୧୯ | ୦୮.୦୦-୧୬.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଖୋର୍ଦ୍ଧା | | | |
| ୧. | ଅଟ୍ରୀ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨କେଭି ସ୍ୱିଚ୍‌ୟାର୍ଡ଼ | ୨୦.୧୦.୧୯ | ୦୮.୦୦-୧୬.୦୦ | ୧ |
| (ଙ) | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ୍, ବ୍ରହ୍ମପୁର | | | |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ବ୍ରହ୍ମପୁର | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବ୍ରହ୍ମପୁର | ୧୯.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ମୋହନା | ୨୩.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୬୦ ଏମ୍‌ଭିଏ ଟ୍ରାନ୍ସଫର୍ମର - II | ୨୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୦୦ ଏମ୍‌ଭିଏ ଅଟୋ ଟ୍ରାନ୍ସଫର୍ମର ନଂ- III | ୨୬.୧୦.୧୯ | ୦୮.୦୦-୧୬.୦୦ | ୧ |
| ୫. | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୬୦ ଏମ୍‌ଭିଏ ଅଟୋ ଟ୍ରାନ୍ସଫର୍ମର - I | ୨୮.୧୦.୧୯ | ୦୮.୦୦-୧୬.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ୍, ଭଞ୍ଜନଗର | | | |
| ୧. | ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ବସ୍ - I | ୧୬.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ୧୩୨ କେଭି ଆସ୍କା - ବ୍ରହ୍ମପୁର ଲାଇନ୍ | ୧୭.୧୦.୧୯ ଏବଂ ୧୯.୧୦.୧୯ | ୦୮.୦୦-୧୬.୦୦ | ୨ |
| ୩. | ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦/୩୩ କେଭି ସ୍ୱିଚ୍‌ୟାର୍ଡ଼ | ୨୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଆସ୍କା | ୨୨.୧୦.୧୯ | ୦୮.୦୦-୧୬.୦୦ | ୧ |
| ୫. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଫୁଲବାଣୀ | ୨୬.୧୦.୧୯ | ୦୮.୦୦-୧୬.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ୍, ଛତ୍ରପୁର | | | |
| ୧. | ଛତ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୨୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ବାଲୁଗାଁ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୨୨.୧୦.୧୯ | ୦୮.୦୦-୧୬.୦୦ | ୧ |
| (ଚ) | ଇଏଚ୍‌ଟି (ଓ ଆଣ୍ଡ ଏମ୍) ସର୍କଲ୍, ଚାଇଁପାଳ | | | |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଚାଇଁପାଳ / ଢେଙ୍କାନାଳ / ମେରାମୁଣ୍ଡଳୀ | | | |
| ୧. | ୧୩୨ କେଭି ମେରାମୁଣ୍ଡଳୀ - ରୁଙ୍ଗ୍‌ଟା ଲାଇନ୍ | ୦୩.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ୧୩୨ କେଭି ମେରାମୁଣ୍ଡଳୀ - ବିଆରଜି ଲାଇନ୍ | ୦୩.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨ କେଭି ମେରାମୁଣ୍ଡଳୀ - ଖଡ଼ଗପ୍ରସାଦ ସ୍ୱିଚିଙ୍ଗ୍ ଷ୍ଟେସନ୍ ସର୍କିଟ୍ - I | ୦୩.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୪୦୦/୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ମେରାମୁଣ୍ଡଳୀ (୨୨୦ କେଭି ବସ୍-II) | ୦୩.୧୦.୧୯ ଏବଂ ୦୪.୧୦.୧୯ | ୦୮.୦୦-୧୬.୦୦ | ୨ |
| ୫. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଅନୁଗୁଳ | ୦୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୬. | ୧୩୨ କେଭି ଅନୁଗୁଳ-ଏମ୍‌ସିଏଲ୍ ସର୍କିଟ୍ - I | ୦୯.୧୦.୧୯ | ୦୮.୦୦-୧୬.୦୦ | ୧ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଢେଙ୍କାନାଳ | ୧୦.୧୦.୧୯ | ୦୮.୦୦-୧୬.୦୦ | ୧ |
| ୮. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଚାଇଁପାଳ | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୯. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କଲରଙ୍ଗି | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୧୦. | ୧୩୨ କେଭି ଚାଇଁପାଳ - ଅନୁଗୁଳ ଲାଇନ୍ | ୧୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୧୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କାମାକ୍ଷାନଗର | ୧୫.୧୦.୧୯ | ୦୮.୦୦-୧୬.୦୦ | ୧ |
| ୧୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବଇଁଣ୍ଡା | ୨୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୧୩. | ୨୨୦ କେଭି ମେରାମୁଣ୍ଡଳୀ - ନାଲ୍‌କୋ ସର୍କିଟ୍ - I | ୨୬.୧୦.୧୯ | ୦୮.୦୦-୧୬.୦୦ | ୧ |
| ୧୪. | ୨୨୦ କେଭି ମେରାମୁଣ୍ଡଳୀ - ନାଲ୍‌କୋ ସର୍କିଟ୍ - II | ୨୮.୧୦.୧୯ | ୦୮.୦୦-୧୬.୦୦ | ୧ |
| ୧୫. | ୨୨୦ କେଭି ଟିଟିପିଏସ୍ - ନାଲ୍‌କୋ ଲାଇନ୍ | ୩୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୧୬. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରେଙ୍ଗାଲୀ | ୧୦.୧୦.୧୯ ଏବଂ ୧୧.୧୦.୧୯ | ୦୭.୦୦-୧୭.୦୦ | ୨ |
| (ଛ) | ଇଏଚ୍‌ଟି (ଓ ଆଣ୍ଡ ଏମ୍) ସର୍କଲ୍, ଯାଜପୁର ରୋଡ଼ | | | |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଯାଜପୁର ରୋଡ଼ / ନୂଆ ଡୁବୁରି | | | |
| ୧. | ୨୨୦ କେଭି ନୂଆ ଡୁବୁରି - ବାଲେଶ୍ୱର ସର୍କିଟ୍ - I | ୦୪.୧୦.୧୯ | ୦୭.୦୦-୧୭.୦୦ | ୧ |
| ୨. | ଯାଜପୁର ରୋଡ଼ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଯାଜପୁର ଟାଉନ୍ ଗ୍ରୀଡ୍ ସବ୍‌ଷ୍ଟେସନ୍ | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨ କେଭି ଡୁବୁରି - କାମାକ୍ଷାନଗର ସର୍କିଟ୍ - I | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୫. | ୧୩୨ କେଭି ବିସି ମହାନ୍ତି ସ୍ୱିଚିଙ୍ଗ୍ ଷ୍ଟେସନ୍ ଏବଂ ୧୩୨ କେଭି ଡୁବୁରି - ବିସି ମହାନ୍ତି ଆରଟିଏସ୍‌ଏସ୍ ଟମ୍‌କା ଫିଡର୍ | ୧୮.୧୦.୧୯ | ୦୮.୦୦-୧୬.୦୦ | ୧ |
| ୬. | ୧୩୨ କେଭି ଡୁବୁରି - ଯାଜପୁର ରୋଡ଼ ସର୍କିଟ୍ - I | ୨୫.୧୦.୧୯ | ୦୮.୦୦-୧୬.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବାଲେଶ୍ୱର | | | |
| ୧. | ୨୨୦ କେଭି ନୂଆ ଡୁବୁରି - ବାଲେଶ୍ୱର ସର୍କିଟ୍ - I (ଲୋକେସନ୍ ନଂ. ୨୦୮ ରୁ ୪୪୯) | ୦୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ୨୨୦ କେଭି କୁଚେଇ - ବାଲେଶ୍ୱର ଲାଇନ୍ ସର୍କିଟ୍ - II (ଲୋକେସନ୍ ନଂ. ୧ ରୁ ୩୦୮) | ୧୦.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାଲେଶ୍ୱର | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବସ୍ତା | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୫. | ୧୩୨ କେଭି ବାଲେଶ୍ୱର - ବସ୍ତା ସିଙ୍ଗଲ୍ ସର୍କିଟ୍ ଲାଇନ୍ (ଲୋକେସନ୍ ନଂ. ୧ ରୁ ୧୧୦) | ୧୧.୧୦.୧୯ | ୦୮.୦୦-୧୬.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଜଳେଶ୍ୱର | ୧୫.୧୦.୧୯ | ୦୮.୦୦-୧୬.୦୦ | ୧ |
| ୭. | ୧୩୨ କେଭି ବାଲେଶ୍ୱର - ଇଷ୍ପାତ ଆଲଏଜ୍ | ୨୬.୧୦.୧୯ | ୦୮.୦୦-୧୬.୦୦ | ୧ |
| ୮. | ୧୩୨ କେଭି ଜଳେଶ୍ୱର ଟ୍ରାକ୍ସନ୍ ଲାଇନ୍ | ୨୬.୧୦.୧୯ | ୦୮.୦୦-୧୬.୦୦ | ୧ |
| ୯. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୋରୋ | ୩୧.୧୦.୧୯ | ୦୮.୦୦-୧୬.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଭଦ୍ରକ | | | |
| ୧. | ୧୩୨ କେଭି ଡିପିସିଏଲ୍ ଲାଇନ୍ | ୦୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଭଦ୍ରକ | ୨୫.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨ କେଭି ଭଦ୍ରକ - ଫ୍ୟାକର ଲାଇନ୍ | ୨୫.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨ କେଭି ଭଦ୍ରକ - ଟ୍ରାକ୍ସନ୍ ଲାଇନ୍ | ୨୫.୧୦.୧୯ | ୦୮.୦୦-୧୬.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବାରିପଦା | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାରିପଦା | ୦୪.୧୦.୧୯ | ୦୮.୦୦-୧୬.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କରଞ୍ଜିଆ | ୨୬.୧୦.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨ କେଭି ରାଇରଙ୍ଗପୁର - କରଞ୍ଜିଆ ଲାଇନ୍ (ଲୋକେସନ୍ ନଂ. ୨୦୮ ପର୍ଯ୍ୟନ୍ତ) | ୨୮.୧୦.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨ କେଭି କରଞ୍ଜିଆ - ପୋଲାସପଙ୍ଗା ଲାଇନ୍ (ଲୋକେସନ୍ ନଂ. ୨୦୭ ରୁ ୧୧୧ ପର୍ଯ୍ୟନ୍ତ) | ୩୧.୧୦.୧୯ | ୦୮.୦୦-୧୬.୦୦ | ୧ |



ନିକ୍ ଜୋନସ୍ ଜଣେ ସମ୍ପୂର୍ଣ୍ଣ ପଞ୍ଜାବୀ ଲୋକ। ତାଙ୍କ ନାଚ ବେଶ୍ ଚମତ୍କାର।
-ପ୍ରିୟଙ୍କା ଚୋପ୍ରା, ବଲିଉଡ୍ ଅଭିନେତ୍ରୀ

# ରକ୍ତତୀର୍ଥ ଇରମ

## ଇରମ ଶହୀଦ ଦିବସ

ସ୍ୱାଧୀନତା ସଂଗ୍ରାମ ଇତିହାସରେ ମହାତ୍ମା ଗାନ୍ଧୀଙ୍କ ଭାରତଛାଡ ଆନ୍ଦୋଳନ ସର୍ବଶେଷ ଏବଂ ସର୍ବଶ୍ରେଷ୍ଠ ଆନ୍ଦୋଳନ ଭାବେ ଖ୍ୟାତି ଲାଭ କରିଥିଲା, ବିଶ୍ୱ ଇତିହାସରେ ଯେଉଁ ବିପ୍ଳବର ପଟାନ୍ତର ନ ଥିଲା। ଗାନ୍ଧିଜୀଙ୍କ ଡାକରାରେ ସେତେବେଳେ ତେଜି ଉଠିଥାଏ ସାରା ଭାରତ। ଗାଁରୁ ସହର, ପଲ୍ଲୀରୁ ଜଙ୍ଗଲ ଓ ସମୁଦ୍ରରୁ ପାହାଡ଼ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ବିପ୍ଳବର ସ୍ୱର ଉତ୍ତୋଳନ କରି ବ୍ରିଟିଶ ବିରୋଧରେ ଚଳାଇଥାନ୍ତି ରୀତିମତ ସଂଗ୍ରାମ। ସବୁଆଡ଼େ ସେହି ଗୋଟିଏ କଥା- 'କର ବା ମର'। କିଏ ଜାଣିଥିଲା, ଏ ପ୍ରତିଜ୍ଞା ଓଡ଼ିଶା ମାଟିର ଏକ ବଣଜଙ୍ଗଲ, ନଦୀନାଳଘେରା ଅଖ୍ୟାତପଲ୍ଲୀ ଇରମର ଅନାମଧେୟ ନିରୀହ ଜନସାଧାରଣଙ୍କ ମନରେ ଶତସିଂହର ସାହସ ଭରିଦେଇ ଏକ ନୂଆ ଇତିହାସ ସୃଷ୍ଟି କରିବ ବୋଲି? ବ୍ରିଟିଶ ଶାସନରେ ଇରମ କହିଲେ ଅବିଭକ୍ତ ବାଲେଶ୍ୱର ଜିଲାର ବାସୁଦେବପୁର ସହରଠୁ ବହୁ ଦୂରରେ ଥିବା ଏକ ନଈପଠା, ବଣଗୋହିରୀ ପରିବେଷ୍ଟିତ ଶାନ୍ତ, ଅଜ୍ଞାତ, ନଗଣ୍ୟ ପଲ୍ଲୀ ଅଞ୍ଚଳ, ଯେଉଁଠାରୁ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରତିଧ୍ୱନିତ୍ର ହେଉଥିଲା- ଆମେ ଚାହୁଁ ପୂର୍ଣ୍ଣ ସ୍ୱାଧୀନତା। ଇରମର ମାଟି, ପାଣି, ପବନରେ ଆମେ ଗଢ଼ା ସତ୍ୟାଗ୍ରହୀ ସନ୍ତାନ। ମରନେ ତକ୍-ଲଢ଼େଙ୍ଗେ ହମ୍।



ଜାତୀୟ କଂଗ୍ରେସର ଅସହଯୋଗ ଆନ୍ଦୋଳନଠାରୁ ଆରମ୍ଭକରି ଐତିହାସିକ ଲାହୋର ଅଧିବେଶନରେ ଆଇନ ଅମାନ୍ୟ ଆନ୍ଦୋଳନର ସିଦ୍ଧାନ୍ତ ପ୍ରତିଧ୍ୱନିତ ହୋଇଥିଲା ଏହି ଇରମ ମାଟିରେ। ସ୍ୱାଧୀନତା ଆନ୍ଦୋଳନରେ ଇରମ ଥିଲା ଅନ୍ୟତମ ପ୍ରାଣକେନ୍ଦ୍ର। ବିପ୍ଳବର ଲେଲିହାନ ଶିଖା ଆସ୍ତେ ଆସ୍ତେ ତେଜି ଉଠୁଥାଏ ଇରମରେ ଏବଂ ସେଥିପାଇଁ ୧୯୪୨ ମସିହା ସେପ୍ଟେମ୍ବର ୨୮ରେ ଇଂରେଜ ସରକାରଙ୍କ ବିରୋଧରେ ବିରାଟ ସଭା ଆହୂତ ହେଲା। ନିରୀହ, ଶାନ୍ତ, ସରଳ, ଶୃଙ୍ଖଳିତ ସତ୍ୟାଗ୍ରହୀମାନେ ଅହିଂସା ମନ୍ତ୍ରରେ ଦୀକ୍ଷିତ ହୋଇ ମେଳନ ପଡ଼ିଆରେ ସମବେତ ହେଲେ। ଚାଲିଲା ବ୍ରିଟିଶ ବିରୋଧୀ ସ୍ଲୋଗାନ୍। ସଂଗ୍ରାମୀମାନଙ୍କର ଓଜସ୍ୱିନୀ ଏବଂ ଲୋମହର୍ଷଣକାରୀ ବକ୍ତୃତାରେ ମେଳନ ପଡ଼ିଆର ବାୟୁମଣ୍ଡଳ ସରଗରମ ହେଉଥାଏ। ସମସ୍ତେ ଅତିଷ୍ଠ, ଅଶାନ୍ତ। ସମସ୍ତେ ଅନ୍ୟାୟ ବିରୋଧରେ ସଂଗ୍ରାମ ଭୂଇଁରେ ଅବତୀର୍ଣ୍ଣ। ସ୍ୱାଧୀନତାର ସ୍ୱାଦ ପାଇଁ ସମସ୍ତେ ପାଗଳ- କି ବୁଢ଼ା କି ପିଲା, କି ନେତା କି ଜନତା।

ହଠାତ୍ ଗୋଧୂଳି ଲଗ୍ନର ଲାଲିମା ମଳିନ ପଡ଼ିଗଲା। ଗୁଡୁମ୍ ଗୁଡୁମ୍ ଆୱାଜ ଓ ତା'ପରେ ଇରମ ଭୂଇଁ ମୁହୂର୍ତ୍ତକ ମଧ୍ୟରେ ରକ୍ତାକ୍ତ ହୋଇଗଲା। ଆକାଶରେ ମେଘମାଳାର ବିଜୁଳି ଚମକ ସାଙ୍ଗକୁ ଗୁଳିର ଝଲକ ଲୋକମାନଙ୍କୁ କିଂକର୍ତ୍ତବ୍ୟବିମୂଢ଼ କରିଦେଲା। ଗୁଳିକାଣ୍ଡରେ ୨୯ଜଣ ସଂଗ୍ରାମୀ ଟଳିପଡ଼ିଲେ, ୫୬ଜଣ କ୍ଷତବିକ୍ଷତ ହେଲେ। ରକ୍ତସ୍ନାତ ଶବ ଓ ଆହତଙ୍କର କରୁଣ କ୍ରନ୍ଦନ ବାୟୁମଣ୍ଡଳକୁ ଭାରାକ୍ରାନ୍ତ କରିଦେଲା। ପତିହରା ପତ୍ନୀ, ପୁତ୍ରହରା ମାତାଙ୍କର ସେହି କାଳରାତ୍ରିର ବୁକୁଫଟା କ୍ରନ୍ଦନ ଏବଂ ଆକୁଳ ଆର୍ତ୍ତନାଦ ଅତୀବ ମର୍ମସ୍ପର୍ଶୀ ଏବଂ ହୃଦୟବିଦାରକ। ବର୍ବରୋଚିତ ଗୁଳିକାଣ୍ଡରେ ସ୍ତ୍ରୀ ତା'ର ସ୍ୱାମୀକୁ ହରାଇ ସୀମନ୍ତରୁ ସିନ୍ଦୂର ପୋଛି, ମା'ବାପା ପୁତ୍ରକୁ ହରାଇ ପାଗଳ ହୋଇଛନ୍ତି, ଭାଇ ତା'ର ଭଉଣୀକୁ ହରାଇ ତୀବ୍ର ଆଘାତରେ ମ୍ରିୟମାଣ ହୋଇଛି, କିନ୍ତୁ ସେମାନଙ୍କର ଦାୟାଦ ଆଜି ପାଇଛନ୍ତି କ'ଣ? ନିଜକୁ ନିଜେ ପଚାରିବା ପାଇଁ ବର୍ତ୍ତମାନ ସମୟ ଉପନୀତ।

-ଅଭୟ ସୂତାର

# 'ହାଉସ୍‌ଫୁଲ୍-୪'ର ଟ୍ରେଲର୍ ରିଲିଜ୍

ନୂଆଦିଲ୍ଲୀ: ବଲିଉଡ୍ ସୁପରହିଟ୍ ମଲ୍‌ଟିଷ୍ଟାର୍ କମେଡ଼ି ସିରିଜ୍ 'ହାଉସ୍‌ଫୁଲ୍-୪'ର ଟ୍ରେଲର୍ ରିଲିଜ୍ ହୋଇଯାଇଛି। ହାଉସ୍‌ଫୁଲ୍ ସିରିଜ୍‌ର ପ୍ରତ୍ୟେକ ଫିଲ୍ମ ବଲିଉଡ୍‌ରେ ସୁପରହିଟ୍ ରହିଥିବାବେଳେ ଚତୁର୍ଥ ସିରିଜ୍ ମଧ୍ୟ ଦର୍ଶକଙ୍କୁ ଭରପୂର୍ ମନୋରଞ୍ଜନର ଖୋରାକ୍ ଯୋଗାଇବ ବୋଲି ଆଶା କରାଯାଉଛି। ପ୍ରଥମେ ଅକ୍ଷୟ କୁମାର ନିଜର ଏହି ଅପ୍‌କମିଂ ଫିଲ୍ମର ମଜାଦାର ଟ୍ରେଲର୍ ନିଜ ଟୁଇଟର ହେଣ୍ଡାଲରେ ଶେୟାର କରିଥିଲେ। ଏହା ପରେ ଫ୍ୟାନ୍ସଙ୍କ ପ୍ରତିକ୍ରିୟା ଆସିବାରେ ଲାଗିଥିଲା। 'ହାଉସ୍‌ଫୁଲ୍-୪'ର ଟ୍ରେଲର୍ ଦେଖିଲେ ଦର୍ଶକ ଏକଦମ୍ କନ୍‌ଫ୍ୟୁଜ୍ ହୋଇଯିବେ। ସମାନ କଳାକାରଙ୍କୁ ନେଇ ଦୁଇଟି ପିଢ଼ିକୁ ଫିଲ୍ମରେ ଦେଖିବାକୁ ମିଳିବ। ପୁନର୍ଜନ୍ମର କାହାଣୀକୁ ନେଇ ପ୍ରସ୍ତୁତ ଏହି କମେଡି ସିରିଜ୍‌ର ଟ୍ରେଲର୍ ଦର୍ଶକଙ୍କୁ ହସାଇ ହସାଇ ବେଦମ୍ କରାଇଦେବା ଭଳି ହୋଇଛି। ଟ୍ରେଲର୍‌ରୁ ଜଣାପଡୁଛି ଫିଲ୍ମରେ ଉଚ୍ଚକୋଟୀର ଭିଏଫ୍‌ଏକ୍ସ ବ୍ୟବହାର କରାଯାଇଛି, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ମଧ୍ୟ ଆସିଛି। ସେହିପରି ସିନେମାଟୋଗ୍ରାଫି ମଧ୍ୟ ଉଚ୍ଚକୋଟୀର ହୋଇଛି ବୋଲି ସୋସିଆଲ ମିଡିଆରେ ମତ ଆସୁଛି। ୩ ମିନିଟ୍ ୩୬ ସେକେଣ୍ଡର ଏହି ଟ୍ରେଲର୍‌ର ପ୍ରତିଟି ଦୃଶ୍ୟ ହସରେ ଲୋଟ୍‌ପୋଟ୍ କରିଦେବ। ଏଥିରୁ ଗୋଟିଏ କଥା ହିଁ କୁହାଯାଇପାରିବ 'ୟେ ତୋ ଟ୍ରେଲର୍ ହେ, ପିକ୍‌ଚର ଅଭି ବାକି ହେ ଦୋସ୍ତ'। 'ହାଉସ୍‌ଫୁଲ୍-୪'ରେ ସୁପରଷ୍ଟାର ଅକ୍ଷୟ କୁମାରଙ୍କ ସହ ରିତେଶ୍ ଦେଶମୁଖ୍, ବବି ଦେଓଲ, କ୍ରିତି ସାନନ୍, ପୂଜା ହେଗଡ଼େ ଏବଂ କ୍ରିତି ଖରବନ୍ଦା ପ୍ରମୁଖ ଅଭିନୟ କରିଛନ୍ତି।



# ଅନ୍ତରୀକ୍ଷ ଯାନ ସଦୃଶ ବିମାନବନ୍ଦର

**ବେଜିଂ:** ବିଶ୍ୱରେ ଏମିତି ଏକ ଏୟାରପୋର୍ଟ ରହିଛି, ଯାହା ଦେଖିବାକୁ ଅନ୍ତରୀକ୍ଷ ଯାନ ସଦୃଶ। ଏପରି ଏୟାରପୋର୍ଟ ରହିଛି ଚାଇନାରେ। ଭିତ୍ତିଭୂମି କ୍ଷେତ୍ରରେ ଚାଇନା ସବୁଠୁ ଆଗରେ। ଏହି ଏୟାରପୋର୍ଟ ବାହାରୁ ଏକ ଅନ୍ତରୀକ୍ଷ ଯାନ ପରି ଦେଖାଯାଉଛି। କିଛିଦିନ ତଳେ ଚାଇନାର ରାଷ୍ଟ୍ରପତି ଏପରି ଏୟାରପୋର୍ଟ ଆରମ୍ଭ ନେଇ ଘୋଷଣା କରିଥିଲେ। ୧୧ ଅରବ ଡଲାରରେ ଏହା ନିର୍ମାଣ କରାଯାଇଛି। ଖାଲି ଏତିକି ନୁହେଁ ପ୍ରାୟ ୧୭୩ ଏକର ପରିମିତ ଜାଗାରେ ନିର୍ମିତ ଏୟାରପୋର୍ଟ ଭିତର ଅଂଶ ଫୁଟବଲ ପରି। ବୁଧବାର ପରୀକ୍ଷାମୂଳକ ଭାବେ ଏଠାରୁ ବିମାନ ଉଡ଼ାଣ ହୋଇଛି। ୨୦୪୦ ମସିହା ସୁଦ୍ଧା ଏହି ଏୟାରପୋର୍ଟରୁ ପ୍ରାୟ ୧୦ କୋଟି ଯାତ୍ରୀ ପ୍ରତିବର୍ଷ ବିମାନଯାତ୍ରା କରିବେ ବୋଲି ଆକଳନ କରାଯାଉଛି।

# ସେଲିବ୍ରିଟି ଦନ୍ତା

**କଲମ୍ବୋ:** କିଛିଦିନ ତଳେ ଜାତୀୟ ତଥା ଅନ୍ତର୍ଜାତୀୟ ଗଣମାଧ୍ୟମର ଶିରୋନାମା ପାଲଟିଥିଲା 'ଟିକିରି'। କୁପୋଷଣର ଶିକାର ହୋଇଥିବା ହାତୀର କଙ୍କାଳସାର ଶରୀର ଭାଇରାଲ ହୋଇଥିଲା ସୋସିଆଲ ମିଡିଆରେ। ଜୀର୍ଣ୍ଣଶୀର୍ଣ୍ଣ ଶରୀର ସତ୍ତ୍ୱେ ଅମାନବୀୟ ଭାବେ 'ଟିକିରି'କୁ ସାମିଲ କରାଯାଇଥିଲା ଏସାଲା ସମାରୋହରେ। ଏହାର କିଛିଦିନ ପରେ ଖାଦ୍ୟାଭାବରୁ ପ୍ରାଣ ହରାଇଥିଲା ୭୦ ବର୍ଷୀୟା ଉକ୍ତ ମାଈ ହାତୀ। ଏହି ଘଟଣା ସେତେବେଳେ ଦୋହଲାଇ ଦେଇଥିଲା ସମଗ୍ର ବିଶ୍ୱକୁ। ଏବେ ପୁଣି ଥରେ ଏକ ଦନ୍ତା ହାତୀକୁ ନେଇ ଚର୍ଚ୍ଚାର ପରିଧିକୁ ଆସିଛି ଏହି ଦ୍ୱୀପ ଦେଶ। ହେଲେ ଏଥର କୁପୋଷଣ ପାଇଁ ନୁହେଁ, ବରଂ ହାତୀ ଭଳି ବୃହତ୍‌କାୟ ଜୀବର ସୁରକ୍ଷା ବନ୍ଦୋବସ୍ତକୁ ନେଇ। ଭିଭିଆଇପି ସୁରକ୍ଷା ବଳୟ ଭିତରେ ରଖାଯାଇଥିବା ଉକ୍ତ ଦନ୍ତାର ନାମ ନଡୁନଗମୱା ରାଜା। ସାଢ଼େ ୧୦ ଫୁଟ ଉଚ୍ଚତା ଏବଂ ୬୫ ବର୍ଷୀୟ ଏହି ହାତୀ ସୁରକ୍ଷାରେ ମୁତୟନ ହୋଇଛନ୍ତି ସଶସ୍ତ୍ର ଯବାନ। ଦିନରାତି ଛାଇ ଭଳି ଜଗି ରହୁଛନ୍ତି ସୁରକ୍ଷା କର୍ମୀ। ନଡୁନଗମୱା ରାଜା ହେଉଛି ଦେଶର ସର୍ବବୃହତ୍ ପାଳିତ ହାତୀ। ପ୍ରତିବର୍ଷ ଅଗଷ୍ଟରେ ବୁଦ୍ଧଙ୍କ ଦେହାବଶେଷକୁ ନେଇ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥାଏ। ଏହି ଶୋଭାଯାତ୍ରା ଦୀର୍ଘ ୯୦କିମି ପରିକ୍ରମା କରି କାଣ୍ଡି ହିଲ୍ ରିସର୍ଟ ପର୍ଯ୍ୟନ୍ତ ଯାଇଥାଏ। ଏଥିରେ ପାଖାପାଖି ୧୦୦ ହାତୀ ସାମିଲ ହୋଇଥାନ୍ତି। ହେଲେ ସମସ୍ତଙ୍କ ପ୍ରଥମ ପସନ୍ଦ ନଡୁନଗମୱା ରାଜା। ୨୦୧୫ ସେପ୍ଟେମ୍ବରରେ ରାସ୍ତାରେ ଯାଉଥିବାବେଳେ ହାତୀକୁ ଏକ ବାଇକ୍ ଧକ୍କା ଦେଇଥିଲା। ଏହି ଦୃଶ୍ୟ ଭିଡିଓରେ କଏଦ ହୋଇଥିଲା। ଏହାକୁ ନେଇ ଚିନ୍ତା ପ୍ରକଟ କରିଥିଲେ ସରକାର। ମାଲିକଙ୍କୁ ହାତୀ ସୁରକ୍ଷା ନେଇ ନିର୍ଭର ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ଦନ୍ତା ପାଇଁ କରାଯାଇଛି ସ୍ୱତନ୍ତ୍ର ବ୍ୟବସ୍ଥା। କେବଳ ଏତିକି ନୁହେଁ, ହାତୀଟିର ଯତ୍ନ ନେବାକୁ ୨ଜଣ ତାଲିମପ୍ରାପ୍ତ ମାହୁନ୍ତ ମଧ୍ୟ ନିୟୋଜିତ ହୋଇଛନ୍ତି।



# ଜଳାତଙ୍କକୁ ରୋକିବ ପ୍ରତିଷେଧକ ବ୍ୟବସ୍ଥା

## ବିଶ୍ୱ ଜଳାତଙ୍କ ଦିବସ

ଜଳାତଙ୍କ ଉଭୟ ପ୍ରାଣୀ ଓ ମନୁଷ୍ୟଙ୍କୁ ଆକ୍ରାନ୍ତ କରୁଥିବା ଏକ ମାରାତ୍ମକ ଭୂତାଣୁଜନିତ ସଂକ୍ରାମକ ରୋଗ। ଲିସା ଭାଇରସ୍ ନାମକ ଏକ ଭୂତାଣୁ ର୍‌ୟାବିଜ୍ ରୋଗ କରିଥାଏ। ଉପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥା ଦ୍ୱାରା ଏହି ରୋଗକୁ ରୋକାଯାଇପାରିବ। କୁକୁର, ବିଲେଇ ଆଦି ଗୃହପାଳିତ ପ୍ରାଣୀ ତଥା ନେଉଳ, ବିଲୁଆ ଆଦି ବନ୍ୟଜନ୍ତୁ ଏହି ରୋଗର ବାହକ। ଆମ ଦେଶରେ ଜଳାତଙ୍କ ରୋଗର ୯୫ ପ୍ରତିଶତ କୁକୁର କାମୁଡ଼ିବା ଦ୍ୱାରା ହୋଇଥାଏ। ଏହି ରୋଗର ଅନ୍ୟ ନାମ ହେଉଛି ଜଳାତଙ୍କ (ଜଳ+ଆତଙ୍କ) ବା ହାଇଡ୍ରୋଫୋବିଆ। ସାଧାରଣତଃ ଲକ୍ଷଣ ପ୍ରକାଶ ପାଇବାର ୭ରୁ ୧୦ ଦିନ ମଧ୍ୟରେ ରୋଗୀର ମୃତ୍ୟୁ ଘଟେ।




ରୋଗ ସୃକାରୀ ଭୂତାଣୁ ସୁସ୍ଥ ପ୍ରାଣୀ/ମନୁଷ୍ୟର ଶରୀରରେ ପ୍ରବେଶ କରିବାର ୩ରୁ ୮ ସପ୍ତାହ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ। କେତେକ କ୍ଷେତ୍ରରେ ଏହି ସମୟ ସୀମା ଅତ୍ୟନ୍ତ ଦୀର୍ଘ ହୋଇ ୨୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ପ୍ରାରମ୍ଭିକ ଅବସ୍ଥାରେ କାମୁଡ଼ା ସ୍ଥାନ ପୋଡାଜଳା କରେ ଓ ଯନ୍ତ୍ରଣା ଅନୁଭୂତ ହୁଏ। କ୍ରମଶଃ ଶରୀରର ତାପମାତ୍ରା ବୃଦ୍ଧି, ମୁଣ୍ଡବ୍ୟଥା, କ୍ଷୁଧାହୀନତା, ଗିଳିବାରେ ଅସୁବିଧା, ଦ୍ୱନ୍ଦ୍ୱ ଓ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ଆଦି ଲକ୍ଷଣ ଦେଖାଯାଏ। ମାନସିକ ଭାରସାମ୍ୟ ହରାଇବା ସଙ୍ଗେ ସଙ୍ଗେ ରୋଗୀ ଅତ୍ୟଧିକ ଉତ୍ତେଜିତ ଓ ହିଂସ୍ର ହୋଇପଡ଼େ। ରୋଗୀ ପାଣି ପିଇବାରେ ବହୁତ କଷ୍ଟ ଅନୁଭବ କରେ, ଏପରି କି ପାଣି ଦେଖିଲେ ଭୟଭୀତ ହୋଇପଡେ। ତେଣୁ ପ୍ରତିକାର ନିମନ୍ତେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ୩ ମାସ ଓ ତଦୁର୍ଦ୍ଧ୍ୱ ବୟସର କୁକୁରମାନଙ୍କୁ ନିୟମିତ ଭାବରେ ଟିକାକରଣ କରିବା ଆବଶ୍ୟକ। ର୍‌ୟାବିଜ୍ ଆକ୍ରାନ୍ତ ପ୍ରାଣୀର ଦୁଗ୍ଧ ମାଧ୍ୟମରେ ସଂକ୍ରମଣର ସମ୍ଭାବନା ଥିବାରୁ ଦୁଗ୍ଧକୁ ଫୁଟାଇ ବ୍ୟବହାର କରିବା ଉଚିତ। ଦୁଗ୍ଧ ଦୁହୁଁଥିବା ବ୍ୟକ୍ତିଙ୍କୁ ସଂକ୍ରମଣର ସମ୍ଭାବନା ଥିବାରୁ ସେ ବ୍ୟକ୍ତି ପ୍ରତିଷେଧକ ଟିକା ନେବା ଆବଶ୍ୟକ। କୌଣସି ବ୍ୟକ୍ତି ବା ଗୃହପାଳିତ ପ୍ରାଣୀ, କୁକୁର ଅଥବା ବନ୍ୟଜନ୍ତୁ କାମୁଡ଼ା/ରାମ୍ପୁଡ଼ାର ଶିକାର ହେଲେ ତତ୍‌କ୍ଷଣାତ୍ କ୍ଷତ ସ୍ଥାନକୁ ସାବୁନ ପାଣିରେ ଅନ୍ୟୂନ ୧୫ ମିନିଟ୍ ଯାଏ ଧୋଇବା ଆବଶ୍ୟକ। କାମୁଡ଼ା ବା ରାମ୍ପୁଡ଼ା ଦ୍ୱାରା କ୍ଷତ ସୃଷ୍ଟି ହେବାଠାରୁ ୨୪ ଘଣ୍ଟା ମଧ୍ୟରେ ର୍‌ୟାବିଜ୍ ପ୍ରତିଷେଧକ ଟିକାର ପ୍ରଥମ ମାତ୍ରା ଦିଆଯିବା ଅତ୍ୟନ୍ତ ଜରୁରୀ। ପ୍ରଥମ ମାତ୍ରା ଟିକା ଦେବାର ଦିନକୁ ୦(ଶୂନ୍ୟ) ଦିନ ଧାର୍ଯ୍ୟ କରି ଯଥାକ୍ରମେ ୦, ୩, ୭, ୧୪ ଓ ୨୮ ଦିନରେ ଟିକା ଦେବା ଉଚିତ। କ୍ଷତ ଗଭୀର ଓ ମସ୍ତିଷ୍କର ନିକଟତର ହୋଇଥିଲେ ନିୟମିତ ଟିକା ସହିତ ଜଳାତଙ୍କ ପ୍ରତିପିଣ୍ଡ ବା ରେବିଜ୍ ଇମ୍ମ୍ୟୁନୋଗ୍ଲୋବୁଲିନ ଦିଆଯାଇଥାଏ। ସମ୍ପ୍ରତି ମଣିଷଙ୍କୁ ଅନ୍ତଃଚର୍ମ ଉପାୟରେ ୦, ୩, ୭ ଏବଂ ୨୮ ଦିନରେ ପ୍ରତିଷେଧକ ଟିକା ଦିଆଯାଉଛି। ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ି ମାଧ୍ୟମରେ ଜଳାତଙ୍କର ଚିକିତ୍ସା ସମ୍ଭବ ନୁହେଁ। ଏଣୁ ଡାକ୍ତରୀ ପରାମର୍ଶ କ୍ରମେ ପ୍ରତିଷେଧକ ଟିକାର ସମ୍ପୂର୍ଣ୍ଣ ମାତ୍ରା ନେବା ସର୍ବାଦୌ ବାଞ୍ଛନୀୟ।

-ଡା. ଦୁର୍ଗାପ୍ରସାଦ ଦାସ


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**JOBS REQUIREMENT**
▸ 6 Nos. Cook's, ▸ 6 Nos. Assistant Cook's, ▸ Waiter, ▸ Room Boy, ▸ Lady Receptionist for a 3 star multi cousin Hotel and Restaurant at Bhubaneswar.
*Please contact:*
8328848814, 9437389868

**ସିକ୍ୟୁରିଟି ଗାର୍ଡ ଆବଶ୍ୟକ**
GISS ଆବଶ୍ୟକ କରୁଛି ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜ ପାଇଁ ୬୫ ଜଣ ସିକ୍ୟୁରିଟି ଗାର୍ଡ।
Contact : 9861744455 9439167075

REQUIRED
Fashion Consultant for a Premium Multi-Designer Store.
**Responsibilities and Duties.**
**1.** Customer handling - understanding customer's requirements, suggesting right outfits, taking orders etc. **2.** Working on the sales, promotions and marketing of the brand. **3.** Interacting with designers for collaborations, placing orders and stock maintenance. **4.** Maintaining sales reports and stock sheet.
***Qualification and Skills*** : Adobe Photoshop, Fashion Designing and MS-Excel, Excellent command on English and Hindi. Job Types : Full-time Experience in work : 1 year, Education - Bachelor's **(Preferred)**
**Send your Resume to - E-Mail Id : grisabhubaneswar@gmail.com**

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ଡ୍ରାଇଭର**
ଗାଡ଼ି ଚଳାଇବା ପାଇଁ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
**ବି.ଦ୍ର.:** ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

**PLANT JOB**
We need **ITI & DIPLOMA (ALL BRANCH)** for Steel Plant in Paradeep, Jaipur, Arugula, Khodha.
**SALARY PER MONTH**
For ITI Candidate : 9000 to 12000
For Diploma Candidate : 14000 to 16000
Accommodation, Transportation And Fooding Available
**Mob : 9178912298**

भारतीय खाद्य निगम FOOD CORPORATION OF INDIA
16-20, Barakhamba Lane, Head Quarter, New Delhi-110001
**ନିଯୁକ୍ତି ନୋଟିସ**
ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ), ଦେଶର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରୁଥିବା ଅନ୍ୟତମ ସର୍ବବୃହତ୍ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ସାରା ଦେଶରେ ବ୍ୟାପ୍ତ ଏହାର ଡିପୋ ଓ କାର୍ଯ୍ୟାଳୟରେ ମ୍ୟାନେଜର (ଜେନେରାଲ/ଡିପୋ/ମୁଭମେଣ୍ଟ/ଆକାଉଣ୍ଟସ୍/ଟେକ୍ନିକାଲ/ସିଭିଲ ଇଞ୍ଜିନିୟରିଂ/ଇଲେକ୍ଟ୍ରିକାଲ ମେକାନିକାଲ ଇଞ୍ଜିନିୟରିଂ/ହିନ୍ଦୀ) ପଦବୀ ଲାଗି ନିର୍ଦ୍ଧାରିତ ଯୋଗ୍ୟତା, ବୟସ, ଅଭିଜ୍ଞତା ଇତ୍ୟାଦି ମାନଦଣ୍ଡକୁ ପୂରଣ କରୁଥିବା ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଅନଲାଇନ୍ ଦରଖାସ୍ତ ଆମନ୍ତ୍ରଣ କରୁଛି।
1. ପ୍ରାର୍ଥୀମାନେ **www.fci.gov.in** ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ।
2. ଯୋଗ୍ୟତା ମାନଦଣ୍ଡ, ସଂରକ୍ଷଣ, ବୟସ ଇତ୍ୟାଦି ସଂକ୍ରାନ୍ତୀୟ ବିବରଣୀ ପାଇଁ, ପ୍ରାର୍ଥୀମାନେ ଦୟାକରି **28 ସେପ୍ଟେମ୍ବର, 2019ରେ ପ୍ରକାଶିତ 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାର'** କିମ୍ବା ଏଫ୍‌ସିଆଇ ୱେବ୍‌ସାଇଟ୍ **www.fci.gov.in**ରେ ପ୍ରକାଶିତ ସବିଶେଷ ବିଜ୍ଞାପନ ଦେଖନ୍ତୁ।
3. ଅନଲାଇନ୍ ଦରଖାସ୍ତ ଦାଖଲ **ତା28.09.2019ରିଖ 10.00 ଘଟିକାରୁ** ଆରମ୍ଭ ହେବ। ଅନଲାଇନ୍ ଦରଖାସ୍ତର ଶେଷ ତାରିଖ ହେଉଛି **ତା27.10.2019ରିଖ 16.00 ଘଟିକା ପର୍ଯ୍ୟନ୍ତ।**

REQUIRED
Renowned **Orissa based Mine contractor company** is in need of young & ethuasatic Statutory Personnel for the post of **Foreman/Mining mate,** 5 years experienced **operators** for 30T class Excavator, **Dumpers, Mechanics, Supervisor, Electrician** and **Helpers** for operation sites in Odisha. Selection will be based on interview. Interested candidate may apply with their resume on following
**Mail id :- bbsratwalcoronation@yahoo.com** *within 3 days.*

**CHAKAAKHI ENTERPRISES**
**(DISTRIBUTOR)**
Looking for : Medicine Marketing Executive. Graduate Fresher. For : Bhubaneswar. **6000 - 16000/- P.M.** Must have own 2 Wheeler
**CALL - 7894275800**

**WALK-IN-INTERVIEW**
SOVA needs the following personnels each one for Health & Wellness Center, Srimula runned under PPP mode with ZSS, NHM, Dhenkanal.

| S.N. | Category of Staff | No of Post | Basic Salary | Eligibility Qualification |
|---|---|---|---|---|
| 01. | Medical Officer (Allopathic) | 1 | Rs 55,566/- + PI | MBBS degree with valid registration from OCMR |
| 02. | AYUSH MO | 1 | Rs 23,020/- + PI | B.H.M.S., Must be completed Internship Training, Odia in ME & Registered in the State Homeopathy Council with valid license |
| 03. | Pharmacist | 1 | Rs 12,140/- + PI | Degree/Diploma in Pharmacy having 1 year experience |
| 04. | ANM | 1 | Rs 11,735/- + PI | HSC with completion of ANM Course from INC approved Institution, must have registered in the Odisha Nursing Counsel |
| 05. | Lab Technician | 1 | Rs 12,140/- + PI | DMLT from AICTE/ AICTE approved or Govt recognised Institution |
| 06. | Attendant-cum-Sweeper | 1 | Rs 8,836/- | 8th pass with 5 years experience |

The desirous candidate having the required qualification & Experience to attend the walk-in-interview on 29th Sept. 2019 by 10.00 AM at SOVA, Kashipada, Dhenkanal with all certificates and testimony.
Sd/-
Director, SOVA
Kashipada, Dhenkanal
M- 9437361026, 8328810060

**ଆବଶ୍ୟକ**
**ରୋଷେୟା**
କ୍ୟାଣ୍ଟିନ୍ ପାଇଁ ରୋଷେୟା ଭାବେ ପ୍ରାର୍ଥୀଙ୍କର ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। କଣ୍ଟିନେଣ୍ଟାଲ, ଇଣ୍ଡିଆନ୍ ଓ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ କରିପାରୁଥିବା ଦକ୍ଷ ପ୍ରାର୍ଥୀ ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
**ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ**
**ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦**
**ଇ-ମେଲ୍: recruitment@dharitri.com**
**ଯୋଗାଯୋଗ ନଂ: 7894447154**

**WANTED**
Accountant (Tally) for our Office at Paradeep. Male Candidate with five years experience can be apply.
CONTACT MOB :
**9937763988, 8249193688**

**WANTED**
A Division of timber and furniture unit.
**DRIVER - 3 Nos.**
**MANAGER - 3 Nos.**
**Contact:7008676323**

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ **Office Staff** ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto **Rs.27,000/-.**
**(Part Time / Full Time)**
**Contact: 9938676412**

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: **(18-40) yrs., Monthly Salary upto Rs.25,000/-.**
**Contact Immediately Mob: 8763257042**

**ଭୁବନେଶ୍ୱରରେ ଲଣ୍ଡ୍ରିରେ କାମ କରିବା ନିମନ୍ତେ**
୧- ଡାଲା ଅଟୋ ଡ୍ରାଇଭର
୨- ମହିଳା ଏବଂ ପୁରୁଷ ୱାର୍କର
ଭଲ ଦରମା ସହ ରହିବା ସୁବିଧା ଅଛି।
Call :-
୮୨୮୦୦୮୨୮୦୦/୭୬୦୯୮୯୩୧୦୨

भारतीय प्रौद्योगिकी संस्थान भुवनेश्वर
**INDIAN INSTITUTE OF TECHNOLOGY BHUBANESWAR**
**Argul, Khordha-752050**
**ADVERTISEMENT No.**
**Rectt.-OS/02/Non-Teaching/2019**
**Walk-in Interview/Skill Test**
IIT Bhubaneswar invites the interested candidates for walk-in-interview/ Skill Test on 30.09.2019 at 8:00 AM for the following positions to be engaged on outsourced basis:
**1. Junior Hindi Translator (JHT)-1**
**2. Staff Nurse - 2**
**3. Programmer - 2**
Candidates should bring their original certificates along with filled in Application Form, Bio-data and self attested photocopies of testimonials.
They are requested to report at Administrative Building, IIT Bhubaneswar, Argul Campus, Jatni, Khordha-752050, Phone No.-0674-7134810.
For details, please visit Institute's website at **http://www.iitbbs.ac.in**
**Sd/-**
**REGISTRAR**

RESERVE BANK OF INDIA SERVICES BOARD, MUMBAI
ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ଭିସେସ ବୋର୍ଡ, ମୁମ୍ବାଇ
www.rbi.org.in
**ବିଜ୍ଞାପନ ସଂଖ୍ୟା ୧ / ୨୦୧୯- ୨୦**
୧. ଭାରତୀୟ ରିଜର୍ଭ ବ୍ୟାଙ୍କ ରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର . ସଂ. | ପଦବୀ | ଖାଲିଥିବା ସ୍ଥାନସଂଖ୍ୟା |
|---|---|---|
| ୧ | ଅଧିକାରୀ ଗ୍ରେଡ 'ବି' (ଡିଆର୍) - ସାଧାରଣ (General) | ୧୫୬ |
| ୨ | ଅଧିକାରୀ ଗ୍ରେଡ 'ବି' (ଡିଆର୍) - ଡିଇପିଆର୍ (DEPR)* | ୨୦ |
| ୩ | ଅଧିକାରୀ ଗ୍ରେଡ 'ବି' (ଡିଆର୍)- ଡିଏସ୍‌ଆଇଏମ୍ (DSIM) @ | ୨୩ |

* ଆର୍ଥୀକ ଓ ନୀତି ଅନୁସନ୍ଧାନ ବିଭାଗ ( Department of Economic and Policy Research )
@ ପରିସଂଖ୍ୟାନ ଓ ସୂଚନା ପ୍ରବନ୍ଧ ବିଭାଗ (Department of Statistics and Information Management)

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ସଂରକ୍ଷିତ ସ୍ଥାନ, ଚୟନ ପ୍ରଣାଳୀ, ଅନଲାଇନ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ଦୟାକରି **ସେପ୍ଟେମ୍ବର ୨୦,୨୦୧୯** ତାରିଖ ଦିନ ରିଜର୍ଭ ବ୍ୟାଙ୍କର ୱେବସାଇଟ **(www.rbi.org.in)**ରେ ପ୍ରକାଶିତ ବିଶଦ ବିଜ୍ଞାପନ ଦେଖନ୍ତୁ ଏବଂ ସେପ୍ଟେମ୍ବର ୨୮, ୨୦୧୯ ତାରିଖର/ ପରବର୍ତ୍ତୀ ସଂଖ୍ୟାର ରୋଜଗାର ସମାଚାର / ଏମ୍ପ୍ଲୟମେଣ୍ଟ ନ୍ୟୁଜ ଦେଖନ୍ତୁ । ପ୍ରାର୍ଥୀମାନେ ଏହି ପଦବୀ ଗୁଡ଼ିକ ପାଇଁ କେବଳ ଅନଲାଇନରେ ବ୍ୟାଙ୍କର ୱେବସାଇଟ ମାଧ୍ୟମରେ ଆବେଦନ କରିପାରିବେ ।

୩. **ଗୁରୁତ୍ୱପୂର୍ଣ୍ଣ ତାରିଖ**

| | |
|---|---|
| ୱେବସାଇଟ ଲିଙ୍କ ଉନ୍ମୁକ୍ତ-ଅନଲାଇନ ଦରଖାସ୍ତ ରେଜିଷ୍ଟ୍ରେସନ ଏବଂ ଫିସ (fees)/ ସୂଚନା ଦେୟ ପ୍ରଦାନ ନିମନ୍ତେ | **ତା ୨୧.୦୯.୨୦୧୯ ରିଖ ରୁ ତା ୧୧.୧୦.୨୦୧୯ ରିଖ ପର୍ଯ୍ୟନ୍ତ** |
| ଗ୍ରେଡ 'ବି' (ଡିଆର୍) - ସାଧାରଣ (General)- ପ୍ରଥମ ପର୍ଯ୍ୟାୟ- (Phase I) ଓ ଡିଇପିଆର୍ (DEPR)/ଡିଏସ୍‌ଆଇଏମ୍ (DSIM) -ପେପର I ପରୀକ୍ଷା | **ତା ୦୯.୧୧.୨୦୧୯ ରିଖ** |
| ଗ୍ରେଡ 'ବି' (ଡିଆର୍) - ସାଧାରଣ (General) – ଦ୍ୱିତୀୟ ପର୍ଯ୍ୟାୟ (Phase-II) ପରୀକ୍ଷା | **ତା ୦୧.୧୨.୨୦୧୯ ରିଖ** |
| ଗ୍ରେଡ 'ବି' (ଡିଆର୍) - ଡିଇପିଆର୍ (DEPR)/ଡିଏସ୍‌ଆଇଏମ୍ (DSIM) – ପେପର II ଓ III ପରୀକ୍ଷା | **ତା ୦୨.୧୨.୨୦୧୯ ରିଖ** |

ଦ୍ରଷ୍ଟବ୍ୟ : ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟରେ ପ୍ରକାଶିତ ହେବ।

**ନୋଟିସ**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**ସଂକ୍ଷେପରେ**

## ଅକ୍ଟୋବରରେ ୮ ଦିନ ବନ୍ଦ ରହିବ ବ୍ୟାଙ୍କ

ନୂଆଦିଲ୍ଲୀ,୨୭-୯: ଆସନ୍ତା ମାସରେ ବ୍ୟାଙ୍କରେ ଜରୁରୀ କାମ କରିବା ଲାଗି ଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ସାମାନ୍ୟ ଭାବିବା ଉଚିତ ହେବ। କାରଣ ଅକ୍ଟୋବରରେ ଦଶହରା, ଦୀପାବଳି ଭଳି ବଡ଼ ପର୍ବ ସହ ଅନ୍ୟାନ୍ୟ କାରଣରୁ ୮ ଦିନ ବ୍ୟାଙ୍କ ବନ୍ଦ ରହିବ। ଏହି କାରଣରୁ ବ୍ୟାଙ୍କ ସହ ଜଡିତ ସମସ୍ତ ପ୍ରକାର କାମକୁ ଯଥାଶୀଘ୍ର ସାରି ନେବା ସହ ପର୍ବପର୍ବାଣିରେ ଖର୍ଚ୍ଚ ପାଇଁ ହାତରେ ଯଥେଷ୍ଟ ଅର୍ଥ ଆଗୁଆ ସଞ୍ଚୟ କରିନେବା ଉଚିତ ହେବ। କାରଣ ଆସନ୍ତା ମାସରେ ବ୍ୟାଙ୍କ ଛୁଟି ଅକ୍ଟୋବର ୨ରୁ ଆରମ୍ଭ ହେବ। ଗାନ୍ଧୀ ଜୟନ୍ତୀ ଅବସରରେ ଏହି ଦିନ ବ୍ୟାଙ୍କ ବନ୍ଦ ରହିବ। ଏହାପରେ ୬ ଓ ୮ ଅକ୍ଟୋବରରେ କ୍ରମାଗତ ୨ ଦିନ ବ୍ୟାଙ୍କରେ କୌଣସି କାମ ହେବ ନାହିଁ। କାରଣ ୬ ତାରିଖ ରବିବାର ମହାନବମୀ ପଡୁଥିବା ବେଳେ ୮ରେ ବିଜୟାଦଶମୀ ବା ଦଶହରା ପାଳନ କରାଯିବ। ଏହି କାରଣରୁ ବ୍ୟାଙ୍କ ଛୁଟି ରହିବ। ଏହାପରେ ୧୨ରେ ମାସର ଦ୍ୱିତୀୟ ଶନିବାର, ୧୩ରେ ରବିବାର ପଡୁଛି। ସେହିପରି ପରବର୍ତ୍ତୀ ରବିବାର ୨୦ରେ ପଡୁଛି। ଏହାବାଦ୍ ୨୬ରେ ମାସର ଚତୁର୍ଥ ଶନିବାର, ୨୭ରେ ରବିବାର ତଥା ଦୀପାବଳି ପଡୁଛି।

## ଏମ୍ଏସ୍ଏମ୍ଇଙ୍କୁ ମିଳିଗଲା ୪୦ହଜାର କୋଟି ବକେୟା

ନୂଆଦିଲ୍ଲୀ,୨୭-୯: ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ସମସ୍ତ ମନ୍ତ୍ରଣାଳୟ ଠାରୁ ଆସନ୍ତା ୪ ତ୍ରୈମାସ ବା ଏକ ବର୍ଷର ପୁଞ୍ଜିଗତ ବ୍ୟୟର ବିସ୍ତୃତ ଯୋଜନା ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଖର୍ଚ୍ଚ ବୃଦ୍ଧିକୁ ପ୍ରୋତ୍ସାହିତ କରିହେବ ବୋଲି କୁହାଯାଉଛି। କେତେକ ନିର୍ଦ୍ଦିଷ୍ଟ ମନ୍ତ୍ରଣାଳୟ ସହ ଆଲୋଚନା କରିବା ପରେ ସେ କହିଛନ୍ତି ଯେ, ସରକାରୀ ବିଭାଗ ସମସ୍ତ ବକେୟାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଦାନ କରିବେ। ଅନ୍ୟପକ୍ଷରେ ସରକାରଙ୍କ ଉପରେ ଏମ୍ଏସ୍ଏମଇଙ୍କର ୬୦ ହଜାର କୋଟି ଟଙ୍କା ବକେୟା ଥିବାବେଳେ ଇତିମଧ୍ୟେ ୪୦ ହଜାର କୋଟି ଟଙ୍କା ଦିଆସରିଛି।



"ଭାରତର ଟେକ୍ନୋଲୋଜି ଷ୍ଟାର୍ଟଅପଗୁଡ଼ିକରେ ନିବେଶ ନେଇ ଯୋଜନା ରହିଛି।"
– ଅଜିତ ମୋହନ, ଫେସବୁକ ଇଣ୍ଡିଆ ଏମ୍‌ଡି




"ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ଗଢିତୋଳିବା ପାଇଁ ନିବେଶ ବୃଦ୍ଧି ଜରୁରୀ।"
– କୃଷ୍ଣମୂର୍ତ୍ତୀ ସୁବ୍ରମଣ୍ୟନ, ସିଇଏ

# ଭାରତୀୟ ବଜାର ପାଇଁ ବଦ୍ଧପରିକର ଫୋର୍ଡ

### ଉତ୍ପାଦନ ବୃଦ୍ଧି ନେଇ ମହିନ୍ଦ୍ରା ସହ ହେବ ଚୁକ୍ତି

ନୂଆଦିଲ୍ଲୀ,୨୭-୯




ବର୍ତ୍ତମାନ ଭାରତରେ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ଆମେରିକାର ବୃହତ ଗାଡ଼ି ନିର୍ମାତା ଫୋର୍ଡ ମୋଟର କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀ ସହିତ ଚୁକ୍ତି କରି ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ଲାଗି କାର୍ଯ୍ୟାରମ୍ଭ କରିଛି। ମହିନ୍ଦ୍ରା ସହ ଚୁକ୍ତି ଅନୁଯାୟୀ ବାର୍ଷିକ ୪ ଲକ୍ଷ ୪୦ ହଜାର ଗାଡ଼ି ଉତ୍ପାଦନ କରାଯିବ। ୨୬ ସେପ୍ଟେମ୍ବର ୨୦୧୯ର 'ଧରିତ୍ରୀ'ର ପ୍ରଥମ ପୃଷ୍ଠାରେ 'ମହିନ୍ଦ୍ରାକୁ ସମ୍ପତ୍ତି ବିକି ଦେଶ ଛାଡ଼ିବ ଫୋର୍ଡ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହା ଏକ ଉଡ଼ା ଖବର ଓ ଭିତ୍ତିହୀନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଖବର ସୂତ୍ର ସମ୍ପର୍କରେ ଠିକ୍ ଭାବେ ଯାଞ୍ଚ କରା ଯାଇନାହିଁ ବୋଲି କମ୍ପାନୀ କହିଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସହ ଏକ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରିବା ଲାଗି ଫୋର୍ଡ ମୋଟର କମ୍ପାନୀ ନିଷ୍ପତ୍ତି ନେଇଛି। ଦୁଇ କମ୍ପାନୀ ମଧ୍ୟରେ ଏନେଇ ଗତ କିଛି ମାସ ହେବ ଆଲୋଚନା ଚାଲିଛି। ଯୌଥ ଉଦ୍ୟୋଗ ସମ୍ପର୍କରେ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ଫୋର୍ଡ କହିଛି। ତେବେ କମ୍ପାନୀ ଦେଶ ଛାଡ଼ି ଯିବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାକୁ ନିଜର ସମସ୍ତ ସମ୍ପତ୍ତି ବିକ୍ରି କରି ଫୋର୍ଡ ଦେଶଛାଡ଼ି ଚାଲିଯିବ ବୋଲି 'ଧରିତ୍ରୀ'ରେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଯୌଥ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉଭୟ କମ୍ପାନୀ ଖୁବଶୀଘ୍ର ଏକ ଚୁକ୍ତିରେ ସ୍ୱାକ୍ଷର କରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନାନୁଯାୟୀ, ନୂଆ ଯୌଥ ଉଦ୍ୟୋଗରେ ମହିନ୍ଦ୍ରାର ୫୧% ଏବଂ ଫୋର୍ଡର ୪୯% ଅଂଶଧନ ରହିବ। ଫୋର୍ଡ ଏହାର ଚେନ୍ନାଇ କାରଖାନା ସମେତ ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିକୁ ଯୌଥ ଉଦ୍ୟୋଗ ହାତକୁ ହସ୍ତାନ୍ତରିତ କରିବ। ତେବେ କମ୍ପାନୀ ମୁଖପାତ୍ର କହିଛନ୍ତି ଯେ, କମ୍ପାନୀ ଭାରତ ଛାଡ଼ିବ ନାହିଁ। ମହିନ୍ଦ୍ରା ସହିତ ଭବିଷ୍ୟତର ପାର୍ଟନରଶିପ୍ ମାଧ୍ୟମରେ ନିଜର ରଣନୈତିକ, ଉତ୍ପାଦନ ଏବଂ ବ୍ୟବସାୟିକ ଦକ୍ଷତା ବୃଦ୍ଧି ଲାଗି ଫୋର୍ଡ ଆଲୋଚନା ଚଳାଇଥିବା କମ୍ପାନୀ ମୁଖପାତ୍ର କହିଛନ୍ତି। ତେବେ ଏନେଇ ମିଡିଆରେ ଚାଲିଥିବା କଳ୍ପନାଜଳ୍ପନା ଉପରେ ବର୍ତ୍ତମାନ କିଛି କହିହେବ ନାହିଁ। ଠିକ୍ ସମୟରେ ଫୋର୍ଡ ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ କରାଯିବ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ, ଭାରତରେ ଫୋର୍ଡର ଏକ ଶକ୍ତିଶାଳୀ ବ୍ରାଣ୍ଡ ରହିଥିବା ବେଳେ ନିଜର ଗ୍ରାହକ, ଡିଲର ନେଟ୍‌ୱାର୍କ ରହିଛି। କମ୍ପାନୀ ଦେଶରେ ନିଜର ଉପସ୍ଥିତିକୁ ଅଧିକ ମଜଭୁତ କରିବା ସହ ପୋର୍ଟଫୋଲିଓ ବୃଦ୍ଧି କରିବ। ନୂଆ କମ୍ପାନୀ ଦ୍ୱାରା ଫୋର୍ଡ ବ୍ରାଣ୍ଡ୍ କାର୍ ଦେଶରେ ନିର୍ମାଣ ଓ ବିକ୍ରି ଜାରି ରହିବ। ଏହାଛଡା ନୂଆ କମ୍ପାନୀ ମାଧ୍ୟମରେ ବିଦେଶକୁ ମଧ୍ୟ ରପ୍ତାନି କରାଯିବ। ମହିନ୍ଦ୍ରା ସହ ମିଶି ମିଡ୍ ସାଇଜ୍ ଏସ୍‌ୟୁଭି ନିର୍ମାଣ ଫୋର୍ଡର ଭବିଷ୍ୟତର ଉତ୍ପାଦକୁ ଦର୍ଶାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ତାଙ୍କର କହିବାନୁଯାୟୀ, ଭାରତରେ ଫୋର୍ଡର ସଫଳତାରୁ ଅନ୍ୟ ବିକାଶଶୀଳ ବଜାରରେ କମ୍ପାନୀ ନିଜର ଉପସ୍ଥିତି ଜାହିର କରିପାରିବ। ସୂଚନାଥାଉ କି, ଉତ୍ପାଦ ବିକାଶ, ଇଲେକ୍ଟ୍ରିକ ଗାଡ଼ି ଏବଂ ଭାରତ ତଥା ବିକାଶଶୀଳ ଦେଶରେ ଏହାର ବିତରଣ ନେଇ ଫୋର୍ଡ ଓ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ମଧ୍ୟରେ ୨୦୧୭ରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଉଭୟ କମ୍ପାନୀ ନୂଆ ଏସ୍‌ୟୁଭି ଏବଂ କ୍ଷୁଦ୍ର ଇଲେକ୍ଟ୍ରିକ କାର୍ ନିର୍ମାଣ କରିବା ଲାଗି ଗତ ବର୍ଷ ରାଜି ହୋଇଥିଲେ।

ଏହି ପ୍ରସଙ୍ଗରେ ଫୋର୍ଡ ଇଣ୍ଡିଆ ଲାଗି ଓଡ଼ିଶାର ପ୍ରମୁଖ ଡିଲରଶିପ ଦାୟିତ୍ୱରେ ଥିବା ଗର୍ଗସନ ଅଟୋମୋବାଇଲର ଉପସଭାପତି ରଞ୍ଜନ ମହାପାତ୍ର କହିଛନ୍ତି ଯେ, ଫୋର୍ଡ ଦେଶ ଛାଡି ଯିବାର କୌଣସି ଯୋଜନା ନାହିଁ। କମ୍ପାନୀ ଏହାର ପରିଚାଳନାକୁ ଆହୁରି ଦୃଢ କରିବାକୁ ମହିନ୍ଦ୍ରା ସହ ଚୁକ୍ତିରେ ସାମିଲ ହେବା ନେଇ ଅଗ୍ରସର ହୋଇଛି। ଏହି ଚୁକ୍ତି ଦ୍ୱାରା ଘରୋଇ ବଜାରରେ ଉପସ୍ଥିତିକୁ ଆହୁରି ମଜଭୁତ କରିବା ଦିଗରେ ଫୋର୍ଡ ସକ୍ଷମ ହୋଇ ପାରିବ। ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଣ ନେଇ ଫୋର୍ଡ ସର୍ବଦା ପ୍ରୟାସ ଜାରି ରଖିଛି। ଏହି ଧାରା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ମହାପାତ୍ର ସ୍ପଷ୍ଟ କରିଛନ୍ତି।

# ଆହୁରି ବଢ଼ିବ ପେଟ୍ରୋଲ, ଡିଜେଲ ଦର

### କ୍ରୁଡ୍ ପରିବହନ ଖର୍ଚ୍ଚରେ ଅଚାନକ ୨୮% ବୃଦ୍ଧି

ନୂଆଦିଲ୍ଲୀ,୨୭-୯

ସୌଦି ଆରବର ଆରାମ୍‌କୋ ତୈଳ ପ୍ଲାଣ୍ଟରେ ଡ୍ରୋନ ଆକ୍ରମଣ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ(କ୍ରୁଡ୍) ଦର ହଠାତ ବଢ଼ିଯାଇଛି। ଫଳସ୍ୱରୂପ ଦେଶରେ ପେଟ୍ରୋଲ ଓ ଡିଜେଲ ଦରରେ ନିଆଁ ଲାଗିଛି। ତେବେ ଆଗାମୀ ଦିନରେ ଏହି ନିଆଁ ଆହୁରି କୁହୁଳିବାକୁ ଯାଉଛି। ଚାଇନାର ସର୍ବବୃହତ ତୈଳ ପରିବହନକାରୀ କମ୍ପାନୀ କସ୍‌କୋ ଉପରେ ଆମେରିକା ଦ୍ୱାରା କଟକଣା ଜାରି କରିଯିବାକୁ ଏହାର କାରଣ ବୋଲି କୁହାଯାଉଛି। ଏହି କାରଣରୁ ଏବେ ମିଡିଲ ଇଷ୍ଟରୁ ଏସିଆକୁ ଅଶୋଧିତ ତୈଳ ପରିବହନ ଭଡା ଶୁକ୍ରବାର ଅଚାନକ ୨୮% ବଢ଼ିଯାଇଛି।

ନ୍ୟୁଜ୍ ଏଜେନ୍ସି ରଏଟର୍ସର ରିପୋର୍ଟ ମୁତାବକ ଇରାନର ତେଲକୁ କସ୍‌କୋ କମ୍ପାନୀ ଅନ୍ୟ ରାଷ୍ଟ୍ରକୁ ପରିବହନ କରୁଥିଲା ବୋଲି ଆମେରିକା ଅଭିଯୋଗ କରିଛି। ଏହା ଆମେରିକାର କଟକଣାକୁ ଉଲ୍ଲଂଘନ କରିଥିବା କୁହାଯାଉଛି। କସ୍‌କୋର ଦୁଇଟି ୟୁନିଟ୍ ଓ ଅନ୍ୟ କେତେକ କମ୍ପାନୀ ବିରୋଧରେ ଆମେରିକା ପକ୍ଷରୁ କଟକଣା ଜାରି କରାଯାଇଛି। ଉଲ୍ଲେଖ କରାଯାଇପାରେ ଯେ, ଅଶୋଧିତ ତୈଳ ପରିବହନ କ୍ଷେତ୍ରରେ କସ୍‌କୋ ବିଶ୍ୱର ସର୍ବବୃହତ କମ୍ପାନୀ। ଏହା ନିକଟରେ ୫୦ରୁ ଅଧିକ ସୁପର ଟ୍ୟାଙ୍କର ରହିଛି। ସିଙ୍ଗାପୁରସ୍ଥିତ ଜଣେ ତୈଳ ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛି ଯେ, କସ୍‌କୋ ଉପରେ କଟକଣା ଲାଗୁ ହେବା ପରେ ତୈଳ କିଣୁଥିବା ଦେଶଗୁଡ଼ିକ ନିଜର ଅଶୋଧିତ ତେଲ ପରିବହନ ପାଇଁ ସୁପର ଟ୍ୟାଙ୍କର ଅଥବା ଅତି ବୃହତ କ୍ରୁଡ୍ କ୍ୟାରିୟର ଭଡ଼ା ନେବାକୁ ବ୍ୟଗ୍ର ହୋଇ ଉଠିଛନ୍ତି। ଫଳରେ ମିଡିଲ ଇଷ୍ଟରୁ ଉତ୍ତର ଏସିଆକୁ ତେଲ ପରିବହନ ଭଡ଼ା ରାତାରାତି ୧୯% ବୃଦ୍ଧି ପାଇଛି। ଫଳରେ ପ୍ରତ୍ୟେକ ତେଲ ଜାହାଜ ଭଡ଼ା ବାବଦରେ ତୈଳ କ୍ରେତା ଦେଶଗୁଡ଼ିକୁ ଅତିରିକ୍ତ ୬ ଲକ୍ଷ ଡଲାର ଖର୍ଚ୍ଚ କରିବାକୁ ହେବ। ତୈଳ ଶିଳ୍ପ ସୂତ୍ରରୁ ପ୍ରକାଶ ଯେ, ମଧ୍ୟପୂର୍ବରୁ ଭାରତର ପଶ୍ଚିମ ତଟ ପର୍ଯ୍ୟନ୍ତ ଅକ୍ଟୋବର ଦ୍ୱିତୀୟ ସପ୍ତାହର ଭଡ଼ା ୨୮% ବୃଦ୍ଧି ପାଇଛି। କାରଣ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ଦୁଇଟି ସୁପର ଟ୍ୟାଙ୍କର ଭଡ଼ା ନିଆଯାଇଛି। ଏସିଆରେ ସର୍ବାଧିକ ଅଶୋଧିତ ତେଲ କିଣୁଥିବା ତାଇୱାନର ପେଟ୍ରୋକେମିକାଲ କମ୍ପାନୀ ଫରମୋସା ପେଟ୍ରୋକେମିକାଲର ମୁଖପାତ୍ର କେ.ୱାଇ ଲିନ୍ କହିଛନ୍ତି ଯେ, ବଜାରରେ ଏବେ ଭୟ ଖେଳି ଯାଇଛି। ରିଫାଇନେରି କମ୍ପାନୀଗୁଡ଼ିକ ପ୍ରତିଷେଧାତ୍ମକ ପଦକ୍ଷେପ ନେଉଛନ୍ତି। କସ୍‌କୋ ବିରୋଧରେ କଟକଣା ଲାଗୁ କରିବା ଯୋଗୁ ଏହା କେତେ ମାତ୍ରାରେ ପରିବହନକୁ ପ୍ରଭାବିତ କରୁଛି, ସେ ସମ୍ପର୍କରେ ତର୍ଜମା ହେଉଛି ବୋଲି ଲିନ୍ କହିଛନ୍ତି। ସୌଦି ଡ୍ରୋନ୍ ଆକ୍ରମଣ ପରେ ଦେଶରେ ପେଟ୍ରୋଲ ଲିଟର ପିଛା ଦର ପ୍ରାୟ ୭୩ ଟଙ୍କା ଟପିଲାଣି। ଡିଜେଲ ଦର ମଧ୍ୟ ୭୨ ଟଙ୍କା ଟପିଛି। ଏପରିପ୍ରେକ୍ଷୀରେ ତୈଳ ପରିବହନ ଖର୍ଚ୍ଚ ବଢ଼ିଲେ ଦେଶର ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ଆହୁରି ବଢ଼ାଇବାକୁ ବାଧ ହେବେ ଏଥିରେ ସନ୍ଦେହ ନାହିଁ।

**ପୁଣି ଆକ୍ସନରେ ମୋଦି ସରକାର**

# ୧୫ ବରିଷ୍ଠ ଆୟକର ଅଧିକାରୀ ଜବରଦସ୍ତ ବିଦା

ନୂଆଦିଲ୍ଲୀ,୨୭-୯

ଅପାରଗ ଅଧିକାରୀଙ୍କ ବିରୋଧରେ ପୁନର୍ବାର ମୋଦି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଦୁର୍ନୀତି, ସିବିଆଇ ମାମଲା ଓ ଅନ୍ୟ କେତେକ କାରଣ ଯୋଗୁ ସରକାର ୧୫ ଜଣ ବରିଷ୍ଠ ଆୟକର ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇ ଚାକିରିରୁ ବିଦା କରିଛନ୍ତି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ପକ୍ଷରୁ ସିଆଇଟି, ଜେସିଆଇଟି, ଆଡିଶନାଲ ସିଆଇଟି, ଏସିଆଇଟି ପଦରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କୁ ମୌଳିକ ନିୟମ ୫୬(ଜେ) ଅଧୀନରେ ଜବରଦସ୍ତ ଅବସର ଦିଆଯାଇଛି। ସେମାନଙ୍କ ବିରୋଧରେ ମୁଖ୍ୟତଃ ଦୁର୍ନୀତି ଅଭିଯୋଗ ରହିଛି। ସୂଚନାଥାଉ କି, ନିଜ କ୍ଷମତାର ଦୁରୁପଯୋଗ କରି ଦୁର୍ନୀତିରେ ଲିପ୍ତ ଟିକସ ଅଧିକାରୀଙ୍କୁ ଜବରଦସ୍ତ ଅବସର ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରେ ନିଜର ଉଦ୍‌ବୋଧନରେ କହିଥିଲେ। ଗଣମାଧ୍ୟମକୁ ଏକ ସାକ୍ଷାତ୍‌କାର ଦେଇ ସେ ପୁଣି ଏହାକୁ ଦୋହରାଇଥିଲେ ଏବଂ କହିଥିଲେ ଯେ, ଏଭଳି ଦୁର୍ନୀତିଗ୍ରସ୍ତ ଆୟକର ବ୍ୟକ୍ତି ଟିକସଦାତାଙ୍କୁ ଅଯଥା ହଇରାଣ କରୁଛନ୍ତି। ଏଥିପୂର୍ବରୁ ସିବିଡିଟି ୧୨ ଅଧିକାରୀଙ୍କ ସମେତ ୪୯ ଉଚ୍ଚ ପଦରେ କାର୍ଯ୍ୟରତ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ସୂଚନାଥାଉ କି, ଜୁନ୍‌ରେ ସରକାର ଦୁର୍ନୀତି ଅଭିଯୋଗରେ ସିବିଆଇସିର ୧୫ ଜଣ କମିଶନର ର୍‌ୟାଙ୍କର ଅଧିକାରୀଙ୍କୁ ଚାକିରିରୁ ବିଦା କରିଥିବା ବେଳେ ୧୨ ଆଇଆର୍‌ଏସ୍ ଅଧିକାରୀଙ୍କୁ ଜବରଦସ୍ତ ଅବସର ଦିଆଯାଇଥିଲା। ସେହିପରି ଅଗଷ୍ଟରେ ୨୨ ସିବିଆଇସି ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା।


## GANGADHAR MEHER UNIVERSITY
**AMRUTA VIHAR, SAMBALPUR-768004**

**No. 4837 / GMU** **Date: 27.09.19**

**ADMISSION NOTIFICATION**

Applications as per the prescribed form are invited from students, professionals and interested general public for admission into the following programmes of the University.

1. COP in French Language
2. Diploma in French Language

Interested candidates are required to visit the University website **www.gmuniversity.ac.in** for eligibility, application form, information brochure and other details of both the programmes. Those who have already applied for COP in French need not apply again.

**The last date of submission of application form for both the programmes - 15.10.2019 (5.00 PM)**

**Date of Admission to COP in French & Diploma in French Language is- 17.10.2019.**

**Sd./- REGISTRAR,**
**G.M. University, Sambalpur**


# ଗ୍ରାହକଙ୍କ ବିଶ୍ୱାସ ଭରସାର ଅନ୍ୟନାମ: ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ

**ରାଜ୍ୟରେ କେଉଁ କେଉଁ ସ୍ଥାନଗୁଡିକରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଉପସ୍ଥିତି ଜାହିର କରି ପାରିଛି ?**
ଭୁବନେଶ୍ୱରରେ ୩, କଟକରେ ୪, ଜଗତ୍‌ସିଂହପୁର ଟାଉନ, ଜଗତ୍‌ସିଂହପୁର, ନିମାପଡ଼ା, ପୁରୀ, ଖୋର୍ଦ୍ଧା, ଜଟଣୀ, ବାଲୁଗାଁ, ନୟାଗଡ, ଓଡଗାଁ, ବଡମ୍ବା, ଭଦ୍ରକ ଭଳି ସ୍ଥାନଗୁଡିକରେ ମୋଟ ୧୯ ଷ୍ଟୋର ସହ ଗ୍ରାହକଙ୍କୁ ସେବା ଯୋଗାଣ ହେଉଛି।

**ଗ୍ରାହକ ସେବାକୁ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ କିଭଳି ଗୁରୁତ୍ୱ ଦେଇ ଆସିଛି?**
ଗ୍ରାହକଙ୍କୁ ସର୍ବଦା ସ୍ୱତନ୍ତ୍ର ସ୍ଥାନରେ ରଖିଛୁ। ଆମ ପାଇଁ ଗ୍ରାହକ ସବୁ ବେଳେ ଗୁରୁତ୍ୱ ବହନ କରି ଆସିଛନ୍ତି। ଷ୍ଟୋର ପକ୍ଷରୁ ପ୍ରଦାନ କରାଯାଉଥିବା ସେବାକୁ ସେମାନେ ଭଲ ପାଇବା ଦେବା ସହ ଆମକୁ ସ୍ୱତନ୍ତ୍ର ସ୍ଥାନ ଦେଇଛନ୍ତି। ସେମାନଙ୍କ ଭଲ ପାଇବା, ଭରସା ଏବଂ ବିଶ୍ୱାସର ଅନ୍ୟନାମ ଭାବେ ଏବେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ବେଶ ଲୋକପ୍ରିୟ। ଗ୍ରାହକଙ୍କଠାରୁ ସବୁ ବେଳେ ମତାମତ ଗ୍ରହଣ କରି ସେବାରେ ନୂତନତ୍ୱ ଯୋଡୁଛୁ, ଯାହା ଆମକୁ ଆଗକୁ ବଢିବାରେ ପ୍ରେରଣା ଯୋଗାଇଛି। ଶୋ'ରୁମରେ ସହଜ ଫାଇନାନ୍ସ ସୁବିଧା, ଗୁପ୍ତା କେୟାର ଦ୍ୱାରା ଅତିରିକ୍ତ ରିହାତି ସୁବିଧା ସହ ଅନ୍ୟାନ୍ୟ ସ୍ୱତନ୍ତ୍ର ସେବା ପ୍ରଦାନ କରାଯାଉଛି।

**ରାଜ୍ୟର ଅନ୍ୟ ପ୍ରାନ୍ତରେ ଷ୍ଟୋର ସମ୍ପ୍ରସାରଣ ଯୋଜନା ରଖିଛନ୍ତି କି?** ରାଜ୍ୟର ଅନ୍ୟ ପ୍ରାନ୍ତରେ ଷ୍ଟୋର ଖୋଲିବା ନେଇ ଯୋଜନା ରଖାଯାଇଛି। ରାଜ୍ୟର ମୋଟ୍ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ମଧ୍ୟରୁ ଅଧିକାଂଶ ବିକ୍ରି ଉପକୂଳ ଏବଂ କେନ୍ଦ୍ର ଓଡିଶାରେ ହେଉଥିବାରୁ ଏହି ସ୍ଥାନଗୁଡିକରେ ସ୍ଥିତି ମଜଭୁତ କରିଛୁ। ଖୁବ ଶୀଘ୍ର ଆମ ନେଟ୍‌ୱର୍କରେ ଆଉ ୫ ଷ୍ଟୋର ଯୋଡାଯିବ। ରାଜ୍ୟର ଅନ୍ୟ ପ୍ରମୁଖ ସହରଗୁଡିକରେ ନୂଆ ଶୋ'ରୁମ ଖୋଲିବାକୁ ଯୋଜନା ରହିଛି।

**ଅନ୍‌ଲାଇନ ମାର୍କେଟ ପ୍ଲେସର ବଜାର ଅଂଶ ବଢୁଛି। ଏହାକୁ ନେଇ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ କିଭଳି ପ୍ରସ୍ତୁତ?**
ଅନ୍‌ଲାଇନ ଇଲେକଟ୍ରୋନିକ୍ସ ବଜାର ଏବେ ଦ୍ରୁତତର ହୋଇଥିବା ବେଳେ ଏହାକୁ ନେଇ ଆମ କୌଶଳରେ ପରିବର୍ତ୍ତନ ଆଣିଛୁ। ଗ୍ରାହକଙ୍କୁ ଅନ୍‌ଲାଇନ ଭଳି କମ୍ପିଟିଭ ମୂଲ୍ୟରେ ସାମଗ୍ରୀ ଯୋଗାଣ ନେଇ ଯୋଜନା ରହିଛି। ଆମ ଷ୍ଟୋରଗୁଡିକୁ ସ୍ୱତନ୍ତ୍ର କରି ପ୍ରସ୍ତୁତ କରୁଛୁ। ଅନଲାଇନରେ ଟଚ୍ ଆଣ୍ଡ ଫିଲ ତଥା ସାମଗ୍ରୀ କ୍ଷେତ୍ରରେ ଅସୁବିଧା ହେଲେ ଅଭିଯୋଗ ସମାଧାନ ତ୍ୱରିତ ହୋଇ ନ ଥାଏ। ଏଭଳି ପ୍ରସଙ୍ଗକୁ ବିଚାର କରି ବିଭିନ୍ନ ପଦକ୍ଷେପ ନେଉଛୁ। ପଟିଆ ଷ୍ଟୋର ପୂର୍ବାଞ୍ଚଳର ସବୁଠାରୁ ବେଷ୍ଟ ଷ୍ଟୋର ହୋଇପାରିଛି। ସେହିଭଳି ସିଡିଏ, ବରମୁଣ୍ଡା, ଶହୀଦ ନଗର ଷ୍ଟୋରକୁ ସ୍ୱତନ୍ତ୍ର ଏକ୍ସପେରିଏନ୍ସ ଜୋନ ଭାବେ ଗଢିତୋଳିକୁ ପ୍ରୟାସ ଜାରି ରଖିଛୁ। ସ୍ୱତନ୍ତ୍ର ଢଙ୍ଗରେ ଷ୍ଟୋରକୁ ସଜାଇବା ସହ ଲାଇଟ, ଡିସ୍‌ପ୍ଲେ, ଅଭିଜ୍ଞ ସେଲସ୍ ଟିମ୍ ପ୍ରସ୍ତୁତ ରହିଛି।

### ଶହୀଦ ନଗରରେ ସ୍ୱତନ୍ତ୍ର ଆଇଟି ଜୋନ ଶୀଘ୍ର

ଶହୀଦ ନଗରରେ ସ୍ୱତନ୍ତ୍ର ଆଇଟି ଜୋନ ଶୀଘ୍ର ଶୁଭାରମ୍ଭ ହେବ। ଏହା ସାରା ଓଡିଶାରେ ଉକ୍ତ ବର୍ଗରେ ସବୁଠାରୁ ବଡ ପ୍ରୋଜେକ୍ଟ ବୋଲି ଗୁପ୍ତା କହିଛନ୍ତି। ୫ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ୩ଟି ଫ୍ଲୋରରେ ଏହା ସେବା ଯୋଗାଇବ। ହାଇଏଣ୍ଡ ସେଗ୍‌ମେଣ୍ଟର ପ୍ରଡକ୍ଟଗୁଡିକ ଏଠାରେ ଉପଲବ୍ଧ ହେବ। ଏହା ମଧ୍ୟରେ ଲାପଟପ୍, କ୍ୟାମେରା, ମୋବାଇଲ ପ୍ରିଣ୍ଟର ଭଳି ଅନ୍ୟ ପ୍ରଡକ୍ଟ ସାମିଲ ରହିବ।

### ପାର୍ବଣରେ ନବରାତ୍ର ଅଫର

ପାର୍ବଣରେ ନବରାତ୍ର ଅଫର ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏହା ମଧ୍ୟରେ ନ୍ୟୂନ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ, ସହଜ ଇଏମ୍‌ଆଇ, ବର୍ଦ୍ଧିତ ୱାରେଣ୍ଟି, ବିଭିନ୍ନ କମ୍ପାନୀର କ୍ରେଡିଟ ଡେବିଟ୍ କାର୍ଡରେ କ୍ରୟ ଉପରେ ୧୫% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ, ଲକି ଡ୍ର ଏବଂ ବମ୍ପର ଡ୍ର, ଗିଫ୍ଟ ଭାଉଚର, ପ୍ରତି କ୍ରୟ ଉପରେ କମ୍ପାନୀ ଅଫର ସହ ୩ଟି ଆକର୍ଷଣୀୟ ନିଶ୍ଚିତ ଉପହାର କେବଳ ଗୁପ୍ତାରେ, ୪୦% ପର୍ଯ୍ୟନ୍ତ ଡିସକାଉଣ୍ଟ, ସମାନ ଦିନରେ ଡେଲିଭରି, ସହଜ ଅନଲାଇନ ଯୋଗେ ଦେୟ ପ୍ରଦାନ, ମୋବାଇଲ ଉପରେ ମାନୁଫାକଚରଙ୍କ ପକ୍ଷରୁ ୧ ବର୍ଷ ୱାରେଣ୍ଟି ସହ ଗୁପ୍ତା ଆଉ ୧ ବର୍ଷ ୱାରେଣ୍ଟି ଭଳି ଅନ୍ୟ ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।


ରାଜେଶ ଗୁପ୍ତା

**ଯେକୌଣସି ବାଣିଜ୍ୟ ଲାଗି ଗ୍ରାହକଙ୍କ ରେସ୍‌ପନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଗ୍ରାହକ ଆଦୃତି ଲାଭ ଦ୍ୱାରା ବ୍ରାଣ୍ଡ ଆଗକୁ ଅଗ୍ରସର ହେବାରେ କୌଣସି ଅସୁବିଧା ହୁଏ ନାହିଁ। ସେହିଭଳ ସ୍ୱତନ୍ତ୍ର ସେବା ଯୋଗାଣ ଦ୍ୱାରା ଗ୍ରାହକଙ୍କ ନିକଟତର ହେବା ନେଇ ସହଜ ହୋଇଥାଏ ବୋଲି ଇଲେକ୍‌ଟ୍ରୋନିକ୍ସ ଯୋଗାଣ କ୍ଷେତ୍ରରେ ରାଜ୍ୟର ଲୋକପ୍ରିୟ ବ୍ରାଣ୍ଡ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ସ୍ୱତ୍ତ୍ୱାଧିକାରୀ ରାଜେଶ ଗୁପ୍ତା କହିଛନ୍ତି। ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ବିଭିନ୍ନ ଯୋଜନା ଏବଂ ସେବା ଯୋଗାଣ ଧାରା ଉପରେ ସେ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାର...**


## ଓଡ଼ିଶା ସରକାର
## ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

ADSR No.52 ତାରିଖ:27.02.2019/ଢେଙ୍କାନାଳ

No.II-05 :- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଢେଙ୍କାନାଳ ଶାଳଗାଁ ବୁଢାପଙ୍କ ତାଳଚେର ଜରପଡା ତୃତୀୟ ଓ ଚତୁର୍ଥ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର ତାଳବେରେଣା ମୌଜାରେ ନିମ୍ନ ସୂଚୀତ ତଫସିଲ ମତେ ପ୍ରାୟ ୦.୪୪୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩(RFCTLAR&R ACT 2013) ରଧାରା ୧୧(୧)ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩(RFCTLAR&R ACT 2013)ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ଶାଳଗାଁ ବୁଢାପଙ୍କ ତାଳଚେର ଜରପଡା ତୃତୀୟ ଓ ଚତୁର୍ଥ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ। ୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ମୁଖ୍ୟ ଯନ୍ତ୍ରୀ, ପୂର୍ବତଟ ରେଳପଥ, ଭୁବନେଶ୍ୱର। ୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା। ୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-ଧାରା ୮(୨)ମୁତାବକ ପ୍ରକାଶିତ। ୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ-ଜିଲ୍ଲାପାଳ ଢେଙ୍କାନାଳ।
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ରକବା ଏକରରେ | ରୟତର ନାମ |
|---|---|---|---|---|---|---|---|---|
| ଢେଙ୍କାନାଳ | ଓଡାପଡା | ତାଳବେରେଣା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୪୪୦ | ଏଥି ସହିତ ସଂଲଗ୍ନ |
| | | | | | | ସମୁଦାୟ | ୦.୪୪୦ | |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ...........ସରଂକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଧିଷ୍ଟ। ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଳପଥ ପ୍ରକଳ୍ପ, ଢେଙ୍କାନାଳ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଢେଙ୍କାନାଳ**

**ଅଧିସୂଚିତ ଭୂମି ଅନୁସୂଚୀ**
**ଜିଲ୍ଲା-ଢେଙ୍କାନାଳ** **ମୌଜା-ତାଳବେରେଣା, (ଗ୍ରାମାଞ୍ଚଳ)** **ତହସିଲ-ଓଡପଡ଼ା**

| ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|
| ୬୮/୧୮ | ୨୪୧ | ତଇଳା-୨ | ୧.୨୨୦ | ୦.୦୪୦ | ରମେଶ ଚନ୍ଦ୍ର ଷଡ଼ଙ୍ଗୀ, ପି-ବୈଦ୍ୟନାଥ ଷଡ଼ଙ୍ଗୀ, ସୌଦାମିନୀ ଷଡ଼ଙ୍ଗୀ, ସ୍ୱା-ବୈଦ୍ୟନାଥ ଷଡ଼ଙ୍ଗୀ, ସୋମନାଥ ଷଡ଼ଙ୍ଗୀ, ପି:ଆର୍ତ୍ତବନ୍ଧୁ ଷଡ଼ଙ୍ଗୀ, ଜାତି-ବ୍ରାହ୍ମଣ, ବା-ଝରଗାଡିଆ, ବେଦ ବୈଦନାଥ ଜୀଉ ବିଜେ ସଦାଶିବପୁର ମା, ଜନାର୍ଦ୍ଦନ ମିଶ୍ର, ପି:ଆର୍ତ୍ତବନ୍ଧୁ ମିଶ୍ର, ହରିହର ମିଶ୍ର, ପି:କାଶିନାଥ ମିଶ୍ର, ବୈଦ୍ୟନାଥ ତ୍ରିପାଠୀ, ପି:ବିଦ୍ୟାଧର ତ୍ରିପାଠୀ, ଜାତି-ବ୍ରାହ୍ମଣ, ବା:ସଦାଶିବପୁର ଓଗେର ସମସ୍ତ ଗ୍ରାମବାସୀଗଣ |
| ୪୨ | ୨୪୩ | ତଇଳା-୨ | ୧.୧୦୦ | ୦.୨୬୦ | ବିରଞ୍ଚି କୁମାର ତ୍ରିପାଠୀ, ଭାବବାଳା ମହାପାତ୍ର, ପି: ଶ୍ରୀଧର ତ୍ରିପାଠୀ, ସୂର୍ଯ୍ୟମଣୀ ତ୍ରିପାଠୀ, ସ୍ୱା-ଶ୍ରୀଧର ତ୍ରିପାଠୀ, ଜାତି-ବ୍ରାହ୍ମଣ, ବା-ସଦାଶିବପୁର |
| ୨୭ | ୨୪୪ | ବଗାୟତ-୨ | ୨.୫୪୦ | ୦.୧୪୦ | ପ୍ରଭାକର ମହାପାତ୍ର, ପି-କୃଷ୍ଣଚନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପି-ଆର୍ତ୍ତବନ୍ଧୁ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ପି-ରତ୍ନାକର ମହାପାତ୍ର, କାହ୍ନୁ ଚରଣ ମହାପାତ୍ର, ପି-ଜଗନ୍ନାଥ ମହାପାତ୍ର, କୁଞ୍ଜ ମହାପାତ୍ର, ପି-ସୋମନାଥ ମହାପାତ୍ର, ଜାତି-ବ୍ରାହ୍ମଣ, ବା-ନିଳାମ୍ବର ପୁର |
| | | | ମୋଟ | ୦.୪୪୦ | |

24034/14/0010/1920

> ଯଦି ଟିମ୍ ମ୍ୟାନେଜମେଣ୍ଟ ମୋତେ ସମର୍ଥନ କରିଥାନ୍ତା ତେବେ ମୁଁ ଆହୁରି ଗୋଟିଏ ବିଶ୍ୱକପ୍ ଖେଳିପାରିଥାନ୍ତି ।
> -ଯୁବରାଜ ସିଂ, ପୂର୍ବତନ ଭାରତୀୟ କ୍ରିକେଟର୍




> ନଭେମ୍ବରରେ ସୁସ୍ଥ ହୋଇ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି। ସୀମିତ ଓଭର ଫର୍ମାଟ୍‌ରେ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ରହିଛି ।
> -ସୁରେଶ ରାଇନା, ଭାରତୀୟ କ୍ରିକେଟର୍



## ସଂକ୍ଷେପରେ

### ପ୍ରମୋଦ ସେମିଫାଇନାଲରେ



ଭୁବନେଶ୍ୱର, ୨୭।୯(କ୍ରୀଡ଼ା ପ୍ରତିନିଧି): ଚାଇନାର ଯୁହାଙ୍ଗ ହାଙ୍ଗଝୋଉଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚର ସ୍ଥିତି ୨୩-୨୫, ୨୧-୧୬ ଥିବାବେଳେ ପ୍ରମୋଦଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତର ନୀତେଶ କୁମାର ରିଟାୟର୍ଡ ହୋଇ ଯାଇଥିଲେ। ଫଳରେ ପ୍ରମୋଦଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ସେହିପରି ପ୍ରମୋଦ ଓ ଅନ୍ୟତମ ଭାରତୀୟ ଖେଳାଳି ମନୋଜ ସରକାରଙ୍କ ଯୋଡ଼ି ଡବଲ୍ସ କ୍ୱାର୍ଟର ଫାଇନାଲରେ ବାଇ ପାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲ ଶନିବାର ଅନୁଷ୍ଠିତ ହେବ।

### ଓଡ଼ିଶା ମହିଳା ରଗ୍‌ବୀ ଦଳ ଚାମ୍ପିୟନ

ଭୁବନେଶ୍ୱର, ୨୭।୯(କ୍ରୀଡ଼ା ପ୍ରତିନିଧି): କଲିକତାରେ ଅନୁଷ୍ଠିତ ସର୍ବଭାରତୀୟ ଏବଂ ଦକ୍ଷିଣ ଏସୀୟ ରଗ୍‌ବୀ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଦଳ ଚାମ୍ପିୟନ ହୋଇଛି। ଲିଗ୍ ପର୍ଯ୍ୟାୟରେ ପଶ୍ଚିମବଙ୍ଗ ଜଙ୍ଗଲ କ୍ରୋକ୍‌କୁ ୧୫-୦ରେ ହରାଇଥିବା ଓଡ଼ିଶା ସେମିଫାଇନାଲରେ ସିସିଏଫସିକୁ ୧୭-୭ ଏବଂ ଫାଇନାଲରେ ଦିଲ୍ଲୀ ହୁରିକେନ୍ସକୁ ୫-୦ରେ ପରାସ୍ତ କରିଥିଲା। ଓଡ଼ିଶା ଦଳର ସଦସ୍ୟାମାନେ ହେଲେ ଲକ୍ଷ୍ମୀପ୍ରିୟା ସାହୁ, ସୋନୀ ମନ୍ଦାଙ୍ଗୀ, ପୁନମ ସିଂ, ଜେମାମଣି ନାଏକ, ସରସ୍ୱତୀ ହେମ୍ବ୍ରମ, ବାସନ୍ତୀ ପାଙ୍ଗି, ଲିଜା ସର୍ଦ୍ଦାର, ମଞ୍ଜୁଲତା ପ୍ରଧାନ, ପାର୍ବତୀ କିସ୍କୁ, ମୀରାରାଣୀ ହେମ୍ବ୍ରମ, କବିତାକସ୍ତୁରୀ ପଢ଼ିହାରୀ, ସୁମିତ୍ରା ନାୟକ, ରଜନୀ ଶବର, ହୁପି ମାଝି, ତନୟା ଶବର, ପିଙ୍କିନା ପରିଡ଼ା, କବିତା ସାହୁ, ଚାନ୍ଦମଣି ଟୁଡୁ, ପୁଷ୍ପଲତା ପ୍ରଧାନ, ଭଗବତୀ ନାୟକ, ଦୁମନି ମାରାଣ୍ଡି, ହରପ୍ରିୟା ମାଝି, ଭାଗ୍ୟଲକ୍ଷ୍ମୀ ବାରିକ। କୋଚ୍: ମାନସ କୁମାର ଜେନା।

## ଓସିଏ ନିର୍ବାଚନ: ଆଶୀର୍ବାଦ ଗୋଷ୍ଠୀଙ୍କ କ୍ଲିନ୍‌ସୁଇପ୍

# ପଙ୍କଜ ସଭାପତି, ସଞ୍ଜୟ ସମ୍ପାଦକ

କଟକ ଅଫିସ,୨୭।୯

ବହୁ ପ୍ରତୀକ୍ଷିତ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଶେଷ ହୋଇଛି। ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରତ୍ୟକ୍ଷ ଭାବେ ନିର୍ବାଚନଠାରୁ ଦୂରରେ ଥିଲେ ସୁଦ୍ଧା ତାଙ୍କ ଗୋଷ୍ଠୀ ଏଥିରେ କ୍ଲିନ୍‌ସୁଇପ କରିଛି। ଆଶୀର୍ବାଦ ଗୋଷ୍ଠୀଙ୍କ ପ୍ରାର୍ଥୀ ୬ଟି ଯାକ ପଦବୀରେ ବିଜୟୀ ହୋଇଛନ୍ତି । ଓସିଏର ଅନୁବନ୍ଧିତ ୟୁନିଟ ସଂଖ୍ୟା ୭୩। ଏଥିରୁ ୩ ଜଣ ସଦସ୍ୟ ପୋଷ୍ଟାଲ ବାଲଟରେ ମତଦାନ କରିଥିଲେ। ପ୍ରତିଦ୍ୱନ୍ଦ୍ୱିତା ଏକପାଖିଆ ହେବା ଯୋଗୁ ଉକ୍ତ ୩ଟି ପୋଷ୍ଟାଲ ବାଲାଟ ଖୋଲା ଯାଇ ନ ଥିଲା। ମୋଟ ୭୦ ସଦସ୍ୟଙ୍କ ଭୋଟକୁ ନେଇ ଗଣତି ହୋଇଥିଲା। ସଭାପତି ପଦବୀରେ ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ପଦବୀରେ ସଞ୍ଜୟ ବେହେରା ବିଜୟ ଲାଭ କରିଥିଲେ। ପଙ୍କଜ ୬ ଖଣ୍ଡ ଭୋଟ ବ୍ୟବଧାନରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ପ୍ରଦୀପ ଚୌହ୍ୱାନଙ୍କୁ ଓ ସଞ୍ଜୟ ୨୦ଖଣ୍ଡ ଭୋଟ ବ୍ୟବଧାନରେ ପ୍ରତିଦ୍ୱନ୍ଦ୍ୱୀ ନବରଞ୍ଜନ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ । ସେହିପରି ଉପସଭାପତି ପଦବୀରେ ଅକ୍ଷୟ କୁମାର ସାମନ୍ତ ୧୨ ଖଣ୍ଡ ଭୋଟରେ ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକଙ୍କୁ, ଯୁଗ୍ମ ସମ୍ପାଦକ ପଦବୀରେ ମେହତାବ ଖାନ ୧୦ ଖଣ୍ଡ ଭୋଟରେ ସୁଜିତ କୁମାର ପ୍ରଧାନଙ୍କୁ ଓ କୋଷାଧ୍ୟକ୍ଷ ପଦବୀରେ ବିକାଶ ପ୍ରଧାନ ୧୦ ଖଣ୍ଡ ଭୋଟରେ ଅନୀଲ କୁମାର ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି । ଆପେକ୍ସ କାଉନସିଲ ପଦବୀ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଛି । ଆଶୀର୍ବାଦ ଗୋଷ୍ଠୀର ପ୍ରାର୍ଥୀ ଶୁଭାଶିଷ ସେନାପତି ଉକ୍ତ ପଦବୀରେ ବିଜୟୀ ହୋଇଛନ୍ତି ।ଢ଼ ଶନିବାର ନବନିର୍ବାଚିତ ପ୍ରାର୍ଥୀମାନଙ୍କୁ ଓସିଏ ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର ଏକ ବୈଠକରେ ସ୍ୱାଗତ ଜଣାଇବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଯିବା ସହ ଦାୟିତ୍ୱ ଗ୍ରହଣ ନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି ।



ସମର୍ଥକଙ୍କ ଗହଣରେ ଓସିଏ ନିର୍ବାଚନରେ ବିଜୟ ହାସଲ କରିଥିବା କର୍ମକର୍ତ୍ତାମାନେ।

### ପଙ୍କଜ ୧୦ମ ସଭାପତି, ସଞ୍ଜୟ ୬ଷ୍ଠ ସମ୍ପାଦକ

ଓସିଏର ୧୦ମ ସଭାପତି ହୋଇଛନ୍ତି ପଙ୍କଜ ଲୋଚନ। ୧୯୪୯ ଜୁଲାଇ ୧୪ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ପ୍ରଥମ ସଭାପତି ଭାବେ ଏହି ପଦବୀରେ ବସିଥିଲେ। ୧୯୭୬ ମସିହା ଜୁଲାଇ ୨୫ ତାରିଖ ପର୍ଯ୍ୟନ୍ତ ସେ ଦାୟିତ୍ୱରେ ରହିଥିଲେ। ପରେ ଭୈରବ ଚନ୍ଦ୍ର ମହାନ୍ତି, ଡ. ଜର୍ଜ ପଟ୍ଟନାୟକ, ବି.କେ. ବିଶ୍ୱାଳ, ଆର୍. ବେହେରା, ଆର୍.ପି ସ୍ୱାଇଁ, ଏ.ଏନ. ପ୍ରଧାନ, ଡ. ପି.କେ. ମିଶ୍ର ଓ ରଞ୍ଜୀବ ବିଶ୍ୱାଳ ଓସିଏର ସଭାପତି ହୋଇଛନ୍ତି। ସେହିପରି ସଞ୍ଜୟ ହୋଇଛନ୍ତି ଓସିଏର ୬ଷ୍ଠ ସମ୍ପାଦକ। ୧୯୪୯ରେ ଏହି ପଦବୀରେ ଅବସ୍ଥାପିତ ହୋଇଥିଲେ ଏସ୍.କେ. ବିଶ୍ୱାସ। ଏହା ପରେ ପି.ଭି.ଆର ମୂର୍ତ୍ତି, ଭୈରବ ଚନ୍ଦ୍ର ମହାନ୍ତି, ବି.ବି. ଦାସ ଓ ଆଶୀର୍ବାଦ ବେହେରା ଓସିଏର ସମ୍ପାଦକ ପଦବୀରେ ରହିଥିଲେ।

### କ୍ରସ ଭୋଟିଂ

ଆଶୀର୍ବାଦ ଗୋଷ୍ଠୀ ସେମାନଙ୍କ ପ୍ରାର୍ଥୀମାନଙ୍କୁ ୪୧ ଖଣ୍ଡ ଭୋଟ ମିଳିବ ବୋଲି ଆକଳନ କରିଥିଲେ। ମ୍ୟାଜିକ ନମ୍ବର ୩୬କୁ ଟପି ବିଜୟୀ ହେବେ ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ ଥିଲା। ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀରେ ଏହି ଗୋଷ୍ଠୀ ୪୦ ଖଣ୍ଡ ଲେଖାଏ ଭୋଟ ପାଇଛନ୍ତି। ସେହିପରି ଉପସଭାପତି ପଦବୀରେ ମିଳିଛି ୪୧ ଖଣ୍ଡ ଭୋଟ। ଯାହା ସେମାନଙ୍କ ଆକଳନର ନିକଟତର। ହେଲେ ଅଙ୍କ ବଦଳିଥିଲା ସଭାପତି ଓ ସମ୍ପାଦକ ପଦବୀରେ। ସମ୍ପାଦକ ପଦବୀରେ ୪୫ ଖଣ୍ଡ ଭୋଟ ଆଶୀର୍ବାଦଙ୍କ ଗୋଷ୍ଠୀକୁ ଆସିଥିବା ବେଳେ ସଭାପତି ପଦବୀରେ ୩୮ ଖଣ୍ଡ ଭୋଟ ମିଳିଥିଲା। ଅନ୍ୟପକ୍ଷରେ ସଭାପତି ପଦବୀରେ ବିପକ୍ଷ ଗୋଷ୍ଠୀରୁ ସର୍ବାଧିକ ଭୋଟ ପାଇଛନ୍ତି ପ୍ରଦୀପ ଚୌହ୍ୱାନ (୩୨ ଖଣ୍ଡ ଭୋଟ)। ଏଣୁ ଆଶୀର୍ବାଦଙ୍କ ଗୋଷ୍ଠୀରୁ କିଛି ଭୋଟ ପ୍ରଦୀପଙ୍କ ପକ୍ଷକୁ ଯାଇଛି। ସେହିପରି ବିପକ୍ଷ ଗୋଷ୍ଠୀରୁ ସବୁଠାରୁ କମ୍ ଭୋଟ ପାଇଛନ୍ତି ପରାଜିତ ସମ୍ପାଦକ ପ୍ରାର୍ଥୀ ନବରଞ୍ଜନ (୨୫ ଖଣ୍ଡ ଭୋଟ୍)। ଏଣୁ ବିପକ୍ଷ ଗୋଷ୍ଠୀର କିଛି ଭୋଟ ନବରଞ୍ଜନଙ୍କ ପ୍ରତିଦ୍ୱନ୍ଦୀ ସଞ୍ଜୟଙ୍କ ପକ୍ଷକୁ ଆସିଥିବା ବିଚାର କରାଯାଉଛି।

### ଖୋଲା ହେଲାନି ୩ ପୋଷ୍ଟାଲ ବାଲଟ୍

୩ଜଣ ପୋଷ୍ଟାଲ ବାଲଟ ଜରିଆରେ ନିଜ ମତଦାନ ପଠାଇଥିଲେ। ଏମାନେ ହେଲେ ଏସସିବି ମେଡ଼ିକାଲରେ ଚିକିତ୍ସାଧୀନ ଥିବା ଆଶୀର୍ବାଦ ବେହେରା, ଜୟପୁରରେ ଚାଲିଥିବା ବିଜୟ ହଜାରେ ଟ୍ରଫିରେ ମ୍ୟାଚ୍ ରେଫରି ଭାବେ ଦାୟିତ୍ୱ ତୁଲାଉଥିବା ସଞ୍ଜୟ ରାଉଳ ଓ ଅଫିସ ମିଟିଂ ନିମନ୍ତେ ବରୋଦାରେ ଥିବା ରେଲୱେର ବିଜୟ ମିଶ୍ର। ଗୋଟିଏ ପକ୍ଷ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବାରୁ ଏମାନଙ୍କ ମତଦାନ ପାର୍ସଲକୁ ଖୋଲାଯାଇ ନଥିଲା।

### ଜାତୀୟ ଦଳ ପାଇଁ ସୁଯୋଗ ସୃଷ୍ଟି କରାଯିବ

ଓଡ଼ିଆ ଖେଳାଳି ଜାତୀୟ ଦଳରେ ସୁଯୋଗ ପାଉ ନାହାନ୍ତି। ପ୍ରତିଭା ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିରେ ସେମାନେ ମୁକାବିଲା କରି ପାରୁନାହାନ୍ତି। ଏହି ସମସ୍ୟା ଦୂର ହେବ। ସେମାନଙ୍କ ପ୍ରତିଭାର ବିକାଶ ଏବେ ମୁଖ୍ୟ ଲକ୍ଷ୍ୟ। ମୋ କାର୍ଯ୍ୟକାଳ ମଧ୍ୟରେ ଓଡ଼ିଆ ଖେଳାଳି କିପରି ଜାତୀୟ ଦଳରେ ସୁଯୋଗ ପାଇବେ ସେ ନେଇ ସମସ୍ତ ଚେଷ୍ଟା କରିବି ବୋଲି କହିଛନ୍ତି ଓସିଏର ନୂଆ ସଭାପତି ପଙ୍କଜ ଲୋଚନ। ଭିତ୍ତିଭୂମିର ବିକାଶ ସମ୍ପର୍କରେ ସେ କହିଥିଲେ ଯେ, ଓଡ଼ିଶାରେ ଭିତ୍ତିଭୂମି ସୃଷ୍ଟି କରିବା ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ଅଛି। ଏହାର ସଦୁପଯୋଗ କରାଯିବ। ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କ ଉପରେ ନଜର ରହିବ ବୋଲି ସେ କହିଥିଲେ। ଏଥର ନିର୍ବାଚନରେ କଡ଼ା ମୁକାବିଲା ହୋଇଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ୬ ଖଣ୍ଡ ଭୋଟରେ ବିଜୟୀ ହେବା ସହଜ କଥା ନୁହେଁ ବୋଲି ପଙ୍କଜଙ୍କ ମତ।

### ରେସିଡେନ୍ସିଆଲ ଏକାଡେମୀ ଗଠନ ହେବ

ଖେଳାଳିମାନେ ରହିବେ ଓ ପ୍ରଶିକ୍ଷଣ ନେବେ। ଏଭଳି ସୁଯୋଗ ପ୍ରଦାନ କରିବ ଓସିଏ। ଓଡ଼ିଶା କ୍ରିକେଟର ଭବିଷ୍ୟତ କିପରି ଉଜ୍ଜ୍ୱଳ କରାଯିବ ସେଥି ନିମନ୍ତେ ସମସ୍ତ ଚେଷ୍ଟା କରିବୁ। ବିଜୟୀ ୬ଜଣ ଯାକ ପ୍ରାର୍ଥୀ ଏଥିପ୍ରତି ପାଇଁ ପ୍ରତିଶ୍ରୁତିବଦ୍ଧ। ଓସିଏ ଏକାଡେମୀରେ ଆଉ ଏକ ନୂତନ ଫର୍ଦ୍ଦ ଯୋଡ଼ା ଯାଇ ଏହାକୁ ରେସିଡେନ୍ସିଆଲ ଏକାଡେମୀ କରାଯିବ ବୋଲି ସମ୍ପାଦକ ସଞ୍ଜୟ ବେହେରା ବିଜୟୀ ହେବା ପରେ ପ୍ରତିକ୍ରିୟା ଦେଇଛନ୍ତି। ଅନ୍ୟପକ୍ଷରେ ସ୍କୁଲ, କଲେଜ, କ୍ଲବ ସ୍ତରରେ କ୍ରିକେଟ ଟୁର୍ନାମେଣ୍ଟ ହେବ ବୋଲି ସଞ୍ଜୟ କହିଥିଲେ। ବିରୋଧୀ ଗୋଷ୍ଠୀଙ୍କୁ ଟାର୍ଗେଟ କରି ସଞ୍ଜୟ କହିଥିଲେ ଯେ, ନିର୍ବାଚନ ପୂର୍ବରୁ ବାପାଙ୍କୁ ଗିରଫ କରିବା ପାଇଁ ସେମାନଙ୍କ ଚକ୍ରାନ୍ତର କୁପରଣତି ସେମାନେ ଭୋଗିଛନ୍ତି।

### କାହାକୁ କେତେ ଭୋଟ

| ପଦବୀ | ପ୍ରାର୍ଥୀ | ଭୋଟ |
|---|---|---|
| ସଭାପତି | ପଙ୍କଜ ଲୋଚନ ମହାନ୍ତି | ୩୮ |
| | ପ୍ରଦୀନ ଚୌହ୍ୱାନ | ୩୨ |
| ସମ୍ପାଦକ | ସଞ୍ଜୟ ବେହେରା | ୪୫ |
| | ନବରଞ୍ଜନ ପଟ୍ଟନାୟକ | ୨୫ |
| ଉପସଭାପତି | ଅକ୍ଷୟ କୁମାର ସାମନ୍ତ | ୪୧ |
| | ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ | ୨୯ |
| ଯୁଗସମ୍ପାଦକ | ମେହତାବ ଖାନ | ୪୦ |
| | ସୁଜିତ କୁମାର ପ୍ରଧାନ | ୩୦ |
| କୋଷାଧ୍ୟକ୍ଷ | ବିକାଶ ପ୍ରଧାନ | ୪୦ |
| | ଅନୀଲ କୁମାର ବିଶ୍ୱାଳ | ୩୦ |

## ଜାତୀୟ ସିନିୟର ୫-ଏ-ସାଇଡ୍ ହକି

# ହରିୟାଣା, କର୍ନାଟକ ଚାମ୍ପିୟନ




ମହିଳା ବିଭାଗ ଚାମ୍ପିୟନ ହରିୟାଣା ଦଳ।

କାନ୍‌ପୁର, ୨୭।୯

ସ୍ଥାନୀୟ ଗ୍ରୀନ୍ ପାର୍କ ଷ୍ଟାଡିୟମରେ ଶୁକ୍ରବାର ଶେଷ ହୋଇଥିବା ୫-ଏ-ସାଇଡ୍ ହକି ଟୁର୍ନାମେଣ୍ଟର ମହିଳା ବିଭାଗରେ ହରିୟାଣା ଓ ପୁରୁଷରେ କର୍ନାଟକ ଚାମ୍ପିୟନ ହୋଇଛି। ମହିଳା ବିଭାଗ ଫାଇନାଲରେ ହରିୟାଣା ୪-୨ ଗୋଲରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମୋନିକା ସିହାଗ ୬ଷ୍ଠ ଓ ୭ମ ମିନିଟରେ ଏବଂ ଦୀପିକା ୮ମ ଓ ୧୬ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଉତ୍ତର ପ୍ରଦେଶ ପକ୍ଷରୁ ଅନୁଜା ସିଂ ୧୨ ଓ ୧୩ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ସେହିପରି ପୁରୁଷ ବିଭାଗ ଫାଇନାଲରେ ଗତଥରର ଚାମ୍ପିୟନ କର୍ନାଟକ ୭-୩ ଗୋଲରେ ଉତ୍ତର ପ୍ରଦେଶକୁ ହରାଇ ଟାଇଟଲ ବଜାୟ ରଖିଛି। କର୍ନାଟକ ପକ୍ଷରୁ ଅଭରାନ ସୁଦେବ ୨, ୩ ଓ ୧୭ତମ ମିନିଟରେ ୩ଟି ଗୋଲ ଦେଇଥିବାବେଳେ ବି.ଏମ. ଲିକ୍ଷିତ ୧୫ ଓ ୨୦ତମ ମିନିଟରେ ୨ଟି ଏବଂ ମହମ୍ମଦ ରାହିଲ ମୌସିନ ୧୧ ଓ ସୋମେୟା କେ.ପି. ୧୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉତ୍ତର ପ୍ରଦେଶ ପକ୍ଷରୁ ଅଧିନାୟକ ମହମ୍ମଦ ଅମିର ଖାଁ ୬ଷ୍ଠ ଓ ୯ମ ମିନିଟରେ ୨ଟି ଏବଂ ରାଜ କୁମାର ପାଲ ୪ର୍ଥ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ।

### ବ୍ରୋଞ୍ଜ ମ୍ୟାଚରେ ହାରିଲା ଓଡ଼ିଶା

ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ସେମିଫାଇନାଲରେ ପରାସ୍ତ ହୋଇଥିଲା। ମହିଳା ବିଭାଗ ସେମିଫାଇନାଲରେ ଓଡ଼ିଶା ୩-୪ ଗୋଲରେ ହରିୟାଣା ନିକଟରୁ ହାରିଥିବାବେଳେ ପୁରୁଷ ବିଭାଗ ସେମିରେ ୧-୪ ଗୋଲରେ କର୍ନାଟକ ନିକଟରୁ ପରାସ୍ତ ହୋଇଥିଲା। ସେହିପରି ଉଭୟ ବିଭାଗର ବ୍ରୋଞ୍ଜ ପଦକ ମ୍ୟାଚରେ ମଧ୍ୟ ଓଡ଼ିଶା ହାରି ଯାଇଥିଲା। ମହିଳା ବିଭାଗ ମ୍ୟାଚରେ ଦଳ ୨-୩ ଗୋଲରେ ଝାଡ଼ଖଣ୍ଡଠାରୁ ପରାଜିତ ହୋଇଥିଲା। ଝାଡ଼ଖଣ୍ଡ ପକ୍ଷରୁ ଅଲକା ଡୁଙ୍ଗଡୁଙ୍ଗ ୫ମ, ବେତାନ ଡୁଙ୍ଗଡୁଙ୍ଗ ୧୨ ଓ ବିରାଜିନୀ ଏକ୍କା ୧୭ତମ ମିନିଟରେ ଏବଂ ଓଡ଼ିଶା ପକ୍ଷରୁ ଦୀପ୍ତି ଲାକ୍ରା ୧ମ ଓ ଅଧିନାୟିକା ଅସ୍ମିତା ବାର୍ଲା ୬ଷ୍ଠ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ ଓଡ଼ିଶା ୦-୨ ଗୋଲରେ ପଞ୍ଜାବ ନିକଟରୁ ପରାସ୍ତ ହୋଇଥିଲା। ପଞ୍ଜାବ ପକ୍ଷରୁ କରନବୀର ସିଂ ୫ମ ଏବଂ ସୁଦର୍ଶନ ସିଂ ୨୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

## ଏଚ୍‌ସିଏ ସଭାପତି ଆଝାରୁଦ୍ଦିନ

ହାଇଦ୍ରାବାଦ,୨୭।୯(ପିଟି)

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ଶୁକ୍ରବାର ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ) ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏକଦା ମ୍ୟାଚ୍ ଫିକ୍ସିଂରେ ଜଡ଼ିତ ହୋଇ ଆଜୀବନ ବାସନ୍ଦ ହୋଇଥିବା ଆଝାରୁଦ୍ଦିନ କ୍ରିକେଟ ପ୍ରଶାସକ ଭାବେ କ୍ୟାରିୟରର ଆରମ୍ଭ କରିଛନ୍ତି। ଡାହାଣହାତୀ ବ୍ୟାଟ୍ସମ୍ୟାନ ୧୭୩ ଖଣ୍ଡ ଭୋଟପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରକାଶ ଚାନ୍ଦ ଜୈନ ମାତ୍ର ୭୩ ଖଣ୍ଡ ଭୋଟ ପାଇଥିଲେ। ଉତ୍ତର ପ୍ରଦେଶର ମୋରାଦାବାଦରୁ ଏମ୍‌ପି ନିର୍ବାଚିତ ହୋଇଥିବା ୫୬ ବର୍ଷୀୟ ଆଝାରୁଦ୍ଦିନଙ୍କ ନେତୃତ୍ୱରେ ଭାରତ, ଇଂଲଣ୍ଡ ଓ ଶ୍ରୀଲଙ୍କାରେ ଟେଷ୍ଟ ସିରିଜ୍ ଜିତିଥିଲା। ୨୦୦୦ରେ ମ୍ୟାଚ୍ ଫିକ୍ସିଂ ସ୍କାଣ୍ଡାଲ ଭାରତୀୟ କ୍ରିକେଟର ମୂଳଦୁଆକୁ ଦୋହଲାଇ ଦେଇଥିଲା। ସେ ଦେଶ ପାଇଁ ୯୯ ଟେଷ୍ଟ ଓ ୩୩୪ ଦିନିକିଆ ଖେଳିଛନ୍ତି।

## ଅନୁରାଗ ଠାକୁରଙ୍କ ଭାଇ ଏଚ୍‌ପିସିଏ ମୁଖ୍ୟ

ଧର୍ମଶାଳା,୨୭।୯(ପିଟି)

ପୂର୍ବତନ ବିସିସିଆଇ ସଭାପତି ତଥା ବର୍ତ୍ତମାନ ଏମ୍‌ଓଏସ୍ ଦାୟିତ୍ୱରେ ଥିବା ଅନୁରାଗ ଠାକୁରଙ୍କ ସାନ ଭାଇ ଅରୁନ ଧୁମାଲ ଶୁକ୍ରବାର ଅପ୍ରତିଦ୍ୱନ୍ଦ୍ୱି ଭାବେ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ସଭାପତି ନିର୍ବାଚିତ ହୋଇଛନ୍ତି। ସେ ଜିତିବା ପରେ ବଡ଼ ଭାଇ ଅନୁରାଗଙ୍କୁ ବିଶ୍ୱ ସ୍ତରୀୟଷ୍ଟାଡିୟମ ନିର୍ମାଣ କରିବା ପାଇଁ ଧନ୍ୟବାଦ ଦେଇଛନ୍ତି। ଭାଇ ଅନୁରାଗଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ନେଇ ଆମେ ଗର୍ବିତ। ଉକ୍ତ କ୍ରିକେଟ ଷ୍ଟାଡିୟମ ଯୋଗୁ ଧର୍ମଶାଳା ସମଗ୍ର ବିଶ୍ୱରେ ପରିଚୟ ପାଇଛି।

# ଦୀପକ ପୁନିଆ ନଂ ୧ କୁସ୍ତିଯୋଦ୍ଧା

ନୂଆଦିଲ୍ଲୀ,୨୭।୯(ପିଟି)

ନିକଟରେ ଶେଷ ହୋଇଥିବା ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ଦୀପକ ପୁନିଆ ୮୬ କେଜି ଓଜନ ବର୍ଗର ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷସ୍ଥାନ ହାସଲ କରିଛନ୍ତି। କିନ୍ତୁ ୬୫ କେଜି ବର୍ଗରେ ବଜରଙ୍ଗ ପୁନିଆ ନଂ୧ ର୍‍ୟାଙ୍କ ହରାଇଛନ୍ତି ବୋଲି ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ (ୟୁଡ୍‌ବ୍ଲ୍ୟୁଡ୍‌ବ୍ଲ୍ୟୁ) ପକ୍ଷରୁ ଶୁକ୍ରବାର ପ୍ରକାଶ ପାଇଥିବା ନୂଆ ର୍‍ୟାଙ୍କିଙ୍ଗ୍ ଦର୍ଶାଇଛି। କ୍ୟାରିୟରରେ ପ୍ରଥମ ଥର ବିଶ୍ୱ ଚାମ୍ପିୟନଶିପରେ ଅଂଶଗ୍ରହଣ କରିଥିବା ଦୀପକ ଗୋଇଠିଜନିତ ସମସ୍ୟା କାରଣରୁ ଇରାନ କିମ୍ବଦନ୍ତୀ ହାସାନ ୟାଜଦାନିଙ୍କ ବିପକ୍ଷ ଫାଇନାଲରୁ ଓହରି ଯାଇଥିଲେ। ଏଥିଯୋଗୁ ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଏଥିପୂର୍ବରୁ ସେ ଏସିଆନ ଚାମ୍ପିୟନଶିପରେ ବ୍ରୋଞ୍ଜ ଓ ୟାସାର ଡୁଗୁରେ ରୌପ୍ୟ ପଦକ ଜିତିଥିଲେ। ମୋଟ ୮୨ ପଏଣ୍ଟ ସହ ପୁନିଆ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ବିଶ୍ୱ ଚାମ୍ପିୟନ ୟାଜଦାନି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଭୟଙ୍କ ମଧ୍ୟରେ ୪ ପଏଣ୍ଟର ବ୍ୟବଧାନ ରହିଛି। ଅନ୍ୟପକ୍ଷରେ ନଂ ୧ ର୍‍ୟାଙ୍କଧାରୀ ରେସଲର ଭାବେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ବଜରଙ୍ଗ ବ୍ରୋଞ୍ଜ ପଦକ ହାତେଇଥିଲେ। ଏଥିଯୋଗୁ ତାଙ୍କ ମାନ୍ୟତା ଦ୍ୱିତୀୟ ସ୍ଥାନକୁ ଖସିଛି। ୬୫ କେଜି ବର୍ଗରେ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ଜିତିଥିବା ୨୫ ବର୍ଷୀୟ ରୁଷିଆର ଗାଜିମୁରାଦ ରାଶିଦୋଭ ୬୩ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ଏହାବାଦ୍ ୫୭ କେଜି ବର୍ଗରେ ରବି ଦାହିୟା ଟପ୍ ୫ରେ ପ୍ରବେଶ କରିଛନ୍ତି। ମହିଳାଙ୍କ ମଧ୍ୟରେ ୫୩ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭିନେଶ ଫୋଗତ ଦ୍ୱିତୀୟ ସ୍ଥାନ ପାଇଛନ୍ତି।

# ନିରାଶ କଲେ ଲଙ୍ଗଜମ୍ପର ଶ୍ରୀଶଙ୍କର

ଦୋହା,୨୭।୯(ପି.ଟି.)



## ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍

କାତାର ରାଜଧାନୀ ଦୋହାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ବିଶ୍ୱ ଆଥଲେଟିକ ଚାମ୍ପିନଶିପ୍। ପ୍ରଥମ ଦିବସରେ ଭାରତ ପାଇଁ ଅଭିଯାନ ଆରମ୍ଭ କରିଥିବା ଲଙ୍ଗ୍ ଜମ୍ପର ମୁରଲୀ ଶ୍ରୀଶଙ୍କର ନିରାଶ କରିଛନ୍ତି। ସେ ପୁରୁଷ ଲଙ୍ଗ ଜମ୍ପରେ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ୨୭ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସେ ୨୨ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଶୀଶଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୭.୬୨ ମି.। ତେବେ ଇଭେଣ୍ଟ କ୍ୱାଲିଫାଇଂ ମାର୍କ ୮.୧୫ ମି. ରହିଥିଲା। କେରଳ ଆଥଲେଟ୍ ଶ୍ରୀଶଙ୍କର ଉପରେ ସମସ୍ତଙ୍କ ନଜର ରହିଥିଲା। ତେବେ ଶେଷରେ ସେ ନିରାଶ କରିଛନ୍ତି। ଗତବର୍ଷକ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ଓପନ୍ ଚାମ୍ପିୟନଶିପ୍‌ରେ ୮.୧୧ ଓ ୮.୨୦ ମିଟର ଡେଇଁ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ।

ପ୍ରଥମ ପ୍ରୟାସରେ ସେ ୭.୫୨ମି. ଡେଇଁ ଥିଲେ। ଏହାପରେ ଦ୍ୱିତୀୟ ପ୍ରୟାସରେ ସାମାନ୍ୟ ଉନ୍ନତି କରି ୭.୬୨ ମି. ଡେଇଁ ଥିଲେ। ଅଟୋମେଟିକ୍ କ୍ୱାଲିଫିକେଶନ ମାର୍କ ୮.୧୫ମି. ଥିଲା। ଯଦି ୧୨ଜଣ ଫାଇନାଲ୍‌ରେ ଏହି କ୍ୱାଲିଫିକେଶନ ମାର୍କ ସହିତ ଉତୀର୍ଣ୍ଣ ନ ହୁଅନ୍ତି ତେବେ ଏହାଠାରୁ କମ୍ ଲମ୍ବ ଡେଉଁ ଥିବା ଆଥଲେଟ୍ ଅଗ୍ରଗତି କରିବାର ସୁଯୋଗ ରହିଥିଲା। ଶୀଶଙ୍କର ଏକ କ୍ରୀଡ଼ାବିତ୍ ପରିବାରରୁ ଆସିଛନ୍ତି। ତାଙ୍କ ମାତାପିତା ଉଭୟ କ୍ରୀଡ଼ାବିତ ଥିଲେ।

# ମାରକ୍ରାମଙ୍କ ଶତକ

**ବିଜୟନଗରମ,୨୭।୯(ପି.ଟି.)**

ସ୍ଥାନୀୟ ପିଭିଜି ରାଜୁ ଏସିଏ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଭାରତୀୟ ବୋର୍ଡ ସଭାପତି ଏକାଦଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟ ଚାଲିଥିବା ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନର ଖେଳ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ରୂପେ ବାତିଲ ହେବା ପରେ ଶୁକ୍ରବାର ଦ୍ୱିତୀୟ ଦିନରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଓପନର ଏଡେନ ମାରକ୍ରାମଙ୍କ ଶତକ ଓ ଟେମ୍ବା ବଭୁମାଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୫୦ ଓଭରରେ ୪ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ବଭୁମା ୯୨ ବଲରୁ ୯ ଚୌକା ସହ ୫୫ ରନ କରି ଅପରାଜିତ ରହିଛନ୍ତି।

ଓପନର ମାରକ୍ରାମ ଦ୍ରୁତ ଗତିରେ ବ୍ୟାଟିଂ କରି ୧୧୮ଟି ବଲର ସମ୍ମୁଖୀନ ହୋଇ ୧୮ ଚୌକା ଓ ୨ ଛକା ସହ ୧୦୦ରନର ଶତକୀୟ ପାଳି ଖେଳି ରିଟାୟାର୍ଡ ହର୍ଟ ହୋଇଥିଲେ। ଶତକ ହାସଲ କରିବା ଠିକ୍ ପରେ ସେ ପ୍ୟାଭିଲିୟନ ଫେରିଯାଇଥିଲେ। ଏହି ଗସ୍ତରେ ମାରକ୍ରାମ କ୍ରମାଗତ ଦ୍ୱିତୀୟ ଶତକ ଅର୍ଜନ କରିଛନ୍ତି। ପୂର୍ବରୁ ମାରକ୍ରାମ ଗତ ସପ୍ତାହରେ ଅନୁଷ୍ଠିତ ଭାରତ ଏ' ବିପକ୍ଷ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଏ' ତରଫରୁ ପ୍ରତିନିଧିତ୍ୱ କରି ୧୬୧ ରନ ସଂଗ୍ରହ କରିଥିଲେ। ଦକ୍ଷିଣ ଆଫ୍ରିକା ଇନିଂସ ଆରମ୍ଭରୁ ଝଟ୍‌କା ଖାଇଥିଲା। ଓପନର ଡିନ୍ ଏଲଗାର ମାତ୍ର ୬ ରନ କରିଥିବା ବେଳେ ଅଭିଜ୍ଞ ଦ୍ରୁତ ବୋଲର ଉମେଶ ଯାଦବଙ୍କ ବଲ୍‌ରେ ସ୍ଲିପ୍‌ରେ ପ୍ରିୟଙ୍କ ପଞ୍ଚାଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଥେଉନିସ୍ ଡି ବ୍ରୁଏନ୍ ୬ ରନ କରିଥିବା



ଶତକ ହାସଲକାରୀ ଏଡେନ ମାରକ୍ରାମ।

**ଅଭ୍ୟାସ ମ୍ୟାଚ୍**

ବେଳେ ଇଶାନ ପୋରେଲଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେହିପର ୨୨ ରନ କରିଥିବା ବେଳେ ଜୁବେର ହମ୍‌ଜା ସ୍ପିନର ଧର୍ମେନ୍ଦ୍ରସିନ୍ ଜାଡେଜାଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଶେଷରେ ଅଧିନାୟକ ଫାଫ୍ ଡୁପ୍ଲେସି ୯ କରି ଏଲ୍‌ବିଡବ୍ଲ୍ୟୁ ହେବା ସହ ଜାଡେଜାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବୋଲିଂରେ ସଭାପତି ଏକାଦଶ ତରଫରୁ ଜାଡେଜା ଦୁଇଟି, ଉମେଶ ଓ ପୋରେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୫୦ ଓଭରରେ ୧୯୯/୪ (ମାରାକ୍ରାମ- ୧୦୦, ବଭୁମା- ୫୫*, ଜାଡେଜା- ୨/୫୨, ପୋରେଲ- ୧/୧୧, ଉମେଶ- ୧/୩୧)।

**ସଂକ୍ଷେପରେ**

## ଆଫଗାନିସ୍ତାନ ମୁଖ୍ୟ କୋଚ୍ ହେଲେ କ୍ଲୁଜନର



କାବୁଲ, ୨୭।୯ (ପି.ଟି.)- ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଲ୍‌ରାଉଣ୍ଡର ଲାନ୍ସ କ୍ଲୁଜନରଙ୍କୁ ଶୁକ୍ରବାର ଆଫଗାନିସ୍ତାନ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଆଫଗାନିସ୍ତାନ ଦଳର ମୁଖ୍ୟ କୋଚ୍ ରହିଥିବା ୱେଷ୍ଟଇଣ୍ଡିଜର ଫିଲ୍ ସିମନ୍ସଙ୍କ କାର୍ଯ୍ୟକାଳ ଗତ ଆଇସିସି ବିଶ୍ୱକପ୍ ପରେ ସମାପ୍ତ ହୋଇଯାଇଥିଲା। ଏହାପରେ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି) ପକ୍ଷରୁ ନୂଆ କୋଚ୍ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିବାବେଳେ ୫୦ ଜଣ ଆବେଦନ କରିଥିବା ଜଣାପଡ଼ିଛି। ଭାରତ ବିପକ୍ଷ ଗତ ଟି୨୦ ସିରିଜରେ କ୍ଲୁଜନର ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳର ଆସିଷ୍ଟାଣ୍ଟ ବ୍ୟାଟିଂ କୋଚ୍ ଭାବେ ଦାୟିତ୍ୱ ତୁଲାଉଥିଲେ। ଆସନ୍ତା ନଭେମ୍ବରରେ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ ଖେଳାଯିବା କାର୍ଯ୍ୟସୂଚୀ ରହିଛି। ଏହି ସିରିଜରେ କ୍ଲୁଜନର ଆଫଗାନିସ୍ତାନ ଦଳ ସହ ଯୋଗଦେବେ ବୋଲି ଜଣାପଡ଼ିଛି। ୪୮ ବର୍ଷୀୟ କ୍ଲୁଜନର ଦକ୍ଷିଣ ଆଫ୍ରିକା ପକ୍ଷରୁ ୪୯ ଟେଷ୍ଟ ଓ ୧୭୧ ଦିନିକିଆ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ଲେଭଲ-୪ କୋଚିଂ ସାର୍ଟିଫିକେଟ୍ ହାସଲ କରିସାରିଥିବା ଏହି ଖ୍ୟାତନାମା ଅଲ୍‌ରାଉଣ୍ଡର୍ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ କୋଚ୍ ଭାବେ ଦାୟିତ୍ୱ ତୁଲାଉଛନ୍ତି।

## କ୍ରିକେଟରୁ ସାରା ଟେଲରଙ୍କ ଅବସର



ଲଣ୍ଡନ,୨୭।୯(ପିଟି): ଇଂଲଣ୍ଡ ମହିଳା କ୍ରିକେଟ ଦଳର ଉଇକେଟକିପର ବ୍ୟାଟ୍ସଓମ୍ୟାନ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ୩୦ ବର୍ଷୀୟା କ୍ରିକେଟର ଇଂଲଣ୍ଡ ପାଇଁ ୨୦୦୬ରେ ପଦାର୍ପଣ କରିଥିଲେ। ସମସ୍ତ ଫର୍ମାଟରେ ମୋଟ ୨୨୬ ମ୍ୟାଚ୍ ଖେଳିଛନ୍ତି। ମାନସିକ ଦୁଃଶ୍ଚିନ୍ତା ଯୋଗୁ ଗତ କିଛି ବର୍ଷ ହେଲା ନିୟମିତ କ୍ରିକେଟ ଖେଳି ପାରୁ ନାହାନ୍ତି। ଅବସର ନିଷ୍ପତ୍ତି କଠିନ ଥିଲା। ୨୦୦୬ରେ ମୁଁ ସ୍ୱପ୍ନକୁ ସତ କରିଥିଲି। ଭଲ ଖେଳାଳିଙ୍କ ସହ ଖେଳି ଦେଶ ପାଇଁ ଗର୍ବ ଆଣିଛି। ଏବେ ମୋ ଶରୀର ପାଇଁ ସମୟ ଆସିଯାଇଛି ବୋଲି ଟେଲର ଟୁଇଟ୍ କରିଛନ୍ତି। ସେ ମୋଟ ୬,୫୩୩ ରନ୍ କରିଛନ୍ତି। ଏଥିସହିତ ଉଇକେଟ ପଛରେ ରହି ଷ୍ଟମ୍ପିଂ, କ୍ୟାଚ୍ ଓ ରନ୍ ଆଉଟ୍ କରିବାରେ ଟେଲର ମହିଳାଙ୍କ ମଧ୍ୟରେ ସର୍ବାଧିକ। ସେ ୨୩୨ ଉଇକେଟ ନେବାରେ ବୋଲରଙ୍କୁ ସହାୟତା କରିଥିଲେ।

# ଭାରତୀୟ ଦଳ ଅପରିବର୍ତ୍ତିତ

**ମହିଳା କ୍ରିକେଟ୍**

**ନୂଆଦିଲ୍ଲୀ, ୨୭।୯ (ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ଆଗାମୀ ସୀମିତ ଓଭରବିଶିଷ୍ଟ ସିରିଜ ଲାଗି ଶୁକ୍ରବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଉଭୟ ଦିନିକିଆ ଓ ଟି୨୦ ସିରିଜ ଲାଗି ଘୋଷିତ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ। କେବଳ ସୁଷମା ବର୍ମାଙ୍କ ୧୬ ଜଣିଆ ଦିନିକିଆ ଦଳରେ ସାମିଲ କରାଯାଇଛି। ନଭେମ୍ବର ୧ରୁ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଆଣ୍ଟିଗୁଆରେ ଆରମ୍ଭ ହେବ। ଏଥିପୂର୍ବରୁ ଭାରତୀୟ ମହିଳା କ୍ରିକେଟ୍ ଦଳ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅକ୍ଟୋବର ୯ରୁ ଭଦୋଦରାରେ ଏହି ସିରିଜ ଆରମ୍ଭ ହେବ। ଏଥିଲାଗି ପୂର୍ବରୁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା ହୋଇସାରିଛି। ୱେଷ୍ଟଇଣ୍ଡିଜ ଟୁର୍‌ରେ ଭାରତ ୩ଟି ଦିନିକିଆ ବ୍ୟତୀତ ୫ ଟି୨୦ ମ୍ୟାଚ୍ ମଧ୍ୟ ଖେଳିବ। ଦିନିକିଆ ସିରିଜ ପରେ ନଭେମ୍ବର ୯ରୁ ଟି୨୦ ସିରିଜ ସେଣ୍ଟ ଲୁସିଆରେ ଆରମ୍ଭ ହେବ। ୧୫ ବର୍ଷୀୟା ଶେଫାଳୀ ବର୍ମା ଏହି ଟି୨୦ ଦଳରେ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ସେ ଖାତା ଖୋଲି ପାରି ନ ଥିଲେ।

**ଭାରତୀୟ ମହିଳା ଦିନିକିଆ ଦଳ:** ମିଥାଲି ରାଜ (ଅଧିନାୟିକା), ହର୍‌ମନପ୍ରୀତ୍ କୌର (ଉପ-ଅଧିନାୟିକା), ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗ୍ସେଜ, ଦୀପ୍ତି ଶର୍ମା, ପୁନମ ରାଉତ, ଡି. ହେମଲତା, ଝୁଲଣ ଗୋସ୍ୱାମୀ, ଶିଖା ପାଣ୍ଡେ, ମାନସୀ ଜୋଷୀ, ପୁନମ ଯାଦବ, ଏକତା ବିଷ୍ଟ, ରାଜେଶ୍ୱରୀ ଗାଏକ୍ୱାଡ, ତାନିୟା ଭାଟିଆ (ଉଇକେଟ୍‌କିପର), ପ୍ରିୟା ପୁନିଆ ଓ ସୁଷମା ବର୍ମା।

**ଭାରତୀୟ ମହିଳା ଟି୨୦ ଦଳ:** ହର୍‌ମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଜେମିମା ରୋଡ୍ରିଗ୍ସେଜ, ଶେଫାଳୀ ବର୍ମା, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ତାନିୟା ଭାଟିଆ (ଉଇକେଟ୍‌କିପର), ପୁନମ ଯାଦବ, ରାଧା ଯାଦବ, ଭେଦା କ୍ରିଷ୍ଣାମୂର୍ତ୍ତି, ଅନୁଜା ପାଟିଲ, ଶିଖା ପାଣ୍ଡେ, ପୂଜା ଭସ୍ତ୍ରାକର, ମାନସୀ ଜୋଷୀ ଓ ଅରୁନ୍ଧତୀ ରେଡ୍ଡୀ।

## ଅବସର ନେବେ ବକ୍ସର ସରିତା ଦେବୀ

**ନୂଆଦିଲ୍ଲୀ, ୨୭।୯ (ପି.ଟି.)**

ପୂର୍ବତନ ବିଶ୍ୱ ଚାମ୍ପିୟନ ଭାରତୀୟ ମହିଳା ବକ୍ସର ସରିତା ଦେବୀ ଆସନ୍ତା ବର୍ଷ ଟୋକିଓରେ ହେବାକୁ ଥିବା ଅଲିମ୍ପିକ୍ସ ପରେ ଅବସର ନେବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ୩୭ ବର୍ଷୀୟା ସରିତା ବିଶ୍ୱ ଚାମ୍ପିୟନଶିପ୍‌ରେ ୩ ପଦକ ଜିତିଛନ୍ତି। ମଣିପୁରର ଏହି ଷ୍ଟାର୍ ବକ୍ସର ୨୦୦୬ ସଂସ୍କରଣରେ ସ୍ୱର୍ଣ୍ଣ ଏବଂ ୨୦୦୫ ଓ ୨୦୦୮ରେ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିଭଳି ସେ ଏସିଆନ ଚାମ୍ପିୟନଶିପ୍‌ରେ ୫ ସ୍ୱର୍ଣ୍ଣ, ଏସିଆନ ଗେମ୍ସ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କିନ୍ତୁ କ୍ରୀଡ଼ାର ସର୍ବୋଚ୍ଚ ପ୍ରତିଯୋଗିତା ଅଲିମ୍ପିକ୍ସରେ ସେ ଆଜି ପର୍ଯ୍ୟନ୍ତ ପଦକ ସଫଳତା ପାଇପାରି ନାହାନ୍ତି। 'ଅଲିମ୍ପିକ୍ସରେ ପଦକ ହାସଲ କରିବା ପାଇଁ କେବଳ ବକ୍ସିଂ ଜାରି ରଖିଛି। ଆଜି ପର୍ଯ୍ୟନ୍ତ ଯେଉଁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି ସବୁଥିରେ ପଦକ ଜିତିସାରିଛି' ବୋଲି ସରିତା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ଏସିଆନ ଏଜ୍‌ଗ୍ରୁପ ସୁଇମିଂ ଚାମ୍ପିୟନଶିପ୍

## ୧୫ ସ୍ୱର୍ଣ୍ଣ ସହ ଭାରତକୁ ୫୨ ପଦକ

**ବେଙ୍ଗାଲୁରୁ, ୨୭।୯**



ବିର୍ଦ୍ଧାୱାଲ ଖାଡେ

ଏଠାରେ ଶୁକ୍ରବାର ଶେଷ ହୋଇଥିବା ୧୦ମ ଏସିଆନ ଏଜ୍‌ଗ୍ରୁପ ସୁଇମିଂ ଚାମ୍ପିୟନଶିପ୍‌ରେ ଭାରତ ମୋଟ ୫୨ ପଦକ ସହ ପଦକ ତାଲିକାର ୪ର୍ଥ ସ୍ଥାନ ଅଧିକାର କରିଛି। ଏହା ମଧ୍ୟରେ ୧୫ ସ୍ୱର୍ଣ୍ଣ, ୧୯ ରୌପ୍ୟ ଓ ୧୮ବ୍ରୋଞ୍ଜ ସାମିଲ। ପଦକ ତାଲିକାର ଶୀର୍ଷରେ ରହିଥିବା ଜାପାନ ୭୯(୪୭ ସ୍ୱର୍ଣ୍ଣ, ୧୭ ରୌପ୍ୟ, ୧୫ ବ୍ରୋଞ୍ଜ) ପଦକ ପାଇଥିବାବେଳେ ଥାଇଲାଣ୍ଡ ୬୩(୨୧ ସ୍ୱର୍ଣ୍ଣ, ୧୮ ରୌପ୍ୟ, ୨୪ ବ୍ରୋଞ୍ଜ) ସହ ଦ୍ୱିତୀୟ ଏବଂ ହଂକଂ ୫୭(୧୫ ସ୍ୱର୍ଣ୍ଣ, ୨୪ ରୌପ୍ୟ, ୧୮ ବ୍ରୋଞ୍ଜ) ପଦକ ସହିତ ତୃତୀୟ ସ୍ଥାନ ଅଧିକାର କରିଛି। ଭାରତର କୁଶାଗ୍ର ରାୱତ ଓପନ କାଟେଗୋରିରେ ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି। ସେ ୪ଟି ବ୍ୟକ୍ତିଗତ ପଦକ ପାଇଥିବାବେଳେ ରିଲେରେ ସ୍ୱର୍ଣ୍ଣ ପଦକ ଏବଂ ଗୋଟିଏ ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଥିଲେ। କୁଶାଗ୍ର ୨୦୦, ୪୦୦, ୮୦୦ ଓ ୧୦୦ ମିଟର ଫ୍ରିଷ୍ଟାଇଲ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୮୦୦ ମିଟର ଫ୍ରିଷ୍ଟାଇଲ୍‌ରେ ନୂଆ ମିଟ୍ ରେକର୍ଡ ମଧ୍ୟ କରିଥିଲେ। ଅନ୍ତିମ ଦିବସରେ ଭାରତର ଶ୍ରୀହରି ନଟରାଜ ବ୍ୟକ୍ତିଗତ ୩ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷ ବିଭାଗ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍(୨:୦୪.୨୫ ସେକେଣ୍ଡ)ରେ ସେ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିପରି ତାରକା ସୁଇମର ବିର୍ଦ୍ଧାୱାଲ ଖାଡେ ପୁରୁଷ ବିଭାଗ ୫୦ ମିଟର ବଟରଫ୍ଲାଇ(୨୪.୨୨ ସେକେଣ୍ଡ)ରୁ ଭାରତର ସ୍ୱର୍ଣ୍ଣିମ ଅଭିଯାନ ଶେଷ କରିଥିଲେ। ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତଭାବେ ଏହା ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଥିଲା।

## କୋରିଆ ଓପନ: ସେମିରେ କାଶ୍ୟପ

**ଇଞ୍ଚିଅନ,୨୭।୯(ପିଟି)**

ଭାରତୀୟ ଶଟଲର ପାରୁପଲ୍ଲୀ କାଶ୍ୟପ ଏଠାରେ ଚାଲିଥିବା କୋରିଆ ଓପନ ୱାର୍ଲ୍ଡ ଟୁର ସୁପର ୫୦୦ ଟୁର୍ନାମେଣ୍ଟର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କାଶ୍ୟପ ବିଶ୍ୱ ୨ୟ ର୍‍ୟାଙ୍କ ଡେନମାର୍କର ଜାନ ଓ ଜୋର୍ଗେନସେନଙ୍କୁ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ୩୩ ବର୍ଷୀୟ ହାଇଦ୍ରାବାଦ ଖେଳାଳି ୨୪-୨୨, ୨୧-୮ ଗେମ୍‌ରେ ମ୍ୟାଚ୍ ଜିତି ନେଇଛନ୍ତି। ସେ ଇଣ୍ଡିଆ ଓପନ ପରେ ପ୍ରଥମ ଥର କୌଣସି ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଛନ୍ତି। ୨୦୧୪ ରାଜ୍ୟଗୋଷ୍ଠୀ ଚାମ୍ପିୟନ ଆଗାମୀ ମୁକାବିଲାରେ ବିଶ୍ୱର ନଂ ୧ ତଥା ଦୁଇଥର ଚାମ୍ପିୟନ କେଣ୍ଟୋ ମୋମୋଟାଙ୍କୁ ଭେଟିବେ। ପୂର୍ବତନ ୬ ର୍‍ୟାଙ୍କଧାରୀ କାଶ୍ୟପ ଚଳିତ ଟୁର୍ନାମେଣ୍ଟର ଯୋଗିତା ପର୍ଯ୍ୟାୟରୁ ଉନ୍ନୀତ ହୋଇଛନ୍ତି। ଦୀର୍ଘ ୫ ବର୍ଷ ପରେ ଡେନମାର୍କ ଶଟଲର ଜୋର୍ଗେନସେନଙ୍କୁ ଭେଟିଥିଲେ।

# ଫାଇନାଲରେ ଭାରତ



ସାଫ୍ ୧୮ ବର୍ଷରୁ କମ୍ ଫୁଟ୍‌ବଲ ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳ।

**କାଠମାଣ୍ଡୁ, ୨୭।୯ (ପି.ଟି.)**

ଏଠାରେ ଚାଲିଥିବା ସାଉଥ୍ ଏସିଆନ୍ ଫୁଟ୍‌ବଲ ଫେଡେରେଶନ (ସାଫ୍) ୧୮ ବର୍ଷରୁ କମ୍ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲରେ ଭାରତ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ୪-୦ ଗୋଲରେ ମାଳଦ୍ୱୀପକୁ ହରାଇ ଦେଇଛି। ଭାରତ ରବିବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ମୁକାବିଲାରେ ବାଂଲାଦେଶକୁ ଭେଟିବ।

ମାଳଦ୍ୱୀପ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ର ଉଭୟାର୍ଦ୍ଧରେ ଭାରତୀୟ ଖେଳାଳିମାନେ ୨ଟି ଲେଖାଏ ଗୋଲସ୍କୋର କରିଥିଲେ। ମ୍ୟାଚ୍‌ର ପ୍ରାରମ୍ଭରୁ ଭାରତ ଅଗ୍ରଣୀ ନେବାରେ ସଫଳ ହୋଇଥିଲା। ୭ମ ମିନିଟ୍‌ରେ ଭାରତକୁ ଏକ କର୍ନର କିକ୍ ମିଳିଥିଲା। ଏହାର ଭରପୂର ଫାଇଦା ଉଠାଇ ନରେନ୍ଦ୍ର ଗେହଲଟ୍ ହେଡ୍ ଜରିଆରେ ବଲ୍‌କୁ ମାଳଦ୍ୱୀପ ଗୋଲପୋଷ୍ଟକୁ ପଠାଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ମାଳଦ୍ୱୀପର ଅନାଫ ରଶିଦଙ୍କ (୪୫+୧) ଏକ ଆତ୍ମଘାତୀ ଗୋଲ ବଳରେ ଭାରତ ୨-୦ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଦୁଇ ମିନିଟ୍ ଅନ୍ତରରେ ଭାରତ ୨ ଗୋଲସ୍କୋର କରିଥିଲା। ୭୯ତମ ମିନିଟ୍‌ରେ ମନବୀର ସିଂ ଓ ୮୧ତମ ମିନିଟ୍‌ରେ ନିଙ୍ଗୋଇଙ୍ଗାନବା ଗୋଲ ବଳରେ ଭାରତ ୪-୦ରେ ଏକପାଖିଆ ଭାବେ ମ୍ୟାଚ୍‌କୁ ଜିତିନେଇଥିଲା।

## ଆଇଟିଏଫ୍ ସଭାପତି ନିର୍ବାଚନ ହାରିଲେ ଖାନ୍ନା

**ନୂଆଦିଲ୍ଲୀ,୨୭।୯(ପିଟି)**

ଭାରତୀୟ କ୍ରୀଡ଼ା ପ୍ରଶାସକ ଅନୀଲ ଖାନ୍ନା ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍)ର ସଭାପତି ପଦ ପାଇଁ ନିର୍ବାଚନର ସମ୍ମୁଖୀନ ହୋଇ ବିଫଳ ହୋଇଛନ୍ତି। ଲିସବନଠାରେ ଶୁକ୍ରବାର ଅନୁଷ୍ଠିତ ଏଜିଏମ୍‌ରେ ଅନୀଲଙ୍କୁ ୧୪୬ ଖଣ୍ଡ ଭୋଟରେ ଆମେରିକାର ଡେଭିଡ ହାଗର୍ଟି ପରାସ୍ତ କରିଛନ୍ତି। ହାଗର୍ଟି ଆଇଟିଏଫ୍ ସଭାପତି ଭାବେ ଦ୍ୱିତୀୟ ଇନିଂସ ଆରମ୍ଭ କରିବେ। ସେ ୨୦୨୩ ପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳିବେ। ସର୍ବଭାରତୀୟ ଟେନିସ ମହାସଂଘ (ଏଆଇଟିଏ) ସଭାପତି ଓ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଉପସଭାପତି ଖାନ୍ନା ମୋଟ ୪୨୮ ଖଣ୍ଡ ଭୋଟରୁ ମାତ୍ର ୯୩ ସମର୍ଥନ ପାଇଥିଲେ। ହାଗର୍ଟି ୨୫୯ ଖଣ୍ଡ ଭୋଟ ସହ ବିଜୟୀ ହୋଇଛନ୍ତି। ଏହି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଆୟର୍ଲାଣ୍ଡର ଡେଭିଡ ମିଲେ (୪୬) ଓ ଚେକ୍ ଗଣତନ୍ତ୍ରର ଇଭୋ କାଦେର୍କା (୩୦) ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଏପରି କି ଖାନ୍ନା, ମିଲେ ଓ କାଦେର୍କାଙ୍କ ମିଳିତ ଭୋଟ ମଧ୍ୟ ହାଗର୍ଟିଙ୍କୁ ପରାସ୍ତ କରିବା ପାଇଁ ଯଥେଷ୍ଟ ନୁହେଁ। ଗତ ଥର ୨୦୧୫ରେ ଖାନ୍ନା ଓ ହାଗର୍ଟି ନିର୍ବାଚନର ସମ୍ମୁଖୀନ ହୋଇଥିଲେ। ସେଥର ଖାନ୍ନା ମାତ୍ର ୧୦ ଖଣ୍ଡ ଭୋଟରେ ପରାସ୍ତ ହୋଇଥିଲେ।

# ବ୍ୟାଡ୍‌ମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର ପାଇଁ ତତ୍ପରତା

**ଭୁବନେଶ୍ୱର,୨୭।୯(ସ୍ପୋର୍ଟ୍ସ ବ୍ୟୁରୋ)**

**୨୦୨୦ ସୁଦ୍ଧା ସମାପ୍ତ ହେବ**

ଭୁବନେଶ୍ୱରରେ ବ୍ୟାଡ୍‌ମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରିବାରେ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ ସହାୟତାର ହାତ ବଢ଼ାଇଛି। ଏଥିପାଇଁ ଡାଲମିଆ ସିମେଣ୍ଟ ପୁଲେଲା ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେଶନ (ପିଜିବିଏଫ୍)କୁ ସହାୟତା କରିବ। କର୍ପୋରେଟ ସୋସିଆଲ ରେସପନସିବିଲିଟି (ସିଏସ୍ଆର)କୁ ଦୃଷ୍ଟିରେ ରଖି ଏହି କମ୍ପାନୀ ପ୍ରଥମେ ୩୦ କୋଟି ଟଙ୍କା ପ୍ରଦାନ କରିବ। ବ୍ୟାଡମିଣ୍ଟର ପ୍ରଚାର ଓ ପ୍ରସାର ନିମନ୍ତେ ପୂର୍ବରୁ ରାଜ୍ୟ ସରକରେ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠ ପାଇଁ ପିଜିବିଏଫ୍ ସହ ବୁଝାମଣା କରିଥିଲେ।

ଏହି ବିଶ୍ୱସ୍ତରୀୟ ବ୍ୟାଡିମିଣ୍ଟନ ଏକାଡେମୀ ଓ ହାଇପରଫର୍ମାନ୍ସ ସେଣ୍ଟରର ରୂପରେଖ, ରୋଡମ୍ୟାପ୍, ଡିଜାଇନ ଓ ଭିଜନକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲୋକସେବା ଭବନରେ ଅବଗତ କରାଯାଇଥିଲା। ଆଗାମୀ ଡିସେମ୍ବରରେ ସେଣ୍ଟରର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ଓ ଏହା ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ ହେବ। ଆସନ୍ତାବର୍ଷ ଡିସେମ୍ବରରୁ ହାଇ ପରଫର୍ମାନ୍ସ ସେଣ୍ଟରରେ ବ୍ୟାଡମିଣ୍ଟନ ଏକାଡେମୀ କାର୍ଯ୍ୟକରିବାର ଆରମ୍ଭ କରିବ। ଏହି ଏକାଡେମୀରେ ଖେଳାଳିଙ୍କୁ ବିଶ୍ୱସ୍ତରୀୟ ଟ୍ରେନିଂ ଓ କୋଚିଂ ସୁବିଧା ପ୍ରଦାନ କରାଯିବ। କିମ୍ବଦନ୍ତୀ ବ୍ୟାଡମିଣ୍ଟନ ଖେଳାଳି ତଥା କୋଚ୍ ପୁଲେଲା ଗୋପୀଚାନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଏକାଡେମୀ ତଥା ସେଣ୍ଟର କାର୍ଯ୍ୟ କରିବ।

ଏନେଇ ଚାଲିଥିବା ପ୍ରୟାସକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିବା ସହ ପ୍ରଶଂସା କରିଛନ୍ତି। ଗୋପୀଚାନ୍ଦଙ୍କ ଦୂରଦୃଷ୍ଟି ଓ ଡାଲମିଆ ଭାରତର ସହାୟତାରେ ଏହି ସେଣ୍ଟର ଦେଶର ଅନ୍ୟତମ ବିଶ୍ୱସ୍ତରୀୟ ଟ୍ରେନିଂ ସେଣ୍ଟରରେ ପରିଣତ ହେବ ବୋଲି ସେ କହିଛନ୍ତି। ଏହି ସେଣ୍ଟର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୩ ଏକର ଜମି ଯୋଗାଇଦେବେ। କେବଳ ସେତିକ ନୁହେଁ ରାଜ୍ୟ ସରକାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଏକ ମଲ୍ଟି ପରପୋଜ ବା ବହୁମୁଖୀ ଇନ୍‌ଡୋର ହଲ୍ ନିର୍ମାଣ କାର୍ଯ୍ୟ ଚାଲୁରଖିଛନ୍ତି। ଏହା ଆସନ୍ତା ଫେବୃୟାରୀ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେବ। ଶିଳ୍ପାନୁଷ୍ଠାନଗୁଡିକର ସହାୟତାରେ କ୍ରୀଡ଼ାର ପ୍ରଚାର ପ୍ରସାର ହେବା ଏକ



ସକାରାତ୍ମକ ପଦକ୍ଷେପ ବୋଲି ସେ କହିଛନ୍ତି। ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ସରକାର ସବୁବେଳେ ପ୍ରୟାସ କରିବ ଓ ଏଭଳି କାର୍ଯ୍ୟକ୍ରମ ହାତକୁ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।


ବିଭିନ୍ନ କ୍ରୀଡ଼ାବର୍ଗରେ ରାଜ୍ୟ ସରକାର ହାଇପରଫର୍ମାନ୍ସ ସେଣ୍ଟର ସ୍ଥାପନ ପାଇଁ ଗତ କିଛିବର୍ଷ ହେବ ଅଗ୍ରାଧିକାର ଦେଇ ଆସୁଛନ୍ତି। ବ୍ୟାଡମିଣ୍ଟନରେ ଯୁବ ପ୍ରତିଭା ଚିହ୍ନଟ ଓ ସେଗୁଡିକର ବିକାଶ ପାଇଁ ଏହି ଏକାଡେମୀ କାର୍ଯ୍ୟ କରିବ। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ପିଜିବିଏଫ୍ ପ୍ରତିଷ୍ଠାତା ତଥା କୋଚ୍ ପୁଲେଲା ଗୋପୀଚାନ୍ଦ, ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, କ୍ରୀଡ଼ା ସଚିବ ବିଶାଳ ଦେବ, କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ଡାଲମିଆ ସିମେଣ୍ଟ ମ୍ୟାନେଜିଂ ଡାଇରେକ୍ଟର ପୁନୀତ ଡାଲମିଆ ଉପସ୍ଥିତ ଥିଲେ।


**ଜନ୍ମ ଦିନର ଶୁଭେଚ୍ଛା**

ଆରିୟନ୍ (ରିଷି)

ବମିଖାଲ, ଭୁବନେଶ୍ୱର

ଜନ୍ମ ତାରିଖ : ୨୮.୦୯.୨୦୧୮



ତୁମର ଚଲାପଥ ଉଜ୍ଜ୍ୱଳ ଓ କୁସୁମିତ ହେଉ ଏବଂ ତୁମର ଜୀବନ ସୁଖ ଓ ସମୃଦ୍ଧିରେ ଭରି ରହୁ। ଏତିକି ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୁଭେଚ୍ଛା ସହ :

ଜେଜେ, ଜେଜେ ମା, ପାପା, ମାମା, ବଡ଼ ଦାଦା, ବଡ଼ ମାମା, ଅଜା, ଆଈ, ମାମୁଁ, ମାଇଁ, ପିଉସୀ, ପିଉସା, ମାମୁନୀ ନାନୀ, ସାଇନା ନାନୀ, ଆସ୍ଥା ନାନୀ, ଗୁଡ୍ଡୀ ନାନୀ, ଗାୟୁ ନାନୀ, ବନ୍ଧୁ ଓ ପରିବାରବର୍ଗ।

ଧ-୧୪୫୪୦

**3rd Birthday wish**



Sanghamitra Patra

42 Mouza, Cuttack


ଆଜି ତୋ'ର ଶୁଭ ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ କି ତୋ'ର ଜୀବନ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ:

ବୋଉ, ବାପା, ମାମା,ପାପା, ଛୁଆ ପାପା ଓ ଅଜା, ଆଈ।

ଧ-୧୪୫୪୫

**ଜନ୍ମଦିନ ଶୁଭେଚ୍ଛା**



ପ୍ରିତୀ ପ୍ରିୟଙ୍କା ସାହୁ

(ଆସ୍ଥା)

କୋଟସାହି, ଟାଙ୍ଗୀ, କଟକ

ଶ୍ରୀଜଗନ୍ନାଥଙ୍କ କରୁଣାରୁ ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା ସହ:

ବଡ଼ବାପା, ବଡ଼ବୋଉ, ମାଉସୀ, ମଉସା, ଭାଇ, ଦିଦି, ବାପା: ଅମୂଲ୍ୟ, ମା: ପଦ୍ମିନୀ

ଧ-୧୪୫୪୪

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କାମିନୀ ସାହୁ

ସ୍ୱାମୀ : ଫଗୁ ଚରଣ ସାହୁ

ନଖରା, ଫୁଲନଖରା, ଖୋର୍ଦ୍ଧା

ଆବିର୍ଭାବ : ୦୨.୦୨.୧୯୫୨

ତିରୋଧାନ: ୧୮.୦୯.୨୦୧୯

ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-


ସ୍ୱାମୀ, ପୁଅ-ହେମନ୍ତ ସାହୁ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ

ଧ-୧୪୫୪୩





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ







## କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ କରିବି: ଅକ୍ଷୟ



**ଅନୁଗୋଳ ଅଫିସ, ୨୭।୯**

ଅନୁଗୋଳର ପୂର୍ବତନ ନଗରପାଳ ଅକ୍ଷୟ କୁମାର ସାମନ୍ତ ଶୁକ୍ରବାର ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ)ର ଉପସଭାପତି ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନରେ ଫଳାଫଳ ଘୋଷଣା ହୋଇଥିଲା। ଏଥିରେ ମୋଟ ୭୦ ଭୋଟ ମଧ୍ୟରୁ ସାମନ୍ତ ୪୧ ଭୋଟ ପାଇଥିବାବେଳେ ତାଙ୍କ ବିପକ୍ଷରେ ଲଢୁଥିବା ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ୨୯ଟି ଭୋଟ ମିଳିଥିଲା। ତେବେ ଅନୁଗୋଳରୁ ପ୍ରଥମ ଥର ପାଇଁ ରାଜ୍ୟ କ୍ରିକେଟ ସଂଘରେ ଉପସଭାପତି ଭାବେ କାର୍ଯ୍ୟଭାର ସମ୍ଭାଳିବେ ବୋଲି ସାମନ୍ତ ସୂଚନା କହିଛନ୍ତି। ଅନୁଗୋଳରୁ ଅଧିକ ଖେଳାଳି ବାହାର କରିବା ସହ ଜିଲା କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

## ୨ ଡେଙ୍ଗୁ ରୋଗୀ ଚିହ୍ନଟ

**ଅନୁଗୋଳ ଅଫିସ, ୨୭।୯**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁଣି ଦୁଇ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଡେଙ୍ଗୁ ରୋଗୀ ସଂଖ୍ୟା ୨୩ରେ ପହଞ୍ଚିଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ଏହି ଦୁଇ ନୂଆ ରୋଗୀଙ୍କ ମଧ୍ୟରୁ ଜଣେ ଆଠମଲ୍ଲିକ ଅଞ୍ଚଳର ଓ ଅନ୍ୟଜଣେ ଅନୁଗୋଳ ପୌରାଞ୍ଚଳର ବୋଲି ଜଣାପଡ଼ିଛି।

